# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ମେ ୧/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, May 1/2025 | Page 14 | ₹ 7.00 | RAYAGADA

୫୧ଶ ଭାଗ ୧୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 156 | ମୂଲ୍ୟ ₹୭/-




## ଅଭିନେତ୍ରୀ ନେହା ମଲିକଙ୍କ ଘରୁ ଚୋରି

ଅଭିନେତ୍ରୀ ନେହା ମଲିକଙ୍କ ମୁମ୍ବାଇ ସ୍ଥିତ ବାସଭବନରୁ ୩୪.୪୯ ଲକ୍ଷ ଟଙ୍କାର ଗହଣା ଚୋରି ହୋଇଥିବା ତାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି।

୦୨

୧୪

## ସାମ୍ କୁରାନଙ୍କ ଦୃଢ଼ ବ୍ୟାଟିଂ

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ବୁଧବାର ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ଦୃଢ଼ ବ୍ୟାଟିଂ କରିଛନ୍ତି ଚେନ୍ନାଇ ସୁପର କିଙ୍ଗ୍ସର ସାମ୍ କୁରାନ।



### ଧରିତ୍ରୀର ଛୁଟି

ଶ୍ରମିକ ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ମେ' ୧ ତାରିଖ ଗୁରୁବାର ବନ୍ଦ ରହିବ। ପରବର୍ତ୍ତୀ ସଂଖ୍ୟା ମେ' ୩ ତାରିଖ ଶନିବାର ସକାଳେ ପ୍ରକାଶ ପାଇବ।

### ଆଜିର ସମ୍ପାଦକୀୟ

ଭାରତୀୟ ପରମ୍ପରାରେ ଖାଦ୍ୟାଭ୍ୟାସ

## ଜନଗଣନା ସହ ହେବ ଜାତିଗଣନା

**ପହଲଗାମ୍ ଆକ୍ରମଣ ପରେ ସାରା ଦେଶରେ ଆକ୍ରୋଶ ଦେଖିବାକୁ ମିଳୁଥିବା ସମୟରେ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ୨୦୨୬ରେ ଆରମ୍ଭ ହେବାକୁ ଥିବା ଜନଗଣନା ସହ ଜାତିଗଣନାକୁ ସାମିଲ କରାଯିବାକୁ କେନ୍ଦ୍ର କ୍ୟାବିନେଟ ବୁଧବାର ନିଷ୍ପତ୍ତି ନେଇଛି। ଦେଶରେ ସାମାଜିକ ନ୍ୟାୟ ପାଇଁ ଲଢ଼େଇ କରୁଥିବା ଦଳଗୁଡ଼ିକ ଏହି ଦାବି ପୂର୍ବରୁ କରିଆସୁଥିଲେ। ପରବର୍ତ୍ତୀ ସମୟରେ କଂଗ୍ରେସ ଏଥିରେ ସାମିଲ ହୋଇ ସଂସଦ ଭିତରେ ଓ ବାହାରେ ଦାବି କରିଆସିବା ସହ କେନ୍ଦ୍ରକୁ ଘେରିଆସିଥିଲା। ଭାଜପା ଏହି ପ୍ରସଙ୍ଗରେ ଆଭିମୁଖ୍ୟ ସ୍ପଷ୍ଟ କରୁ ନ ଥିଲା। ତେବେ ଗତ ଲୋକ ସଭା ନିର୍ବାଚନରେ ଭାଜପାକୁ ଆଶାନୁରୂପ ସଫଳତା ନ ମିଳିବା ଏବଂ କିଛିମାସ ପରେ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ହଠାତ୍ ଜାତିଭିତ୍ତିକ ଜନଗଣନା କରାଇବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ବିରୋଧୀ ଏହି ପ୍ରସଙ୍ଗକୁ ରାଜନୈତିକ ଅସ୍ତ୍ର ରୂପେ ବ୍ୟବହାର କରିଥିବା ଦର୍ଶାଇ କେନ୍ଦ୍ର ସମାଲୋଚନା କରିଛି। ଅନ୍ୟପକ୍ଷେ ଏହି ନିଷ୍ପତ୍ତି ଘୋଷଣାର ସମୟକୁ ବିରୋଧୀ ପ୍ରଶ୍ନ ଉଠାଇବା ସହ ବିଳମ୍ବରେ ହେଲେ ମଧ ସେମାନଙ୍କ ଦାବି ପୂରଣ ହୋଇଥିବାରୁ ଏହାକୁ ସେମାନଙ୍କ ବଡ଼ ବିଜୟ ବୋଲି ଆଖ୍ୟା ଦେଇଛନ୍ତି।**

**ନୂଆଦିଲ୍ଲୀ,୩୦।୪**

ଦେଶରେ କେତେ ପ୍ରକାର ଜାତି, ଉପଜାତି ରହିଛନ୍ତି ଏବଂ ସେହି ବର୍ଗଗୁଡ଼ିକର ଜନସଂଖ୍ୟାକୁ ରାଷ୍ଟ୍ରୀୟ ଜନସଂଖ୍ୟାରେ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ରାଜନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ (ସିସିପିଏ) ବୈଠକରେ ଏହା ସ୍ଥିର କରାଯାଇଥିବା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଜାତିଗତ ଜନଗଣନାକୁ ଏକ ରାଜନୈତିକ ଅସ୍ତ୍ର ରୂପେ ବ୍ୟବହାର କରୁଥିବାବେଳେ ଆଗାମୀ ଜନଗଣନା ବେଳେ ଜାତିଗଣନା ପ୍ରକ୍ରିୟାକୁ ସ୍ୱଚ୍ଛତାର ସହ କରାଯିବ ବୋଲି କେନ୍ଦ୍ର କହିଛି। ବିହାର, ତେଲଙ୍ଗାନା ଓ କର୍ନାଟକ ସମେତ କେତେକ ରାଜ୍ୟରେ ଜାତିଭିତ୍ତିକ ଜନଗଣନା ସର୍ଭେ କରାଯାଇଛି। ବିରୋଧୀ ଶାସିତ ଅନ୍ୟ ରାଜ୍ୟଗୁଡ଼ିକରେ ମଧ ଅନ୍ୟ ରାଜ୍ୟଗୁଡ଼ିକରେ ମଧ ଅନୁରୂପ ଦାବି ଉଠିବାରେ ଲାଗିଥିଲା। ଏଭଳି ସମୟରେ ବୁଧବାର ସିସିପିଏ ବୈଠକ ବସି ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ବୈଠକ ପରେ କେନ୍ଦ୍ରମନ୍ତ୍ରୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଜନଗଣନା କରାଇବା ବିଷୟ କେନ୍ଦ୍ର କ୍ଷମତାର ପରିସର ମଧ୍ୟରେ ଆସୁଛି। କିନ୍ତୁ କେତେକ ରାଜ୍ୟ ସର୍ଭେ ନାମରେ ନିଜ ଆଡୁ ଜାତି ଗଣନା କରାଇଛନ୍ତି। ସେସବୁରେ ସ୍ୱଚ୍ଛତା ଅବଲମ୍ବନ କରାଯାଇ ନ ଥିବାରୁ ସମାଜରେ ସନ୍ଦେହ ଉପୁଜିଛି। ଦେଶ ସ୍ୱାଧୀନ ହେବା ପରଠାରୁ କରାଯାଇଥିବା ସବୁ ଜନଗଣନାରେ ଜାତିକୁ ସାମିଲ କରାଯାଇ ନ ଥିଲା। କଂଗ୍ରେସ ସରକାର ସବୁବେଳେ ଜାତିଗଣନାକୁ ବିରୋଧ କରିଆସୁଥିଲେ। କଂଗ୍ରେସ ଏହି ପ୍ରସଙ୍ଗକୁ ଏକ ରାଜନୈତିକ ପ୍ରସଙ୍ଗ କରିଦେଇଥିଲା। ଏହି ସମସ୍ତ ତଥ୍ୟକୁ ବିଚାରକରି ଏବଂ ସାମାଜିକ ସମରସତା ଯେପରି ରାଜନୀତି ଦ୍ୱାରା ପ୍ରଭାବିତ ନ ହେବ ତାହା ସୁନିଶ୍ଚିତ କରିବା ଲାଗି ଜନଗଣନାରେ ଜାତିଗଣନାକୁ ସ୍ୱଚ୍ଛତାର ସହ ଅନ୍ତର୍ଭୁକ୍ତ କରାଯିବ। ଏହାଦ୍ୱାରା ସମାଜର ସାମାଜିକ ଓ ଅର୍ଥନୈତିକ ଢାଞ୍ଚା ମଜଭୁତ ହେବା ସହିତ ଦେଶର ବିକାଶ ସାଧିତ ହେବ।

ଇତିମଧ୍ୟରେ କଂଗ୍ରେସ ଏବଂ ଲାଲୁ ପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) କେନ୍ଦ୍ରର ଏହି ପଦକ୍ଷେପକୁ ନେଇ ଶ୍ରେୟ ନେବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ବିହାରରେ ବର୍ଷ ଶେଷ ଆଡ଼କୁ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ମହାମେଣ୍ଟ କେନ୍ଦ୍ରର ଶେଷ ମୁହୂର୍ତ୍ତ ନିଷ୍ପତ୍ତିକୁ ରାଜନୈତିକ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ବୋଲି କହିବାକୁ ପଛାଇନାହିଁ। ବୈଷ୍ଣବଙ୍କ ଘୋଷଣାର କିଛି ସମୟ ପରେ ଲାଲୁ କହିଛନ୍ତି, ଆମେ ସମାଜବାଦୀମାନେ ୩୦ ବର୍ଷ ପୂର୍ବେ ସଂରକ୍ଷଣ, ଜାତିଭିତ୍ତିକ ଜନଗଣନା, ସମାନତା, ଧର୍ମନିରପେକ୍ଷତା ଆଦିକୁ ନେଇ ଚିନ୍ତା କରୁଥିଲୁ। ଏହାର ୩ ଦଶନ୍ଧି ପରେ ଅନ୍ୟମାନେ ଆମକୁ ଅନୁସରଣ କରୁଛନ୍ତି। ଆମକୁ ଜାତିବାଦୀ କହି ସମାଲୋଚନା କରୁଥିବା ଲୋକେ ମୁହଁତୋଡ଼ ଜବାବ ପାଇଛନ୍ତି। ତଥାପି ଅନେକ କିଛି ବାକି ଅଛି। ଆମେ ନିଜ କାର୍ଯ୍ୟସୂଚୀ ଅନୁସାରେ ସଂଘୀମାନଙ୍କୁ ନଚାଇବା ଜାରି ରଖିବୁ। ସେହିପରି କଂଗ୍ରେସ କହିଛି, ଆଦୌ ଜାତିଗଣନା ନ ହେବା ଅପେକ୍ଷା ବିଳମ୍ବରେ ହେଲେ ଏନେଇ ନିଷ୍ପତ୍ତି ନିଆଯାଇଛି। ୨୦୨୫ ଏପ୍ରିଲ ୯ରେ ଅହମଦାବାଦରେ ଏ ସମ୍ପର୍କିତ ସଂକଳ୍ପନାମା ପାରିତ ହୋଇଥିଲା ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି, ସରକାର ଆମ ଦାବିକୁ ଗ୍ରହଣ କରିଛନ୍ତି। ତେବେ ଜନଗଣନା ପାଇଁ ବଜେଟରେ ଆବଣ୍ଟନ ହେବା ଆବଶ୍ୟକ ଏବଂ ଏହା କେବେ କରାଯିବ ତାହା ସରକାର ନିର୍ଦ୍ଦିଷ୍ଟ ଭାବେ ଜଣାଇବା ଉଚିତ। କାରଣ ଆମେ ଅମଲାତନ୍ତ୍ରୀ ଗଣନା ନୁହେଁ, ବାସ୍ତବ ଜନଗଣନା ଚାହୁଁ ବୋଲି ରାହୁଲ କହିଛନ୍ତି।



ଆସାମର ନଗାଓଁରେ ଏଚ୍‌ଏସ୍‌ଇସି ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀମାନେ ଖୁସିବ୍ୟକ୍ତ କରୁଛନ୍ତି।

## କୋଲକାତା ହୋଟେଲରେ ଅଗ୍ନିକାଣ୍ଡ: ୪ ଓଡ଼ିଆଙ୍କ ସମେତ ୧୫ ମୃତ

**କୋଲକାତା, ୩୦।୪**

ସେଣ୍ଟ୍ରାଲ କୋଲକାତାର ମେଚୁଆପଟ୍ଟୀ ଅଞ୍ଚଳରେ ଥିବା ରତୁରାଜ ହୋଟେଲରେ ମଙ୍ଗଳବାର ରାତିରେ ନିଆଁ ଲାଗିଯିବାରୁ ୪ ଓଡ଼ିଆଙ୍କ ସମେତ ୧୫ ଜଣଙ୍କର ମୃତ୍ୟୁ ଘଟିଛି।୧୩ ଜଣ ଆହତ ହୋଇଛନ୍ତି। ମୃତକ ୪ ଓଡ଼ିଆ ହେଲେ ଜଗତ୍‌ସିଂହପୁର ଜିଲାର ମନୋଜ ପାତ୍ର, ଦୁଷ୍ମନ୍ତ କୁମାର ନାୟକ, ଦୁଷ୍ମନ୍ତ କୁମାର ସ୍ୱାଇଁ ଏବଂ କଟକ ସିଡିଏ ଅଞ୍ଚଳର ବ୍ୟବସାୟୀ ରାଜେଶ ସାହୁକା। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି। ଅଗ୍ନିକାଣ୍ଡ ଘଟିବା ସମୟରେ ହୋଟେଲର ୪୨ଟି ରୁମ୍‌ରେ ୮୮ ଜଣ ଥିଲେ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ଦମକଳ ବାହିନୀର ୧୦ଟି ଗାଡ଼ି ପକ୍ଷରୁ ୧୦ ଘଣ୍ଟାର ଅପରେଶନ ପରେ ବୁଧବାର ସକାଳେ ନିଆଁକୁ ଆୟତ୍ତ କରାଯାଇଥିଲା। କୋଲକାତା ପୋଲିସ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ କରି ତଦନ୍ତ ଚଳାଇଥିବା ପଶ୍ଚିମବଙ୍ଗର ମନ୍ତ୍ରୀ ସୁଜିତ ବୋଷ କହିଛନ୍ତି। ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକପ୍ରକଟ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଟଙ୍କାର କ୍ଷତିପୂରଣ ସହାୟତା ରାଶି ଘୋଷଣା କରିଛନ୍ତି।

## ଓଡ଼ିଶାରେ ଦଶମ ପାସ୍ ହାର ୯୭.୮%, ଦ୍ୱାଦଶ ୯୮.୮୯%

### ଆଇସିଏସ୍‌ଇ, ଆଇଏସ୍‌ସି ପରୀକ୍ଷାଫଳ ପ୍ରକାଶ

**ସର୍ବଭାରତୀୟ ପାସ୍ ହାର: ଦଶମ ୯୯.୦୯%, ଦ୍ୱାଦଶ ୯୯.୦୨%**

**ଭୁବନେଶ୍ୱର,୩୦।୪(ସୁଚିସ୍ମିତା ସାହୁ)**

ଭାରତୀୟ ସ୍କୁଲ ସାର୍ଟିଫିକେଟ ପରୀକ୍ଷା ପରିଷଦ (ସିଆଇଏସ୍‌ସିଇ) ଦ୍ୱାରା ପରିଚାଳିତ ଆଇସିଏସ୍‌ଇ-ଦଶମ ଏବଂ ଆଇଏସ୍‌ସି-ଦ୍ୱାଦଶ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ସର୍ବଭାରତୀୟ ସ୍ତରରେ ଦଶମ ପାସ୍ ହାର ୯୯.୦୯% ରହିଥିବା ବେଳେ ଦ୍ୱାଦଶ ହାର ୯୯.୦୨ ପ୍ରତିଶତ ରହିଛି। ତେବେ ଓଡିଶାରେ ପାସ୍ ହାର ଦଶମରେ ୯୭.୮୦% ଏବଂ ଦ୍ୱାଦଶରେ ୯୮.୮୯% ରହିଛି। ଉଭୟ ଶ୍ରେଣୀରେ ପୁଅଙ୍କଠାରୁ ଝିଅ ଭଲ ପ୍ରଦର୍ଶନ କରିଛନ୍ତି। ଦଶମରେ ଝିଅଙ୍କ ପାସ୍ ହାର ୯୮.୨୨% ଓ ପୁଅଙ୍କ ପାସ୍ ହାର ୯୭.୪୨% ରହିଛି। ସେହିପରି ଦ୍ୱାଦଶରେ ଝିଅଙ୍କ ପାସ୍ ହାର ୯୯.୧୦% ରହିଥିବା ବେଳେ ୯୮.୭୧% ପାସ୍ କରିଛନ୍ତି।

ଚଳିତବର୍ଷ ଭାରତ ସମେତ ବିଦେଶରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଆଇସିଏସ୍‌ଇ ଦଶମରେ ମୋଟ ୬୭ଟି ବିଷୟରେ ପରୀକ୍ଷା ହୋଇଥିବାବେଳେ ୨୦ଟି ଭାରତୀୟ ଭାଷା, ୧୪ଟି ବିଦେଶୀ ଭାଷା ଏବଂ ଗୋଟିଏ ଶାସ୍ତ୍ରୀୟ ଭାଷାରେ ଛାତ୍ରୀଛାତ୍ର ଲିଖିତ ପରୀକ୍ଷା ଦେଇଥିଲେ। ସେହିପରି ଦ୍ୱାଦଶରେ ୪୭ଟି ବିଷୟରେ ଲିଖିତ ପରୀକ୍ଷା ହୋଇଥିବାବେଳେ ୧୨ଟି ଭାରତୀୟ ଭାଷା, ୪ଟି ବିଦେଶୀ ଭାଷା ଏବଂ ଦୁଇଟି ଶାସ୍ତ୍ରୀୟ ଭାଷା ରହିଥିଲା। ଆଇସିଏସ୍‌ଇ ଦଶମରେ ମୋଟ ୨,୫୨,୫୫୭ ଜଣ ଓ ଦ୍ୱାଦଶରେ ୯୯,୫୫୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସର୍ବଭାରତୀୟ ସ୍ତରରେ ମଧ ଦଶମ ଓ ଦ୍ୱାଦଶରେ ଝିଅମାନେ ଅଧିକ ସଫଳ ହୋଇଛନ୍ତି। ଝିଅଙ୍କ ପାସ୍ ହାର ୯୯.୩୭% ରହିଥିବା ବେଳେ ପୁଅଙ୍କ ପାସ୍ ହାର ୯୮.୮୪% ରହିଛି। ସେହିପରି ଦ୍ୱାଦଶରେ ୯୯.୪୫ % ଝିଅ ପାସ୍ କରିଥିବା ବେଳେ ୯୮.୬୪% ପୁଅ ପାସ୍ କରିଛନ୍ତି।


DADLS-19

ସତ୍ୟମେବ ଜୟତେ



ମଇ ଦିବସ-୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

'ମଇ ଦିବସ' ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ସହିତ ଏକ ବିକଶିତ ଓଡ଼ିଶା-ବିକଶିତ ଭାରତ ଗଠନ ଦିଗରେ ଅବଦାନ ରଖିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମପାଟି)

ଓଡ଼ିଶା ସରକାର

ଶ୍ରମିକ ଦିବସ
ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି। ଶ୍ରମ ହିଁ ସମୃଦ୍ଧିର ମୂଳଭିତ୍ତି। ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ତଥା ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ଆସନ୍ତୁ, ସମସ୍ତ ବର୍ଗର ଶ୍ରମିକ ମାନଙ୍କ କଲ୍ୟାଣ ନିମନ୍ତେ ଆମର ଉଦ୍ୟମ ଜାରି ରଖିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0622/2526

**ରୁଷିଆ ଭିକ୍ଟ୍ରି ଡେ' ପରେଡ୍‌ରେ ଯୋଗଦେବେ ରାଜନାଥ ସିଂ**

ମେ' ୯ରେ ଅନୁଷ୍ଠିତ ହେବାକୁ ଥିବା ରୁଷିଆ ଭିକ୍ଟ୍ରି ଡେ' ପରେଡ୍‌ରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମସ୍କୋ ନିମନ୍ତ୍ରଣ କରିଥିଲା। କିନ୍ତୁ ଦେଶର ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀଙ୍କ ପରିବର୍ତ୍ତେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏଥିରେ ସାମିଲ ହେବେ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି।

## ସଂକ୍ଷେପରେ

### ଚିନ୍ମୟ ଦାସଙ୍କୁ ଜାମିନ



ଢାକା, ୩୦।୪

ଇସ୍କନର ପୂଜାରୀ ଚିନ୍ମୟ ଦାସଙ୍କୁ ଗିରଫ ହେବାର ୬ ମାସ ପରେ ବୁଧବାର ଜାମିନ ମିଳିଛି। ଢାକା ସ୍ଥିତ ବାଂଲାଦେଶ ହାଇକୋର୍ଟ ଚିନ୍ମୟଙ୍କୁ ଜାମିନ ପ୍ରଦାନ କରିଛନ୍ତି। ତାଙ୍କୁ ଢାକାର ଏକ ଜେଲରେ ବନ୍ଦୀ କରି ରଖାଯାଇଥିଲା। ଗତ ବର୍ଷ ନଭେମ୍ବରରେ ଏକ ଆନ୍ଦୋଳନରେ ବାଂଲାଦେଶ ଜାତୀୟ ପତାକାକୁ ଅସମ୍ମାନ କରିବା ଅଭିଯୋଗରେ ପୋଲିସ ତାଙ୍କୁ ଦେଶଦ୍ରୋହର ଧାରାରେ ଗିରଫ କରିଥିଲା। ଏହାକୁ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବାଂଲାଦେଶରେ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଅନ୍ତରୀଣ ସରକାର ଆସିବା ପରେ ଚିନ୍ମୟ ସ୍ଥାନୀୟ ହିନ୍ଦୁ ତଥା ସଂଖ୍ୟାଲଘୁ ସମୁଦାୟର ପ୍ରମୁଖ ସ୍ୱର ଭାବେ ଉଭା ହୋଇଥିଲେ। ଦେଶରେ ହିନ୍ଦୁ ଅତ୍ୟାଚାରକୁ ନେଇ ସେ ଅନେକ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

### ଶ୍ରେଣୀଗୃହ ନିର୍ମାଣ ଦୁର୍ନୀତି: ସିସୋଡିଆ, ସତ୍ୟେନ୍ଦ୍ରଙ୍କ ନାଁରେ ମାମଲା

ନୂଆଦିଲ୍ଲୀ, ୩୦।୪

ଦିଲ୍ଲୀ ସରକାରଙ୍କ ଦୁର୍ନୀତି ନିବାରଣ ଶାଖା (ଏସିବି) ବୁଧବାର ଦିଲ୍ଲୀର ୨ ପୂର୍ବତନ ମନ୍ତ୍ରୀ ମନୀଷ ସିସୋଡିଆ ଏବଂ ସତ୍ୟେନ୍ଦ୍ର ଜୈନଙ୍କ ବିରୋଧରେ ମାମଲା ରୁଜୁ କରିଛି। ୧୨,୭୪୮ ସ୍କୁଲର ଶ୍ରେଣୀଗୃହ ନିର୍ମାଣରେ ୨ ହଜାର କୋଟିର ଦୁର୍ନୀତି ହୋଇଥିବା ଅଭିଯୋଗ ଅନୁଯାୟୀ ଉଭୟଙ୍କ ନାମରେ ମାମଲା ରୁଜୁ ହୋଇଛି। ଏସିବିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଦିଲ୍ଲୀରେ ଗତ ଆପ୍ ସରକାର ସମୟରେ ଅତ୍ୟନ୍ତ ଚଢ଼ା ଦରରେ ଶ୍ରେଣୀଗୃହ ନିର୍ମାଣର ଠିକା ଦିଆଯାଇଥିଲା। ପ୍ରତ୍ୟେକ କ୍ଲାସ୍‌ରୁମର ନିର୍ମାଣ ପାଇଁ ୨୪.୮୬ ଲକ୍ଷ ଟଙ୍କାର ଖର୍ଚ୍ଚ ହୋଇଥିଲା, ଯାହା ସାଧାରଣ ଖର୍ଚ୍ଚଠାରୁ ପ୍ରାୟ ୫ ଗୁଣା ଅଧିକ ଥିବା ସେ କହିଛନ୍ତି।

### ମନ୍ଦିର କାନ୍ଥ ଭୁଶୁଡ଼ି ୮ ମୃତ

ବିଶାଖାପାଟଣା, ୩୦।୪

ଆନ୍ଧ୍ରପ୍ରଦେଶର ବିଶାଖାପାଟଣାସ୍ଥିତ ସୀମାଞ୍ଚଳମ ମନ୍ଦିରରେ ବୁଧବାର ଏକ ସିମେଣ୍ଟ କାନ୍ଥ ଭୁଶୁଡ଼ିଯିବାରୁ ୮ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଅନେକେ ଗୁରୁତର ଆହତ ହୋଇଥିବା ନେଇ ସ୍ଥାନୀୟ ପୋଲିସ ସୂଚନା ଦେଇଛି। ଘଟଣାସ୍ଥଳରେ ପୋଲିସ ଏବଂ ଉଦ୍ଧାରକାରୀ ଦଳ ପକ୍ଷରୁ ରେସ୍କ୍ୟୁ ଅପରେଶନ ଜାରି ରହିଛି। ବାର୍ଷିକ ଚନ୍ଦନ ମହୋତ୍ସବ ସମାରୋହ ଅବସରରେ ଶ୍ରଦ୍ଧାଳୁମାନେ ଧାଡ଼ିରେ ଠିଆ ହୋଇଥିବାବେଳେ କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକଟ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ପରିବାରକୁ ୫୦ ହଜାର ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି।

# ଡିଜିଟାଲ ସେବା ମୌଳିକ ଅଧିକାର

## ଇ-କେୱାଇସି ଗାଇଡ୍‌ଲାଇନ୍‌ରେ ସଂଶୋଧନ ଆଣି ଡିଜିଟାଲ ଉପଲବ୍ଧତା ବଢ଼ାଇବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୩୦।୪

ଡିଜିଟାଲ ସେବା ପାଇବା ଏକ ମୌଳିକ ଅଧିକାର। ଏହାକୁ ସାର୍ବଜନୀନ ରୂପେ ଉପଲବ୍ଧ କରାଯିବା ଜରୁରୀ ବୋଲି ବୁଧବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏସିଡ୍ ଆକ୍ରମଣର ଶିକାର ହୋଇଥିବା ଏବଂ ଦୃଷ୍ଟିଦୋଷ କାରଣରୁ ମୁହଁ ବିକୃତ ହୋଇଥିବା ବ୍ୟକ୍ତି ଯେପରି ବ୍ୟାଙ୍କିଙ୍ଗ୍ ତଥା ଇ-ଗଭର୍ନାନ୍ସ ସେବା ପାଇପାରିବେ, ସେଥିପାଇଁ ଇ-କେୱାଇସି (ଇଲେକ୍ଟ୍ରୋନିକ୍ ନୋ ୟୋର କଷ୍ଟମର) ପ୍ରକ୍ରିୟାର ମାନଦଣ୍ଡକୁ ସଂଶୋଧନ କରିବାକୁ ଶୀର୍ଷ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ଜଣେ ଏସିଡ୍ ଆକ୍ରମଣ ପୀଡ଼ିତା ଏବଂ ଅନ୍ୟ ଜଣେ ଦୃଷ୍ଟିବାଧିତ ବ୍ୟକ୍ତି ଡିଜିଟାଲ କେୱାଇସି ପ୍ରକ୍ରିୟାର ଅନୁପଲବ୍ଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ପୃଥକ୍ ଭାବେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ଆର୍. ମହାଦେବନ୍‌ଙ୍କ ଖଣ୍ଡପୀଠ ଉଭୟଙ୍କ ଆବେଦନର ଶୁଣାଣି କରି କହିଛନ୍ତି, ଡିଜିଟାଲ ସେବା ପହଞ୍ଚ




ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୧ ଅଧୀନରେ ଜୀବନ ଧାରଣ ଅଧିକାରର ଏକ ମୌଳିକ ଅଂଶ। ଜୀବନ ଧାରଣ ଏବଂ ସ୍ୱାଧୀନତା ଅଧିକାର ଦୃଷ୍ଟିରୁ ରାଷ୍ଟ୍ର ତତ୍ପରତା ସହ ଏକ ସମାବେଶୀ ଡିଜିଟାଲ ବ୍ୟବସ୍ଥା ପ୍ରସ୍ତୁତ ଓ କାର୍ଯ୍ୟକାରୀ କରିବା ଜରୁରୀ। ଏହାଦ୍ୱାରା ବ୍ୟବସ୍ଥାରୁ ବାଦ୍ ପଡ଼ିଥିବା ଦିବ୍ୟାଙ୍ଗ ଓ ବଞ୍ଚିତ ବର୍ଗର ଲୋକେ ମଧ୍ୟ ସାମିଲ ହୋଇପାରିବେ।

ଆଲୋଚ୍ୟ ମାମଲାରେ ଏସିଡ୍ ଆକ୍ରମଣ ପୀଡ଼ିତା ନିଜ ଆବେଦନରେ ଉଲ୍ଲେଖ କରିଥିଲେ, ତାଙ୍କ ଦୃଷ୍ଟିଶକ୍ତି ହ୍ରାସ ପାଇବା ସହ ଚେହେରା ବିକୃତ ହୋଇଯାଇଛି। ୨୦୨୩ ଜୁଲାଇରେ ସେ ଆକାଉଣ୍ଟ ଖୋଲିବା ପାଇଁ ଏକ ବ୍ୟାଙ୍କକୁ ଯାଇଥିଲେ। କିନ୍ତୁ ଇ-କେୱାଇସି ପ୍ରକ୍ରିୟା ବେଳେ ସେ ଆଖିମିଟିକା ମାରିବାରୁ ଆବଶ୍ୟକ ଫଟୋ ଉଠାଯାଇପାରି ନ ଥିଲା। ଏଥିଯୋଗୁ ଇ-କେୱାଇସି ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ଏଭଳି ସ୍ଥିତିରେ ପୀଡ଼ିତା ଡିଜିଟାଲ ସେବା ହାସଲ କରିପାରି ନ ଥିବା ଦର୍ଶାଇ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ଉପରେ ଖଣ୍ଡପୀଠ କହିଛନ୍ତି, ଡିଜିଟାଲ କେୱାଇସି ଗାଇଡ୍‌ଲାଇନ୍‌ରେ ସଂଶୋଧନ ଆଣି ଏହାକୁ ସହଜ ଭାବେ ଉପଲବ୍ଧ କରାଯିବା ଅତ୍ୟନ୍ତ ଜରୁରୀ। ଦୁର୍ବଳ ଶ୍ରେଣୀ ଓ ବଞ୍ଚିତ ବର୍ଗର ବ୍ୟକ୍ତିଙ୍କ ସମେତ ସମସ୍ତଙ୍କ ପାଇଁ ସମାବେଶୀ ଡିଜିଟାଲ ଇକୋସିଷ୍ଟମ୍ ପ୍ରସ୍ତୁତ କରିବା ସରକାରଙ୍କ ଦାୟିତ୍ୱ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।



ପଶ୍ଚିମବଙ୍ଗର ଦୀଘାରେ ନବନିର୍ମିତ ଜଗନ୍ନାଥ ମନ୍ଦିର ଉଦ୍‌ଘାଟନ ଅବସରରେ ପୂଜାର୍ଚ୍ଚନା କରୁଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

# ୧୭ ମହିଳା ଏମ୍‌ପି, ବିଧାୟକ ବିଲିୟନେୟାର

## ୨୮%ଙ୍କ ନାଁରେ ଆପରାଧିକ ମାମଲା

ନୂଆଦିଲ୍ଲୀ, ୩୦।୪

ଭାରତରେ ୧୭ ଜଣ ମହିଳା ଏମ୍‌ପି ଏବଂ ବିଧାୟକ ହେଉଛନ୍ତି ବିଲିୟନେୟାର। ସେହିପରି ଦେଶର ୨୮% ମହିଳା ଜନପ୍ରତିନିଧିଙ୍କ ନାଁରେ ଆପରାଧିକ ମାମଲା ରହିଥିବା ନେଇ ନିର୍ବାଚନ ସଂସ୍କାର ଦିଗରେ କାର୍ଯ୍ୟ କରୁଥିବା ସଙ୍ଗଠନ ଆସୋସିଏଶନ ଫର୍ ଡେମୋକ୍ରାଟିକ ରିଫର୍ମସ୍ (ଏଡିଆର୍) ପକ୍ଷରୁ ବୁଧବାର ଜାରି ଏକ ରିପୋର୍ଟରେ ପ୍ରକାଶ ପାଇଛି। ପ୍ରାର୍ଥୀପତ୍ର ଦାଖଲ ସମୟରେ ଦେଶର ୫୧୨ ଜଣ ମହିଳା ଏମ୍‌ପି ଏବଂ ବିଧାୟକଙ୍କ ମଧ୍ୟରୁ ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଦାଖଲ କରିଥିବା ସତ୍ୟପାଠକୁ ବିଶ୍ଳେଷଣ କରି ଏଡିଆର୍ ପକ୍ଷରୁ ଏହି ରିପୋର୍ଟକୁ ଜାରି କରାଯାଇଛି। ଉକ୍ତ ରିପୋର୍ଟ ଅନୁଯାୟୀ, ଲୋକ ସଭାର ୭୫ ମହିଳା ଏମ୍‌ପିଙ୍କ ମଧ୍ୟରୁ ୬ ଜଣ ହେଉଛନ୍ତି ବିଲିୟନେୟାର। ସେହିପରି ରାଜ୍ୟ ସଭାର ୩୭ ଜଣ ମହିଳା ସଦସ୍ୟଙ୍କ ମଧ୍ୟରୁ ୩ ଜଣ ବିଲିୟନେୟାର ହୋଇଥିବାବେଳେ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୪୦୦ ମହିଳା ବିଧାୟକଙ୍କ ମଧ୍ୟରୁ ୮ ଜଣ ବିଲିୟନେୟାର ରହିଛନ୍ତି। ଓଡ଼ିଶାର ୧୭ ମହିଳା ବିଧାୟକ ଓ ଏମ୍‌ପିଙ୍କ ମଧ୍ୟରୁ ଜଣେ ବିଲିୟନେୟାର ହୋଇଥିବା ଏହି ରିପୋର୍ଟ କହିଛି।

ଅନ୍ୟପକ୍ଷରେ, ଲୋକ ସଭାର ୨୪ (୩୨%) ମହିଳା ଏମ୍‌ପିଙ୍କ ନାଁରେ ଆପରାଧିକ ମାମଲା ଥିବାବେଳେ ରାଜ୍ୟ ସଭାର ୧୦ (୨୭%) ମହିଳା ସଦସ୍ୟ ଏବଂ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ୧୦୯ (୨୭%) ମହିଳା ବିଧାୟକଙ୍କ ନାଁରେ ଆପରାଧିକ ମାମଲା ରହିଛି। ସେଥିମଧ୍ୟରୁ ୭୮ ଜଣ ମହିଳା ଜନପ୍ରତିନିଧିଙ୍କ ନାଁରେ ଗମ୍ଭୀର ଆପରାଧିକ ମାମଲା ରହିଛି। ଲୋକ ସଭାର ୧୪ (୧୯%) ମହିଳା ଏମ୍‌ପିଙ୍କ ନାଁରେ ଗମ୍ଭୀର ଆପରାଧିକ ମାମଲା ଥିବାବେଳେ ରାଜ୍ୟ ସଭାର ୭ (୧୯%) ମହିଳା ସଦସ୍ୟ ଏବଂ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୫୭ (୧୪%) ଜଣ ମହିଳା ବିଧାୟକଙ୍କ ନାଁରେ ଗମ୍ଭୀର ଆପରାଧିକ ମାମଲା ରହିଛି।

ଓଡ଼ିଶାର ୪ ଜଣ ଜନପ୍ରତିନିଧିଙ୍କ ନାଁରେ ଆପରାଧିକ ମାମଲା ରହିଥିବା ବେଳେ ସେଥିମଧ୍ୟରୁ ୨ ଜଣଙ୍କ ବିରୋଧରେ ଗମ୍ଭୀର ଆପରାଧିକ ମାମଲା ରହିଛି।

ଏହି ରିପୋର୍ଟ ଅନୁଯାୟୀ, ଭାଜପାର ସର୍ବାଧିକ ୨୧୭ (୨୩%) ଜଣ ମହିଳା ଜନପ୍ରତିନିଧିଙ୍କ ନାଁରେ ଆପରାଧିକ ମାମଲା ରହିଥିବା ବେଳେ ଦଳର ୧୧% ମହିଳା ଏମ୍‌ପି ଓ ବିଧାୟକଙ୍କ ନାଁରେ ଗମ୍ଭୀର ଆପରାଧିକ ମାମଲା ରହିଛି। ସେହିପରି କଂଗ୍ରେସର ୮୩ ଜଣ (୩୪%) ମହିଳା ଜନପ୍ରତିନିଧିଙ୍କ ନାଁରେ ଆପରାଧିକ ମାମଲା ରହିଥିବା ବେଳେ ଦଳର ୨୦% ମହିଳା ଏମ୍‌ପି ଏବଂ ବିଧାୟକଙ୍କ ନାଁରେ ଗମ୍ଭୀର ଆପରାଧିକ ମାମଲା ରହିଛି। ସେହିପରି ରିପୋର୍ଟ ଅନୁଯାୟୀ, ଦେଶର ସମସ୍ତ ୫୧୨ ଜଣ ମହିଳା ଏମ୍‌ପି ଏବଂ ବିଧାୟକଙ୍କ ମୋଟ ସମ୍ପତ୍ତି ୧୦,୪୧୭ କୋଟି ହୋଇଥିବା ବେଳେ ପ୍ରତି ମହିଳା ଜନ ପ୍ରତିନିଧିଙ୍କର ହାରାହାରି ସମ୍ପତ୍ତି ହେଉଛି ୨୦.୩୪ କୋଟି। ଆନ୍ଧ୍ରପ୍ରଦେଶର ମହିଳା ବିଧାୟକଙ୍କର ହାରାହାରି ସମ୍ପତ୍ତି ୭୪.୨୨ କୋଟି ରହିଛି, ଯାହା ସାରା ଦେଶରେ ସର୍ବାଧିକ। ସେହିପରି ଭାରତର ସମୁଦାୟ ମହିଳା ଜନପ୍ରତିନିଧିଙ୍କ ମଧ୍ୟରୁ ୭୧% ସ୍ନାତକ କିମ୍ବା ଉଚ୍ଚ ଡିଗ୍ରୀଧାରୀ ହୋଇଥିବାବେଳେ ୨୪% ମହିଳା ଏମ୍‌ପି ଏବଂ ବିଧାୟକଙ୍କର ଶିକ୍ଷାଗତ ଯୋଗ୍ୟତା ପଞ୍ଚମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଅନ୍ୟପକ୍ଷରେ ଦେଶରେ ମହିଳା ଜନପ୍ରତିନିଧିଙ୍କ ହାରାହାରି ବୟସ ୪୯ ବର୍ଷ ଥିବା ଏହି ରିପୋର୍ଟ କହିଛି। ଲୋକ ସଭାରେ ମହିଳା ଏମ୍‌ପିଙ୍କ ହାରାହାରି ବୟସ ୫୫.୬ ହୋଇଥିବାବେଳେ ରାଜ୍ୟ ସଭାରେ ଏହା ୬୩ ବର୍ଷ ରହିଛି।

## ଝିଅର ପ୍ରେମିକଙ୍କୁ ଗୁଳିକରି ହତ୍ୟା

ଇଟାୱା, ୩୦।୪

ଉତ୍ତରପ୍ରଦେଶର ଇଟାୱା ଜିଲା ଖେଦାହେଲ ନିବାସୀ ଅନିଲ କୁମାର ନିଜ ଝିଅର ପ୍ରେମିକ ଲବ୍‌କୁଶ୍(୧୮)ଙ୍କୁ ସୋମବାର ବିଳମ୍ବିତ ରାତିରେ ଗୁଳିକରି ହତ୍ୟା କରିଛନ୍ତି। ଏନେଇ ସ୍ଥାନୀୟ ଚୌବ୍ୟା ଥାନା ଏସ୍‌ଏଚ୍‌ଓ ବିପିନ କୁମାର ସୂଚନା ଦେଇଛନ୍ତି। ସୋମବାର ରାତିରେ ଲବ୍‌କୁଶ୍ ତାଙ୍କ ପ୍ରେମିକାଙ୍କୁ ଦେଖା କରିବା ପାଇଁ ତାଙ୍କ ଘରେ ଲୁଚି ପ୍ରବେଶ କରିଥିଲେ। ଏହି ସମୟରେ ଅନିଲ ଲବ୍‌କୁଶ୍‌ଙ୍କୁ ଗୁଳି କରିଥିଲେ। ଘଟଣାକୁ ନେଇ ପୋଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଅନିଲଙ୍କୁ ଗିରଫ କରିଛି।

# ଭାରତୀୟ ଏୟାରଲାଇନ୍ସ ଉପରେ ସପ୍ତାହକୁ ୭୭ କୋଟି ବୋଝ

## ପାକ୍ ବାୟୁସୀମା ବନ୍ଦ ପରେ

ମୁମ୍ବାଇ/ନୂଆଦିଲ୍ଲୀ, ୩୦।୪

ପହଲଗାମ୍ ଆକ୍ରମଣ ପରେ ତିକ୍ତତା ବୃଦ୍ଧି ଯୋଗୁ ପାକିସ୍ତାନ ଭାରତୀୟ ଏୟାରଲାଇନ୍ସ ପାଇଁ ନିଜ ବାୟୁସୀମା ବନ୍ଦ କରିଦେଇଛି। ଏଥିଯୋଗୁ ଭାରତୀୟ ବିମାନ ଚଳାଚଳ କମ୍ପାନୀଗୁଡ଼ିକୁ ଅତିରିକ୍ତ ୭୭ କୋଟି ଟଙ୍କାର ବୋଝ ସହିବାକୁ ପଡ଼ିବ ବୋଲି ଏକ ବିଶ୍ଳେଷଣରୁ ଜଣାପଡ଼ିଛି। ପାକିସ୍ତାନ ଗୁରୁବାରଠାରୁ ନିଜ ବାୟୁସୀମାକୁ ଭାରତ ପାଇଁ ବନ୍ଦ କରିଦେଇଥିବାରୁ ଏଣିକି ଭାରତୀୟ ଏୟାରଲାଇନ୍‌ଗୁଡ଼ିକୁ ରୁଟ୍ ପରିବର୍ତ୍ତନ କରି ନିଜ ବିମାନ ଚଳାଇବାକୁ ପଡ଼ିବ। ଅଧିକ ବାୟୁପଥ ଦେଇ ଯାତ୍ରା କଲେ ଇନ୍ଧନ ମଧ୍ୟ ଅଧିକ ଖର୍ଚ୍ଚ ହେବ। ଫଳରେ ମାସକୁ ପୂର୍ବାପେକ୍ଷା ୩୦୬ କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ କରିବାକୁ ପଡ଼ିବ। ଦିଲ୍ଲୀ ଓ ଉତ୍ତର ଭାରତୀୟ ସହରଗୁଡ଼ିକରୁ ବିକଳ୍ପ ଆକାଶମାର୍ଗ ଦେଇ ଅନ୍ତର୍ଜାତୀୟ ବିମାନଗୁଡ଼ିକ ଯାତ୍ରା କଲେ ଦେଢ଼ ଘଣ୍ଟା ବିଳମ୍ବିତ ହେବ। ବିମାନ ଚଳାଚଳ ଶିଳ୍ପର




ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଉତ୍ତର ଆମେରିକାକୁ ଯାଉଥିବା ବିମାନକୁ ପୂର୍ବରୁ ୧୬ ଘଣ୍ଟା ଲାଗୁଥିଲା। ଏବେ ଆହୁରି ୧.୫ ଘଣ୍ଟା ଅଧିକ ସମୟ ଲାଗିବ। ଏଥିପାଇଁ ଅତିରିକ୍ତ ୨୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ସେହିପରି ୟୁରୋପକୁ ଯାଉଥିବା ବିମାନଗୁଡ଼ିକୁ ୯ ଘଣ୍ଟା ଲାଗୁଥିବାବେଳେ ଆହୁରି ଦେଢ଼ଘଣ୍ଟା ବିଳମ୍ବିତ ହେଲେ ଅତିରିକ୍ତ ୨୨.୫ ଲକ୍ଷ ଟଙ୍କା ଖର୍ଚ୍ଚ ବଢ଼ିବ।

## ଏନ୍‌ଏସ୍‌ଏବି ପୁନର୍ଗଠିତ, ଆଲୋକ ଜୋଷୀ ଅଧ୍ୟକ୍ଷ

ନୂଆଦିଲ୍ଲୀ, ୩୦।୪

କେନ୍ଦ୍ର ସରକାର ଗୁରୁବାର ଜାତୀୟ ସୁରକ୍ଷା ପରାମର୍ଶଦାତା ବୋର୍ଡ (ଏନ୍‌ଏସ୍‌ଏବି)ର ପୁନର୍ଗଠନ କରିଛନ୍ତି। ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର)ର ପୂର୍ବତନ ମୁଖ୍ୟ ଆଲୋକ ଜୋଷୀଙ୍କୁ ବୋର୍ଡ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ସେହିପରି ପୂର୍ବତନ ୱେଷ୍ଟର୍ନ ଏୟାର କମାଣ୍ଡର ଏୟାର ମାର୍ଶଲ ପି.ଏମ୍. ସିହ୍ନା, ପୂର୍ବତନ ସଦର୍ନ ଆର୍ମି କମାଣ୍ଡର ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏ.କେ. ସିଂ ଏବଂ ରିୟର ଆଡମିରାଲ (ଅବସରପ୍ରାପ୍ତ) ମୋଣ୍ଟି ଖାନ୍ନାଙ୍କୁ ଏଥିରେ ସଦସ୍ୟ ରୂପେ ନିଯୁକ୍ତି ଦିଆଯାଇଛି। ପୂର୍ବତନ କୂଟନୀତିଜ୍ଞ ବି. ଭେଙ୍କଟେଶ ବର୍ମା ଏବଂ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ରାଜୀବ ରଞ୍ଜନ ବର୍ମାଙ୍କୁ ମଧ୍ୟ ଏନ୍‌ଏସ୍‌ଏବି ସଦସ୍ୟ ରଖାଯାଇଥିବା ଜଣାପଡ଼ିଛି। ଜାତୀୟ ସୁରକ୍ଷା ପରିଷଦ ସେକ୍ରେଟାରିଏଟ୍‌କୁ ତଥ୍ୟ ପ୍ରଦାନକାରୀ ପରାମର୍ଶଦାତା ସଂସ୍ଥା ଏନ୍‌ଏସ୍‌ଏବିର ପୁନର୍ଗଠନ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପର ସ୍ଥିତିକୁ ଦୃଷ୍ଟିରେ ରଖି କରାଯାଇଥିବା କୁହାଯାଉଛି।

# ଭାରତ ଛାଡ଼ିଲେଣି ୭୮୬ ପାକିସ୍ତାନୀ



ସ୍ୱାମୀ ଔରଙ୍ଗଜେବ ଭାରତୀୟ ନାଗରିକ। ତାଙ୍କୁ ଅମୃତସରରେ ଛାଡ଼ି ନିଜ ୧୪ ଦିନର ଶିଶୁକୁ ଧରି ପାକିସ୍ତାନୀ ମହିଳା ସାରା ଖାନ୍ ପାକିସ୍ତାନକୁ ଚାଲିଯାଉଛନ୍ତି। ଅଟ୍ଟାରୀ-ୱାଘା ବର୍ଡରରେ ମହିଳା ପୋଲିସ କର୍ମୀମାନେ ତାଙ୍କୁ ସୀମା ପାର କରାଉଛନ୍ତି।

ନୂଆଦିଲ୍ଲୀ, ୩୦।୪

ପହଲଗାମ୍ ଆକ୍ରମଣ ପରେ ଭାରତ ସରକାର ପାକିସ୍ତାନୀ ନାଗରିକମାନଙ୍କୁ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମେ ଗତ ୨୪ରୁ ଅଦ୍ୟାବଧି ୫୫ କୂଟନୀତିଜ୍ଞଙ୍କ ସମେତ ୭୮୬ ପାକିସ୍ତାନୀ ନାଗରିକ ଭାରତ ଛାଡ଼ି ନିଜ ଦେଶକୁ ଫେରିଥିବା ଜଣାପଡ଼ିଛି। ସେହିପରି ଗତ ୬ ଦିନ ଭିତରେ ୨୫ କୂଟନୀତିଜ୍ଞଙ୍କ ସମେତ ମୋଟ ୧,୪୬୫ ଭାରତୀୟ ଭାରତକୁ ଫେରିଆସିଛନ୍ତି। ଉଲ୍ଲେଖଯୋଗ୍ୟ, ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାରଙ୍କ ପକ୍ଷରୁ ପାକିସ୍ତାନୀ ନାଗରିକଙ୍କୁ 'ଲିଭ୍ ଇଣ୍ଡିଆ' ନୋଟିସ ଦିଆଯାଇଛି। ପାକିସ୍ତାନ ମଧ୍ୟ ଭାରତୀୟଙ୍କ ବିରୋଧରେ ଅନୁରୂପ କାର୍ଯ୍ୟାନୁଷ୍ଠାନ ନେଇଛି।

## ଫୁରସତ୍



ନେହା ମଲିକ

### ଅଭିନେତ୍ରୀ ନେହା ମଲିକଙ୍କ ଘରୁ ଚୋରି

ମୁମ୍ବାଇ

ଅଭିନେତ୍ରୀ ତଥା ମଡେଲ ନେହା ମଲିକଙ୍କ ମୁମ୍ବାଇସ୍ଥିତ ବାସଭବନରୁ ୩୪.୪୯ ଲକ୍ଷ ଟଙ୍କାର ଗହଣା ଚୋରି ହୋଇଯାଇଛି। ଏହି ଚୋରି ନେଇ ନେହାଙ୍କ ମା' ମଞ୍ଜୁ ମଲିକ ମଙ୍ଗଳବାର ମୁମ୍ବାଇର ଅମ୍ବୋଲି ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗରେ ସେ ତାଙ୍କ ଘରୋଇ ସହାୟକ ଶାହନାଜ ମୁସ୍ତଫା ଶେଖ୍‌ଙ୍କ ବିରୋଧରେ ସନ୍ଦେହ ପ୍ରକଟ କରିଥିଲେ। ମଞ୍ଜୁ କହିଛନ୍ତି, ସୋମବାର ସେ ତାଙ୍କ ଘରକୁ ନିଜ ଘରୋଇ ସହାୟକଙ୍କ ଭରସାରେ ଛାଡ଼ି ଗୁରୁଦ୍ୱାରା ଯାଇଥିଲେ। ଏହାର ପରଦିନ ତାଙ୍କ ଘରୋଇ ସହାୟକ ଆଉ କାମକୁ ଆସି ନ ଥିଲେ। ସେହିପରି ସେ ଫୋନ୍ ମଧ୍ୟ ଉଠାଇ ନ ଥିଲେ। ଫଳରେ ସନ୍ଦେହ ହେବାରୁ ମଞ୍ଜୁ ଘରର ଆଲମାରୀ ଯାଞ୍ଚ କରିଥିଲେ ଏବଂ ତାଙ୍କର ସମସ୍ତ ଗହଣା ଚୋରି ହୋଇଯାଇଥିବା ନେଇ ଜାଣିବାକୁ ପାଇଥିଲେ। ପୋଲିସ ବିଏନ୍‌ଏସ୍‌ର ଧାରା ୩୦୬ରେ ମାମଲା ରୁଜୁ କରିବା ସହ ନେହାଙ୍କ ଘରୋଇ ସହାୟକ ଶାହନାଜଙ୍କୁ ଖୋଜିବା ଆରମ୍ଭ କରିଥିଲା। ବୁଧବାର ପୋଲିସ ଶାହନାଜଙ୍କୁ ଗିରଫ କରିଥିବାବେଳେ ତାଙ୍କ ନିକଟରୁ ସମସ୍ତ ଚୋରି ଅଳଙ୍କାରକୁ ଜବତ କରିଛି।

### ୨୫ ଫୁଟ ଲମ୍ବର ସବୁଠୁ ବଡ଼ ସାପ

କୁଇଟୋ

ବୈଜ୍ଞାନିକମାନେ ଇକ୍ୱେଡରସ୍ଥିତ ଆମାଜନ ରେନ୍‌ଫରେଷ୍ଟରେ 'ନର୍ଦ୍ଦେନ ଗ୍ରୀନ୍ ଆନାକୋଣ୍ଡା' ନାମରେ ଏକ ସାପ ପ୍ରଜାତିର ଆବିଷ୍କାର କରିଛନ୍ତି। ଏହି ଆନାକୋଣ୍ଡା ପ୍ରଜାତିର ସାପ ବିଶ୍ୱର ସବୁଠାରୁ ବଡ଼ ଏବଂ ଭାରୀ ସାପ ହୋଇଥିବା ବୈଜ୍ଞାନିକମାନେ କହିଛନ୍ତି। ଏହି ବିଶାଳ ସାପର ଲମ୍ବ ୭.୫ ମିଟର (୨୪.୬ ଫୁଟ) ହୋଇଥିବା ବେଳେ ଏହାର ଓଜନ ୫୦୦ କେ.ଜି. (୧୧୦୦ ପାଉଣ୍ଡ) ରହିଛି। ବୈଜ୍ଞାନିକଙ୍କ ଦ୍ୱାରା ଏହି ସାପ ଆବିଷ୍କାର କରାଯିବା ପୂର୍ବରୁ 'ଗ୍ରୀନ୍ ଆନାକୋଣ୍ଡା' ପ୍ରଜାତିର ସାପକୁ ବିଶ୍ୱର ସବୁଠାରୁ ବଡ଼ ସାପ ଭାବେ ଧରାଯାଉଥିଲା। ତେବେ ନର୍ଦ୍ଦେନ ଗ୍ରୀନ୍ ଆନାକୋଣ୍ଡା ସାପ ଗ୍ରୀନ୍ ଆନାକୋଣ୍ଡାଠାରୁ ଆହୁରି ବଡ଼ ହୋଇଥିବା ଜଣାପଡ଼ିଛି। ଏହି ପ୍ରଜାତିର ସାପ କାର୍ ଟାୟାର ପରି ମୋଟା ହେବା ସହ ବଡ଼



ବଡ଼ ପ୍ରାଣୀଙ୍କୁ ମଧ୍ୟ ଗିଳି ଦେଇପାରନ୍ତି।

ନର୍ଦ୍ଦେନ ଗ୍ରୀନ୍ ଆନାକୋଣ୍ଡା ଏକ ବିପଜ୍ଜନକ ଶିକାରୀ ହୋଇଥିବା ବୈଜ୍ଞାନିକମାନେ କହିଛନ୍ତି। ଏହି ପ୍ରଜାତିର ସାପଗୁଡ଼ିକୁ ଆମାଜନ ରେନ୍ ଫରେଷ୍ଟର ନଦୀ ଏବଂ ହ୍ରଦରେ ଦେଖିବାକୁ ମିଳିଥାଏ। ଏହି ସାପ ପ୍ରାୟତଃ ହରିଣ, କ୍ୟାପିବାରା, କାଇମାନ, ଜାଗୁଆର ପରି ପ୍ରାଣୀଙ୍କୁ ଶିକାର କରିଥାନ୍ତି। ଶିକାରକୁ ଧରିବା ପାଇଁ ଏହି ସାପ ମୁଖ୍ୟତଃ କାଦୁଅ ପାଣିରେ ଲୁଚି ରହିଥାନ୍ତି। ଶିକାର ପାଖକୁ ଆସିବାମାତ୍ରେ ଏହି ସାପ ଅତର୍କିତ ଆକ୍ରମଣ କରିଥାଏ। ନର୍ଦ୍ଦେନ ଗ୍ରୀନ୍ ଆନାକୋଣ୍ଡା ପ୍ରଜାତିର ସାପ ନିଜ ଶିକାରକୁ ସଂପୂର୍ଣ୍ଣ ଗିଳିପାରିଥାଏ। ତେବେ ଏହି ସାପ ଶିକାର କରିବା ସମୟରେ ବିଷ ଉପରେ ନୁହେଁ ବରଂ ନିଜର ଶକ୍ତିଶାଳୀ ଶରୀର ଉପରେ ଅଧିକ ନିର୍ଭର କରିଥାଏ ବୋଲି ବୈଜ୍ଞାନିକମାନେ କହିଛନ୍ତି।

ଇକ୍ୱେଡରସ୍ଥିତ ଆମାଜନ ରେନ୍‌ଫରେଷ୍ଟର ଭିତର ଭାଗରେ ଥିବା ବେହୁଏରି ୱରାନିର ବାମେନୋ ଅଞ୍ଚଳରେ ଏହାର ଆବିଷ୍କାର କରାଯାଇଛି। ନିକଟରେ କୁଇନ୍ସଲାଣ୍ଡ ବିଶ୍ୱବିଦ୍ୟାଳୟର ଗବେଷକ ଡ. ବ୍ରାଏନ୍ ଫ୍ରାଇଙ୍କ ନେତୃତ୍ୱରେ ବୈଜ୍ଞାନିକଙ୍କ ଗୋଟିଏ ଟିମ୍ ଏକ ୧୦ ଦିନିଆ ଅଭିଯାନରେ ସ୍ଥାନୀୟ ଲୋକଙ୍କ ସହାୟତାରେ ନର୍ଦ୍ଦେନ ଗ୍ରୀନ୍ ଆନାକୋଣ୍ଡା ପ୍ରଜାତିର ସାପ ସମ୍ପର୍କରେ ଅଧିକ ତଥ୍ୟ ନେଇଥିଲେ। ଏହି ୧୦ ଦିନିଆ ଅଭିଯାନକୁ ନ୍ୟାଶନାଲ୍ ଜିଓଗ୍ରାଫିକ୍ ଡକ୍ୟୁମେଣ୍ଟାରୀ ସିରିଜ 'ପୋଲ୍ ଟୁ ପୋଲ୍ ୱିଥ୍ ୱିଲ୍ ସ୍ମିଥ୍' ପାଇଁ ଶୁଟ୍ କରାଯାଇଥିଲା। ନର୍ଦ୍ଦେନ ଗ୍ରୀନ୍ ଆନାକୋଣ୍ଡା ସାପଗୁଡ଼ିକର ଆକାର ଅବିଶ୍ୱସନୀୟ ଭାବେ ବଡ଼ ହୋଇଥିବା ଡ. ଫ୍ରାଇ କହିଛନ୍ତି।

# ବିବାଦରେ ଏନ୍‌ସିଇଆର୍‌ଟି ବହିରୁ ମୋଗଲ ସାମ୍ରାଜ୍ୟ ବାଦ୍ ନିଷ୍ପତ୍ତି

ଇତିହାସ ହେଉଛି ଅତୀତର ଲିପିବଦ୍ଧ ଘଟଣାବଳୀ। ଏହି ବିଷୟର ପାଠ୍ୟକ୍ରମ ଏପରି ଏକ ଶୃଙ୍ଖଳା, ଯେଉଁଥିରେ ଘଟଣା, ଦୁର୍ଘଟଣା, ଭଲ, ମନ୍ଦ, ଏକଛତ୍ରବାଦ, ପ୍ରଜାରଞ୍ଜକ ଶାସନ ସ୍ଥାନ ପାଇବା ଉଚିତ। ଏଥିରେ କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ପ୍ରବାହକୁ ବାଦ୍‌ଦେବା କିମ୍ବା ଏକ ନିର୍ଦ୍ଦିଷ୍ଟ ସମୟକୁ ଗୁରୁତ୍ୱ ଦେବା ଉଚିତ୍ ନୁହେଁ। ଏପରି କରାଗଲେ ଗଣତନ୍ତ୍ରକୁ ଠିକଣା ପଥରେ ନେବାରେ ଆଗାମୀ ପିଢ଼ି ପାଇଁ ଅନ୍ତରାୟ ସୃଷ୍ଟି ହେବ। ଇତିହାସରୁ ଅନେକ କିଛି ଶିଖିବାର ରହିଛି, ଯାହାକୁ ରୁଦ୍ଧିମନ୍ତ କରିବା ଲାଗି ସମସ୍ତ ବିଷୟବସ୍ତୁ ସ୍ଥାନିତ ହେବା ଜରୁରି। ନ୍ୟାଶନାଲ କାଉନ୍‌ସିଲ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ(ଏନ୍‌ସିଇଆର୍‌ଟି) ଚଳିତ ଶିକ୍ଷାବର୍ଷରୁ ସପ୍ତମ ଶ୍ରେଣୀ ପାଠ୍ୟପୁସ୍ତକରୁ ମୋଗଲ ଓ ଦିଲ୍ଲୀ ସୁଲ୍‌ତାନୀ ଶାସନକାଳକୁ ବାଦ୍‌ଦେବା ଏବଂ ପ୍ରୟାଗରାଜରେ ହୋଇଥିବା ମହାକୁମ୍ଭ ସହିତ ମଗଧ, ମୌର୍ଯ୍ୟ ଓ ସାତବାହନ ଭଳି ପୁରାତନ ଭାରତୀୟ ରାଜବଂଶକୁ ନୂତନ ଅଧ୍ୟାୟରେ ଯୋଡ଼ିବାକୁ ନିଷ୍ପତ୍ତି ନେଇଛି। ତେବେ ଇତିହାସରେ କୌଣସି ଘଟଣାକ୍ରମକୁ ହଟାଯିବା ନିଷ୍ପତ୍ତି ଉପରେ ଐତିହାସିକମାନେ ଭିନ୍ନ ମତ ପୋଷଣ କରୁଛନ୍ତି।

ଉପସ୍ଥାପନା: ରବିନାରାୟଣ ଜେନା

## ଇତିହାସ ଉତ୍ତର ପିଢ଼ିକୁ ବାଟ ଦେଖାଏ



ଭାରତ ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଏଠାରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ଓ ଶିଖ୍ ଭଳି ବହୁ ସଂପ୍ରଦାୟର ଲୋକ ବସବାସ କରୁଛନ୍ତି। ଯଦି ମୁସଲମାନ ବସ୍ତି ନିକଟରେ ଗୋଟିଏ ହିନ୍ଦୁ ପରିବାର ଅବା ହିନ୍ଦୁବସ୍ତି ନିକଟରେ ମୁସଲମାନ ପରିବାର ନିର୍ଯାତିତ ତଥା ଭୟରେ ରହିବ ତାହା ଗଣତନ୍ତ୍ର ନୁହେଁ। ପ୍ରତ୍ୟେକ ଛାତ୍ରୀଛାତ୍ର ଅତୀତ ସମ୍ପର୍କରେ ଜାଣିବା ଉଚିତ୍। ଯେଉଁ ସମୟରେ ଶାସକମାନେ ତାଙ୍କ ଫିଲୋଶଫି ଅନୁସାରେ ଶାସନ କରିଛନ୍ତି ତାହା ଭଲ ହେଉ ଅବା ମନ୍ଦ ହେଉ ତାହାର ବିବରଣୀ ସ୍ପଷ୍ଟ ଭାବେ ଇତିହାସରେ ଲିପିବଦ୍ଧ ହେବା ଉଚିତ୍। ଯଦି କୌଣସି ରାଜତ୍ୱ ସମୟରେ ଏକଛତ୍ରବାଦ୍ ଶାସନ ହୋଇଥିବ ବା ପ୍ରଜାରଞ୍ଜକ ଶାସନ ହୋଇଥିବ ତାହା ମଧ୍ୟ ଉତ୍ତରପିଢ଼ି ଜାଣିବା ଉଚିତ୍। ନ ହେଲେ ଭାରତର ଗଣତାନ୍ତ୍ରିକ ଶାସନରେ ସେମାନେ କିଭଳି ନିଜକୁ ଠିକ୍ ବାଟରେ ନେବେ। ଔରଙ୍ଗଜେବ୍‌ଙ୍କ ଶାସନକାଳକୁ ଉଦାହରଣ ଭାବେ ନେଲେ ବର୍ତ୍ତମାନର ଛାତ୍ରୀଛାତ୍ର ସବୁ ଜାଣିପାରିବେ ଏବଂ ନିର୍ଦ୍ଦିଷ୍ଟ ବାଟରେ ଗଣତନ୍ତ୍ରକୁ ବିରୋଧ କରିପାରିବେ।

- ଡ. ପ୍ରମୋଦ ଚନ୍ଦ୍ର ଦାଶ, ପ୍ରାକ୍ତନ ପ୍ରାଧ୍ୟାପକ

## ଘଟଣାବଳୀକୁ ବାଦ୍ ଦେବା ଅକ୍ଷମଣୀୟ ଅପରାଧ



ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରୁ ମୋଗଲ ଏବଂ ଦିଲ୍ଲୀ ସୁଲତାନୀ ଶାସନ ବିଷୟକୁ ବାଦ୍ ଦେଇ ମଗଧ ମୌର୍ଯ୍ୟ ସାତବାହନ ଓ ମହାକୁମ୍ଭ ଯୋଡ଼ିବା ସମୀଚୀନ ନୁହେଁ। ଏହାଦ୍ୱାରା ଇତିହାସର ଶୃଙ୍ଖଳା ଭାଙ୍ଗିଯିବ। ଉତ୍ତରପିଢ଼ି ଅନ୍ଧାର ଭିତରକୁ ଠେଲି ହୋଇଯିବେ। ଇତିହାସ ହେଉଛି ଶିକ୍ଷା। ମାତ୍ର 'କଲେକ୍ଟିଭ୍ ଆମ୍‌ନେସିଆ' ପାଇଁ ଅନେକ ସମୟରେ ପ୍ରାୟ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ଇତିହାସରୁ ହଟାଇ ଦିଆଯାଉଛି। ଏହା ଏକପ୍ରକାର ଅକ୍ଷମଣୀୟ ଅପରାଧ। ମରାଠାମାନେ ବର୍ଗୀ ଥିଲେ, ହେଲେ ସେମାନଙ୍କ ସମୟରେ ବିଭିନ୍ନ ମଠ ଓ ମନ୍ଦିରର ଉନ୍ନତୀକରଣ ହୋଇଥିବାବେଳେ ଓଡ଼ିଆର ଅନୁବାଦ ଆରମ୍ଭ ହୋଇଥିଲା। ଭଲ ଆଉ ମନ୍ଦର କଡ଼ିକୁ ନେଇ ଶୃଙ୍ଖଳା। ଇତିହାସ ମାନେ ନୁହେଁ ଯେ, ଆମକୁ ଯାହା ଠିକ୍ ଲାଗିବ ତାହା ରଖିବା, ଆଉସବୁକୁ ବାଦ୍ ଦେବା।

- ଅନିଲ ଧୀର, ଇତିହାସ ଗବେଷକ

## କ୍ରମାନ୍ୱୟ ବିବରଣୀ ନ ଥିଲେ ଇତିହାସ ଅସମ୍ପୂର୍ଣ୍ଣ



ଇତିହାସ ହେଉଛି ଏକ କ୍ରମାନ୍ୱୟ ବିବରଣୀ। ମୋଗଲ ସାମ୍ରାଜ୍ୟ ଦୀର୍ଘସମୟ ଧରି ଭାରତରେ ଶାସନରେ ରହି ଆସିଥିଲା। ୭୧୨ରୁ ୧୭୫୧ ମସିହା ପର୍ଯ୍ୟନ୍ତ ତାଙ୍କର ରାଜୁତି ଚାଲିଥିଲା। ଏହି ହଜାରେ ବର୍ଷରେ ତାଙ୍କର ରାଜନୈତିକ, ସାଂସ୍କୃତିକ, କଳା ଓ ଭାସ୍କର୍ଯ୍ୟର ବହୁତ କିଛି ଗୁରୁତ୍ୱ ରହିଛି। ଭାରତରେ କ'ଣସବୁ ବିବର୍ତ୍ତନ ହୋଇଛି ତାହା ଉତ୍ତରପିଢ଼ି ଜାଣିବା ନିହାତି ଜରୁରୀ। ଏହାକୁ କଦର୍ଥ କରାଯାଇପାରିବ ନାହିଁ। ପ୍ରୟାଗରାଜ ମହାକୁମ୍ଭ କିମ୍ବା କିମ୍ବା ଅନ୍ୟ ବିଷୟବସ୍ତୁକୁ ପାଠ୍ୟପୁସ୍ତକରେ ସାମିଲ କରାଯାଉ। ସେଥିରେ କୌଣସି ଅସୁବିଧା ନାହିଁ, ସବୁ ଘଟଣାବଳୀକୁ ନେଇ ଇତିହାସ। କ୍ରମାନ୍ୱୟ ବିବରଣୀ ନ ହେଲେ ଇତିହାସ ଅସମ୍ପୂର୍ଣ୍ଣ ରହିଯିବ। ବାହାଦୁର ଶାହା ଜାଫରଙ୍କ ପରେ ମୋଗଲ ସାମ୍ରାଜ୍ୟର ପତନ ଘଟିଥିଲା। ସେତେବେଳକୁ ମୋଗଲ ସାମ୍ରାଜ୍ୟ ଖଣ୍ଡବିଖଣ୍ଡିତ ହୋଇଥିବାରୁ ପର୍ତ୍ତୁଗିଜ୍, ଡଚ୍ ଓ ପରେ ବ୍ରିଟିଶ୍‌ମାନେ ପର୍ଯ୍ୟାୟକ୍ରମେ ଆକ୍ରମଣ କରିଥିଲେ। ଶେଷରେ ୧୭୫୮ ବେଳକୁ ଇଂରେଜମାନେ ଭାରତକୁ କବଳିତ କରିବାରେ ସମର୍ଥ ହୋଇପାରିଲେ। ଏହି ସମୟରେ ଯାହାସବୁ ଘଟଣାବଳୀ ରହିଛି ତାକୁ ଇତିହାସରେ ସ୍ଥାନ ଦେଲେ ଇତିହାସ ରୁଦ୍ଧିମନ୍ତ ହୋଇପାରିବ। ଉତ୍ତରପିଢ଼ି ଇତିହାସରୁ ଶିଖିବାର ଅନେକ କିଛି ରହିଛି। କିନ୍ତୁ ଇତିହାସକୁ ମନଇଚ୍ଛା ଲେଖାଯାଇପାରିବ ନାହିଁ।

- ଅମିୟ ମହାନ୍ତି, ଜାତୀୟ ଆବାହକ, ରାଷ୍ଟ୍ରୀୟ ଶିକ୍ଷା ଆନ୍ଦୋଳନ ମିଳିତ ମଞ୍ଚ


## ଇତିହାସ ବିଜ୍ଞାନସମ୍ମତ



ଇତିହାସ ଏକ ବିଜ୍ଞାନସମ୍ମତ ବିଷୟ। ଇତିହାସ କାହାଣୀ କି ପୁରାଣ ନୁହେଁ। ଇତିହାସ ବିଜ୍ଞାନ ସମ୍ମତିରେ ହେଲେ ତାହା ହିଁ ଇନ୍‌କ୍ଲୁସିଭ(ସାର୍ମିକ) ହୋଇପାରିବ। କେବଳ ଭାରତ ନୁହେଁ, ବିଭିନ୍ନ ରାଷ୍ଟ୍ରରେ ଇତିହାସକୁ ବିକୃତ କରିବାର ଅନେକ ପ୍ରୟାସ କରାଯାଇଛି। ଏହାଦ୍ୱାରା ଗୋଟିଏ ପିଢ଼ିକୁ ଇତିହାସରୁ ବଞ୍ଚିତ କରାଯାଇଥାଏ। ବ୍ୟକ୍ତିଗତ ଈର୍ଷା, ଭଲ ପାଇବା ପ୍ରଭୃତି ଇତିହାସରେ ପ୍ରତିଫଳିତ ହେବା ଉଚିତ୍। ଭାରତବର୍ଷ ଇତିହାସରେ ମୋଗଲ ରାଜୁତି ଏକ ଲମ୍ବା ଅବଧି। ଏହା ଅନେକ ସମୟରେ ସଂସ୍କୃତି ଓ ଇତିହାସକୁ ନିର୍ଣ୍ଣାୟକ ଭାବେ ପ୍ରଭାବିତ କରିଛି। କିନ୍ତୁ ଦୁର୍ଭାଗ୍ୟର କଥା, ଏବେ ଇତିହାସକୁ ବଦଳାଇବା ପାଇଁ ଯେଉଁ ଉଦ୍ୟମ କରାଯାଉଛି ସେଥିପାଇଁ ଭବିଷ୍ୟତ ପିଢ଼ି ପାଖରେ ଆମେ ଉତ୍ତରଦାୟୀ। ଏହାଦ୍ୱାରା ଆଗାମୀ ପିଢ଼ି ଉକ୍ତ ଅବଧି ବିଷୟରେ ସମ୍ପୂର୍ଣ୍ଣ ଅନ୍ଧାରରେ ରହିଯିବେ। ଏଥିଯୋଗୁ ଭାରତ ଇତିହାସକୁ ଲାଭ ହେବନାହିଁ କି ପରବର୍ତ୍ତୀ ପିଢ଼ି ଓ ବିଦ୍ୟାର୍ଥୀଙ୍କୁ ଏହା ସହାୟକ ହେବନାହିଁ।

- ମାନସ ବେହେରା, ଶିକ୍ଷାବିତ

## ପାଠ୍ୟପୁସ୍ତକରେ ଇତିହାସର ସବୁ ତଥ୍ୟ ଦେବା ସମ୍ଭବ ନୁହେଁ



ମୋଗଲ ଶାସନ ଦୁର୍ବଳ ହେବା ପରେ ଇଂରେଜମାନେ ଭାରତରେ ରାଜ୍ୟ ବିସ୍ତାର କରିବା ଲାଗି ପ୍ରୟାସ କରିଥିଲେ। ଛୋଟ ଛୋଟ ରାଜ୍ୟଗୁଡ଼ିକୁ ଇଂରେଜମାନେ ପରାଜିତ କରିବାରେ ସଫଳ ହୋଇଥିଲେ। ଏହି ସମୟରେ ବଙ୍ଗର ନବାବ ସିରାଜ୍‌ଦ୍ଦୁଲ୍ଲା ଓ କର୍ଣ୍ଣାଟକର ରାଜା ଟିପୁ ସୁଲ୍‌ତାନ ଇଂରେଜ ସହ ଯୁଦ୍ଧ କଲାବେଳେ ତାଙ୍କୁ ଅନ୍ୟ ଦେଶର ରାଜାମାନେ ସହଯୋଗ କରି ନ ଥିଲେ। ଫଳରେ ଇଂରେଜମାନେ ସେମାନଙ୍କୁ ପରାଜିତ କରିବା ସହଜସାଧ୍ୟ ହେଉଥିଲା। ଏହିସବୁ ତଥ୍ୟ ପଢ଼ିବା ପାଇଁ ଇତିହାସକୁ ପାଠ୍ୟପୁସ୍ତକ ବାହାରେ ଅନ୍ୟ ପୁସ୍ତକର ଆବଶ୍ୟକତା ରହିଛି। ଶିକ୍ଷକମାନେ ଏଥିପ୍ରତି ଛାତ୍ରୀଛାତ୍ରଙ୍କୁ ଉଚିତ୍ ମାର୍ଗଦର୍ଶନ କରିବାର ଆବଶ୍ୟକତା ରହିଛି। ତେବେ ଯାଇ ଇତିହାସ ପ୍ରତି ପିଲାଙ୍କ ଆକର୍ଷଣ ବଢ଼ିବ।

- ପ୍ରୀତୀଶ୍ ଆଚାର୍ଯ୍ୟ, ଐତିହାସିକ

## ପ୍ରୟାଗରାଜ ଇତିହାସକୁ ଅଧିକ ରୁଦ୍ଧିମନ୍ତ କରିବ



ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରେ ପ୍ରୟାଗରାଜ ମହାକୁମ୍ଭ ସମ୍ପର୍କରେ ଲିପିବଦ୍ଧ ହେବା ନୂତନ ପିଢ଼ିକୁ ମାର୍ଗଦର୍ଶନ କରିବା ସହିତ ଇତିହାସକୁ ରୁଦ୍ଧିମନ୍ତ କରିବ। ଇତିହାସରୁ ମୋଗଲ ସାମ୍ରାଜ୍ୟ ସମ୍ପର୍କରେ ଜାଣିବା ପାଇଁ ହେଲେ ଛାତ୍ରୀଛାତ୍ରମାନେ ୱେବ୍‌ସାଇଟ କିମ୍ବା ମୋବାଇଲର ଗୁଗ୍‌ଲ ସାଇଟ୍‌କୁ ଯାଇ ଜ୍ଞାନ ଆହରଣ କରିପାରିବେ। ଇତିହାସ ଉତ୍ତରପିଢ଼ିକୁ ବାଟ ଦେଖାଏ। ଅଧିକାଂଶ ସମୟରେ ଇତିହାସରେ ପୁରୁଣା କଥାକୁ ଅତିରଞ୍ଜିତ କରାଯାଇଛି, ତାହା ହେବାକଥା ନୁହେଁ। ସମୟକ୍ରମେ ଇତିହାସ ମଧ୍ୟ ବଦଳିବାର ଆବଶ୍ୟକ ରହିଛି, ଯାହାଦ୍ୱାରା ଉତ୍ତରପିଢ଼ିକୁ ଅଧିକ ପ୍ରେରଣା ଦେଇପାରିବ।

- ରଘୁନାଥ ପଣ୍ଡା, ଶିକ୍ଷାବିତ୍

# ୫୧ ଲକ୍ଷ ଚାଷୀଙ୍କ ଖାତାକୁ ଗଲା ୧୦୨୫ କୋଟିର ସିଏମ୍ କିଷାନ ଟଙ୍କା

## ପାରମ୍ପରିକ ହଳଲଙ୍ଗଳ ଧରି ଅଖିମୁଠି ଅନୁକୂଳ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦।୪ (ସୁନିତ୍ ମିଶ୍ର)



ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଫସଲ ବିବିଧୀକରଣ ଓ ସମନ୍ୱିତ କୃଷି କାର୍ଯ୍ୟକ୍ରମ ଏବଂ ଶ୍ରୀଅନ୍ନ ଅଭିଯାନ ଭଳି ଅନେକ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରାଯାଇ ଚାଷୀଙ୍କ ଅମଳ ଓ ରୋଜଗାର ବୃଦ୍ଧି ପାଇଁ ଉଦ୍ୟମ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଭୁବନେଶ୍ୱର ବରମୁଣ୍ଡା ଓୟୁଏଟି ଫାର୍ମଠାରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଦିବସ ସମାରୋହ ଅବସରରେ ମୁଖ୍ୟମନ୍ତ୍ରୀ ସିଏମ୍ କିଷାନ ଯୋଜନାରେ ରାଜ୍ୟର ୫୦,୧୬,୯୩୮ ଜଣ କ୍ଷୁଦ୍ର ଓ ନାମମାତ୍ର, ୪୯,୪୮୨ ଜଣ ଭୂମିହୀନ କୃଷି ପରିବାର ଏବଂ ୨,୩୮୨ ଜନଜାତି କୃଷକ ପରିବାରକୁ ୨୦୨୫ ଖରିଫ ଫସଲ ଋତୁ ପାଇଁ ୧୦୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଏହିପରି ମୋଟ୍ ୫୧ ଲକ୍ଷ ଚାଷୀ ଏହି ସହାୟତା ରାଶି ପାଇଛନ୍ତି। ଏଥିରେ ସହରାଞ୍ଚଳର ୨୫,୫୩୨ ଜଣ ଚାଷୀ ପ୍ରଥମ ଥର ପାଇଁ ଅନ୍ତର୍ଭୁକ୍ତ ହୋଇଛନ୍ତି। ଆଗୁଆ ସହାୟତା ପ୍ରଦାନ କରାଯାଉଥିବା ଯୋଗୁ ଏହି ରାଶି ରାଜ୍ୟର ଚାଷୀମାନଙ୍କ କୃଷି କାର୍ଯ୍ୟ ନିମନ୍ତେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱାଧୀନତା ସମୟରେ ଆମ ଦେଶର ପ୍ରାୟ ୩୩ କୋଟି ଜନତାଙ୍କୁ ଆମେ ଖାଦ୍ୟ ଦେବାରେ ଅସମର୍ଥ ଥିଲୁ। ବର୍ତ୍ତମାନ କିନ୍ତୁ ଆମ ଦେଶ ଖାଦ୍ୟଶସ୍ୟ ତଥା ଅନ୍ୟ ଖାଦ୍ୟ ପଦାର୍ଥ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ସହ କୃଷିଜାତ ସାମଗ୍ରୀ ରପ୍ତାନି ମଧ କରୁଛି। ବର୍ତ୍ତମାନ ଭାରତ କୃଷି ଏବଂ ଆନୁଷଙ୍ଗିକ କୃଷି ଉତ୍ପାଦ ରପ୍ତାନୀ କରିବାରେ ଏକ ପ୍ରମୁଖ ରାଷ୍ଟ୍ର। ଓଡ଼ିଶାର ୬୦%ରୁ ଅଧିକ ଲୋକ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି। ରାଜ୍ୟର ମୋଟ ଅଭିବୃଦ୍ଧିର ୨୨% କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରୁ ଆସିଥାଏ। ଚାଷ କଠିନ ପରିଶ୍ରମର କାର୍ଯ୍ୟ। ଓଡ଼ିଶାକୁ ଶସ୍ୟ ବଳକା ରାଜ୍ୟରେ ପରିଣତ କରିଥିବାରୁ ମୁଖ୍ୟମନ୍ତ୍ରୀ ରାଜ୍ୟର ଚାଷୀମାନଙ୍କ କଠିନ ପରିଶ୍ରମକୁ ପ୍ରଶଂସା କରିଛନ୍ତି। ରାଜ୍ୟରେ ଭାଜପା ସରକାରକୁ ଆସିବା ପରେ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଉଦ୍ୟମ ଜାରି ରହିଛି। ପୂର୍ବ ସରକାର ଏମ୍‌ଏସ୍‌ପି ପାଇଁ କେବଳ ବିଧାନସଭାରେ ଏକ ରିଜୋଲ୍ୟୁଶନ ଆଣି ଚୁପ୍ ରହିଗଲେ। ଭାଜପା ସରକାର ୩,୧୦୦ ଟଙ୍କା ଏମ୍‌ଏସ୍‌ପି ଦେଇଛି। ଆସନ୍ତା ୫ ବର୍ଷରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ବିନିଯୋଗରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରତି ସବ୍‌ଡିଭିଜନରେ ଶୀତଳ ଭଣ୍ଡାର ସ୍ଥାପନ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓୟୁଏଟିର ବରମୁଣ୍ଡା କୃଷି ଶୈକ୍ଷିକ ଫାର୍ମଠାରେ ଓଡ଼ିଆ ପରମ୍ପରା ଅନୁଯାୟୀ ପାରମ୍ପରିକ ହଳ ଲଙ୍ଗଳରେ ଅଖିମୁଠି ଅନୁକୂଳ କରିଛନ୍ତି। ଏହାସହ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଦ୍ୱାରା ୧୯୨୧ରେ ରଚିତ 'କୃଷକ ସଙ୍ଗୀତ ପୁସ୍ତକ' ମଧ ଉନ୍ମୋଚନ କରିଥିଲେ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ପବିତ୍ର ଅକ୍ଷୟ ତୃତୀୟରେ ଚାଷୀ ତା'ର ଚାଷ କାର୍ଯ୍ୟ ଆଗକୁ ନେଇଥାଏ। ଆମେ ଯାହା ଖାଉଛେ ତାକୁ ଜଣେ ଚାଷୀ ଉତ୍ପାଦନ କରିଥାଏ, ସେହି ଚାଷୀମାନଙ୍କ ସହିତ ଆମ ସରକାର ସବୁବେଳେ ଛିଡ଼ାହେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଓୟୁଏଟିର କୁଳପତି ପ୍ରଭାତ କୁମାର ରାଉଳ ପ୍ରମୁଖ ନିଜର ବକ୍ତବ୍ୟ ରଖିଛନ୍ତି। କୃଷି ସଚିବ ଅରବିନ୍ଦ ପାଢ଼ୀ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଏବଂ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଦାମୀ ଔଷଧ ଲେଖିବା ଆପରାଧିକ କାର୍ଯ୍ୟ ନୁହେଁ: ହାଇକୋର୍ଟ

କଟକ,୩୦।୪(କାର୍ତ୍ତିକ ସାହୁ)

ନିର୍ଦ୍ଦିଷ୍ଟ ଫାର୍ମା କମ୍ପାନୀର ଔଷଧ ଅଥବା ଦାମୀ ଔଷଧ ରୋଗୀଙ୍କ ପାଇଁ ଲେଖିବା ଆପରାଧିକ କାର୍ଯ୍ୟ ନୁହେଁ। ଯେ ପର୍ଯ୍ୟନ୍ତ କୌଣସି ଔଷଧ ବିପଜ୍ଜନକ, ନିମ୍ନମାନର ଅଥବା ସରକାର ତାହାକୁ ନିଷେଧ କରିଛନ୍ତି ବୋଲି ପ୍ରମାଣ ନାହିଁ ତାହା ରୋଗୀଙ୍କ ପାଇଁ ଗ୍ରହଣୀୟ। ଏଭଳି କ୍ଷେତ୍ରରେ ଡାକ୍ତରଙ୍କ ବିରୋଧରେ ଅପରାଧିକ ମାମଲା କରି ଦାୟୀ କରାଯାଇପାରିବ ନାହିଁ। ଏସ୍‌ସିବି ମେଡିକାଲ ହେମାଟୋଲୋଜି ବିଭାଗର ପୂର୍ବତନ ପ୍ରଫେସର ତଥା ବିଭାଗ ମୁଖ୍ୟ ଡାକ୍ତର ରବୀନ୍ଦ୍ର କୁମାର ଜେନାଙ୍କୁ ଏଭଳି ଆପରାଧିକ ମାମଲାରୁ ମୁକ୍ତ କରିଛନ୍ତି ଓଡ଼ିଶା ହାଇକୋର୍ଟ। ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠ ଏଭଳି ମାମଲାର ବିଚାରକରି ଏଭଳି ରାୟ ପ୍ରଦାନ କରିବା ସହ ଡା. ଜେନାଙ୍କ ବିରୋଧରେ ଆପରାଧିକ କାର୍ଯ୍ୟାନୁଷ୍ଠାନକୁ ବାତିଲ କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ୨୦୧୭ ଡିସେମ୍ବର ୧୨ରେ ଡା. ଜେନାଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଥିଲା। ଡା. ଜେନା ରୋଗୀଙ୍କ ପାଇଁ ନିର୍ଦ୍ଦିଷ୍ଟ ଫାର୍ମା କମ୍ପାନୀର ଔଷଧ ଲେଖୁଛନ୍ତି। ସେ କର୍କଟ ପୀଡ଼ିତ ଗରିବ ରୋଗୀଙ୍କ ପାଇଁ ଦାମୀ ଔଷଧ ଲେଖୁଛନ୍ତି। ଏହାଦ୍ୱାରା ସମ୍ପୃକ୍ତ ଫାର୍ମା କମ୍ପାନୀ ଲାଭବାନ ହେଉଛି। ଏହାଦ୍ୱାରା ଓଡ଼ିଶା ଷ୍ଟେଟ ଟ୍ରିଟ୍‌ମେଣ୍ଟ ଫଣ୍ଡର ଗାଇଡ୍ ଲାଇନକୁ ଉଲ୍ଲଂଘନ ହେଉଛି। ତେଣୁ ଡା. ଜେନାଙ୍କ ବିରୋଧରେ ଆପରାଧିକ ମାମଲାରେ ଭିଜିଲାନ୍ସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଭିଜିଲାନ୍ସ ଏପରି କାର୍ଯ୍ୟ ବିରୋଧରେ ଡା. ଜେନା ହାଇକୋର୍ଟରେ ମାମଲା ଦାଏର କରିଥିଲେ। ହାଇକୋର୍ଟ ମାମଲାର ଶୁଣାଣି ବେଳେ କୌଣସି ରୋଗୀ ପାଇଁ ଦାମୀ ଔଷଧର ଆବଶ୍ୟକତା ଥିଲେ ତାହାଦ୍ୱାରା ସରକାରୀ ଗାଇଡ୍ ଲାଇନ୍‌ର କୌଣସି ଉଲ୍ଲଂଘନ ହେଉ ନାହିଁ ବୋଲି କହିଛନ୍ତି।

भारतीय समुद्री विश्वविद्यालय
INDIAN MARITIME UNIVERSITY
Extension of IMU-CET 2025 Registration Date
The last date for registration of IMU-CET 2025 is extended till 6PM, 06.05.2025. There is no change in IMU-CET date.
To register Please Scan the below QR Code
Please visit: www.imu.edu.in for further details.

# ପ୍ରଭାସିନୀ, ଦେବୀଙ୍କୁ ହୋମ୍‌ଗାର୍ଡ ଚାକିରି ସହ ୧୦ଲକ୍ଷ ଲେଖାଏ ଦେଲେ ମୁଖ୍ୟମନ୍ତ୍ରୀ

## କଟକରେ କାର୍ଯ୍ୟରତ ଥିବାବେଳେ ୨ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟଣା

ଭୁବନେଶ୍ୱର,୩୦।୪ (ସୁନିତ୍ ମିଶ୍ର)






କଟକରେ କାର୍ଯ୍ୟରତ ୨ ପୋଲିସ କର୍ମଚାରୀ ଜଗବନ୍ଧୁ ମାହାଲି ଏବଂ ଲୋକନାଥ ଶବର ଗତ ୨୨ ତାରିଖରେ ପିସିଆର୍ ଭ୍ୟାନ୍‌ରେ ଯିବା ସମୟରେ ଦୁର୍ଘଟଣା ଘଟି ପ୍ରାଣ ହରାଇଥିଲେ। ଡ୍ୟୁଟିରେ ଥିବା ସମୟରେ ଉଭୟଙ୍କ ମୃତ୍ୟୁ ଘଟିଥିବାରୁ ସେମାନଙ୍କ ପରିବାର ପ୍ରତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମବେଦନା ଜଣାଇଛନ୍ତି। ଜଗବନ୍ଧୁଙ୍କ ସ୍ତ୍ରୀ ପ୍ରଭାସିନୀ ବେହେରା ଓ ଲୋକନାଥଙ୍କ ସ୍ତ୍ରୀ ଦେବୀ ଶବରଙ୍କୁ ମୁଖ୍ୟମନ୍ତ୍ରୀ ବୁଧବାର ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଦୁଃଖ ସମୟରେ ସେମାନଙ୍କୁ ସହାୟତାର ହାତ ବଢ଼ାଇ ମୁଖ୍ୟମନ୍ତ୍ରୀ ନିଜର ସହୃଦୟତାର ପରିଚୟ ଦେଇଛନ୍ତି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଉଭୟେ ଭେଟିଥିଲେ। ମୁଖ୍ୟମନ୍ତ୍ରୀ ଉଭୟଙ୍କୁ ହୋମ୍‌ଗାର୍ଡ ପଦବୀ ପାଇଁ ନିଯୁକ୍ତିପତ୍ର ସହ ପ୍ରତ୍ୟେକଙ୍କୁ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସେମାନଙ୍କ ଭଲମନ୍ଦ ପଚାରିବା ସହ ଅଧର୍ଯ୍ୟ ନ ହେବାକୁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ସେମାନଙ୍କ ସହ ଅଛନ୍ତି। ସେମାନଙ୍କର ଆଗାମୀ ଜୀବନ ଓ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ସର୍ବକୁଶଳ କାମନା କରିଥିଲେ। ସରକାରଙ୍କ ସହୃଦୟତା ପାଇଁ ସେମାନେ ଅଶ୍ରୁଳ ନୟନରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ପ୍ରଭାସିନୀଙ୍କ ସ୍ୱାମୀ ଜଗବନ୍ଧୁ ମାହାଲି ହୋମ୍‌ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ଦେବୀଙ୍କ ସ୍ୱାମୀ ଲୋକନାଥ ଶବର ଓଏପିଏଫ୍ ଯବାନ ଭାବେ କାର୍ଯ୍ୟ କରୁଥିଲେ। ଉଭୟେ କଟକରେ କର୍ତ୍ତବ୍ୟରତ ଥିବା ସମୟରେ ପିସିଆର୍ ଭ୍ୟାନ୍‌ରେ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାଣ ହରାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ହୋମ୍‌ଗାର୍ଡ ଓ ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

INDIAN RAILWAYS
ଭାରତୀୟ ରେଳ
ଡିଜିଟାଲ ଘଣ୍ଟା
ଡିଜାଇନି ପାଇଁ
ଜାତୀୟ ପ୍ରତିଯୋଗିତା



ଆରମ୍ଭ ତାରିଖ: ୦୧।୦୫।୨୦୨୫ ଅନ୍ତିମ ତାରିଖ: ୩୧।୦୫।୨୦୨୫

ଦାଖଲ ପଦ୍ଧତି: ଉଚ୍ଚ-ରେଜୋଲ୍ୟୁସନ ଇମେଜ୍ (ସର୍ବନିମ୍ନ ୩୦୦ ଡିପିଆଇ, ୨ ଏମ୍‌ବିରୁ ଅଧିକ) ୱାଟରମାର୍କ ଏବଂ ଲୋଗୋ ବିନା contest.pr@rb.railnet.gov.in କୁ ଇମେଲ୍ କରିଆରେ ପଠାଯିବା ଆବଶ୍ୟକ ।

ମୌଳିକତା: ଦାଖଲଗୁଡ଼ିକ ମୂଳ, ବୌଦ୍ଧିକ ସମ୍ପତ୍ତି ଉଲ୍ଲଂଘନରୁ ମୁକ୍ତ ହେବା ତଥା ମୌଳିକତାର ପ୍ରମାଣପତ୍ର ସହିତ ଦାଖଲ କରାଯିବା ଆବଶ୍ୟକ ।

ମାଲିକାନା: ଚୟନ କରାଯାଇଥିବା ଡିଜାଇନଗୁଡ଼ିକର କପିରାଇଟ୍ ଭାରତୀୟ ରେଳପଥ ନିକଟରେ ରହିବ ।
ଏକାଧିକ ଏଣ୍ଟ୍ରି: ପୃଥକ୍ ମୌଳିକତା ପ୍ରମାଣପତ୍ର ସହିତ ଅନୁମତିଯୋଗ୍ୟ ।

| ବର୍ଗ | ୧ମ ପୁରସ୍କାର | ସାନ୍ତ୍ୱନାମୂଳକ ପୁରସ୍କାର |
|---|---|---|
| ବୃତ୍ତିଗତ | ₹୫,୦୦,୦୦୦/- | ପ୍ରତ୍ୟେକ ୫୦,୦୦୦ ଟଙ୍କାର ୫ଟି ସାନ୍ତ୍ୱନାମୂଳକ ପୁରସ୍କାର |
| ମହାବିଦ୍ୟାଳୟର ଛାତ୍ରଛାତ୍ରୀ (ଯେକୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ଶିକ୍ଷାଗ୍ରହଣ କରୁଥିବା) | | ପ୍ରତ୍ୟେକ ୫୦,୦୦୦ ଟଙ୍କାର ୫ଟି ସାନ୍ତ୍ୱନାମୂଳକ ପୁରସ୍କାର |
| ବିଦ୍ୟାଳୟର ଛାତ୍ରଛାତ୍ରୀ (୧୨ଶ ଶ୍ରେଣୀ ପର୍ଯ୍ୟନ୍ତ) | | ପ୍ରତ୍ୟେକ ୫୦,୦୦୦ ଟଙ୍କାର ୫ଟି ସାନ୍ତ୍ୱନାମୂଳକ ପୁରସ୍କାର |

ଅତିରିକ୍ତ ଲାଭ: ● ସମସ୍ତ ବିଜେତାଙ୍କ ପାଇଁ ସ୍ୱୀକୃତି ପ୍ରମାଣପତ୍ର ● ପ୍ରତ୍ୟେକ ବିଜେତା ଓ ତାଙ୍କର ଜଣେ ସହଯାତ୍ରୀଙ୍କୁ ସେମାନଙ୍କ ଘରୁ ପୁରସ୍କାର ଉତ୍ସବ ସ୍ଥାନକୁ ଯିବାଆସିବା ପାଇଁ ନିଃଶୁଳ୍କ ୩ଏ-କ୍ଲାସ୍ ରେଳ ପାସ୍

ଗୁରୁତ୍ୱପୂର୍ଣ୍ଣ ଦିଗ୍‌ନିର୍ଦ୍ଦେଶାବଳୀ: ● ଡିଜାଇନଗୁଡ଼ିକ ଅଭିନବ, କାର୍ଯ୍ୟାନ୍ୱୟନ ପାଇଁ ବ୍ୟାବହାରିକ ତଥା ଭାରତୀୟ ରେଳପଥର ଭାବନାକୁ ପ୍ରତିଫଳିତ କରୁଥିବା ଆବଶ୍ୟକ ● ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ଡିଜାଇନ୍ ପଛରେ ରହିଥିବା ଧାରଣାକୁ ବ୍ୟାଖ୍ୟା କରୁଥିବା ଏକ ସଂକ୍ଷିପ୍ତ କନ୍‌ସେପ୍ଟ ନୋଟ୍ (୩୦୦ ଶବ୍ଦ ମଧ୍ୟରେ) ଦାଖଲ କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି ● ଧାରଣା ଆଦିର ଚୋରି କିମ୍ବା କପିରାଇଟ୍ ଉଲ୍ଲଂଘନ କରୁଥିବା ଦାଖଲଗୁଡ଼ିକ ଅଯୋଗ୍ୟ ହେବ ।

ଅଧିକ ବିବରଣୀ ଏବଂ ନିୟମ ଓ ସର୍ତ୍ତାବଳୀ ପାଇଁ ପରିଦର୍ଶନ କରନ୍ତୁ
ଭାରତୀୟ ରେଳପଥର ଆନୁଷ୍ଠାନିକ ୱେବ୍‌ସାଇଟ୍ www.indianrailways.gov.in

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ ଅବସରରେ ଲାଲ ପତାକା ଉତ୍ତୋଳନ, ସ୍ଥାନ: ବିଭିନ୍ନ ୟୁନିୟନ ଆସୋସିଏଶନ ଫକ୍ଟୋରୀ ଅଫିସ ଦପ୍ତରରେ, ସମୟ: ସକାଳ ୮ଟା। ଏବଂ ପଦଯାତ୍ରା ଓ ସାଧାରଣ ସଭା, ସ୍ଥାନ: ରାଜମହଲ ଛକ, ସମୟ: ଅପରାହ୍ନ ୫ଟା।
- ନ୍ୟାଶନାଲ ଓମେନ୍‌ସ ବିଜିନେସ ମେଳା ୨.୦, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## କଟକ
- ଦୈନିକ ହିନ୍ଦୀ ଖବରକାଗଜ ମହାନଦୀ ସୁପରଫାଷ୍ଟର ପଞ୍ଚମ ବାର୍ଷିକ ଉତ୍ସବ, ସ୍ଥାନ: ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୧ଟା ୩୦।

ବିଶ୍ୱ ଶ୍ରମିକ ଦିବସ ଅବସରରେ ହିନ୍ଦ ମଜଦୁର ସଭା ପକ୍ଷରୁ ମଟର ସାଇକେଲ ରାଲି ଓ ସଭା, ସ୍ଥାନ: ପାଞ୍ଚଗାଁ ଶିବ ମନ୍ଦିରଠାରୁ ନୂଆପାଟଣା ପର୍ଯ୍ୟନ୍ତ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର
- ହାତିମଶାହା ପୀରବାବାଙ୍କ ୭୬ତମ ବାର୍ଷିକ ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ରାଉତପଡ଼ା ପୀରବାବାଙ୍କ ପୀଠସ୍ଥଳୀ, ରୂପସା, ସମୟ: ଦିବସବ୍ୟାପୀ।
- ଖୋଟକଳ ଶ୍ରମିକ ସଂଘ ପକ୍ଷରୁ ଶ୍ରମିକ ଦିବସ, ସ୍ଥାନ: ଶ୍ରମିକ ସଂଘ କାର୍ଯ୍ୟାଳୟ, ରୂପସା, ସମୟ: ସକାଳ ୬ଟା ୧୫।
- ଅନ୍ତର୍ଜାତୀୟ ଶ୍ରମିକ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଓୟୁଜେ ବାଲେଶ୍ୱର ଶାଖା ତରଫରୁ ଶ୍ରମିକ ଦିବସ ପାଳନ, ସ୍ଥାନ: ସଂସ୍କୃତି ଭବନ ଉତ୍ତରେଶ୍ୱର, ସୋର, ସମୟ: ସକାଳ: ପୂର୍ବାହ୍ନ ୧୦ଟା।
- ୫୮ତମ ଚାଟାର୍ଡ଼ ଡ଼େ ସମାରୋହ, ସ୍ଥାନ: ରୋଟାରୀ ଭବନ, ବାଲେଶ୍ୱର, ସମୟ: ରାତି ୭ଟା ୩୦।

## ଭଦ୍ରକ
- ଶ୍ରମିକ ଦିବସ ପାଳନ, ସ୍ଥାନ: ଟାଉନହଲ, ଭଦ୍ରକ, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ତିହିଡି ଥାନା ପରିସର, ସମୟ: ସକାଳ ୯ଟା।
- ପ୍ରତାପ ପଣ୍ଡାଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ମୂଳଗାଁ, ନଳାଙ୍ଗ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା୩୦।
- ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ, ସ୍ଥାନ: ବାରିକପୁର, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ
- ପଞ୍ଚ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ପୂଜା ଓ ପୂର୍ଣ୍ଣାହୂତୀ, ସ୍ଥାନ:ସାନକେରକୋ, ବଡ଼ସାହି,ସମୟ: ସକାଳ ୮ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।

- ବିଶ୍ୱ ଶ୍ରମିକ ଦିବସ ପାଳନ, ସ୍ଥାନ: କଳିଆପଦା ଶିବ ମନ୍ଦିର ପ୍ରାଙ୍ଗଣ,ସାଇଁକୁଲା ଗ୍ରାମପଞ୍ଚାୟତ, ଗୋପବନ୍ଧୁ ନଗର, ସମୟ:ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ୟୁନିକ ପ୍ରେସକ୍ଲବ ପକ୍ଷରୁ ଶ୍ରମିକ ଦିବସ ପାଳନ, ସ୍ଥାନ: ଆଶୀର୍ବାଦ ଧର୍ମଶାଳା, ଉଦଳା-କପ୍ତିପଦା ରୋଡ୍, ସମୟ:ସକାଳ ୯ଟା।
- ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିଅନ ପକ୍ଷରୁ ଶ୍ରମିକ ଦିବସ ପାଳନ, ସ୍ଥାନ:ଶହୀଦ ସ୍ମୃତି ଭବନ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ପ୍ଲମ୍ବର ଆସୋସିଏଶନ ପକ୍ଷରୁ ଶ୍ରମିକ ଦିବସ ପାଳନ,ସ୍ଥାନ: ସଂସ୍କୃତି ଭବନ,ସମୟ: ପୂର୍ବାହ୍ନ ୧୦ଟା ।
- କେନ୍ଦ୍ରୀୟ ସଂଗଠନ ପକ୍ଷରୁ ସାଧାରଣ ସଭା,ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୬ଟା।

## ଢେଙ୍କାନାଳ
- ଆନ୍ତର୍ଜାତିକ ଶ୍ରମିକ ଦିବସ, ସ୍ଥାନ: ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା
- ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ପୁଲକ, ସ୍ଥାନ: ଡିଆଇଇଟି ପରିସର, ଢେଙ୍କାନାଳ, ସମୟ: ଅପରାହ୍ନ ସାଢେ ୫ଟା।

## ଜଗତ୍‌ସିଂହପୁର
- ତାରକା ହୋଟେଲ ଲା ଫ୍ରାଙ୍କଲିନ୍ ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବେଳାଭୂମି ରାସ୍ତା ପାଖ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର ୟୁନିୟନ ପରିସର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ପାରାଦୀପ ବିତରକ ସଂଘର ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ପୋର୍ଟ ଶ୍ରମିକ ସଂଘ ପରିସର, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ପୋର୍ଟ ୱାର୍କର୍ସ ୟୁନିୟନ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ୟୁନିୟନ ପରିସର, ବଡ଼ପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୭ ଟା।

## ଯାଜପୁର
- ବିଶ୍ୱ ଶ୍ରମିକ ଦିବସ ପାଳନ, ସ୍ଥାନ: ଧର୍ମଶାଳା ପ୍ରେସ୍ କ୍ଲବ, ସମୟ-ସକାଳ ୮ଟା।

## ନୟାଗଡ଼
- ଜାତୀୟ ଶ୍ରମିକ ଦିବସ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନ, ସମୟ: ପୂର୍ବାହ୍ନ ୧୦ଟା।
- ଗଣିଆ ଲଙ୍କାପୋଡି ମହୋତ୍ସବରେ ସାଂସ୍କୃତିକ ଆସର, ସ୍ଥାନ: ଗଣିଆ ଯାତ୍ରା ପଡିଆ, ସମୟ: ଅପରାହ୍ନ ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ର ଉଦ୍‌ଯାପନୀ ଉତ୍ସବରେ ବାଦି ଦୁଆରୀ, ସ୍ଥାନ:ନୟାଗଡ ବ୍ଲକ ମୁକ୍ତାପୁରର ମା ଆରାଧ୍ୟ ଦେବୀ ଶାଳଭଞ୍ଜ ଠାକୁରାଣୀଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ରୁ ରାତ୍ର ୧୦ଟା।
- ବୈଷ୍ଣବ ଦେବୀ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ମୁଣ୍ଡିଆ ହନୁମାନ ପୀଠ, ସମୟ: ସକାଳ ୭ଟା।
- ଅକ୍ଷୟ ତୃତୀୟାରେ ବିଶ୍ୱଶାନ୍ତି ମହାଯଜ୍ଞର ୨ୟ ଦିବସ, ସ୍ଥାନ:ଭାପୁର ବ୍ଲକ ମାଧପୁର ଯଜ୍ଞପଦା, ସମୟ: ସକାଳ ୮ଟା।
- ଅକ୍ଷୟ ତୃତୀୟାରେ ଚନ୍ଦନଯାତ୍ରା ଆରମ୍ଭ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୨ୟ ଦିବସ, ସ୍ଥାନ:ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ୨ୟ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୨ୟ ଦିବସ, ସ୍ଥାନ:ନୟାଗଡ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା
- ରଘୁନାଥଙ୍କ ଚନ୍ଦନଯାତ୍ରାର ୨ୟ ଦିବସ, ସ୍ଥାନ:ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ହନୁମାନ ଜୀଉଙ୍କ ବିଗ୍ରହ ପ୍ରତଷ୍ଠା ଉତ୍ସବର ଉଦ୍‌ଯାପନ ଉତ୍ସବରେ ନାଟକ ହନୁମାନ ଯନ୍ତ୍ର, ସ୍ଥାନ: ଓଡଗାଁ ବ୍ଲକ କୁରାଳ ବେଙ୍ଗେଇସାହି, ସମୟ:ରାତି ୮ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ ମହୋତ୍ସବର ୨ୟ ଦିବସ, ସ୍ଥାନ: ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ସାଢ଼େ ୭ଟା ।
- ମୁଖ୍ୟମନ୍ତ୍ରୀଙ୍କର ଗଣିଆ ଗସ୍ତ, ସ୍ଥାନ: ପତଣ୍ଡା, ସମୟ ଅପରାହ୍ନ ୧ଟା।
- ଶୁଳିଆ ଠାକୁରାଣୀଙ୍କ ବାର୍ଷିକୋତ୍ସବ, ସ୍ଥାନ: ଖଣ୍ଡପଡା ବ୍ଲକ ଗୋପିନାଥପୁର ଶୁଳିଆ ଛକ, ସମୟ: ସକାଳ ୭ଟା ।

## ରାୟଗଡ଼ା
- ବିଶ୍ୱ ଶ୍ରମିକ ଦିବସ ପାଳନ, ସ୍ଥାନ: ରାୟଗଡା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର
- ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା, ସ୍ଥାନ: ଝରିଗାଁ, ସମୟ: ସନ୍ଧ୍ୟା ୬ଟା ।

## କୋରାପୁଟ
- ଶନି ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଦାମନଯୋଡ଼ି ମାଥାଲପୁଟ, ସମୟ: ସକାଳ ୭ଟା।
- ବିଦ୍ୟୁତ ମହାସଂଘ ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ, ସ୍ଥାନ : କୋଟସ୍ ସଭାଗୃହ, କୋରାପୁଟ, ସମୟ : ପୂର୍ବାହ୍ନ ୧୦ଟା ୩୦।
- କୋରାପୁଟର ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି, ସ୍ଥାନ : ପୂଜାରୀପୁଟ, କୋରାପୁଟ, ସମୟ : ମଧ୍ୟାହ୍ନ ୧୨ ଟା।
- ଛିଣ୍ଡାନଇ ସାହିତ୍ୟ ସଂସଦ ବାର୍ଷିକୋତ୍ସବ, ସ୍ଥାନ: ଲୋକେଶ୍ୱରୀ କମ୍ୟୁନିଟି ହଲ ବ୍ୟାଙ୍କ କଲୋନୀ, ଜୟପୁର, ସମୟ: ଅପରାହ୍ନ ୪ଟା ୩୦।

## ମାଲକାନଗିରି
- ଜିଲାସ୍ତରୀୟ ବିଶ୍ୱ ଶ୍ରମିକ ଦିବସ ପାଳନ, ସ୍ଥାନ:ସଂସ୍କୃତି ଭବନ, ମାଲକାନଗିରି, ପୂର୍ବାହ୍ନ: ୧୦ ଟା।
- ପଞ୍ଚାୟତସ୍ତରୀୟ ଶ୍ରମିକ ଦିବସ ପାଳନ, ସ୍ଥାନ: ଗୋରାଖଣ୍ଟା ପଞ୍ଚାୟତ,ସମୟ:ପୂର୍ବାହ୍ନ ୧୧ ଟା।
- ବାଲିମେଳା ଜଳ ବିଦ୍ୟୁତ୍ କେନ୍ଦ୍ରର କର୍ମଚାରୀ ସଂଘର ଶ୍ରମିକ ଦିବସ, ସ୍ଥାନ: ବାଲିମେଳା, ସମୟ: ସନ୍ଧ୍ୟା ୬ଟା ।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଶ୍ରୀଶ୍ରୀ ଶନିଶ୍ଚର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ ବିଶାଳଖିଣ୍ଡା ଗ୍ରାମ, ସମୟ : ସକାଳ : ୮ଟା।
- ସମ୍ବଲପୁର ଶ୍ରମିକ ସମନ୍ୱୟ ସମିତି ପକ୍ଷରୁ ଶମିକ ଦିବସ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ, ସ୍ଥାନ : ହୀରଖଣ୍ଡ ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘ ପରିସର, ସମୟ : ସକାଳ ୮ଟା।
- ବିଭିନ୍ନ ଶ୍ରମିକ ଅନୁଷ୍ଠାନ ପକ୍ଷରୁ ଶ୍ରମିକ ଦିବସ ଶୋଭାଯାତ୍ରା, ସ୍ଥାନ : ବୀର ସୁରେନ୍ଦ୍ର ସାଏ ମାର୍ଗ, ସମୟ : ଅପରାହ୍ନ ୫ଟା।

## ବଲାଙ୍ଗୀର
- ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ, ସ୍ଥାନ: ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛକ କଲ୍ୟାଣ ମଣ୍ଡପ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସଭା ସାଂସଦ ପାଣ୍ଠିରୁ ନିର୍ମିତ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ,ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର,ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ, ସ୍ଥାନ: ବଲାଙ୍ଗୀର ସିଭିଲ କୋର୍ଟ ପରିସର ଏଡିଆର କୋଠା, ବଲାଙ୍ଗୀର, ସମୟ: ୧୨ଟା ୪୦ ମିନିଟ।

## ରାଉରକେଲା
- ଶ୍ରୀ ଶ୍ରୀ ଦକ୍ଷିଣକାଳୀ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୧, ସମୟ: ସକାଳ ୬ଟା।
- ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ଶ୍ରମିକ ଦିବସ, ସ୍ଥାନ: ସେକ୍ଟର-୧୮, ସମୟ: ପୂର୍ବାହ୍ନ ୧୧ଟା।
- ଇଏସ୍‌ଆଇସି ହସ୍ପିଟାଲ ପାଇଁ ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ଅପରାହ୍ନ ୫ଟା।
- ବିଏମ୍‌ଏସ୍ ପକ୍ଷରୁ ଶ୍ରମିକ ଦିବସ, ସ୍ଥାନ: ସେକ୍ଟର-୪, ସମୟ: ଅପରାହ୍ନ ୫ଟା।

## ବରଗଡ଼
- ଆନ୍ତର୍ଜାତୀୟ ଶ୍ରମିକ ଦିବସ,ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା ୩୦।

## କଳାହାଣ୍ଡି
- ଔଷଧିୟ ମଶାରି ବଣ୍ଟନ କାର୍ଯ୍ୟକ୍ରମ ଓ ରୋଗୀ କଲ୍ୟାଣ ସମିତି ବୈଠକ, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ମା' ଭୈରବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ପୂର୍ଣ୍ଣାହୁତି, ସ୍ଥାନ: ମା' ଭୈରବୀଙ୍କ ମନ୍ଦିର ପ୍ରାଙ୍ଗଣ, ପୁରୁଣାକଟକ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଆର୍ନ୍ତଜାତିକ ଶ୍ରମିକ ଦିବସ ପାଳନ, ସ୍ଥାନ: ଟାଉନ ହଲ, ବୌଦ୍ଧ, ସମୟ: ସକାଳ ୯ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗରକୀର୍ତ୍ତନ,ସ୍ଥାନ:ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ,ସ୍ଥାନ: ଦେବଗଡ଼ ସିଭିଲ କୋର୍ଟ ସମ୍ମିଳନୀ ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆରତୀ,ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ:ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ, ସ୍ଥାନ: ସୋନପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ଅନ୍ତର୍ଡା ଗ୍ରାମରେ କୀର୍ତ୍ତନ୍ୟ ମଣ୍ଡପ ପ୍ରତିଷ୍ଠା ପାଇଁ ହରିନାମ ଆରମ୍ଭ ଓ ରାମାୟଣ ପୁରାଣ ପଠନ, ସ୍ଥାନ: ଅନ୍ତର୍ଡା କୀର୍ତ୍ତନ୍ୟ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ବଙ୍ଗାମୁଣ୍ଡା ଗାଁ, ସମୟ: ମଧ୍ୟାହ୍ନ ୧୨ଟା।
- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ବଙ୍ଗାମୁଣ୍ଡା ଗାଁ, ସମୟ: ସକାଳ ୯ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଚବିଶ ପ୍ରହର ନାମଯଜ୍ଞ ନାମ ଧାରଣ ଓ ଠାକୁରଙ୍କ ମନ୍ଦିର ପ୍ରବେଶ, ସ୍ଥାନ: ଖଡିଆଳ ବ୍ଲକ ଭୂଲିଆସିକୁଆଁ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ ବଦାପାଟ ଗ୍ରାମର ଧନିଆପଡା, ସମୟ: ସକାଳ ୭ଟା ୩୦।
- ଜିଲା ଶ୍ରମିକ ମହାସଂଘ ପକ୍ଷରୁ ଶ୍ରମିକ ଦିବସ ପାଳନ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଦର୍ଲିମୁଣ୍ଡା ପଞ୍ଚାୟତ ଖଳିଆପାଣି ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଗ୍ରହସ୍ଥିତିର ଅଦ୍ଭୁତ ଯୋଗ ପ୍ରଭାବରେ ସମ୍ମାନଜନକ ପଦମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିପାରିବେ। ଶୁକ୍ର ନକ୍ଷତ୍ରସ୍ଥ ରବି ପ୍ରତ୍ୟେକ ସମସ୍ୟାକୁ ହାଲୁକା ଭାବେ ନେବାରେ ଅନୁପ୍ରେରିତ କରିବ। ରାହୁ ଓ ଶନିଙ୍କ କୁପ୍ରଭାବଜନିତ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରିବେ ନାହିଁ। ନିଜର ଅଧିକାରକୁ ଅନ୍ୟ ଉପରେ ଲଦିଲେ ସମାଲୋଚିତ ହେବେ।

**ବୃଷ**
ଚନ୍ଦ୍ରଙ୍କ ପ୍ରଭାବରୁ କିଛି ଫାଇଦା ହାସଲ କରିବାର ଅଭିଳାଷ ରଖି କୌଣସି ବ୍ୟକ୍ତି ଅଯଥାରେ ଆପଣଙ୍କୁ ପ୍ରଶଂସା କରିପାରେ। ଲାଗିରହିଥିବା ବିବାଦୀୟ ଘଟଣା କିମ୍ବା କଚେରି ମାମଲା କ୍ଷେତ୍ରରେ ଚିନ୍ତା ବଢ଼ିଯାଇ ପାରେ । ପାରିବାରିକ ସ୍ଥିତି, ବାଣିଜ୍ୟ, ପରିବହନ ଓ ଚେଷ୍ଟା କରୁଥିବା କାମ ଉଠାପକା ମଧ୍ୟଦେଇ ଚାଲିବ।

**ମିଥୁନ**
ତୃତୀୟାଧିପ ଉଚ୍ଚସ୍ଥ ହେତୁ ଭାଇ, ବନ୍ଧୁ, ପରିଜନ, ସହକର୍ମୀଙ୍କ ସୌଜନ୍ୟତାରେ ମନ ପ୍ରଫୁଲ୍ଲିତ ରହିବ। ସହଜରେ ଅଭିଳାଷ ପୂରଣ କରିବା ସାଙ୍ଗକୁ ମନ ଭଲ ରହିଥିବାରୁ ଅନ୍ୟମାନଙ୍କ ପାଇଁ ପ୍ରେରଣା ପ୍ରଦାୟକ ରହିବେ। ନିଜ କାମକୁ ପଛକୁ ରଖି ଅନ୍ୟମାନଙ୍କ ପାଇଁ କିଛି କରିବା ପାଇଁ ମାନସିକ ସ୍ତରରେ ନିଷ୍ପତ୍ତି ନେଇପାରନ୍ତି।

**କର୍କଟ**
ରାଶି ପାଇଁ ରାଜଯୋଗ କାରକ ଗ୍ରହ ମଙ୍ଗଳଙ୍କ ବଳହୀନତା ଆପଣଙ୍କ ସୁସ୍ଥ ଚିନ୍ତାଧାରାକୁ ବିଗାଡିଦେବ। ସବୁ କାମ ଗୋଳମାଳିଆ ରହିବ ଓ ଏବଂ ବ୍ୟସ୍ତତା ବୃଦ୍ଧି ପାଇବ। ମନରେ ପୂର୍ବଭଳି ଆଗ୍ରହ ନଥାଇ ମଧ୍ୟ ହାତକୁ ନେଇଥିବା କାମରେ ପଛେଇ ଯାଇପାରନ୍ତି। ନିର୍ମାଣାଧୀନ କାମ ଆଗେଇ ଚାଲିବ ଏବଂ ଅଦାଲତରୁ ସୁଫଳ ପାଇବେ।

**ସିଂହ**
ବଳହୀନ ଧନାଧିପ ହେତୁ ଆଶାନୁଯାୟୀ ଅର୍ଥ ଓ ବନ୍ଧୁମାନଙ୍କ ସାହାଯ୍ୟ, ସହଯୋଗ ପାଇବା କଷ୍ଟକର ହୋଇପାରେ। ଛୋଟ ଛୋଟ କଥାକୁ କେନ୍ଦ୍ରକରି ଅଧିକାଂଶ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ପାରିବାରିକ କ୍ଷେତ୍ରରେ ଟେନ୍‌ସନ କିଛି ମାତ୍ରାରେ କମିଯିବାର ଅନୁଭବ ଆସିପାରେ।

**କନ୍ୟା**
ଭାଗ୍ୟଭାବସ୍ଥ ବୃହସ୍ପତି ଯୋଗୁ ଆଜି ପରିବାରର କୌଣସି ଗୁରୁତ୍ୱପୂର୍ଣ୍ଣ କଥା ନେଇ ଆଲୋଚନା କରିପାରନ୍ତି। ବିଶ୍ୱାସର ସହ ମିତ୍ରଙ୍କ ଉପରେ ସବୁ ଦାୟିତ୍ୱ ଲଦି ଦେଇ ନିଜେ ଚୁପ୍‌ଚାପ୍ ବସିବା ଠିକ୍ ହେବନି। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ଅପମାନିତ ହେବେ। ବ୍ୟବସାୟ ଓ ପରିବହନରେ ବିବାଦୀୟ ସ୍ଥିତି ଦେଖାଦେଇପାରେ।

**ତୁଳା**
ଯୋଜନାକାରକ ଗ୍ରହ ବୃହସ୍ପତି ଦୁଃସ୍ଥାନସ୍ଥ ଯୋଗୁ ପରିକଳ୍ପିତ ଯୋଜନା ଫସର ଫାଟିଯିବ। ଅନ୍ୟମାନଙ୍କୁ କାମରେ ଲଗାଇ ନିଜର ଫାଇଦା ହାସଲ କରିବେ। ବ୍ୟୟ ଭାର କମିବା ବଦଳରେ ବଢ଼ି ଚାଲିବ। ପରିବାରରେ ଭୁଲ୍ ବୁଝାମଣା ହେତୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**ବିଛା**
ମଙ୍ଗଳ ମନ୍ଦଗ୍ରହଙ୍କ ନକ୍ଷତ୍ରରେ ରହିଥିବାରୁ କାର୍ଯ୍ୟ କରିବାର ସ୍ପୃହା ଥିଲେ ମଧ୍ୟ ପାରିବେଶିକ ଅସ୍ଥିରତା ତାହା କରାଇ ଦେଇ ନ ପାରେ। ତର୍କବିତର୍କ ଓ ବାଦାନୁବାଦ ମଧ୍ୟରେ ପରିବାରରେ ସମସ୍ୟାଗୁଡ଼ିକର ସମାଧାନ କରିପାରନ୍ତି। ଅର୍ଥନୈତିକ ପ୍ରଗତି ସହ ସାମାଜିକ, ଆନୁଷ୍ଠାନିକ ତଥା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**ଧନୁ**
ଭାଗ୍ୟାଧିପ କୋଣଭାବସ୍ଥ ଯୋଗୁ ନିଜେ କିଛି ନ କରି ପିଲାଙ୍କ ଦ୍ୱାରା କାମ ହାସଲ କରିବେ। ପ୍ରତିକୂଳ ବାତାବରଣ ଲାଗି ରହିଥିଲେ ମଧ୍ୟ ଆନ୍ତରିକ ପ୍ରଚେଷ୍ଟାରୁ ଲକ୍ଷ୍ୟ ହାସଲ କରିବେ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଆଜିର ଯାତ୍ରା, ବାଣିଜ୍ୟ ପାଇଁ ଦିନଟି ବହୁତ ଭଲ। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବା ସକାଶେ ସଂଘର୍ଷ କରିବାକୁ ପଡ଼ିବ।

**ମକର**
ରାଶ୍ୟାଧିପ ଉପଚୟସ୍ଥାନରେ ଥିବାରୁ ସଦାସର୍ବଦା ଅନ୍ୟମନସ୍କ ରହିବା ସାଙ୍ଗକୁ କାମଗୁଡ଼ିକ ମଧ୍ୟ ଶୃଙ୍ଖଳିତ ହେବନାହିଁ। ଆର୍ଥିକସ୍ଥିତି ମନ୍ଦ ନ ଥିଲେ ମଧ୍ୟ ଆଜି ଏକ ଭିନ୍ନ ପରିସ୍ଥିତିରେ ପଡି ଋଣ କରିବାକୁ ବାଧ୍ୟ ହେବେ। ଅନ୍ୟମାନଙ୍କ କଥାକୁ ଉପେକ୍ଷା ନ କରିପାରି ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହୋଇପାରନ୍ତି।

**କୁମ୍ଭ**
ଆଂଶିକ କାଳସର୍ପଯୋଗ ପ୍ରଭାବରେ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ ମାନସିକ ସ୍ଥିତି ସେତେଟା ଭଲ ରହିନପାରେ। ବିଭିନ୍ନ ଅସଜଡ଼ା ପରିସ୍ଥିତି ସୁଧୁରି ଆସୁଥିଲେ ମଧ୍ୟ ବୃଥାଶଙ୍କାରୁ ବିଚଳିତ ରହିପାରନ୍ତି। ଶିଳ୍ପ, ବ୍ୟବସାୟ, ଦୂରଯାତ୍ରା କ୍ଷେତ୍ରରେ ଅନୁକୂଳ ପରିବେଶ ପାଇବେ ନାହିଁ। କର୍ମକ୍ଷେତ୍ରରେ କାର୍ଯ୍ୟସିଦ୍ଧି ଘଟିପାରେ।

**ମୀନ**
ରାଶିରେ ଏକାଧିକଗ୍ରହ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରନ୍ତୁ । ଭୁଲ୍ ବୁଝାମଣାରୁ ପରିବାରରେ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଦୂରଭ୍ରମଣ, ସାହିତ୍ୟ, ରାଜନୀତି, ପ୍ରଶାସନ ପାଇଁ ଦିନଟି ଭଲ। ସ୍ୱାସ୍ଥ୍ୟହାନି, ଯୋଜନା ଭଗ୍ନ ସାଙ୍ଗକୁ ଉନ୍ନୟନ ମୂଳକ କାର୍ଯ୍ୟ ମଧ୍ୟ ସାମୟିକ ବ୍ୟାହତ ହୋଇପାରେ।

ଆଜି ମେ ୧ ତାରିଖ, ଶ୍ରମିକ ଦିବସ, ବୈଶାଖ ଶୁକ୍ଳ ଚତୁର୍ଥୀ ଯୁକ୍ତ ୫ମୀ, ଗୁରୁବାର, ରାଶି ନକ୍ଷତ୍ର-ଦିବା ଘ.୦୨।୨୧ମି. ପର୍ଯ୍ୟନ୍ତ ମୃଗଶିରା/ମିଥୁନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ୫ମୀର ଏକୋଦ୍ଦିଷ୍ଟ ଏବଂ ପାର୍ବଣଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ଗୃହାରମ୍ଭ, ଗୃହପ୍ରବେଶ, ଦେବତା ପ୍ରତିଷ୍ଠା ଓ ବିଦ୍ୟାରମ୍ଭ ପାଇଁ ଶୁଭଦିନ। ଦିବା ଘ.୦୫।୨୧ ଗତେ ଘ. ୦୭।୦୩ ମଧ୍ୟେ ଘ.୧୦।୨୭ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ୦୧।୧୯ ଗତେ ଘ.୦୨।୫୫ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦୁବ ଦୁଆରୀ, ପନସ ତାଟି
ଚନ୍ଦ୍ର ସୂର୍ଯ୍ୟଙ୍କର ଘର
ଖୁଦ ଦେବତା ଡାକୁ ଅଛନ୍ତି
ମଣିମା ବିଜେ କର।**

ଅଭାବ ଅନଟନରେ ରହିଥିବା ବ୍ୟକ୍ତି ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରିଥାନ୍ତି। ରହିବାକୁ ସେମାନଙ୍କ ପାଖରେ ଭଲ ଘର ଖଣ୍ଡିଏ ନ ଥାଏ କି ଖାଇବାକୁ ମୁଠେ ଦାନା ନ ଥାଏ। ଭଙ୍ଗା ଦଦରା ଘରେ ଭୋକ ଉପାସରେ ପଡ଼ି ରହିଥିବା ଦରିଦ୍ର ବ୍ୟକ୍ତିର ଦୁରବସ୍ଥା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦିଆ ଘରର ପେଯ ପିଇ
ଉଘା ଘରର ଭାତ ନ ଛୁଇ।**

ସ୍ୱଚ୍ଛ ମନରେ ଦେବା ଲୋକଠାରୁ ପେଯ ପିଇବା ବରଂ ଶ୍ରେୟସ୍କର, ମାତ୍ର ଉଘେଇବା ଲୋକଠାରୁ ଖିରି ପୁରି ଖାଇବା ଉଚିତ ନୁହେଁ। କାରଣ ଏପରି ଲୋକଙ୍କ ଆଚରଣ ମନ୍ଦ ହୋଇଥିବାସ୍ଥଳେ ବେଳେବେଳେ ଅକାରଣରେ ନିନ୍ଦିତ ହେବାର ମଧ୍ୟ ସମ୍ଭାବନା ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଘୋଷଯାତ୍ରା ପାଇଁ ରଥକାର୍ଯ୍ୟ ଅନୁକୂଳ



ରଥ ନିର୍ମାଣ ପାଇଁ ପବିତ୍ର ଅକ୍ଷୟତୃତୀୟାରେ ବୁଧବାର ଶ୍ରୀମନ୍ଦିରରୁ ପୂଜାପଣ୍ଡା ସାମନ୍ତ ଆଣିଥିବା ୩ ଆଜ୍ଞାମାଳକୁ ରଥଖଳାରେ ୩ଟି ଧଉରା କାଠରେ ଲାଗି କରାଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)



ଶ୍ରୀମନ୍ଦିର ପୁରୋହିତ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ କରୁଛନ୍ତି।

**ପୁରୀ,୩୦।୪(ଅଜିତ୍ କୁମାର ମହାନ୍ତି)**

ଚଳିତବର୍ଷ ଜୁନ୍ ୨୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏଥିପାଇଁ ବୁଧବାର ପବିତ୍ର ଅକ୍ଷୟତୃତୀୟାରେ ରଥ ନିର୍ମାଣ କାର୍ଯ୍ୟର ଶୁଭ ଅନୁକୂଳ ହୋଇଛି। ଗୁରୁବାରଠାରୁ ରଥଖଳାରେ ରଥ ନିର୍ମାଣ ଆରମ୍ଭ ହେବ। ସେହିପରି ଅକ୍ଷୟତୃତୀୟା ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତି ସମ୍ପନ୍ନ ହୋଇଛି।

ବୁଧବାର ଭୋର ୪ଟାରେ ମନ୍ଦିର ଦ୍ୱାର ଫିଟାଯାଇ ୪ଟା ୩୫ରେ ଭିତରଶୋଧ ହୋଇଥିଲା। ୪ଟା ୪୦ରେ ମଙ୍ଗଳ ଆଳତି ବଢ଼ି ପରବର୍ତ୍ତୀ ନୀତି ସମ୍ପନ୍ନ କରାଯାଇଥିଲା। ପୂର୍ବାହ୍ନ ୯ଟା ୨୫ରେ ମହାପ୍ରଭୁଙ୍କ ସକାଳ ଧୂପ ସରି ୧୦ଟା ୧୫ରେ ମଇଲମ ହୋଇ ୧୧ଟାରେ ଯାତ୍ରାଙ୍ଗୀ ମହାସ୍ନାନ ବଢ଼ିଥିଲା। ପରେ ପୂର୍ବଦିନରୁ ଅଧିବାସ ହୋଇ ରହିଥିବା ପ୍ରାୟ ୭କିଲୋ ଚନ୍ଦନକୁ ପୂଜାପଣ୍ଡା ସାମନ୍ତ, ପତିମହାପାତ୍ର, ମୁଦିରସ୍ତ ଏବଂ ୩ଜଣ ପାଳିଆ ପୁଷ୍ପାଳକ ଭୋଗମଣ୍ଡପ ଘରଠାରୁ ବେଢ଼ାକୁ ନେଇ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ତିନିଘେରା ପରିକ୍ରମା କରିଥିଲେ। ପାଣି ପଡ଼ି ଖଇକୋରା ଭୋଗ ସମାପନ ପରେ ପୂଜାପଣ୍ଡା ସାମନ୍ତ, ପତିମହାପାତ୍ର, ମୁଦିରସ୍ତ ଏବଂ ୩ଜଣ ପାଳିଆ

### ଆଜିଠୁ ରଥ ନିର୍ମାଣ

ପୁଷ୍ପାଳକଙ୍କ ଦ୍ୱାରା ଛାମୁ ଖୁଣ୍ଟିଆଙ୍କ ମଣିମା ଡାକ ପୂର୍ବକ ସର୍ବାଙ୍ଗ ଚନ୍ଦନଲାଗି କରାଯାଇଥିଲା। ୬ ମୂର୍ତ୍ତି ଅଳଙ୍କାର, ଅଳକା, ଚଉସରା, ଗୁଣା, ଝୁମ୍ପା ସହ ବେଶ ଅନୁଷ୍ଠିତ ହୋଇଥିଲା। ତଳୁଛ, ପଧାନୀ ହାତମୁଦ ପଟୁଆର ସହ ଭୋଗ ଆଣିବା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ। ମଧ୍ୟାହ୍ନ ଧୂପ ଷୋଡ଼ଶ ଉପଚାରରେ ଭୋଗ ପରେ ଯାତଭୋଗ ସମ୍ପନ୍ନ ହୋଇଥିଲା। ନକ୍ଷତ୍ର ଓ ଭୋଗ ବନ୍ଦାପନା ପରେ ଶ୍ରୀରାମକୃଷ୍ଣ, ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇ ପାଲିଙ୍କି ଓ ବିମାନକୁ ବିଜେ କରିଥିଲେ। ସେହିପରି ୩ ବାଡ଼ରୁ ୩ ଜଣ ପୂଜାପଣ୍ଡା ଆଣିଥିବା ଆଜ୍ଞାମାଳ ଧରି ଆଗରେ ଏବଂ ବିଜେ ପ୍ରତିମା ପଟୁଆରରେ ଶ୍ରୀନଅର ନିକଟ ରଥଖଳାକୁ ବିଜେ କରିଥିଲେ। ଅପରପକ୍ଷରେ ପୂର୍ବରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ତିନିଖଣ୍ଡ ଧଉରା କାଠକୁ ବିଧିବିଧାନ ଅନୁଯାୟୀ ଧୁଆଯାଇ ରଖାଯାଇଥିଲା। ଶୋତ୍ରୀୟ ବ୍ରାହ୍ମଣମାନେ ରଥଖଳାରେ ବନଯାଗ ପଦ୍ଧତିରେ ହୋମ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଶ୍ରୀମନ୍ଦିରରୁ ବୈଷ୍ଣବାଗ୍ନି ଆଣି ହୋମରେ ଅଗ୍ନି ସ୍ଥାପନ କରାଯାଇଥିଲା। ନୃସିଂହ ମନ୍ତ୍ରରେ ଆହୁତି ଦିଆଯାଇଥିଲା। ମା' ଦକ୍ଷିଣକାଳୀଙ୍କ ମନ୍ତ୍ରରେ ତିନୋଟି କୁରାଢ଼ିକୁ ଅଭିମନ୍ତ୍ରିତ କରି ପୂଜା କରାଯାଇଥିଲା। ଶ୍ରୀମନ୍ଦିରରୁ ୩ଜଣ ପୂଜାପଣ୍ଡା ଆଜ୍ଞାମାଳ ଧରି ଆସିବା ପରେ ପାଟ୍ଟଯୋଶୀ ମହାପାତ୍ରଙ୍କ ଉପସ୍ଥିତିରେ ରଥ ନିର୍ମାଣକାରୀ ବିଶ୍ୱକର୍ମା ମହାରଣା, ରୂପକାର, ଓଝା ଏବଂ ଭୋଇ ସେବକମାନଙ୍କ ଶାଢ଼ିବନ୍ଧା ନୀତି ଦେଉଳକରଣ ସମାପନ କରିଥିଲେ। ପରେ ରଥତ୍ରୟ ନିର୍ମାଣର ଶୁଭାନୁକୂଳ ନିମନ୍ତେ ପୂଜା ପାଇଁ ରଖାଯାଇଥିବା ୩ଟି ଧଉରା କାଠରେ ଆଜ୍ଞାମାଳ ଲାଗି କରାଯାଇଥିଲା। ତିନିରଥର ମୁଖ୍ୟ ମହାରଣାମାନଙ୍କ ଦ୍ୱାରା ଅନୁକୂଳ ନୀତି ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ, ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଜିଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ଅନୁକୂଳ କାର୍ଯ୍ୟ ସମ୍ପନ୍ନ ପରେ ଠାକୁରମାନେ ଚାପ ଖେଳିବାକୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଯାତ୍ରା କରିଥିଲେ।

# କନିଷ୍ଠ ବର୍ଗ ଭାରୋତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ

**ସମର କ୍ୟାମ୍ପ**

ମାଲକାନଗିରି,୩୦।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡ଼ା ଭବନ ପରିସରରେ ଗତ ୧୫ ଦିନଧରି ଚାଲିଥିବା ସମର କ୍ୟାମ୍ପ କନିଷ୍ଠ ବର୍ଗର ଭାରୋତ୍ତୋଳନ ବୁଧବାର ଫାଇନାଲ ପ୍ରତି ଯୋଗିତା ଶେଷ ହୋଇଛି। ୩୦ ଛାତ୍ର ଏଥିରେ ଭାଗ ନେଇଥିବା ବେଳେ ଫାଇନାଲରେ ୧୦ ଜଣ ଛାତ୍ର କୃତିତ୍ୱ ଅର୍ଜନ କରିଥିଲେ । ୧୦ ଜଣ ଛାତ୍ରଙ୍କ ମଧ୍ୟରୁ କୃଷ୍ଣ ପଡିଆମ, ଅଜୟ କବାସୀ, କର୍ଣ୍ଣ ମାଝୀ, ଯଶୋବନ୍ତ ନାୟକ, ରାମ କୁରାମୀ, ବବଲୁ ହରିଜନ, ସୁନାଧର କବାସୀ, ପ୍ରକାଶ ଗାଦବା, ପପୁ ବାଘ ଓ ଏମ୍.ଡି. ବାବର ରହିଛନ୍ତି। କ୍ରୀଡା ଭବନ ପରିସରରେ ଅତିଥି ଭାବେ ବରିଷ୍ଠ ନାଗରିକ ଦୁର୍ଯ୍ୟୋଧନ ପାତ୍ର ଯୋଗଦେଇ କୃତୀ ଛାତ୍ରଙ୍କୁ ମାନପତ୍ର ସହ ସମ୍ମାନୀତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡା ଅଧିକାରୀ ଜଗେଶ୍ୱର ନାୟକ, ଭାରୋତ୍ତୋଳନ କୋଚ ଭକ୍ତରାମ ଦେହୁରି, ବ୍ୟାଡ୍‌ମିଣ୍ଟନ କୋଚ ବି. ରବି କିରଣ, ଜିମ୍ ଟ୍ରେନର ପଦ୍ମଲୋଚନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।



ଭାରୋତ୍ତୋଳନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥି ।

## ଦୟଣା ଶ୍ରୀକ୍ଷେତ୍ରରେ ଅକ୍ଷୟ ତୃତୀୟା



ମାଲକାନଗିରି, ୩୦।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ପରକନମାଲା ପଞ୍ଚାୟତର ସିରିପେଟା ଦୟଣା ଶ୍ରୀକ୍ଷେତ୍ରରେ ଅକ୍ଷୟ ତୃତୀୟା ପାଳିତ ହୋଇ ଯାଇଛି। ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରେ ଜଗନ୍ନାଥ, ବଳଭଦ୍ର ସୁଭଦ୍ରା ଓ ସୁଦର୍ଶନଙ୍କ ପୂଜାର୍ଚ୍ଚନା ପରେ ନିକଟସ୍ଥ ଜମିରେ ଅକ୍ଷିମୁଠି ଅନୁକୂଳ କରାଯାଇଥିଲା। ପରେ ଆଗାମୀ ରଥଯାତ୍ରା ପାଇଁ ନିର୍ମିତ ରଥରେ ନୂତନ କାଠରେ ତିଆରି ଅଖଯୋଡା ପାଇଁ ରଥ ତିଆରି ଅନୁକୂଳ ହୋଇଥିଲା। ପୂଜକ ବିଦେଶୀ ପ୍ରହରାଜ, ଲଇଖନ ମାଢି ଓ ରଘୁନାଥ ମାଢି ଅନୁକୂଳ ଆରମ୍ଭ କରିଥିଲେ । ଏହି ଅବସରରେ ଦୟଣା ଶ୍ରୀକ୍ଷେତ୍ର ଟ୍ରଷ୍ଟ ସଦସ୍ୟ ସନାତନ ମାଢି, ସମ୍ବନ୍ଧ ମାଢି, ଶିବ ପୂଜାରୀ, ହରି ମାଢି, ରମେଶ ପୂଜାରୀ ଉପସ୍ଥିତ ଥିଲେ ।

# କୋରୁକୋଣ୍ଡା, ବାଲିମେଳାରେ କାଳବୈଶାଖୀ

**ଭାଙ୍ଗିଲା ଗଛ, ଛିଣ୍ଡିଲା ବିଦ୍ୟୁତ୍ ତାର**

କୋରୁକୋଣ୍ଡା,୩୦।୪(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା, କୁଡୁମୁଲୁଗୁମ୍ମା ଓ କୋରୁକୋଣ୍ଡା ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ବୁଧବାର ଅପରାହ୍ନ ପ୍ରାୟ ୪.୩୦ରେ ଅଧ ଘଣ୍ଟାରୁ ଊର୍ଦ୍ଧ୍ୱ ହୋଇଥିବା କାଳବୈଶାଖୀ ତାଣ୍ଡବ ରଚିଥିଲା। ହଠାତ ପ୍ରାୟ ୪୦ କି.ମି.ବେଗରେ ପବନ ବହିବା ସହ ବର୍ଷା ହୋଇଥିଲା। ଏଥିରେ ବାଲିମେଳା ସହରରର ଥିବା ବିଦ୍ୟୁତ୍ ସବ୍‌ଷ୍ଟେଶନ, କୁଡୁମୁଲୁଗୁମ୍ମାରେ ଥିବା ସବ୍‌ଷ୍ଟେଶନ ଭିତରେ ବଡ ବଡ଼ ଗଛ ଭାଙ୍ଗି ୩୩ କେଭି ତାର ଉପରେ ପଡିବା ଯୋଗୁ ଛିଣ୍ଡିଯାଇଛି। ସେହିପରି କୋରୁକୋଣ୍ଡାରେ ଥିବା ଇନ୍ଦିରା କଲୋନିରେ ଗଛ ପଡି ତାର ଛିଣ୍ଡିବା ସହ ତିନୋଟି ଖୁଣ୍ଟ ଭାଙ୍ଗିଛି। ଏମ୍‌ଭି -୫୧ ଗ୍ରାମରେ ତାର ଉପରେ ଗଛପଡି ଛିଣ୍ଡି ଥିବା ଜଣା ପଡିଛି। ବିଭାଗ ପକ୍ଷରୁ ବାଲିମେଳା ସହର ସମେତ କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରେ ବହୁ ସ୍ଥାନରେ ଗଛ ଭାଙ୍ଗି ପଡିବା ସହ ଅନେକ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି। ବିଭିନ୍ନ ସ୍ଥାନରେ ତାର ଛିଣ୍ଡିବା ଯୋଗୁ ବହୁ ଅଞ୍ଚଳ ଅନ୍ଧାରରେ ରହିଛି। ବିଦ୍ୟୁତ୍ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗଛଗୁଡିକୁ କାଟି ମରାମତି କାର୍ଯ୍ୟ ଜାରି ରଖିଥିବା ବରିଷ୍ଠ କର୍ମଚାରୀ ମଳୟ ପଟ୍ଟନାୟକ ଏବଂ ସୁଶାନ୍ତ କୁମାର କର ପ୍ରମୁଖ ସୂଚନା ଦେଇଛନ୍ତି ।

# ନୂତନ ଜଗନ୍ନାଥ ମନ୍ଦିର କମିଟି ଗଠନ



ମାଥିଲି, ୩୦।୪(ସୁବାଷ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ହନୁମାନ ମନ୍ଦିର ପରିସରରେ ମାଥିଲି ଜିଲା ପରିଷଦ ସଭ୍ୟା ସୁସ୍ମିତା ମାଝୀଙ୍କ ସଭାପତିତ୍ୱରେ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ ମନ୍ଦିର ପୁରୁଣା କମିଟିକୁ ରଦ୍ଦ କରାଯାଇ ଗ୍ରାମର ବୁଦ୍ଧିଜୀବୀ, ଜନସାଧାରଣ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ନୂତନ ଜଗନ୍ନାଥ ମନ୍ଦିର କମିଟି ଗଠନ କରାଯାଇଛି। କମିଟିରେ ସଭାପତି ଭାବେ ମାଥିଲି ସରପଞ୍ଚ କାନାମରାଜୁ ନାୟକ, ଉପସଭାପତି ଏମ୍.ରାବଣା ଆୟାର, ସମ୍ପାଦକ ରାଜେନ୍ଦ୍ର ଦଳପତି,ସହ ସମ୍ପାଦକ ବନ୍ଧୁ ମୁଦୁଲି,କୋଷାଧକ୍ଷ ଭାବେ ରାଜୀବ ବେହେରାଙ୍କୁ ଚୟନ କରାଯାଇଥିଲା। ତହସିଲଦାର ମାନସୀ ଭୋଇ, ଥାନା ଅଧିକାରୀ ଦୀପାଞ୍ଜଳି ପ୍ରଧାନ,ଜିପିଓ ରତନ ରାୟ, ବଜାର କମିଟି ସଭାପତି ଶ୍ରୀକାନ୍ତ ଚୌଧୁରୀଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ ।


DSPL-49



ଶ୍ରମିକ ଦିବସ ଉପଲକ୍ଷେ
ଶ୍ରମ ଓ କର୍ମଚାରୀ
ରାଜ୍ୟବୀମା ମନ୍ତ୍ରୀଙ୍କ ବାର୍ତ୍ତା

ଶ୍ରମିକ ଦିବସର ଶୁଭ ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇ ଓ ଭଉଣୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ଦେଶ ତଥା ରାଜ୍ୟର ଉନ୍ନତି ନିମନ୍ତେ ଉଭୟ ସଂଗଠିତ ଓ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ଭାଇ ଓ ଭଉଣୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ନିମନ୍ତେ ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରି ବିଭିନ୍ନ କଲ୍ୟାଣକାରୀ ଯୋଜନା ହାତକୁ ନେଇଛନ୍ତି। ଏହି ସବୁ ଯୋଜନା ସେମାନଙ୍କ ଜୀବନର ମାନ ବୃଦ୍ଧିରେ ନିଶ୍ଚିତ ରୂପେ ସହାୟକ ହୋଇପାରିବ।

ମୁଁ ଆଜିର ଏହି ପବିତ୍ର ଦିବସରେ ସମସ୍ତ ଶ୍ରମିକ ଭାଇ ଓ ଭଉଣୀଙ୍କୁ ବିଶେଷ ଭାବରେ କୃତଜ୍ଞତା ଜ୍ଞାପନ କରିବା ସହିତ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟ ରୂପେ ଗଢ଼ିତୋଳିବା ପାଇଁ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ କରୁଛି।

(ଗଣେଶ ରାମ ସିଂ ଖୁଣ୍ଟିଆ)

OIPR-17002/13/0015/2526

DSPL-48



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରମିକଙ୍କ ପ୍ରତି ସମର୍ପିତ ଓଡ଼ିଶା ସରକାର

୧ ମଇ ୨୦୨୫

ଆନ୍ତର୍ଜାତିକ ଶ୍ରମିକ ଦିବସ

ରାଜ୍ୟସ୍ତରୀୟ ସମାରୋହ

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

"ଓଡ଼ିଶା ଶ୍ରମିକ ସାଥୀ"
ମୋବାଇଲ୍ ଆପ୍‌ର ଲୋକାର୍ପଣ

୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସହାୟତା ରାଶି
ବିଭିନ୍ନ କଲ୍ୟାଣ ବୋର୍ଡ ଜରିଆରେ ରାଜ୍ୟବ୍ୟାପୀ ବଣ୍ଟନ

ଭୁବନେଶ୍ୱରର ଡୁମୁଡୁମା ଏବଂ କଳ୍ପନା ଛକରେ
"ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର"ର ଲୋକାର୍ପଣ

ଗରିମାମୟ ଉପସ୍ଥିତି

ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ

ଡା. କୃଷ୍ଣଚନ୍ଦ୍ର ମହାପାତ୍ର
ଗୃହ ଓ ନଗର ଉନ୍ନୟନ ଏବଂ ସାର୍ବଜନୀନ ଉଦ୍ୟୋଗ ମନ୍ତ୍ରୀ

ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ
ସାଂସଦ, ଭୁବନେଶ୍ୱର

ଶ୍ରୀ ବାବୁ ସିଂହ
ବିଧାୟକ, ଏକାମ୍ର-ଭୁବନେଶ୍ୱର

ଶ୍ରୀମତୀ ସୁଲୋଚନା ଦାସ
ମେୟର, ଭୁବନେଶ୍ୱର ମହାନଗର ନିଗମ

ଦିବା ୧୦:୩୦ ଘଟିକା | କୃଷି ଶିକ୍ଷା ସଦନ, ଓ.ୟୁ.ଏ.ଟି, ଭୁବନେଶ୍ୱର

ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ସରକାର

OIPR-17002/13/0014/2526

# ଭାରତୀୟ ପରମ୍ପରାରେ ଖାଦ୍ୟାଭ୍ୟାସ



ଦେବଦତ୍ତ ପଟ୍ଟନାୟକ

ଅନେକ ତୀର୍ଥସ୍ଥଳକୁ ଶାକାହାର କ୍ଷେତ୍ରରେ ପରିଣତ କରାଯାଉଛି। ପ୍ରଥମେ ଜୈନ ତୀର୍ଥସ୍ଥଳୀକୁ ଏଭଳି କରାଯିବା ପରେ ଏବେ ଏହା ହିନ୍ଦୁ ତୀର୍ଥସ୍ଥଳୀରେ କରାଯାଉଛି। ଆମର ଧାରଣା ରହିଛି ଯେ, ଶାକାହାର ଖାଦ୍ୟ ଅହିଂସକ (ଏହା ପ୍ରକୃତରେ ନୁହେଁ) ଏବଂ ଅଣ୍ଡା, ମାଛ ଓ ମାଂସ ଅଶୁଦ୍ଧ ଓ ଦୂଷିତ (ବାସ୍ତବରେ ତାହା ନୁହେଁ)। ଆମର ଆଉ ମଧ୍ୟ ଧାରଣା ଅଛି ଯେ, ଶାକାହାର ଖାଦ୍ୟକୁ ଈଶ୍ୱର ପସନ୍ଦ କରନ୍ତି (କେବେଠାରୁ କାହାକୁ ଜଣାନାହିଁ) । ଦେଖିବାକୁ ଗଲେ ବିଶ୍ୱାସ ଯୁକ୍ତିଯୁକ୍ତ କିମ୍ବା ବିଜ୍ଞାନସମ୍ମତ ନୁହେଁ। ବିଶ୍ୱାସ ହେଉଛି ସେହି ସିଦ୍ଧାନ୍ତ ଯାହା ସମାଜରେ ଲୋକଙ୍କୁ ବାନ୍ଧି ରଖେ। ସମାଜରେ ଏବେ ସୁଦ୍ଧା ବିଶ୍ୱାସ ରହିଛି , ବ୍ରାହ୍ମଣ ଖାଦ୍ୟାଭ୍ୟାସ ହେଉଛି 'ଠିକ୍' ହିନ୍ଦୁଙ୍କ ଖାଦ୍ୟାଭ୍ୟାସ। ଏହା ହେଉଛି ପୂରା ମିଛ, ଯାହାକୁ ଏକ ହିନ୍ଦୁ ଭୋଟ ବ୍ୟାଙ୍କ ସୃଷ୍ଟି କରିବା ଲାଗି ରାଜନୈତିକ ଗୋଷ୍ଠୀଙ୍କ ଦ୍ୱାରା ପ୍ରଚାର କରାଯାଉଛି । ଭାରତକୁ ଏକାଠି କରିବାକୁ ଚାହୁଁଥିବା ଅନେକ ରାଜନୈତିକ ଗୋଷ୍ଠୀ ପାର୍ଟି ମୁଖ୍ୟାଳୟ, ସରକାରୀ ସ୍କୁଲ, କଲେଜ, କାର୍ଯ୍ୟାଳୟ ଏବଂ ଜେଲଗୁଡ଼ିକରେ ଶାକାହାର କ୍ୟାଣ୍ଟିନ ପାଇଁ ଜୋର୍ ଦେଉଛନ୍ତି। କିନ୍ତୁ ଭାରତରେ ୮୦ ପ୍ରତିଶତ ଲୋକ ମାଂସ ଖାଆନ୍ତି ବୋଲି ସେମାନେ କେବେ ବି ଚିନ୍ତା କରୁନାହାନ୍ତି । କଶ୍ମୀର, ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ବ୍ରାହ୍ମଣ ସମ୍ପ୍ରଦାୟର ଲୋକେ ମାଂସ ଖାଇଥାନ୍ତି। ହେଲେ ମାଂସ ଖାଉଥିବା ଦେବତାଙ୍କ ବାସ୍ତବତାକୁ ଅସ୍ୱୀକାର କରାଯାଉଛି। ଆମ ପାର୍ଲାମେଣ୍ଟ କ୍ୟାଣ୍ଟିନରେ କେବେବି ଆଦିବାସୀ ଖାଦ୍ୟ ଦିବସ ପାଳନ ହୁଏ ନାହିଁ। ଏପରିକି ମ୍ୟୁଜିୟମରେ ଥିବା ହରପ୍ପା ସଭ୍ୟତାର ଖାଦ୍ୟ ସଂସ୍କୃତିର ଛବିରେ ମାଂସ ଭକ୍ଷଣ ପରମ୍ପରା ଦେଖିବାକୁ ମିଳେ ନାହିଁ।

ଭାରତରେ ଅନେକ ସମ୍ପ୍ରଦାୟର ଲୋକ ଦୀର୍ଘ ଶତାବ୍ଦୀ ଧରି ଗାଁରେ ହେଉଥିବା ଉତ୍ସବରେ ବଳୁଥିବା ଖାଦ୍ୟ ଖାଇ ଆସିଛନ୍ତି ଏବଂ ମଲାପଶୁଙ୍କ ମାଂସ ମଧ୍ୟ ଖାଇ ଆସିଛନ୍ତି। ଏହା କେବେ ବି ସେମାନଙ୍କ ପସନ୍ଦ ନ ଥିଲା। ଏହାକୁ ବ୍ରାହ୍ମଣମାନେ ଜନ୍ମ ନିର୍ଦ୍ଧାରିତ ସ୍ୱଧର୍ମ ବୋଲି କହନ୍ତି। କିନ୍ତୁ ଏବେ ଏକ ଜାତି ବିହୀନ ସମାଜ ଗଠନ କରିବା ପାଇଁ ଏହିସବୁ ସମ୍ପ୍ରଦାୟଗୁଡ଼ିକୁ କୁହାଯାଉଛି ଯେ, ଭାରତର ଧନୀ ବ୍ୟବସାୟୀ ଗୋଷ୍ଠୀଙ୍କ ଶାକାହାର ଖାଦ୍ୟ ଖାଇବା ଦ୍ୱାରା ସେମାନଙ୍କ ଉତ୍ଥାନ ସହଜରେ ହୋଇପାରିବ। ଏହି ଧନିକ ବଣିକ ଗୋଷ୍ଠୀ ଭାରତରେ ଅଧିକାଂଶ ସଂସାଧନ ନିୟନ୍ତ୍ରଣ କରିବା ସହ ରାଜନୈତିକ ଦଳଗୁଡ଼ିକ ପାଇଁ ପ୍ରମୁଖ ପାଣ୍ଠି ଯୋଗାଡ଼ିଆ ପାଲଟିଛନ୍ତି। ତେବେ ପବିତ୍ରତାର



ମଡେଲ ଶିଖ ସମ୍ପ୍ରଦାୟର ସମ୍ପୂର୍ଣ୍ଣ ଶାକାହାର ରୋଷଘରେ ଦେଖିବାକୁ ମିଳେ। ଶିଖ ସମ୍ପ୍ରଦାୟର ନେତାମାନଙ୍କ ଅନୁଯାୟୀ, ଏଥିରେ ଜାତିର କୌଣସି ସମ୍ପର୍କ ନାହିଁ। ଏବେ ମାଝାବି ଶିଖ( ଯେଉଁମାନେ ପରିମଳ କାର୍ଯ୍ୟରେ ଜଡ଼ିତ)ଙ୍କ ସଂଖ୍ୟା ବୃଦ୍ଧି ପାଇବା ଯୋଗୁ ଶିଖ ନେତାମାନେ ବିପଦରେ ପଡ଼ିଛନ୍ତି। କାରଣ ମାଝାବି ଶିଖମାନେ କୌଣସି କଟକଣା ନ ଥିବା ପ୍ରୋଟେଷ୍ଟାଣ୍ଟ ଖ୍ରୀଷ୍ଟଧର୍ମ ପ୍ରତି ଆକର୍ଷିତ ହେଉଛନ୍ତି।

ରଣଭୂମିରେ ଏକ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଖାଦ୍ୟ ସମ୍ପର୍କିତ ଉପଦେଶ ଦିଆଯାଇଥିବା ଦେଖାଯାଏ। ମହାଭାରତ ଯୁଦ୍ଧରେ ଅଧିକାର ଛଡ଼ାଇନେଇଥିବା ସମ୍ପର୍କୀୟ ଭାଇମାନଙ୍କ ବିରୋଧରେ ଅସ୍ତ୍ର ଧରିବାକୁ ଅର୍ଜ୍ଜୁନଙ୍କୁ କୃଷ୍ଣ ବୁଝାଇଥିଲେ। ଏହି ସମୟରେ କୃଷ୍ଣ ବିଭିନ୍ନ ଭାଗରେ ବିଭକ୍ତ ଖାଦ୍ୟ ଯଥା ସାତ୍ତ୍ୱିକ, ରାଜସିକ ଓ ତାମସିକ ଖାଦ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କରିଥିଲେ। ଖାଦ୍ୟ ଜାତି ଗଢ଼ିଛି। ତିନି ପ୍ରକାର ଖାଦ୍ୟ ଚାରି ପ୍ରକାରର ଜାତିକୁ ଜନ୍ମ ଦେଇଛି ଏବଂ ପ୍ରତ୍ୟେକ ଜାତିର କର୍ତ୍ତବ୍ୟ ରହିଛି। ତେବେ ମହାଭାରତର ଖାଦ୍ୟ ବର୍ଗୀକରଣ ପରଠାରୁ ବଡ଼ ପରିବର୍ତ୍ତନ ହୋଇଥିବା ଜଣାପଡ଼େ। ଗୃହପାଳିତ ଏବଂ ବନ୍ୟପ୍ରାଣୀ ମାଂସ ରାଜା ଓ ସେମାନଙ୍କ ପୂଜକମାନେ ଅତ୍ୟଧିକ ଖାଇବା ଦେଖାଯାଏ। ରନ୍ତିଦେବଙ୍କ ରୋଷଘରେ ଅତ୍ୟଧିକ ମାଂସ ପରଷାଯାଉଥିବା ବେଶ୍ ଜଣାଶୁଣା। ପ୍ରସିଦ୍ଧ ରାଜ ରୋଷେୟା ଭାବେ ନଳ ରୋଷେଇ ସମ୍ପର୍କରେ 'ପାକଦର୍ଶନ' ନାମକ ଏକ ବହି ଲେଖିଥିବା କୁହାଯାଏ। ଅନ୍ନ ଓ ମାଂସରେ ପ୍ରସ୍ତୁତ ବିରିଆନୀ ଭଳି ଖାଦ୍ୟ 'ମନସୋଦନ' ସମ୍ପର୍କରେ ସେଥିରେ ବର୍ଣ୍ଣନା ରହିଛି। କିନ୍ତୁ ମହାଭାରତ ମହାକାବ୍ୟକୁ ହିନ୍ଦୀରେ ଅନୁବାଦ କରିବା ପରେ ସେଥିରେ ମାଂସ ପରିବର୍ତ୍ତେ କଖାରୁ ଓ ଲାଉ ଉଲ୍ଲେଖ କରାଯାଇଛି। ଅନେକ ସଂସ୍କୃତ ବିଦ୍ୱାନ ଯୁକ୍ତି ଦର୍ଶାନ୍ତି ଯେ, ସଂସ୍କୃତରେ ମାଂସ ଶବ୍ଦକୁ ଫଳର ରସାଳ ଅଂଶ ତଥା ପଶୁର ମାଂସ ଭାବେ ଲେଖାଯାଇପାରିବ। ଏଭଳି ଯୁକ୍ତିକୁ ଦେଖିଲେ ବୈଦିକ ବୀରମାନଙ୍କୁ ଶାକାହାରୀ କିମ୍ବା ମାଂସାହାରୀ ଭାବେ ବିଚାର କରାଯାଇପାରେ।

କୃଷ୍ଣଙ୍କ ତଥାକଥିତ ଖାଦ୍ୟ ସମ୍ପର୍କିତ ଉପଦେଶକୁ ଆଧାରକରି ତାଙ୍କର ଅନେକ ଅନୁଗାମୀ ସ୍କୁଲ ପିଲାଙ୍କ ମଧ୍ୟାହ୍ନଭୋଜନରେ ଅଣ୍ଡା ଦେବାକୁ ମନା କରନ୍ତି ଏବଂ ଅନ୍ୟମାନଙ୍କୁ ମଧ୍ୟ ଏଭଳି କରିବାକୁ କହିଥାନ୍ତି। ବୈଷ୍ଣବ ବ୍ରାହ୍ମଣମାନଙ୍କ ମତରେ ସାତ୍ତ୍ୱିକ ଖାଦ୍ୟ ହେଉଛି ଏକ ବିଜ୍ଞାନସମ୍ମତ ସନ୍ତୁଳିତ ଖାଦ୍ୟଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ବୈଷ୍ଣବ ବ୍ରାହ୍ମଣଙ୍କ ଖାଦ୍ୟାଭ୍ୟାସ ସହ ଜୈନ ପ୍ରତିଷ୍ଠାତା ଏକମତ ଥିବା ଦେଖାଯାଏ। ଜୈନ କାହାଣୀଗୁଡ଼ିକରେ ବର୍ଣ୍ଣନା ଅଛି ଯେ, ବାହାଘର ଭୋଜି ପାଇଁ ହତ୍ୟା କରାଯିବା ଲାଗି ଏକାଠି କରାଯାଇଥିବା ପଶୁମାନଙ୍କ ବିକଳ ରଡ଼ି ଶୁଣି ନେମିନାଥ ଶାକାହାରୀ ହୋଇଯାଇଥିଲେ। ଭାରତର ଅଧିକାଂଶ ବ୍ୟବସାୟୀ ଗୋଷ୍ଠୀ ଖାଦ୍ୟ ବିଷୟରେ ଅହିଂସାକୁ ଗ୍ରହଣ କରନ୍ତି ନାହିଁ। ବିଶେଷକରି ବଡ଼ ବଡ଼ ଉତ୍ସବ କିମ୍ବା ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମରେ ଅହଂସା ବା ପଶୁହତ୍ୟାକୁ ଗ୍ରହଣ କରାଯାଉଛି।

କଶ୍ମୀର ପଣ୍ଡିତମାନେ ହେରଥ (ହର-ରାତି, ଶିବ-ରାତି) ପର୍ବରେ ଶିବ ଓ ଶକ୍ତିଙ୍କ ଉପାସନାରେ ମାଂସ ଅର୍ପଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ମହାରାଷ୍ଟ୍ରରେ କୈବର୍ତ୍ତମାନେ ଗୌରୀଙ୍କୁ ମାଛ ଅର୍ପଣ କରିଥାନ୍ତି। ଏହି ସମୟରେ ତାଙ୍କୁ ଭୋଗ ଆକାରରେ ଦିଆଯାଇଥିବା ମାଛ ଯେଭଳି ତାଙ୍କ ପୁତ୍ର ଗଣେଶଙ୍କୁ ଅସନ୍ତୁଷ୍ଟ ନ କରେ ସେଥିପାଇଁ ଏକ ପରଦା ଢାଙ୍କି ଦିଆଯାଏ। ଅବଶ୍ୟ ଗଣେଶ ହେଉଛନ୍ତି ସମ୍ପୂର୍ଣ୍ଣ ଶାକାହାରୀ। ଓଡ଼ିଶାର ପୁରୀ ଜଗନ୍ନାଥ ମନ୍ଦିରରେ, ବିରାଟକାୟ ରୋଷଘରେ ଶାକାହାର ପ୍ରସ୍ତୁତ କରାଯାଏ। କିନ୍ତୁ ମା' ବିମଳାଙ୍କୁ ରାତିରେ ଗୁପ୍ତରେ ଛାଗବଳି ଦିଆଯିବା କଥା ଆଲୋଚନା ହୁଏ। ଗୋଦାବରୀ ଅବବାହିକାର ବିଭିନ୍ନ ଅଞ୍ଚଳରେ ମାଟିର ଉର୍ବରତା ବଢ଼ାଇବା ପାଇଁ ଗ୍ରାମଦେବତୀଙ୍କୁ ମଇଁଷି ବଳି ଦିଆଯାଏ। ତାମିଲର ପେରିୟା ପୁରାଣମ୍‌ରେ ବର୍ଣ୍ଣନା ରହିଛି ଯେ, ଆଦିବାସୀମାନେ ଶ୍ରଦ୍ଧାରେ ଅର୍ପଣ କରୁଥିବା ମାଂସକୁ ଶିବ ଗ୍ରହଣ କରନ୍ତି। ଭାରତରେ ପ୍ରତ୍ୟେକ ସମ୍ପ୍ରଦାୟର ନିଜସ୍ୱ ଦେବଦେବୀ ରହିଛନ୍ତି। ସେମାନଙ୍କର ମଧ୍ୟ ନିଜସ୍ୱ କାହାଣୀ , ପ୍ରତୀକ, ପରମ୍ପରା ଓ ରୀତିନୀତି ଅଛି। ଭାରତକୁ ଏକାଠି କରିବା ପାଇଁ ଅନେକେ ଗୋଟିଏ ଭାଷା, ଗୋଟିଏ ରଙ୍ଗ ଏବଂ ଅଧିକୋତ୍ତର ଭାବେ ଗୋଟିଏ ଖାଦ୍ୟକୁ ଉତ୍ସାହିତ କରୁଥିବା ମନେହେଉଛି। ବିବିଧତାକୁ ବିଭାଜନ ଭାବେ ଉପସ୍ଥାପନ କରାଯାଉଛି। ଏଭଳି ରଣନୀତି ନାସ୍ତିକ ରୋମାନ ସାମ୍ରାଜ୍ୟକୁ ଖ୍ରୀଷ୍ଟିଆନ ରୋମାନ ସାମ୍ରାଜ୍ୟରେ ପରିଣତ କରିଥିଲା। ଏହା କ'ଣ ଭାରତରେ ସଫଳ ହେବ ?

-devduttofficial@gmail.com

## ଭାବରେ ଭଗବାନ



ଅଞ୍ଜନ ଚାନ୍ଦ

ବନ୍ଧୁ ପଚାରିଲେ - ଏବେ ପୁରୀ ଗଲେଣି ? କାହିଁକି ? କ'ଣ ହୋଇଛି ? ସେ କହିଲେ - ପୁରୀର ରୂପ ବଦଳିଯାଇଛି। ମୁଁ କହିଲି ନାହିଁ, କିଛିଦିନ ତଳେ ସେଠାକୁ ଯାଇଥିଲି। ସହରର ଚାକଚକ୍ୟ ଦେଖିଲି। କିନ୍ତୁ ବଡ଼ଦେଉଳରେ ଜଗନ୍ନାଥଙ୍କୁ ପାଇଲିନାହିଁ।୧୯୮୪ରେ ପ୍ରଥମେ ଯାଇଥିଲି ପୁରୀ। ଗାଁ କଲେଜରୁ ସାର୍ଟିଫିକେଟ କାଟିନେଇଥିଲି। ଇଚ୍ଛା ଥିଲା ସେଠାରେ ରହି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଆଚାର୍ଯ୍ୟ ପଢ଼ିବି। ଯାଇ ଶୁଣିଲି ଆଡମିସନ ଡେଟ୍ ଚାଲିଯାଇଛି। ଏବେ କ'ଣ ହେବ ? ବିଭିନ୍ନ ବିଭାଗରେ ସିଟ୍ ଖାଲି ଅଛି। ଡେଟ୍ ହୁଏତ ବଢ଼ିପାରେ। ସେଦିନ ରାତିରେ ହଷ୍ଟେଲରେ ରହିଲି। ଜଣେ ବଡ଼ଭାଇ ସପଟିଏ ଦେଇ କହିଲେ, ଛାତ ଉପରେ ଶୋଇଯାଅ। ଭଲ ପବନ ଲାଗିବ। ଉପରକୁ ଯାଇ ଦେଖେ ତ କି ଚମତ୍କାର ଦୃଶ୍ୟ। ତାରା ଖଚିତ ଆକାଶ ଭିତରକୁ ନୀଳଚକ୍ର ପୂରାଇ ଶ୍ରୀମନ୍ଦିର ଉଲ୍ଲାସରେ ପତିତପାବନ ଉଡ଼ାଉଛି। ସେଇ ମୁହୂର୍ତ୍ତରେ ମନେହେଲା ମୋ ଜୀବନ ସତରେ ଧନ୍ୟ ହୋଇଛି। ଜଗନ୍ନାଥଙ୍କ କୃପା ହେଲେ ଏଇଠି ରହି ଆଚାର୍ଯ୍ୟ ପଢ଼ିବି। ସବୁଦିନ ଏ ଦୃଶ୍ୟ ଦେଖୁଥିବି।

ସକାଳେ ନିତ୍ୟକର୍ମ ସାରି ମନ୍ଦିରକୁ ଗଲି। ଜଗନ୍ନାଥଙ୍କୁ ଦେଖିଲି। ନୀରବରେ ମନୋବାଞ୍ଛା ଜଣାଇଲି। ବୋଧହୁଏ କହୁଥିଲେ, ମୁଁ ଅଛି। ଯା, ଥରେ ଚେଷ୍ଟା କର। ମୁଁ ଡିପାର୍ଟମେଣ୍ଟକୁ ଯାଇ ବ୍ୟାକରଣ ବିଭାଗର ମୁଖ୍ୟ ବନମାଳୀ ସାର୍‌ଙ୍କୁ ଦେଖାକଲି। ସେ ମୋ ସାର୍ଟିଫିକେଟ ଦେଖିଲେ। ପଚାରିଲେ - ତୁମେ ଗୌରାଙ୍ଗର ଛାତ୍ର ? ମଧ୍ୟମାରୁ ବ୍ୟାକରଣ ପଢ଼ିଛ ? ଆମ ଅଧ୍ୟାପକ ଗୌରାଙ୍ଗ ସାର୍ ତାଙ୍କର ଛାତ୍ର ଥିଲେ। ମୋତେ ସାଥିରେ ନେଇ ସେ ଅଫିସକୁ ଗଲେ। ଭିସିଙ୍କୁ କହିଲେ - ମୋ ବିଭାଗରେ ଏଇ ପିଲାଟି ନିହାତି ଦରକାର ଏବଂ ସେଇ ଦିନ ହିଁ ଡେଟ୍ ଗୋଟିଏ ମାସ ବଢ଼ିଗଲା। ଅପେକ୍ଷାରେ ଥିବା ସବୁ ପିଲା ଆଡମିସନ ନେଇଗଲେ।

ପଶ୍ଚିମଦ୍ୱାର ପାଖରେ ରାସ୍ତା ସେପଟେ ତିନିମହଲା କୋଠାଘରଟି ଆମ ୟୁନିଭର୍ସିଟିର ବଏଜ ହଷ୍ଟେଲ ଥିଲା। ଦ୍ୱିତୀୟ ମହଲାର ରାସ୍ତା ପାଖ କୋଠରିରେ ମୁଁ ରହିଲି। ଝର୍କାଦେଇ ଚାହିଁଲେ ନୀଳଚକ୍ର ଓ ପତିତପାବନ ଦିଶେ। ନିତିଦିନ ସକାଳ ସଞ୍ଜରେ ଆମେ ମନ୍ଦିର ଯାଉ। ଜଗନ୍ନାଥଙ୍କୁ ଦର୍ଶନ କରୁ। ମୁଁ ଆଶ୍ଚର୍ଯ୍ୟରେ ଦେଖେ ଲୋକମାନେ ତାଙ୍କ ସହ କଥା ହେଉଛନ୍ତି। ହସୁଛନ୍ତି, କାନ୍ଦୁଛନ୍ତି। ବାହା ଟେକି ନାଚୁଛନ୍ତି। ମୋତେ କେମିତି ଅଡୁଆ ଲାଗେ। ଅଥଚ କିଛିଦିନ ପରେ ମୋ ଭିତରେ ବି ସେଇ ଭାବନା ଆସିଲା। ଜଗନ୍ନାଥ ନିଜର କେହି ଖୁବ୍ ଅନ୍ତରଙ୍ଗ ମନେହେଲେ।

ପୁରୀ ସହର ଓ ବଡ଼ଦେଉଳ ପରିସର ରୂପାନ୍ତରିତ ହେବା ପରେ ଯେବେ ଏକ କୌତୂହଳରେ ପୁଣି ସେଠାକୁ ଗଲି କାହିଁକି କେଜାଣି ପୂର୍ବ ପରି ଦିବ୍ୟ ଆନନ୍ଦ ପାଇପାରିଲି ନାହିଁ। ମନେହେଲା ଯେମିତି ଜଗନ୍ନାଥ ଏବେ ବଡ଼ଲୋକଙ୍କର ହୋଇଯାଇଛନ୍ତି। ସାଧାରଣ ଲୋକ ସହ ଦୁଃଖ ସୁଖ ହେବା ପାଇଁ ତାଙ୍କ ପାଖରେ ଅବସର ନାହିଁ। ସବୁଆଡ଼େ ଜନଗହଳି। ଗହଳି ନିୟନ୍ତ୍ରଣ ପାଇଁ ଅନେକ କଟକଣା। ଭକ୍ତଙ୍କ ମନରୁ ଅନୁରକ୍ତି ଦୂରହୋଇ ବିରକ୍ତି ଭାବ ସୃଷ୍ଟି ହେଉଛି। ଘଣ୍ଟା ଘଣ୍ଟା ଧାଡ଼ିରେ ଠିଆହୋଇ ଠେଲାପେଲା ଭିତରେ ବିଚରା ଲୋକଟିଏ ଭକ୍ତିଭାବ ହରାଇ ବସୁଛି। ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସି କେବଳ ଦେଖିଦେଇ ସେଠାରୁ ଫେରିଯାଉଛି।

ଅମୁକ ଦିନଟି ଖୁବ୍ ଶୁଭ। ସେଦିନ ସମୁକ ଦେବତାଙ୍କୁ ଦର୍ଶନକଲେ ପୁଣ୍ୟଫଳ ମିଳେ। ମନସ୍କାମନା ପୂରଣ ହୁଏ। ଏମିତି ଅନେକ ପ୍ରଚଳିତ ବିଶ୍ୱାସ ଆମକୁ ଧର୍ମପୀଠକୁ ଆକର୍ଷଣ କରୁଛି। ଯେକୌଣସି ପ୍ରକାରେ ଦେବତାଙ୍କୁ ଦେଖିବାର ବ୍ୟଗ୍ରତା କାରଣରୁ ସେଠାରେ ଗହଳି ସୃଷ୍ଟି ହେଉଛି। ଗହଳିକୁ ନିୟନ୍ତ୍ରଣ କରିବାପାଇଁ ବ୍ୟବସ୍ଥା ନାମରେ ଯେଉଁ ଅବ୍ୟବସ୍ଥା ହେଉଛି ତାହା ପୀଠସ୍ଥଳର ପାରିବେଶିକ ପ୍ରଭାବକୁ ନଷ୍ଟ କରିଦେଉଛି।

ବାହ୍ୟ ସଂସାରକୁ ଛାଡ଼ି ନିଜ ଭିତରକୁ ପ୍ରବେଶ କରିବା ପାଇଁ ଆମେ ଆଖି ବନ୍ଦ କରିଦେଉ। ଦେବତାଙ୍କ ସମ୍ମୁଖରେ ଠିଆହୋଇ ତାଙ୍କୁ କିଛି ଜଣାଇବା ସମୟରେ ଆମ ପଲକ ପଡ଼ିଯାଏ। ଅର୍ଥାତ୍ ସେ ଆମ ନିଜ ଭିତରେ ହିଁ ଅଛନ୍ତି। ଅନ୍ତର୍ମୁଖୀ ହେଲେ ତାଙ୍କୁ ଦେଖିହେବ। ଭାବ ବିନିମୟ କରିହେବ। ଅନ୍ୟ ବିଚାରରେ ସେ ତ ସର୍ବବ୍ୟାପ୍ତ। ବିଶ୍ୱ ବ୍ରହ୍ମାଣ୍ଡରେ ସର୍ବତ୍ର ସେ ବିଦ୍ୟମାନ। ସେ ଭାବର ଠାକୁର। ମନରେ ଭାବନା ଥିଲେ ଯେ କୌଣସି ସ୍ଥାନରେ ତାଙ୍କୁ ପାଇହେବ। ଭାବନା ନ ଥିଲେ ଧର୍ମପୀଠ ମଧ୍ୟ ଦେବତାଶୂନ୍ୟ ହୋଇଯିବ।

**ବିକାଶନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର**
**ମୋ: ୬୩୭୦୬୬୧୧୪୭**

## ଏଇ ଭାରତରେ

ଡ. କ୍ରାନ୍ତି ମିଶ୍ରା ନିଜ ସ୍ୱାର୍ଥକୁ ପଛରେ ପକାଇ ଅନ୍ୟମାନଙ୍କ ଆଶାବାଡ଼ି ସାଜିଛନ୍ତି। ସେ ନିଜର ସବୁକିଛି ଦାନ କରିବା ପାଇଁ ବି ପଛାଇନାହାନ୍ତି। ଡ. ମିଶ୍ରା ମଧ୍ୟପ୍ରଦେଶ ସତନା ଜିଲାରେ ଥିବା ଶହୀଦ ପଦମଧର ସିଂହ କଲେଜର ହିନ୍ଦୀ ପ୍ରଫେସର ଭାବେ କାମ କରନ୍ତି। କର୍ତ୍ତବ୍ୟ ଭିତରୁ ସମୟ ବାହାରକରି ସେ ସମାଜସେବାରେ ନିଜ ଜୀବନକୁ ସମର୍ପିତ କରି ଦେଇଛନ୍ତି। ଚାକିରିକାଳର ସମସ୍ତ ରୋଜଗାରକୁ ସେ ସମାଜସେବାର ବିଭିନ୍ନ କାମରେ ଖର୍ଚ୍ଚ କରି ଦେଉଛନ୍ତି। ଗରିବ ଝିଅମାନଙ୍କୁ ମାଗଣାରେ ପାଠ ପଢ଼ାଉଛନ୍ତି ଓ ସେମାନଙ୍କୁ ନିଜ ଖର୍ଚ୍ଚରେ ବିବାହ ମଧ୍ୟ କରାଉଛନ୍ତି। ଏବେ ସୁଦ୍ଧା ୪୦ ଜଣ ଯୁବତୀଙ୍କୁ ସେ ବିବାହ ଦେଇଛନ୍ତି। ଏହାସହ ୬୦ରୁ ଅଧିକ ଛାତ୍ରଙ୍କ ପାଠପଢ଼ା ଖର୍ଚ୍ଚ ବହନ କରି ସେମାନଙ୍କୁ ଆତ୍ମନିର୍ଭର କରି ସାରିଲେଣି। ଏହା ବ୍ୟତୀତ ସ୍ୱଚ୍ଛତା ଅଭିଯାନ, ନିଶାମୁକ୍ତି ଆନ୍ଦୋଳନ, ମହିଳା ସାକ୍ଷରତା ତଥା ଗମନାଗମନ ସୁବିଧା ଆଦି ପାଇଁ ମଧ୍ୟ ଡ. ମିଶ୍ରା ବିଭିନ୍ନ ସଂସ୍ଥା ମାଧ୍ୟମରେ କାମ କରୁଛନ୍ତି। ବିଭିନ୍ନ ରାଲି ଆୟୋଜନ କରି ସେ ଲୋକଙ୍କୁ ସଚେତନ କରୁଛନ୍ତି। ତାଙ୍କ ମତରେ ସମାଜ ଓ ପରିବେଶ ଭଲ ରହିଲେ ହିଁ ସମସ୍ତଙ୍କ ଜୀବନ ସୁଖଶାନ୍ତିରେ କଟିପାରିବ।

## ୫୦ ବର୍ଷ ତଳର ଧରିତ୍ରୀ

୧ ମେ ୧୯୭୬

- ବେଆଇନ ଭାବେ ବା ସରକାରୀ କର୍ତ୍ତୃ ପକ୍ଷଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ନ ହୋଇ କୋଇଲା ଖଣି କରିବା ନିଷିଦ୍ଧ କରାଯାଇ ରାଷ୍ଟ୍ରପତିଙ୍କ ଦ୍ୱାରା ଏକ ନୂଆ ଅର୍ଡିନାନ୍ସ ଜାରି କରାଯାଇଛି।
- ଦିମିତ୍ରୀ ଉସ୍ତିନୋଭ୍‌ଙ୍କୁ ସୋଭିଏଟ ରୁଷିଆର ନୂଆ ପ୍ରତିରକ୍ଷା ମନ୍ତ୍ରୀ ରୂପେ ନିଯୁକ୍ତି ପ୍ରଦାନ।
- ବେରୁଟର ବିଭିନ୍ନ ଅଞ୍ଚଳରେ ବାମପନ୍ଥୀ ଓ ଦକ୍ଷିଣପନ୍ଥୀମାନଙ୍କ ମଧ୍ୟରେ ପ୍ରବଳ ଲଢ଼େଇ ଲାଗି ୭୫ ଜଣ ବ୍ୟକ୍ତି ନିହତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | 6 | | | | 2 | 5 | |
| 5 | | | | 6 | | | 8 | |
| | | 4 | | | | | | |
| | | | 1 | 9 | | | | |
| | 2 | 8 | | | | | | |
| 4 | | | | | | | | 7 |
| 8 | | 3 | | | 7 | | | 4 |
| | | 2 | | 4 | 5 | 9 | | |
| | | 5 | | | 8 | | | 1 |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 2 | 6 | 1 | 3 | 7 | 9 | 5 |
| 9 | 5 | 3 | 2 | 7 | 4 | 1 | 8 | 6 |
| 6 | 7 | 1 | 5 | 8 | 9 | 3 | 2 | 4 |
| 2 | 1 | 6 | 8 | 3 | 5 | 4 | 7 | 9 |
| 4 | 3 | 5 | 9 | 6 | 7 | 2 | 1 | 8 |
| 7 | 9 | 8 | 4 | 2 | 1 | 5 | 6 | 3 |
| 1 | 8 | 7 | 3 | 4 | 6 | 9 | 5 | 2 |
| 3 | 2 | 9 | 7 | 5 | 8 | 6 | 4 | 1 |
| 5 | 6 | 4 | 1 | 9 | 2 | 8 | 3 | 7 |

ଗତକାଲିର ଉତ୍ତର

# ଓଡ଼ିଶା ଓ ଓଡ଼ିଶୀ



ଡ. ପ୍ରଫୁଲ୍ଲ କୁମାର ସାହୁ

ଗୋଟିଏ ଜାତିର ଭାଷା, ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ସାଂସ୍କୃତିକ ପରମ୍ପରା ଆଦି ଉପରେ ନିର୍ଭର କରେ ତା'ର ପରିଚୟ ଓ ପ୍ରତିଷ୍ଠା। ଆଦିମ କାଳରୁ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟ କଳାର ନିଦର୍ଶନ ଦେଇ ଆସିଥିବାରୁ ତା'ର ନାମ ଉତ୍କଳ। ଏହା ଏମିତି ଏକ ରାଜ୍ୟ ଯିଏ ବିଶ୍ୱ ସଭ୍ୟତାକୁ ପ୍ରଦାନ କରିଛି ଶାସ୍ତ୍ରୀୟ ଭାଷା, ଶାସ୍ତ୍ରୀୟ ନୃତ୍ୟ ଓ ଶାସ୍ତ୍ରୀୟ ସଙ୍ଗୀତ ଆଦି ତିନୋଟି ଅମୂଲ୍ୟ ରତ୍ନ। ଗଲା ଶତାବ୍ଦୀରେ (୧୯୬୪)ଓଡ଼ିଆ ଅସ୍ମିତାକୁ ପଲ୍ଲବିତ କରିଥିଲା ଓଡ଼ିଶୀ ନୃତ୍ୟର ଶାସ୍ତ୍ରୀୟ ମାନ୍ୟତା। ଚଳିତ ଶତାବ୍ଦୀରେ ତାକୁ ପୁଷ୍ପିତ ଓ ସୁରଭିତ କଲା ଓଡ଼ିଆ ଭାଷାର ଶାସ୍ତ୍ରୀୟ ସ୍ୱୀକୃତି। ଦୁର୍ଭାଗ୍ୟର ବିଷୟ ଭାଷା ଓ ନୃତ୍ୟ ଶାସ୍ତ୍ରୀୟ ମାନ୍ୟତା ହାସଲ କରିଥିବା ବେଳେ ଅଦ୍ୟାବଧି ସେହି ସୁଯୋଗରୁ ବଞ୍ଚିତ ରହିଛି ଓଡ଼ିଶୀ ସଙ୍ଗୀତ। ଓଡ଼ିଶୀନୃତ୍ୟ ୬ ଦଶନ୍ଧି ପୂର୍ବରୁ ଶାସ୍ତ୍ରୀୟ ମାନ୍ୟତା ପାଇସାରିଥିବା ସ୍ଥଳେ ଓଡ଼ିଶୀ ସଙ୍ଗୀତ ଅଦ୍ୟାବଧି ସେଥିରୁ ବଞ୍ଚିତ କାହିଁକି?

ସଙ୍ଗୀତ ହେଉଛି ବ୍ରହ୍ମାଣ୍ଡ ଧ୍ୱନିର ବିଶୁଦ୍ଧ ରୂପ। ଏହା ଏକ ସୀମାହୀନ ବିଶାଳ ମହାସାଗର,ଯା'ର ସ୍ରଷ୍ଟା ହେଉଛନ୍ତି ସ୍ୱୟଂ ବିଧାତା। ଦେବତାମାନେ ସଙ୍ଗୀତ କଳାରେ ଖୁବ୍ ପାରଙ୍ଗମ ଥିଲେ ଏବଂ ସେଥିପାଇଁ ଶିବଙ୍କ ହାତରେ ଡମ୍ବରୁ,ନାରଦଙ୍କ କରତାଳ, ସରସ୍ୱତୀଙ୍କ ବୀଣା ଓ ଶ୍ରୀକୃଷ୍ଣଙ୍କ ହାତରେ ରହିଛି ବେଣୁ । ସାତଟି ମୌଳିକ ସ୍ୱର( ସା ରେ ଗା ମା ପା ଧା ନି) ଭିତରେ ରହିଛି ଦୁନିଆ ସାରା ସଙ୍ଗୀତର ଭାଷ୍ୟ। ଏହି ସ୍ୱରକୁ ଆଧାରକରି ବାଙ୍ମୟ ହୁଏ ସଙ୍ଗୀତ। ଆଦିମ କାଳରୁ ମଣିଷ ପ୍ରକୃତିର ସଙ୍ଗୀତରେ ବିଭୋର ହୋଇଛି ଏବଂ ତାକୁ ଅନୁକରଣକରି ସୃଷ୍ଟି କରିଛି ରାଶି ରାଶି ସଙ୍ଗୀତ।

ଇତିହାସ କହେ ଦଶମ ଶତାବ୍ଦୀଠାରୁ ସପ୍ତଦଶ ଶତାବ୍ଦୀର ଶେଷାର୍ଦ୍ଧ ମଧ୍ୟରେ ଭାରତୀୟ ସଙ୍ଗୀତ ଧାରାରେ ଅନେକ ପରିବର୍ତ୍ତନ ଆସିଛି ଏବଂ ଦେଶ ଦେଶାନ୍ତରୀ ଭେଦରେ ସୃଷ୍ଟି ହୋଇଛି ହିନ୍ଦୁସ୍ଥାନୀ, କର୍ନାଟକୀ ଏବଂ ଓଡ଼ିଶୀ ଆଦି ସଙ୍ଗୀତର ଏକ ଏକ ସ୍ୱତନ୍ତ୍ର ଧାରା। ପରିବର୍ତ୍ତନ କ୍ରମରେ ସଙ୍ଗୀତର ମୂର୍ଚ୍ଛନା ପଦ୍ଧତୀୟ ଗ୍ରହସ୍ୱର ବିଧି ବିବର୍ଜିତ ହୋଇପଡ଼ିଛି ଏବଂ ସେହି ସ୍ଥାନରେ ପ୍ରଚଳିତ ହୋଇଛି ଥାଟମେଳ ପ୍ରଥା। ଏକ ସହଜ ବ୍ୟାବହାରିକ ଏବଂ ସର୍ବସମ୍ମତ ସାଙ୍ଗୀତିକ ସିଦ୍ଧାନ୍ତ ଅନୁସାରେ ଥାଟମେଳକୁ ଭିତ୍ତିକରି ସୃଷ୍ଟି ହୋଇଛି ଶାସ୍ତ୍ରୀୟ ସଙ୍ଗୀତର ରାଗ ନିର୍ମାଣ ପଦ୍ଧତି। ନିର୍ମାଣ ତତ୍ତ୍ୱ ଆଧାରରେ ଓ ପ୍ରାଚୀନ ଓ ନୂତନ ଭାବେ ହିନ୍ଦୁସ୍ଥାନୀ ଓ କର୍ନାଟକୀ ସଙ୍ଗୀତରେ ତିଆରି ହୋଇଛି ଶହ ଶହ ରାଗ। ଶାସ୍ତ୍ରୀୟ ରାଗ ସମୃଦ୍ଧ ଉଭୟ ହିନ୍ଦୁସ୍ଥାନୀ ଓ କର୍ନାଟକୀ ସଙ୍ଗୀତକୁ ମିଳିଛି ଶାସ୍ତ୍ରୀୟ ମାନ୍ୟତା। ଅଥଚ ରାଗରାଗିଣୀ କ୍ଷେତ୍ରରେ ଏକ ସୁଦୀର୍ଘ ଓ ଗୌରବୋଜ୍ଜ୍ୱଳ ପରମ୍ପରା ଥାଇ ବି ଶାସ୍ତ୍ରୀୟ ମାନ୍ୟତାରୁ ବଞ୍ଚିତ ହୋଇଛି ସମକାଳୀନ ଓ ସମସ୍ତରୀୟ ଓଡ଼ିଶୀ ସଙ୍ଗୀତ। କର୍ନାଟକୀ ଓ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଭଳି ଓଡ଼ିଶୀ ସଙ୍ଗୀତରେ ରହିଛି ସ୍ୱତନ୍ତ୍ର ରାଗ,ତାଳ ପଦ୍ଧତି। ପାର୍ଥକ୍ୟ କେବଳ ହିନ୍ଦୁସ୍ତାନୀ ଓ କର୍ନାଟକୀ ସ୍ୱର ଏବଂ ଭାବ ପ୍ରଧାନ ହୋଇଥିବା ସ୍ଥଳେ ଓଡ଼ିଶୀ ସଙ୍ଗୀତ ଭାଷା ପ୍ରଧାନ। ଏବେ ବି ଉତ୍କଳୀୟ ଗୀତ ଭଣ୍ଡାରରେ ସାଇତା ହୋଇ ରହିଛି ଶହ ଶହ ସଂଖ୍ୟାର ରାଗରାଗିଣୀ ଓ ହଜାର ହଜାର ବର୍ଷର ସାଙ୍ଗୀତିକ ପରମ୍ପରା। ପ୍ରାଚୀନ ସାହିତ୍ୟରୁ ମିଳେ ଓଡ଼ିଶୀ ସଙ୍ଗୀତର ଅସ୍ତିତ୍ୱ ଓ ଉନ୍ମେଷ ସମ୍ପର୍କରେ ସୂଚନା। ପରବର୍ତ୍ତୀ ସମୟରେ



(ଦ୍ୱାଦଶ ଶତାବ୍ଦୀ) ତାକୁ ସୁସ୍ପଷ୍ଟକରି ଗଢ଼ିତୋଳିଛି ବିଶ୍ୱ ପ୍ରସିଦ୍ଧ ଉତ୍କଳୀୟ କବି ଶ୍ରୀଜୟଦେବଙ୍କ କାଳଜୟୀ କାବ୍ୟ ଗୀତଗୋବିନ୍ଦ। ଏହି ଗୀତିକାବ୍ୟରେ ନିର୍ଦ୍ଦେଶିତ ମଙ୍ଗଳ ଗୁଜ୍ଜରୀ ଓ ଦେଶ ବରାଡି ଆଦି ଆମ ଗୌରବମୟ ଓଡ଼ିଶୀ (ଉଡ୍ର) ସଙ୍ଗୀତ ପରମ୍ପରାର ଅମୂଲ୍ୟ ବିଭବ। ଏତଦ୍ ଭିନ୍ନ ବିଚିତ୍ର ଦେଶାକ୍ଷ, ନାଗବଲ୍ଲୀ, ଚକ୍ରକେଳି, ଆନନ୍ଦ କେଦାର ଓ ମେଘପର୍ଣ୍ଣ ଆଦି ଅନେକ ରାଗ ଅଛି, ଯାହା ଉତ୍କଳୀୟ ସଙ୍ଗୀତ ପରମ୍ପରାର ଏକାନ୍ତ ନିଜସ୍ୱ।

ଓଡ଼ିଶୀ ଏକ ସ୍ୱୟଂ ସମ୍ପୂର୍ଣ୍ଣ ସଙ୍ଗୀତ ଶୈଳୀ। ପ୍ରାଚୀନ ପରମ୍ପରା, ନିର୍ଦ୍ଦିଷ୍ଟ ରାଗ ପଦ୍ଧତି ତଥା ମାଧୁର୍ଯ୍ୟପୂର୍ଣ୍ଣ ଗାୟନ ଶୈଳୀ ଓଡ଼ିଶୀ ସଙ୍ଗୀତକୁ ଦେଇଛି ସ୍ୱତନ୍ତ୍ର ପରିଚୟ। ପାଲା, ଦାସକାଠିଆ ଓ ସଖୀନାଟ ଇତ୍ୟାଦିର ଅନୁପମ ଶାସ୍ତ୍ରୀୟ ଛଟାରେ ତାହା ସମୃଦ୍ଧ ଓ ସୁଶୋଭିତ। ଚଉତିଶା,ଚମ୍ପୂ, ଛାନ୍ଦ,ଭଜନ, ଜଣାଣ ଓ କୀର୍ତ୍ତନ ଆଦି ଓଡ଼ିଶୀ ସଙ୍ଗୀତର ଏକ ଏକ ଧାରା, ଯାହାର ସ୍ପଷ୍ଟ ନିଦର୍ଶନ ହେଉଛି କବିସୂର୍ଯ୍ୟ ବଳଦେବ ରଥଙ୍କ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ। ଚମ୍ପୂ ପରମ୍ପରାରେ ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ଗାୟନ ସର୍ବଭାରତୀୟ ସ୍ତରରେ ଅନନ୍ୟ। ଓଡ଼ିଶୀ ଛାନ୍ଦ ଗାୟନରେ ବ୍ୟବହୃତ ରାଗଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଓଡ଼ିଆ ମାଟିର, ଯାହା ରାଧାକୃଷ୍ଣ ଲୀଳା ଓ ଲୌକିକ ଶୃଙ୍ଗାର ରସ ଆଧାରିତ। ବିଭିନ୍ନ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର ଏହାର ଅଙ୍ଗଭୂଷଣ। ଓଡ଼ିଶୀ ସଙ୍ଗୀତରେ ବ୍ୟବହୃତ ମର୍ଦ୍ଦଳ ମଧ୍ୟ ଓଡ଼ିଶାର ନିଜସ୍ୱ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଶାସ୍ତ୍ରୀୟ ବାଦ୍ୟ।

ଓଡ଼ିଆ ଅସ୍ମିତାର ପ୍ରତୀକ ଓଡ଼ିଶୀ ସଙ୍ଗୀତ। ଓଡ଼ିଆ ଜାତିର ଆରାଧ୍ୟ ଦେବତାଙ୍କ ସହ ଏହା ଏଭଳି ଭାବେ ଜଡ଼ିତ ଯେ ଗୀତଗୋବିନ୍ଦ ନ ଶୁଣିଲେ ନିଦ୍ରା ଯାଆନ୍ତିନି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେଥିପାଇଁ କୁହାଯାଏ ଗୀତଗୋବିନ୍ଦ ଗାୟନ ବିନା ଓଡ଼ିଶୀ ସଙ୍ଗୀତ ଅସମ୍ପୂର୍ଣ୍ଣ। ଓଡ଼ିଶୀ ସଙ୍ଗୀତ ତା'ର ଉନ୍ମେଷ କାଳରୁ ବିବର୍ତ୍ତନ ପଥରେ ସମ୍ପ୍ରସାରିତ ହୋଇ ସମ୍ପ୍ରତି ନିଜର ଅନନ୍ୟ ପ୍ରାଚୀନ ଶୈଳୀ ଦ୍ୱାରା ସମୃଦ୍ଧ ଓ ଦେଶ ବିଦେଶରେ ଆଦୃତ। ଓଡ଼ିଶାର ଛାନ୍ଦ,ଚମ୍ପୂ, ଚଉପଦୀ,ଚଉତିଶା ଓ ଭଜନ ଜଣାଣ ପରିବେଷଣ କ୍ଷେତ୍ରରେ ଖୁବ୍ ଉତ୍କର୍ଷ ପ୍ରତିପାଦନ କରିଛନ୍ତି ସିଂହାରୀ ଶ୍ୟାମସୁନ୍ଦର କର,ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନ,ବାଳକୃଷ୍ଣ ଦାସ, ଗୋପାଳ ଚନ୍ଦ୍ର ପଣ୍ଡା, ରାମହରି ଦାସ, ଭିକାରୀ ବଳ ଓ ଶ୍ୟାମାମଣି ଦେବୀ ପ୍ରମୁଖ ଅନେକ ସଙ୍ଗୀତ ବିଶାରଦ। ଅଶୀ ଦଶକରୁ ଭୁବନେଶ୍ୱରରେ ପ୍ରତିଷ୍ଠା ହୋଇଛି ଓଡ଼ିଶୀ ଗବେଷଣା କେନ୍ଦ୍ର। ଗବେଷଣା ନିମନ୍ତେ ଖର୍ଚ୍ଚ ହେଉଛି ପର୍ଯ୍ୟାପ୍ତ ଅର୍ଥ। ମାତ୍ର ଓଡ଼ିଶୀ ସଙ୍ଗୀତ ତା'ର ଶାସ୍ତ୍ରୀୟତା ପ୍ରତିପାଦନ କରିବା କ୍ଷେତ୍ରରେ ଲାଗିରହିଛି କ୍ରମାଗତ ବିଫଳତା। ତାତ୍ତ୍ୱିକ ଭାବେ ଓଡ଼ିଶୀ ସଙ୍ଗୀତ ସପକ୍ଷରେ ଯଥାର୍ଥ ଯୁକ୍ତି ଥାଇ ବି ମାନଦଣ୍ଡ ଆଧାରରେ ତାକୁ ଶାସ୍ତ୍ରୀୟ ସଙ୍ଗୀତର ମାନ୍ୟତା ଦେବାକୁ କୁଣ୍ଠିତ ହେଉଛି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ।

ଦେଶ ସ୍ୱାଧୀନ ହେଲା ପରେ ବି ଓଡ଼ିଶୀ ସଙ୍ଗୀତ ଉପରେ ସେତେ ବେଶି ଗବେଷଣା ହୋଇ ପାରିନାହିଁ କି ସର୍ବଭାରତୀୟ ସ୍ତରରେ ସମୁଚିତ ଭାବେ ପ୍ରତିପାଦିତ ହୋଇପାରିନି ତା'ର ବିଭିନ୍ନ ରାଗରାଗିଣୀ ଓ ତାଳମେଳ ଆଦିର ପ୍ରାଚୁର୍ଯ୍ୟ। ଓଡ଼ିଶୀ ସଙ୍ଗୀତ ବିଶାରଦମାନେ ଓଡ଼ିଶୀ ସଙ୍ଗୀତର ସଂସ୍କାର ପାଇଁ ଏକ ବିଧିବଦ୍ଧ ଶୁଦ୍ଧ ବ୍ୟାକରଣ ପ୍ରସ୍ତୁତ କରିବା ଆବଶ୍ୟକ। ଏକ ସର୍ବସମ୍ମତ ବ୍ୟାକରଣକୁ ଅନୁସରଣକରି ଉଭୟ ଆଙ୍ଗିକ ଓ ଆତ୍ମିକ ସ୍ତରରେ ଓଡ଼ିଶୀ ସଙ୍ଗୀତର ରୂପରେଖରେ ବ୍ୟାପକ ସଂସ୍କାର ଆଣିପାରିଲେ ତା'ର ରାଗ ଓ ତାଳର ଶୁଦ୍ଧତା ଆସିବ ଏବଂ ଆଉ ରହିବନାହିଁ ଶାସ୍ତ୍ରୀୟ ସ୍ୱୀକୃତି ପାଇବା ଦିଗରେ ପ୍ରତିବନ୍ଧକ।

**ଅବସରପ୍ରାପ୍ତ ଅଧ୍ୟକ୍ଷ,**
**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

## ପାଠକ ଶ୍ରେଷ୍ଠ ବିଚାରକ

### ବଡ଼ଦାଣ୍ଡରେ ରେଡ୍‌କାର୍ପେଟ କାହିଁକି

ମହାଶୟ,

ଟିଭିରେ ଶ୍ରୀକ୍ଷେତ୍ର ପୁରୀ ବଡ଼ଦାଣ୍ଡରେ ଯାତ୍ରୀମାନଙ୍କୁ ପ୍ରଚଣ୍ଡ ରୌଦ୍ରତାପରୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ରେଡ୍‌କାର୍ପେଟ ପଡ଼ିବା ଦୃଶ୍ୟ ନଜରକୁ ଆସିଛି। ଯେକୌଣସି ତୀର୍ଥଯାତ୍ରୀ ହୁଅନ୍ତୁ କି ପର୍ଯ୍ୟଟକ ନୀଳାଦ୍ରି କନ୍ଦରରେ ରତ୍ନସିଂହାସନରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନକରି ମନୋବାଞ୍ଛା ପୂରଣ ଆଶାରେ ବଡ଼ଦାଣ୍ଡରେ ପଦସ୍ପର୍ଶ କରିବା ମାତ୍ରେ ବଡ଼ଦାଣ୍ଡର ଧୂଳି ମଥାରେ ଲଗାଇବା ପ୍ରାୟତଃ ଦୃଷ୍ଟିଗୋଚର ହୁଏ। ବିଶ୍ୱାସ ରହିଛି, ବଡ଼ଦାଣ୍ଡରେ ବହୁ ପୁଣ୍ୟାତ୍ମାଙ୍କ ପଦରଜ ପଡ଼ିବା ଯୋଗୁ ଏହା ପବିତ୍ର ହୋଇଯାଇଛି। ବହୁବର୍ଷ ପୂର୍ବେ ଉତ୍ତର ଭାରତରୁ ବହୁ ତୀର୍ଥଯାତ୍ରୀ ପଦବ୍ରଜରେ ବହୁ କଷ୍ଟସାଧ ପଥ ଅତିକ୍ରମ କରି ବଡ଼ଦାଣ୍ଡରେ ପହଞ୍ଚି ନିଜକୁ ଧନ୍ୟ ମନେକରୁଥିଲେ। ଏବେ ତ ଶ୍ରଦ୍ଧାଳୁମାନେ ବିଭିନ୍ନ ଯାନବାହନରେ ସ୍ୱଚ୍ଛନ୍ଦରେ ଜୋତା ଚପଲ ଷ୍ଟାଣ୍ଡରେ ରଖି ଶ୍ରୀମନ୍ଦିର ପ୍ରବେଶ କରୁଛନ୍ତି। ଦର୍ଶନାଭିଳାଷୀ ଭକ୍ତଙ୍କ ଯାତ୍ରାଜନିତ କ୍ଲେଶ କ୍ଲାନ୍ତି ରହିବା ସ୍ୱାଭାବିକ। ତେଣୁ ରେଡ୍‌କାର୍ପେଟ ବିଛାଇ ପାଦକୁ ଆଶ୍ୱସ୍ତି ଦେବାର ମନୋବୃତ୍ତି ଧାର୍ମିକ ଭାବନାରେ ଅନ୍ତରାୟ ସୃଷ୍ଟିକରେ। ରେଡ୍‌କାର୍ପେଟ କେବଳ ଅତି ବିଶିଷ୍ଟ ଉପାଧିଧାରୀ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଅବସରରେ ବ୍ୟବହାର କରାଯାଏ। ଆଧ୍ୟାତ୍ମିକ ପରିବେଶ ଓ ଧାର୍ମିକ ଚିନ୍ତାଧାରାର ଏହା ପରିପନ୍ଥୀ କହିଲେ ଅତ୍ୟୁକ୍ତି ହେବନାହିଁ।

**-ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନୂଆ ହୋଇ ଆଜି ରହିନି କିଛି ତ
ପାଣି ପବନରେ ଚାଲୁଛି ଯାନ
ମେଘଦୂତ ଆଉ ଲୋଡ଼ା ନାହିଁ ତେଣୁ,
ସହଜେ ମିଳୁଛି ପୀରତି ଦାନ।
-(ପ୍ରେମର ଅର୍ଥ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ହଳ କଲେ, ଅଖିମୁଠି ପକାଇଲେ

## ରଥକାଠ ଅନୁକୂଳ

ଉମରକୋଟ, ୩୦।୪(ସନ୍ତୋଷ ଶତପଥୀ)

ଅକ୍ଷୟ ତୃତୀୟା ଅବସରରେ ଉମରକୋଟରେ ରଥ ନିର୍ମାଣ ନେଇ ଅନୁକୂଳ କରାଯାଇଛି। ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ଦିରର ରାଜ ପୁରୋହିତ ଗୌରହରି ମିଶ୍ର ସମସ୍ତ ରୀତିନୀତି ଅନୁସାରେ ପୂଜା କରିଥିଲେ। ଏହି ସମୟରେ ଦେବୋତ୍ତର ଅଧିକାରୀ ତଥା ଉମରକୋଟ ତହସିଲଦାର ମେଗବାନ ବାଗ, ପୂର୍ବତନ ନଗରପାଳ ଖାଡ଼େଶ୍ୱର ମହାନ୍ତି, ଗୁରୁ ସାହୁ, ଭୈରବ ମିଶ୍ର, ଗଜେନ୍ଦ୍ର ନାୟକ, ଜଗନ୍ନାଥ ପାଳ ପ୍ରମୁଖ ଉପସ୍ଥିତ ଥିଲେ।


ରଥକାଠ ପୂଜା କରାଯାଉଛି।


ମାଟି ପୂଜା ବେଳେ ବିଧାୟକଙ୍କ ସହ ଅନ୍ୟମାନେ।

## ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା, କୃଷକ ଦିବସ

ନବରଙ୍ଗପୁର,୩୦।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହର ନିକଟ ନନ୍ଦାହାଣ୍ଡି ବ୍ଲକ ମୌରୀଗାନଗୁଡ଼ାରେ ବୁଧବାର ଅକ୍ଷୟ ତୃତୀୟା ଉପଲକ୍ଷେ ଭୂମିପୂଜା ଓ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ କରାଯାଇଛି। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷ ମୋତି ରାମ ନାୟକ, ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ବରିଷ୍ଠ ବୈଜ୍ଞାନିକ କେ.ଭି.କେ. ଚନ୍ଦ୍ରଧର ମିଶ୍ର, ଜଳାଶୟ ପ୍ରକଳ୍ପ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ମହାନ୍ତି, ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଡ. ଦିଲୀପ କବିରାଜ, ଜିଲା କୃଷି ଅଧିକାରୀ ଅନୀଲ କୁମାର ପ୍ରହରାଜ, କୃଷି ଅଧିକାରୀ ପାପଡ଼ାହାଣ୍ଡିବିଶ୍ୱଜିତ ସାହୁ, ଓଆଇସିଆର୍‌ଓ ମନୋଜ ବେହେରା ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଏବଂ ଜିଲା ପରିଷଦ ଅଧ୍ୟକ୍ଷ ଭୂମି ପୂଜା କରିଥିଲେ। ଏହାପରେ ଅଖିମୁଠି ଅନୁକୂଳ ସହ ଆନୁଷ୍ଠାନିକ ଭାବେ ଜମିରେ ହଳ କରିଥିଲେ। ଅତିଥିମାନେ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ନବ ନିର୍ମିତ ଚାଷୀ ପ୍ରଶିକ୍ଷଣ କେନ୍ଦ୍ର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ନବରଙ୍ଗପୁର ବ୍ଲକର ଦଇତାରୀ ମାଝୀ, ଝରିଗାଁର ଲକ୍ଷ୍ମୀ ଭତରା, ନନ୍ଦାହାଣ୍ଡିର ଭାସ୍କର ଗଉଡଙ୍କୁ ମକାମଞ୍ଜି ଛଡାଇବା ମେସିନ (ମେଜ ହୁଲର) ପ୍ରଦାନ କରାଯାଇଥିଲା। ତେବେ ୧୦ ବ୍ଲକର ୧୦ ଜଣ ମକା ଚାଷୀଙ୍କୁ ଏଭଳି ମେଶିନ ପ୍ରଦାନ କରାଯାଉଛି। ଭୁବନେଶ୍ୱରରେ ଅନୁଷ୍ଠିତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସିଏମ୍ କିଷାନ ଯୋଜନାରେ ଚାଷୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ସମାରୋହର ସିଧା ପ୍ରସାରଣ କରାଯାଇଥିଲା।

## ଅଖିମୁଠି ଅନୁକୂଳକଲେ ବିଧାୟକ

ଝରିଗାଁ, (କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ମହକୁମାସ୍ଥିତ ବଡ ପାଣସୀ ଭିକାରୀ ନାୟକଙ୍କ କ୍ଷେତରେ ଅକ୍ଷୟ ତୃତୀୟା ଉତ୍ସବ ବୁଧବାର ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଝରିଗାଁ ବିଧାୟକ ନରସିଂହ ଭତ୍ରା ଯୋଗଦେଇ ପୂଜାର୍ଚ୍ଚନା ସହ ଅଖି ମୁଠି ଅନୁକୂଳ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଭଗବାନ ମାଝୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ପଦ୍ମନାଭ ପାଣ୍ଡେ, ଚାଷୀ ଅଶୋକ କୁମାର ମୁର୍ଦ୍ଦି, ମୋହନ ପ୍ରଧାନୀ, ଆମ୍ବା ଅଧକ୍ଷ ଗୁରୁ ତିୱାରୀ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ସରପଞ୍ଚ ଯୋଗେଶ୍ୱର ପୂଜାରୀ, ପ୍ରେମାନନ୍ଦ ପାଣ୍ଡେଙ୍କ ସହ କୃଷି ଓ ଉଦ୍ୟାନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।


ଝରିଗାଁ ବିଧାୟକ ହଳ କରୁଛନ୍ତି।

## ଦାଦନ ଯାଇ ଫେରିଲେନି ସ୍ୱାମୀ, ଫେରିବା ବାଟକୁ ଚାହିଁଛନ୍ତି ସ୍ତ୍ରୀ

**ଝୁପୁଡ଼ିରେ ବିତୁଛି ପରିବାରର ଜୀବନ**
- ଭାନୁମତିଙ୍କ ଉପରେ ନିର୍ଭର ୭ ପ୍ରାଣୀ
- ସହାୟତା ଯୋଗାଇବାକୁ ନିବେଦନ

ନବରଙ୍ଗପୁର,୩୦।୪(ସଦାଶିବ ପ୍ରହରାଜ)

୩ବର୍ଷ ତଳେ ଦାଦନ ଖଟିବାକୁ ଚାଲିଗଲେ ନବରଙ୍ଗପୁର ସଦର ଦଶହରାପଡ଼ା ସାହିର ଭାନୁମତି ହରିଜନଙ୍କ ସ୍ୱାମୀ। ସେବେଠାରୁ ଗାଁକୁ ଆଉ ଫେରିଲେ ନାହିଁ। ଏହା ମଧ୍ୟରେ ବାପାଙ୍କ ମୃତ୍ୟୁ ହୋଇଗଲା। ସେତେବେଳେ କୌଣସି ପ୍ରକାର ସରକାରୀ ସହାୟତା ମିଳିଲା ନାହିଁ। ଏହାପରେ ଭାନୁମତିଙ୍କ ଉପରେ ଶାଶୁ, ୨ ଝିଅ ଓ ୪ ପୁଅଙ୍କୁ ଚଳାଇବା ଦାୟିତ୍ୱ। ବାହାରେ କାମକରି ଯାହା କିଛି ଆଣୁଛନ୍ତି ସେଥିରେ ୮ପ୍ରାଣୀ ଚଳୁଛନ୍ତି। ଭାନୁମତି ଏବେ ସ୍ୱାମୀଙ୍କ ଫେରିବା ବାଟକୁ ଚାହିଁ ବସିଥିବାବେଳେ ସହାୟତା ଦେବାକୁ ପ୍ରଶାସନକୁ ନିବେଦନ କରିଛନ୍ତି।

ଭାନୁମତି ହରିହର ହରିଜନଙ୍କୁ ବିବାହ କରିଛନ୍ତି। ହରିହର ଜଣେ ମୋଟର ମେକାନିକ୍। ସେ ହାଇଦ୍ରାବାଦକୁ ୩ ବର୍ଷ ତଳେ ଦାଦନ ଖଟିବାକୁ ଯାଇଛନ୍ତି। ତାଙ୍କ ମୋବାଇଲ ନମ୍ବର ନ ଥିବା ଯୋଗୁ ଭାନୁମତି କିମ୍ବା ସାଙ୍ଗସାଥୀ ଓ ପରିବାରର କେହି ମଧ୍ୟ ହରିହରଙ୍କ ସହ ଯୋଗାଯୋଗ କରିପାରୁନାହାନ୍ତି। ହାଇଦ୍ରାବାଦ ଯିବା ଦିନଠାରୁ ସେ ଘର ସହ ଆଉ ଯୋଗାଯୋଗ ରଖିନାହାନ୍ତି। ପଡ଼ାଲଗୁଡ଼ାର ଜଣେ ବ୍ୟକ୍ତି ନାମପାଲି (ଲାକଡ଼ିକା ପୋଲ) ନିକଟରେ ହରିହରଙ୍କୁ ଦେଖିଥିବା କହିଥିଲେ। ହରିହରଙ୍କର ଏତିକି ହିଁ ଖବର ଭାନୁମତିଙ୍କ ପାଖରେ ରହିଛି। ଭାନୁମତି ଓ ହରିହରଙ୍କର ୨ ଝିଅ ୪ ପୁଅ। ବଡ଼ ପୁଅ ସମୀର, ଝିଅ ହିନା, ହୀର ମାଟ୍ରିକ ପରେ ଅର୍ଥଭାବ ଯୋଗୁ ଆଉ ଅଧିକ ପଢ଼ିପାରିଲେ ନାହିଁ। ଅନ୍ୟ ୩ ପୁଅଙ୍କ ମଧ୍ୟରୁ କୃଷ୍ଣା ୮ମ, ରୋହିତ ୬ଷ୍ଠ ଓ ସାନ ପୁଅ ମୋହିତ ୪ ର୍ଥ ଶ୍ରେଣୀରେ ପଢୁଛନ୍ତି। ବୋଝ ଉପରେ ନଳିତାବିଡ଼ା ଭଳି ବର୍ଷାଦିନେ କାନ୍ଥ ପଡି ଘର ଭାଙ୍ଗିଗଲା। ଶ୍ୱଶୁରଘର ଭାଗ ଭାବେ ଛୋଟିଆ ଗଳି ଖଣ୍ଡେ ମିଳିଛି । ପଡ଼ୋଶୀଙ୍କ କାନ୍ଥରେ ଟିଣ ପକାଇ ଏକ ବଖରା ସଦୃଶ ଘର ରହିଛି । ସମସ୍ତେ ଏବେ ଚଟାଣରେ ଶୋଉଛନ୍ତି। ଘରେ ନାହିଁ କବାଟ ଝରକା। ଏତେ ଅସୁବିଧା ସତ୍ତ୍ୱେ ଆବାସ ଯୋଜନାରେ ଘର ଖଣ୍ଡେ ମିଳିପାରିଲା ନାହିଁ। ନିଜର ବୋଲି ଘରବାଡ଼ି ମଧ୍ୟ ନାହିଁ। ସେହିଭଳି ବାପଘରେ ମଧ୍ୟ ଅନେକ ଅସୁବିଧା। ଟୁନିଲତା ଓ ଭାନୁମତି ୨ ଭଉଣୀ। ଟୁନିଲତା ଏବେ ପକ୍ଷାଘାତରେ ପୀଡିତ। ବାପା ଘନ ଘାସି ମାଲକାନଗିରି ଜିଲା କୃଷି ବିଭାଗରେ କମ୍ପୋଷ୍ଟ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ୨୦୦୮ ଜାନୁୟାରୀ ୧୬ରେ ତାଙ୍କ ପରଲୋକ ଘଟିଲା। ଏହାପରେ ବାପାଙ୍କୁ କୌଣସି ସରକାରୀ ସହାୟତା ମିଳିଲା ନାହିଁ। ଉତ୍ତରାଧିକାରୀ ଭାବେ ଦୁଇ ଝିଅ ଟୁନିଲତା ଓ ଭାନୁମତି ପ୍ରମାଣପତ୍ର ପାଇଛନ୍ତି। ବାପାଙ୍କ ଚାକିରି କାଳର ସହାୟତା ରାଶି କିଛି ମିଳିବ ଏହି ଆଶାରେ ଗୋଟିଏ ଏକର ଜମି ବିକ୍ରିକରି ମାଲକାନଗିରି କୃଷି ବିଭାଗକୁ ବହୁବାର ଗଲେ। କିନ୍ତୁ କିଛି ସୁଫଳ ମିଳିଲା ନାହିଁ। ମାଲକାନଗିରି ଯିବାକୁ ଆଉ ସମ୍ବଳ ପାଇଲେ ନାହିଁ ୨ଭଉଣୀ। ନୟାନ୍ତ ହୋଇ ଶେଷରେ ୨୦୧୯ ଏପ୍ରିଲ ୪ରେ ନବରଙ୍ଗପୁର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଲେ। ଏଯାଏ ବାପାଙ୍କୁ ମିଳିବାକୁ ଥିବା ସରକାରୀ ସହାୟତା ଉତ୍ତରାଧିକାରୀ ଦୁଇ ଝିଅକୁ ମିଳିଲା ନାହିଁ। ସେହିଭଳି ସ୍ୱାମୀଙ୍କୁ ଖୋଜି ଆଣିବାକୁ ନବରଙ୍ଗପୁର ଥାନାରେ ଲିଖିତ ଭାବେ ଜଣାଇଲେ। ତଥାପି ଏଯାଏ ହରିହରଙ୍କ ସନ୍ଧାନ ମିଳିପାରିନାହିଁ। ଜଣଙ୍କ ରୋଜଗାରରେ ୭ ଜଣ ଚଳିବା ବହୁ କଷ୍ଟସାଧ ହେଲାଣି। ନିଜର ବୋଲି ଭଲ ଘର ଖଣ୍ଡେ ନାହିଁ । ଏନେଇ ଜିଲା ପ୍ରଶାସନ ଓ ପୌର ପରିଷଦ ସହାୟତା ଦେବାକୁ ଭାନୁମତି ନିବେଦନ କରିଛନ୍ତି।


ଭାନୁମତି ହରିଜନ।

## ଚେପଟିଆମ୍ବ ଘାଟିରେ ଅଟୋ ଓଲଟି ୫ ଗୁରୁତର

ଡାବୁଗାଁ, ୩୦।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଚେପଟିଆମ୍ବ ଘାଟି ଉପରେ ବୁଧବାର ସନ୍ଧ୍ୟାରେ ଅଟୋ ଓଲଟି ୫ ଜଣ ଗୁରୁତର ଥିବାବେଳେ ୯ ଜଣ ଆହତ ହୋଇଛନ୍ତି। ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ପାପଡ଼ାହାଣ୍ଡି ବ୍ଲକ ଅଧୀନ ଚାନ୍ଦିଲି ଗ୍ରାମର ୧୪ ରୁ ୧୫ ଜଣ ଲୋକେ ବୁଧବାର ପୂର୍ବାହ୍ନ ୧୧ଟାରେ ଏକ ଅଟୋ ଯୋଗେ ଝରିଗାଁ ବ୍ଲକ ଅଧୀନ ମୁଣ୍ଡାପଦର ଗ୍ରାମକୁ ସମ୍ପର୍କୀୟଙ୍କ ବିବାହ ଭୋଜିରେ ଯୋଗ ଦେବାକୁ ଯାଇଥିଲେ। ସେଠାରେ ବିବାହ ଭୋଜି ଖାଇ ସନ୍ଧ୍ୟାରେ ଉକ୍ତ ଅଟୋରେ ଚାନ୍ଦିଲି ଗ୍ରାମକୁ ଫେରୁଥିବା ବେଳେ ଚେପଟିଆମ୍ବ ଘାଟି ଉପରେ ଅଟୋ ଗାଡ଼ିଟି ଭାରସାମ୍ୟ ହରାଇ ଘାଟି ତଳକୁ ଓଲଟି ପଡିଥିଲା। ଫଳରେ ଗାଡିରେ ଥିବା ସମସ୍ତ ଯାତ୍ରୀ ଆହତ ହୋଇଥିଲେ। ଆହତମାନେ ହେଲେ ଚାନ୍ଦିଲି ଗ୍ରାମର ଖଗେଶ୍ୱରୀ ଜାନୀ(୨୨), ଦେବକୀ ଜାନୀ (୬୦), ଦୈତାରୀ ଜାନୀ (୪୫), ଟଭା ଜାନୀ (୩୦), ମଙ୍ଗାଇ ଜାନୀ (୩୫), ରଇମତି ଜାନୀ (୪୦), ମଞ୍ଜୁଳା ଜାନୀ (୧୯), ପରମାନନ୍ଦ ହରିଜନ (୫୦), କମଳା ଜାନୀ (୬୦), ରଦମା ଜାନୀ (୬୫), ହାରାବତୀ ଜାନୀ (୭୦), ମଇନା ଜାନୀ (୭୨), ଲକ୍ଷ୍ମୀ ଜାନୀ (୭୫), ଲାଇବାନ ଜାନୀ (୫୭)। ଆହତଙ୍କ ମଧ୍ୟରୁ ରଇମତି, ଲାଇବାନ, ମଙ୍ଗେଇ, ଲକ୍ଷ୍ମୀ ଓ ମଞ୍ଜୁଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଅଛି। ଦୁର୍ଘଟଣା ପରେ ଅଟୋ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ଅଛନ୍ତି।

**କେନ୍ଦ୍ରୀୟ ରେଶମ ପ୍ରଯୁକ୍ତିଗତ ଗବେଷଣା ଅନୁଷ୍ଠାନ**
**କେନ୍ଦ୍ରୀୟ ରେଶମ ବୋର୍ଡ**
ବୟନ ମନ୍ତ୍ରଣାଳୟ, ଭାରତ ସରକାର
ବିଟିଏମ୍ ଲେ'ଆଉଟ୍, ମାଦିୱାଳା, ବେଙ୍ଗାଲୁରୁ - ୫୬୦୦୬୮, କର୍ଣ୍ଣାଟକ
ଫୋନ: ୦୮୦-୨୬୬୮୨୩୨୫/୨୩୨୬, ଫାକ୍ସ: ୦୮୦-୨୬୬୮୦୪୩୫, ଇ-ମେଲ: cstriban.csb@nic.in

ସିଏସ୍‌ବି/ସିଏସ୍‌ଟିଆର୍‌ଆଇ/୩୫(୪୨)/୨୦୨୪
ଷ୍ଟୋର୍‌ସ/ଭିଏସ୍‌ଆର୍‌ଡି/ଏଲ୍‌ଏସ୍‌ଏସ୍‌ଏମ୍‌ଏଲ୍
**ଇ-ଟେଣ୍ଡର ଅଧିସୂଚନା**
ତାରିଖ: ୨୯।୦୪।୨୦୨୫

ବିଷୟ: ସିଏସ୍‌ଟିଆର୍‌ଆଇ, ବେଙ୍ଗାଲୁରୁ ନିମନ୍ତେ **"ଲାବୋରେଟୋରୀ ସ୍ୱନ୍ ସିଲ୍କ ମେଶିନେରୀ ଲାଇନ୍"** ପାଇଁ ଯନ୍ତ୍ରପାତିର ଯୋଗାଣ – ବାବଦୀୟ ।

ସିଏସ୍‌ଟିଆର୍‌ଆଇ, କେନ୍ଦ୍ରୀୟ ରେଶମ ବୋର୍ଡ, ବେଙ୍ଗାଲୁରୁ ସିଏସ୍‌ଟିଆର୍‌ଆଇ, ବେଙ୍ଗାଲୁରୁ ପାଇଁ **"ଲାବୋରେଟୋରୀ ସ୍ୱନ୍ ସିଲ୍କ ମେଶିନେରୀ ଲାଇନ୍"** ପ୍ରତିଷ୍ଠା ନିମନ୍ତେ ଯନ୍ତ୍ରପାତିଗୁଡ଼ିକର ଯୋଗାଣ ଲାଗି ଖ୍ୟାତନାମା ବିନିର୍ମାତା କିମ୍ବା ପ୍ରାଧିକୃତ ବିକ୍ରେତା/ଯୋଗାଣକାରୀଙ୍କଠାରୁ ଦୁଇ ବିଡ୍ ପ୍ରଣାଳୀ ଅଧୀନରେ ଇ-ସଂଗ୍ରହଣ ପୋର୍ଟାଲ୍ **eprocure.gov.in** ଜରିଆରେ ବିଡ୍ ଆହ୍ୱାନ କରୁଛି । **(ଆନୁମାନିକ ଟେଣ୍ଡର ମୂଲ୍ୟ: ୧.୮୦ କୋଟି)**
ଆଗ୍ରହୀ ପକ୍ଷମାନେ ୱେବ୍‌ସାଇଟ୍: **eprocure.gov.in, www.cstri.res.in, csb.gov.in, eprocure.gov.in/epublish/app** ରୁ ବୈଷୟିକ ବିନିର୍ଦ୍ଦିଷ୍ଟତା, ନିୟମ ଓ ସର୍ତ୍ତାବଳୀ ତଥା ଅନ୍ୟାନ୍ୟ ବିବରଣୀ ଡାଉନ୍‌ଲୋଡ୍ କରିପାରନ୍ତି ଏବଂ ଇ-ସଂଗ୍ରହଣ ପୋର୍ଟାଲ୍: eprocure.gov.in ମାଧ୍ୟମରେ ସେମାନଙ୍କର ବିଡ୍ ଅପ୍‌ଲୋଡ୍ କରିପାରନ୍ତି ।
**ଦାଖଲର ଶେଷ ତାରିଖ: ୨୩।୦୫।୨୦୨୫ - ଅପରାହ୍ନ ୧.୦୦ ଘଟିକା**
**ବିଡ୍ ଖୋଲାଯିବାର ତାରିଖ: ୨୪।୦୫।୨୦୨୫ - ଅପରାହ୍ନ ୧.୦୦ ଘଟିକା**
**CBC: 41109/12/0003/2526**
**ନିର୍ଦ୍ଦେଶକ**

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

ପଡିଆ, ୩୦।୪(ଭାସ୍କର ରାଓ)

ପଡିଆ ବ୍ଲକ କମାରଗୁଡା ରାସ୍ତାରେ ଦୁର୍ଘଟଣା ଘଟିଛି। ବୁଧବାର ଏମ୍‌ଭି ୬୬ ଗ୍ରାମର ଅଧିର ଗୋଲଦାର ଆଇସ୍କ୍ରିମ୍ ପାଇଁ ପଡ଼ିଆରୁ ଛତିଶଗଡ଼ ଦୋରନାପାଲ ଅଞ୍ଚଳକୁ ଯାଉଥିଲେ। ଏହି ସମୟରେ ଅପର ପାର୍ଶ୍ୱରୁ ଗୋବିନ୍ଦ ନମ ବାଇକ୍‌ରେ ଦ୍ରୁତଗତିରେ ଆସି ସାମ୍ନାପଟୁ ତାଙ୍କୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ଉଭୟ ଛିଟିକି ଗୁରୁତର ହୋଇଥିଲେ। ଏହାପରେ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାରକରି ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଏହି ଦୁର୍ଘଟଣାରେ ଅଧିରଙ୍କ ମୁଣ୍ଡ, ନାକ ଓ ପାଟିରେ ଗୁରୁତର ଆଘାତ ଲାଗିବାରୁ ପଡିଆରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅଧିର ପ୍ରତିଦିନ ଆଇସ୍ କ୍ରମ୍ ବ୍ୟବସାୟ କରି ପରିବାର ଚଳାଇଥାନ୍ତି। ତାଙ୍କୁ ସହାୟତା ଯୋଗାଇଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୧୨, ତାରିଖ: ୨୯।୦୪।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦ.ପୂ. ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନିଉ ଆଡ୍‌ମିନିଷ୍ଟ୍ରେଟିଭ୍ ବିଲ୍ଡିଂ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା–୭୦୦୦୪୩ଙ୍କ ଦ୍ୱାରା "ଇ" ସଂଗ୍ରହଣ ପ୍ରଣାଳୀରେ ଖୋଲା ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହା ୱେବ୍‌ସାଇଟ୍ **www.ireps.gov.in** ରେ ନିମ୍ନ ଅନୁଯାୟୀ ଅପ୍‌ଲୋଡ୍ ହୋଇଛି । ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହୋଇଯିବ । **କ୍ର.ସଂ. ଏବଂ ଟେଣ୍ଡର ନଂ.; ଧାର୍ଯ୍ୟ ତାରିଖ; ସଂକ୍ଷିପ୍ତ ବର୍ଣ୍ଣନା; ପରିମାଣ; ଇଏମ୍‌ଡି ପରିମାଣ ଯଥାକ୍ରମେ: (୧) ଜିଇଏମ୍୨୦୨୫ବି୬୧୪୧୩୬୦;** ୦୬।୦୫।୨୦୨୫; ମାଲ ପରିବହନ ସେବା – ମାସଭିତ୍ତିକ ସେବା – ରାଜ୍ୟ ବାହାର, ଭାରତୀୟ ରେଳପଥ ସ୍ପେୟାର୍ ସାମଗ୍ରୀ, ଓପନ୍ ବଡି ଏଲ୍‌ସିଭି ଟ୍ରକ୍; ୦୧ ଗୋଟି; ₹୧,୦୫,୮୪୦/– । **(୨) ୩୮୨୫୩୮୮୩;** ୦୫।୦୫।୨୦୨୫; ୭/୮'' (୨୨.୨୨ ଏମ୍‌ଏମ୍‌ଏଫ) ଡାୟା ଜିଙ୍କ୍ ପ୍ଲେଟେଡ୍/ଗାଲ୍‌ଭାନାଇଜ୍ଡ ଲକ୍ ବୋଲ୍ଟ କଲାର୍ ସହିତ ଆଦି; ୬୨୭୭୦ ଗୋଟି; ₹୧,୫୬,୭୧୦/–। **(୩) ୩୮୨୫୧୫୨୪;** ୨୦।୦୫।୨୦୨୫; କନ୍‌ଷ୍ଟାଣ୍ଟ କଣ୍ଟାକ୍ଟ ପଲିୟୁରିଥେନ୍ ସାଇଡ୍ ବିୟରର୍ ଆସେମ୍ବ୍ଲି ଆଦି; ୪୬୭୦ ଗୋଟି; ₹୯,୭୪,୨୭୦/– । **(୪) ୩୮୨୫୧୫୧୨;** ୨୭।୦୫।୨୦୨୫; କ୍ୟାସନବ୍ ୨୨ ବଗି ପାଇଁ ମଡିଫାଏଡ୍ ସେଣ୍ଟର ପାଇଭଟ୍ ଟପ୍ (ଫ୍ଲାଟ୍ ଟାଇପ୍); ୩୧୧୦ ଗୋଟି; ₹୬,୩୧,୯୪୦/–। **(୫) ୭୯୨୫୧୭୭୦;** ୧୫।୦୫।୨୦୨୫; ପିଲୋ କଭର୍ ଆଦି; ୨୬୫୦୫୨ ଗୋଟି; ₹୨,୩୮,୯୭୦/– । **(୬) ୬୦୨୫୦୦୪୦;** ୧୫।୦୫।୨୦୨୫; ୬୦ କିଗ୍ରା ପାଇଁ ମେଟାଲ୍ ଲାଇନର୍‌ର ବିନିର୍ମାଣ ଓ ଯୋଗାଣ ଆଦି; ୩୦୦୦୦୦୦ ଗୋଟି; ₹୧୫,୫୪,୬୦୦/– । **(୭) ୬୦୨୫୦୦୦୩ଏ;** ୧୫।୦୫।୨୦୨୫; ଇଲାଷ୍ଟିକ୍ ରେଲ୍ କ୍ଲିପ୍ ଆଦିର ବିନିର୍ମାଣ ଓ ଯୋଗାଣ; ୭୫୦୦୦୦୦ ଗୋଟି; ₹୫୦,୦୦,୦୦୦/– । **(୮) ଜିଇଏମ୍ ବିଡ୍ ନଂ. ଜିଇଏମ୍/୨୦୨୫/ବି/୬୧୪୮୩୭୧;** ୧୨।୦୫।୨୦୨୫; ଆଇଏସ୍ ୧୪୨୫୫ (କ୍ୟୁ୩) ଅନୁଯାୟୀ ଏରିୟଲ୍ ବଞ୍ଚଡ୍ କେବଲ୍; ୩୨୦୦୦ ମିଟର; ₹୧,୭୨,୧୮୬/– । **(୯) ଜିଇଏମ୍ ବିଡ୍ ନଂ. ଜିଇଏମ୍/୨୦୨୫/ବି/୬୧୪୮୬୬୭;** ୨୦।୦୫।୨୦୨୫; ଆଇଏସ୍ ୧୪୨୫୫ (୦୩) ଅନୁଯାୟୀ ଏରିୟଲ୍ ବଞ୍ଚଡ୍ କେବଲ୍; ୬୫୦୦୦ ମିଟର; ₹୧,୮୧,୦୧୨/– । **(୧୦) ଜିଇଏମ୍ ବିଡ୍ ନଂ. ଜିଇଏମ୍/୨୦୨୫/ବି/୬୧୫୯୮୩୪;** ୧୯।୦୫।୨୦୨୫; ଗ୍ରୀନ୍ ଏସି, ୱାଲ୍ ମାଉଣ୍ଟ ସହିତ ସ୍ପ୍ଲିଟ୍ ଏୟାର୍ କଣ୍ଡିସନର୍; ୨୪୦ ଗୋଟି; ₹୩,୩୮,୪୦୦/– । **(୧୧) ଏଚ୍‌ବି୨୫୫୭୨୨;** ୨୦।୦୫।୨୦୨୫; ଇଞ୍ଜେକ୍ସନ୍ ସେଫ୍ଟାଜିଡାଇମ୍ ୨ ଗ୍ରାମ୍ + ଏଭିବାକ୍ଟାମ୍ ୦.୫ ଶିଶି ପ୍ୟାକିଂରେ; ୩୭୨୦ ଶିଶି; ₹୧,୩୨,୪୯୦/– । **(୧୨) ଏଚ୍‌ବି୨୫୫୭୪୯;** ୨୦।୦୫।୨୦୨୫; ଇଞ୍ଜେକ୍ସନ୍ ଇନ୍‌ସୁଲିନ୍ ଡେଗ୍ଲୁଡେକ୍ ୧୦୦ ଆଇୟୁ/ଏମ୍‌ଏଲ୍, ୩ ଏମ୍‌ଏଲ୍ ଫ୍ଲେକ୍ସଟଚ୍; ୪୨୦୦ ଫ୍ଲେକ୍ସଟଚ୍; ₹୧,୩୭,୦୩୦/– । **(୧୩) ୩୩୨୫୧୪୯୨;** ୨୭।୦୫।୨୦୨୫; ସିବିସି ପାଇଁ ମାନୁଆଲ୍ ଅନକପଲିଂ ଡିଭାଇସ୍; ୮୦୦ ଗୋଟି; ₹୩,୩୭,୯୫୦/– । **(୧୪) ୩୩୨୫୩୨୫୪;** ୦୪।୦୬।୨୦୨୫; ହାଇ କାପାସିଟି ଇଣ୍ଟର୍ ଭେହିକଲ୍ କପ୍‌ଲର୍; ୩୦୭ ଗୋଟି; ₹୧୪,୭୩,୬୦୦/– । **(୧୫) ୩୩୨୫୧୪୯୧;** ୦୯।୦୬।୨୦୨୫; ହ୍ୱିଲ୍ ସେଟ୍ ଆର୍ଥିଂ ଇକ୍ୱିପ୍‌ମେଣ୍ଟ ଆଦି; ୨୨୩୨ ସେଟ୍; ₹୧୪,୩୧,୭୯୦/– । **(୧୬) ୩୩୨୫୩୦୪୮;** ୨୬।୦୫।୨୦୨୫; ଫିଆଟ୍ ଆଇଆର୍ ବଗି ନିମନ୍ତେ ୟ' ଡାମ୍ପର୍; ୩୯୧୮ ଗୋଟି; ₹୮,୬୬,୩୦୦/– । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ତଥା ଏହା ପରେ ପ୍ରକାଶିତ ଯେକୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । **(PR-98)**

## ୩ ମାସରେ ୧୮ ଲକ୍ଷ ୮୯ ହଜାର ଜରିମାନା

- ବେଆଇନ ବାଲି ଚାଲାଣ ଚଢ଼ାଉ
- ୩୯ ମାମଲା ରୁଜୁ

ନବରଙ୍ଗପୁର,୩୦ ।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରୁ ବାହାର ଜିଲାକୁ ବେଆଇନ ଭାବେ ମାତ୍ରାଧିକ ବାଲି ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଖଣି ଅଧିକାରୀ ଆଦିତ୍ୟ ଆଚାର୍ଯ୍ୟ ଓ ଏନ୍‌ଫୋର୍ସମେଣ୍ଟ ଟିମ୍ ନବରଙ୍ଗପୁର ବିଭିନ୍ନ ସ୍ଥାନରେ ଚଢ଼ାଉକରି ୩ ମାସରେ ୧୮ ଲକ୍ଷ ୮୯ ହଜାର ୧୧୮ ଟଙ୍କା ଜରିମାନା ଆଦାୟ କରିଛନ୍ତି। ଏଥିସହ ୩୯ ମାମଲା ରୁଜୁହୋଇଛି।

ଫେବୃଆରୀରେ ୪ ଟ୍ରକ୍ ଜବତକରି ସେମାନଙ୍କଠାରୁ ୬ ଲକ୍ଷ ୨୫ ହଜାର ୭୭୮ ଟଙ୍କା ଆଦାୟ କରାଯାଇଥିଲା। ସେହିଭଳି ମାର୍ଚ୍ଚମାସରେ ୩ଟିଟ୍ରକ୍‌ରୁ ୪ ଲକ୍ଷ ୬୮ ହଜାର ୮୦ ଟଙ୍କା ଆଦାୟ ହୋଇଛି। ୩୨ ମାମଲା ରୁଜୁ କରାଯାଇଛି। ଏପ୍ରିଲ ୨୯ ତାରିଖ ସୁଦ୍ଧା ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩ ଗାଡ଼ିରୁ ୮ ଲକ୍ଷ ୬୬୦ ଟଙ୍କା ଆଦାୟ କରାଯାଇଥିବା ବେଳେ ୭ଟି ମାମଲା ରୁଜୁ ହୋଇଛି। ସେହିଭଳି ୩ଶହ କ୍ୟୁବିକ ମିଟର ବାଲି ଜବତ କରାଯାଇ ୪୮ ହଜାର ଟଙ୍କା ଆଦାୟ ହୋଇଥିବା ସୂଚନା ମିଳିଛି। ଭତରା ସିଉନି ଗାଁରେ ୧୦୦ ଓ ଶିରିଶି ଗାଁରେ ୨୦୦ କ୍ୟୁବିକ ମିଟର ବାଲି ଜବତ ହୋଇଥିଲା। ନବରଙ୍ଗପୁର ଜିଲାରେ ବିଭିନ୍ନ ନଦୀ ଶୁଖିଲା ପଡ଼ିବା ପରେ ଅନେକ ଲୋକ ନଦୀରୁ ବାଲି ଉଠାଇ ବେଆଇନ ଭାବେ ଡମ୍ପିଂ କରି ରଖୁଛନ୍ତି। ଏହି ଭଳି ଅଭିଯୋଗ ପାଇବା ପରେ ଜିଲା ଖଣି ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା। ଡମ୍ପିଂ ବାଲିର କେହି ଦାବିଦାର ହୋଇ ନ ଥିବାରୁ ଜବତ ପରେ ନିଲାମ କରାଯାଇ ୪୮ ହଜାର ଟଙ୍କା ଆଦାୟ ହୋଇଥିବା ଜିଲା ଖଣି ଅଧିକାରୀ ଆଦିତ୍ୟ ଆଚାର୍ଯ୍ୟ କହିଛନ୍ତି।

## ମା' ପେଣ୍ଡରାଣୀଙ୍କ ଗୁଡ଼ି ମନ୍ଦିର ପ୍ରତିଷ୍ଠା

ଉମରକୋଟ, ୩୦।୪(ସନ୍ତୋଷ ଶତପଥୀ)

ଉମରକୋଟ ସହର ଗୁଲିପାଟଣାରେ ନବ ନିର୍ମିତ ମା ପେଣ୍ଡରାଣୀଙ୍କ ଗୁଡ଼ି ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର କରାଯାଇଛି। ୫ ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା। ଶନିବାର ଦୀକ୍ଷା ଗ୍ରହଣ, ଅଙ୍କୁର ରୋପଣ କରାଯାଇଛି। ରବିବାର କଳସ ଶୋଭାଯାତ୍ରା, ଅଙ୍କୁରରୋପଣ, ବନ ଜାଗ, ଶାଳା ସଂସ୍କାର ଓ ମଣ୍ଡଳ କରଣ କରାଯାଇଥିଲା। ସୋମବାର ସୂର୍ଯ୍ୟ ପୂଜା, ଗୋ ପୂଜା, ଅଗ୍ନି ସ୍ଥାପନ, ଇନ୍ଦ୍ର ଇନ୍ଦ୍ରାଣୀ ସ୍ନାନ ଓ ପୂଜା, ମଙ୍ଗଳବାର ଦିନ ରତ୍ନମୁଦ ଆରମ୍ଭ, ରତ୍ନ ଗର୍ଭ ପ୍ରତିଷ୍ଠା, ଦେବତ ଙ୍କ ମହାସ୍ନାନ ଓ ଅଷ୍ଟ ପ୍ରହରୀ କରାଯାଇଛି। ବୁଧବାର ମା'ଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା। ଭୀମ ମାଝି ଓ ଚନ୍ଦ୍ରଦି ମାଝି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସତ୍ୟ ନାରାୟଣ ମିଶ୍ର ଓ ମାନସ ରଞ୍ଜନ ଦାସ ମୁଖ୍ୟ ପୂଜକ ଥିଲେ। ପୁରୋହିତ ସୁବାଷ ମିଶ୍ର, ଅଭିଷେକ ମିଶ୍ର, ବିରଞ୍ଚି ନାରାୟଣ ମିଶ୍ର ଓ ପ୍ରଶାନ୍ତ ଶତପଥୀ ସେମାନଙ୍କୁ ପୂଜାରେ ସହଯୋଗ କରିଥିଲେ। ମନ୍ଦିର ପରିଚାଳନା କମିଟିର ଟୁଲୁ ସାହୁ, ସୀତାରାମ ପାଣ୍ଡେ, ଜୟୀ ସିଂ ପାଣ୍ଡେ, କିଶୋର ପାଳ, କୃଷ୍ଣ ନାୟକ ଓ ଦେବେନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କୋଷଗୁମୁଡ଼ା, ୩୦।୪ (ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷଗୁମୁଡା ବ୍ଲକ ଅଧୀନ ତେମେରା ପଞ୍ଚାୟତର କୁସୁମି ବିଦ୍ୟାଳୟରେ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଶିକ୍ଷକ ପ୍ରଶାନ୍ତ ନାୟକଙ୍କ କାର୍ଯ୍ୟକାଳ ବୁଧବାର ଶେଷ ହୋଇଛି। ଏଣୁ ଗ୍ରାମବାସୀ ଏକ ସଭା କରିଥିଲେ। ଏବିଇଓ ଦିଗାମ୍ବର ହରିଜନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେହିଗ୍ରାମର ଲୋକଙ୍କୁ ଶିକ୍ଷକ ସବୁବେଳେ ସାହାଯ୍ୟ ସହଯୋଗ କରୁଥିଲେ । ଏଣୁ ଗ୍ରାମବାସୀ ତାଙ୍କୁ ଆଡମ୍ବରରେ ବିଦାୟ କରିଥିଲେ। କାର୍ଯ୍ୟକ୍ରମରେ ସୁନୀଲ ପଟ୍ଟନାୟକ, ଲାଇବନ ହରିଜନ, ନାରାୟଣ ମାଝୀ, ଭୁବନା ଜେନା ଓ ଡୁମର ଭତ୍ରା, ଚନ୍ଦ୍ର ମାଝୀ ଓ ଅନ୍ୟ ଶିକ୍ଷକମାନେ ଉପସ୍ଥିତ ଥିଲେ।

**GOVERNMENT OF CHHATTISGARH, WATER RESOURCES DEPARTMENT**
**OFFICE OF THE EXECUTIVE ENGINEER**
**WATER RESOURCES DIVISION RAIGARH**
**DIST-RAIGARH (C.G.)**
**e-PROCUREMENT TENDER NOTICE**
**eProcurement Portal: https://eproc.cgstate.gov.in**
**Online Tenders are invited for the following works upto 16.05.2025 at 17.30 Hours.**

| System Tender No. | NIT No. & Date | Name of Work | Probable amount of contract (in lakhs) | Tender Call |
|---|---|---|---|---|
| 167601 | 01/SAC/2025-26 Dtd.29.04.2025 | IMPROVEMENT OF HEAD WORK, BUND & CANAL OF MADHUBAN TANK SCHEME | 216.76 | Fifth Call |
| 167602 | 02/SAC/2025-26 Dtd.29.04.2025 | CONSTRUCTION OF KHAIRPALI STOP DAM CUM ANICUT SCHEME IN RAIGARH DISTRICT | 519.49 | Second Call |

The details can be viewed and downloaded online directly from the Government of Chhattisgarh Integrated e-Procurement Portal (https://eproc.cgstate.gov.in) **from Date 06.05.25 at 17.31 Hours. (IST) onwards.**
**NOTE:-** All eligible/interested contractors/bidders are mandated to get enrolled on the Integrated e-procurement portal (https://eproc.cgstate.gov.in) and get approval on specific vendor class from PWD under Centralized Contractor / Supplier Registration in order to download the tender documents and participate in the subsequent bidding process.

**Sd./- EXECUTIVE ENGINEER**
**WATER RESOURCES DIVISION RAIGARH**
**DISTT.- RAIGARH (C.G.)**
**G- 252600594/4**



**ଶ୍ରମିକ ଦିବସ, ମେ' ୧ ରେ ପାଳିତ ହେଉଛି ଏହି ଦିବସ। ଏହାକୁ ମେ' ଦିବସ ବା ଆନ୍ତର୍ଜାତିକ ଶ୍ରମିକ ଦିବସ ଭାବେ ମଧ୍ୟ ପାଳନ କରାଯାଉଛି। ଊନବିଂଶ ଶତାବ୍ଦୀର ଶେଷଭାଗରେ ନିଜ ହକ୍ ପାଇଁ ଶିଳ୍ପପତିମାନଙ୍କ ଆକ୍ରୋଶର ଶିକାର ହୋଇଥିବା ଏବଂ ପ୍ରାଣ ହରାଇଥିବା ଶ୍ରମିକମାନଙ୍କ ସଂଘର୍ଷକୁ ଏହି ଦିବସ ମନେ ପକାଇ ଦେଉଛି। ଏବେ ବି ଶ୍ରମିକମାନଙ୍କ ସଂଘର୍ଷ ଶେଷ ହୋଇନାହିଁ। ଶୋଷଣ ବିରୋଧରେ ଏବଂ ନିଜ ଅଧିକାର ପାଇଁ ସେମାନଙ୍କ ଲଢ଼େଇ ଜାରି ରଖିଛନ୍ତି।**

# ଦିବସର ମହତ୍ତ୍ୱ

ମେ'୧ ଆନ୍ତର୍ଜାତିକ ଶ୍ରମିକ ଦିବସ, ଶ୍ରମିକମାନଙ୍କ ପାଇଁ ଏହା ଏକ ସ୍ମରଣୀୟ ଦିନ। ଏହି ଦିବସରେ ପ୍ରାୟ ୧୩୭ ବର୍ଷ ପୂର୍ବେ ଆମେରିକାର ଶ୍ରମିକମାନେ ବିଶ୍ୱର ଶ୍ରମିକଶ୍ରେଣୀ ପାଖରେ ଏକ ନୂତନ ସଂଗ୍ରାମର ଆହ୍ୱାନ ଦେଇଥିଲେ। ସେମାନଙ୍କର ଏହା ଥିଲା ଉକ୍ତ ବିନିମୟରେ ସଂଗ୍ରାମର ଆହ୍ୱାନ। ସେଦିନ ଆମେରିକାର ହେ' ମାର୍କେଟରେ ଶ୍ରମିକମାନେ ୮ ଘଣ୍ଟା କାମ ଦାବିରେ ଯେଉଁ ବିକ୍ଷୋଭ ପଟୁଆର ବାହାର କରିଥିଲେ ତା' ଉପରେ ନଇଁ ଆସିଥିଲା ଆମେରିକା ସରକାରଙ୍କ ପୋଲିସ ବାହିନୀର ନୃଶଂସ ଆକ୍ରମଣ । ଫଳରେ ଘଟଣାସ୍ଥଳରେ ଅଗଣିତ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା ଏବଂ ସେହିସବୁ ଶ୍ରମିକଙ୍କ ରକ୍ତରଞ୍ଜିତ ପୋଷାକକୁ ଝଣ୍ଡା ରୂପେ ନେଇ ଯେଉଁ ପଟୁଆର ବାହାରିଥିଲା, ସେହି ପଟୁଆରର ଝଣ୍ଡା ହିଁ ହେଉଛି ଆଜିକାର ଲାଲ୍‌ଝଣ୍ଡା। ଫଳତଃ ଏହି ଦିବସଟି ଶ୍ରମିକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ। ହେ' ମାର୍କେଟରେ ଏହି ଘଟଣା ପୂର୍ବରୁ ମଧ୍ୟ ବିଶ୍ୱର ବିଭିନ୍ନ ଦେଶର ଶ୍ରମିକଶ୍ରେଣୀ ତାଙ୍କର ଆଇନଗତ ଦାବିରେ ଆନ୍ଦୋଳନ କରିଛନ୍ତି, କିନ୍ତୁ ହେ' ମାର୍କେଟର ଘଟଣା ଐତିହାସିକ ଘଟଣା ରୂପେ ପରିଚିତ ହେଲା । କାରଣ ହେ' ମାର୍କେଟରେ ପ୍ରଥମେ ବିଶ୍ୱର ଶ୍ରମିକଶ୍ରେଣୀର ଐକ୍ୟ ଘୋଷିତ ହୋଇଥିଲା ଏବଂ ଶ୍ରମିକଙ୍କର ରକ୍ତରଞ୍ଜିତ ଲାଲ୍ ପତାକା ସୃଷ୍ଟି ହୋଇଥିଲା ତଥା ଶ୍ରମିକଶ୍ରେଣୀ ବିଜୟର ସହ ଏକ ଗୁରୁତ୍ୱପୂର୍ଣ୍ଣ ଦାବି ହାସଲ କରିଥିଲା। ପରବର୍ତ୍ତୀ ସମୟରେ ଶ୍ରମିକଶ୍ରେଣୀର ଶ୍ରେଷ୍ଠ ଚିନ୍ତାନାୟକ ମହାନ ନେତା କାର୍ଲମାର୍କ୍ସଙ୍କ ସାହାଯୋଗୀ ସାରବାହାର ଶ୍ରେଣୀର ମହାନ ନେତା ଫ୍ରେଡରିକ ଏଙ୍ଗେଲ୍ସ ଏହି ଦିବସଟିକୁ ଶ୍ରମିକ ଦିବସ ରୂପେ ଘୋଷଣା କରିଥିଲେ। ଇତିମଧ୍ୟରେ ୧୩୬ ବର୍ଷ ଅତିବାହିତ ହେବାକୁ ଯାଉଛି। ବିଶ୍ୱର ବିଭିନ୍ନ ଦେଶର ଶ୍ରମିକମାନେ ଶପଥ ଗ୍ରହଣ କରିଆସୁଛନ୍ତି ଏବଂ ଶ୍ରମିକଙ୍କ ସହ ସେମାନଙ୍କର ଏକତା, ସଂହତି ଘୋଷଣା କରୁଛନ୍ତି। ସେଥିପାଇଁ ଏହି ମେ' ଦିବସ ପୃଥିବୀର ଶ୍ରମଜୀବୀ ଜନସାଧାରଣଙ୍କ ପାଖରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଦିବସ ।

୧୮୮୬ ମସିହା ମେ ୪ରେ ଚିକାଗୋରେ ଘଟିଥିବା ଏକ ହିଂସାତ୍ମକ ସଂଘର୍ଷ, ହେ' ମାର୍କେଟ ଘଟଣାକୁ ସମ୍ମାନ ଜଣାଇବା ପାଇଁ ସମାଜବାଦୀ ଗୋଷ୍ଠୀ ଏବଂ ଟ୍ରେଡ୍ ୟୁନିୟନର ଏକ ଅନ୍ତର୍ଜାତୀୟ ଫେଡେରେଶନ ଦ୍ୱାରା ୧୮୮୯ ମସିହାରେ ଏହି ଦିନକୁ ଆନୁଷ୍ଠାନିକ ଭାବରେ ସ୍ୱୀକୃତି ଦିଆଯାଇଥିଲା। ଶ୍ରମିକଙ୍କ ଅଧିକାର ପାଇଁ ଲଢ଼େଇରେ ହେ'ମାର୍କେଟ ମାମଲା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା, ବିଶେଷକରି ଆଠ ଘଣ୍ଟା କାର୍ଯ୍ୟଦିବସ ଦାବି। ସମୟକ୍ରମେ ମେ' ଦିବସ ଅନେକ ଦେଶରେ ଆୟୋଜିତ ବିକ୍ଷୋଭ ଏବଂ ଉତ୍ସବ ସହିତ ଶ୍ରମିକଙ୍କ ଏକତାର ଏକ ବିଶ୍ୱସ୍ତରୀୟ ପ୍ରତୀକ ହୋଇଗଲା । ସୋଭିଏଟ୍ ସଂଘରେ ଶ୍ରମିକମାନଙ୍କୁ ପୁଞ୍ଜିବାଦ ବିରୋଧରେ ଏକଜୁଟ ହେବାକୁ ଉତ୍ସାହିତ କରିବା ପାଇଁ ମେ' ଦିବସକୁ ଏକ ଦିନ ଭାବରେ ଗ୍ରହଣ କରାଯାଇଥିଲା। ଆଜି ଏହା ଶ୍ରମିକଙ୍କ ଅଧିକାର ଏବଂ ନିରପେକ୍ଷ ଶ୍ରମ ଅଭ୍ୟାସ ପାଇଁ ଓକିଲାତି କରୁଥିବା ପଦଯାତ୍ରା, ବିକ୍ଷୋଭ ଏବଂ ରାଲି ସହିତ ପାଳନ କରାଯାଏ । ଉଚିତ ମଜୁରି, ନିରାପଦ କାର୍ଯ୍ୟ ଅବସ୍ଥା ଏବଂ ଶ୍ରମ ଅଧିକାର ପାଇଁ ଚାଲିଥିବା ଲଢ଼େଇର ଏକ ଶକ୍ତିଶାଳୀ ସ୍ମାରକୀ ହେଉଛି ଏହି ମେ' ଦିବସ।

**–ଅସିତ ମହାନ୍ତି**, ସୁଜନପୁର, ଯାଜପୁର, ମୋ:୯୪୩୭୨୮୮୦୨୮





ବିଶ୍ୱ ଶ୍ରମିକ ଦିବସ ଅବସରରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଡ଼ଙ୍ଗରମୁଣ୍ଡା ଗ୍ରାମର ବାଲୁକା ଶିଳ୍ପୀ ଓମ୍ ପ୍ରକାଶ ସାହୁଙ୍କ ଦ୍ୱାରା ଅଙ୍କିତ ବାଲୁକା କଳା। ଏଥିରେ ସେ ଜଣେ ଶ୍ରମିକ ଇଟା ଭାର ସହ ନିଜ ଛୋଟ ଶିଶୁକୁ ବୋହି ନେଉଥିବାର ଦୃଶ୍ୟକୁ ନିଖୁଣ ଭାବରେ ଚିତ୍ରଣ କରିଛନ୍ତି। **(ଫଟୋ:ପ୍ରଦୀପ କୁମାର ସାହୁ, କର୍ଲାମୁଣ୍ଡା।)**

# ୧୯୨୩ରୁ ଭାରତରେ ଶ୍ରମିକ ଦିବସ

ଭାରତରେ ପ୍ରଥମକରି ଶ୍ରମିକ ଦିବସ ବା ମେ' ଦିବସ ୧୯୨୩ରେ ମାଡ୍ରାସ (ଚେନ୍ନାଇ)ରେ ପାଳନ କରାଯାଇଥିଲା। ଏହିଦିନ ସମଗ୍ର ଭାରତବର୍ଷରେ ଟ୍ରେଡ୍ ୟୁନିୟନଗୁଡିକ ଶ୍ରମିକମାନଙ୍କର ମୂଲ୍ୟବୋଧକୁ ମନେପକାଇ ଥାଆନ୍ତି। ଭାରତରେ ଶ୍ରମିକ ଦିବସ ପାଳନ ପାଇଁ ଲେବର କିଷାନ ପାର୍ଟି ପ୍ରଥମ ପଦକ୍ଷେପ ନେଉଥିଲା। ପ୍ରଥମ ଟ୍ରେଡ୍ ୟୁନିୟନର ପ୍ରତିଷ୍ଠାତା ମଳୟପୁରମ୍ ସିଙ୍ଗାରଭେଲୁ ଚେଟିଆର୍ ଉକ୍ତ ଦିବସ ପାଳନ ପାଇଁ ଦୁଇଟି ବୈଠକ ଆୟୋଜନ କରିଥିଲେ। ଗୋଟିଏ ବୈଠକ ଟ୍ରିପ୍ଲିକେନ ବିଚ୍‌ରେ ଏବଂ ଅନ୍ୟଟି ମାଡ୍ରାସ ହାଇକୋର୍ଟର ବିପରୀତ ଦିଗରେ ଥିବା ସମୁଦ୍ର ବେଳାଭୂମିରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସିଙ୍ଗାରଭେଲୁ ଏକ ପ୍ରସ୍ତାବ ଗୃହୀତ କରାଇଥିଲେ। ଏହି ପ୍ରସ୍ତାବରେ ଉଲ୍ଲେଖଥିଲା ଯେ, ମେ' ୧ ଶ୍ରମିକ ଦିବସକୁ ସରକାର ଜାତୀୟ ଛୁଟିଦିବସ ଘୋଷଣା କରନ୍ତୁ। ପ୍ରଥମଥର ପାଇଁ ଶ୍ରମିକ ସଙ୍କେତ ସ୍ୱରୂପ ଏଠାରେ ଲାଲ୍ ପତାକା ବ୍ୟବହାର କରାଯାଇଥିଲା ।

## ଏମାନେ ଯାହା କୁହନ୍ତି

### ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଚେୟାରମ୍ୟାନ୍ ପଦବୀ ଫାଙ୍କା ପଡ଼ିଛି



“ଶ୍ରମିକଙ୍କ ପାଇଁ ସରକାର ଦୈନିକ ମଜୁରି ବଢ଼ାଇବା ଲାଗି କହୁଥିଲା ବେଳେ ଏହା ସନ୍ଦେହ ପ୍ରକଟ କରୁଛି। ଦୈନିକ ସର୍ବନିମ୍ନ ମଜୁରି ପ୍ରତି ୫ବର୍ଷରେ ବଢ଼ିବା କଥା। ମାତ୍ର କୌଣସି ରାଜ୍ୟ କି କେନ୍ଦ୍ର ସରକାର ତାହା କରୁନାହାନ୍ତି। ଡିଏ ପ୍ରତି ୬ମାସରେ ବଢ଼ାଯାଉଛି ଯାହା ମହାଙ୍ଗା ଭତ୍ତା ବୋଲି କୁହାଯାଏ। ସରକାରୀ ଚାକିରିଆଙ୍କର ୪ହଜାର ବା ୫ ହଜାର ବଢୁଥିବା ବେଳେ ଶ୍ରମିକଙ୍କର କେଉଁ ଆଧାରରେ ୧୦ଟଙ୍କା ବଢ଼ିଲା ତା'ର ଉତ୍ତର ସରକାର ଦେବା ଆବଶ୍ୟକ। ଏଥିସହ ଅଣ ସଂଗଠିତ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ଲାଗି ବଜେଟ ବ୍ୟବସ୍ଥା କରିବାକୁ ସରକାର ପଦକ୍ଷେପ ନେଲେନାହିଁ। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଚେୟାରମ୍ୟାନ୍ ପଦବୀ ପୂରଣ ନହେବା ଫଳରେ ବୋର୍ଡ଼ ଏକ ପ୍ରକାର ପଙ୍ଗୁ ହୋଇଯାଇଛି।

**–ମହେନ୍ଦ୍ର ପରିଡ଼ା, ସାଧାରଣ ସମ୍ପାଦକ, ଏଆଇସିସିଟିୟୁ,**

### ଶ୍ରମିକମାନେ ସମ୍ପୂର୍ଣ୍ଣ ବିଶ୍ୱକୁ ଏକ କରନ୍ତୁ



“ଶ୍ରମିକମାନେ ସମ୍ପୂର୍ଣ୍ଣ ବିଶ୍ୱକୁ ଏକ କରନ୍ତୁ। ଅନ୍ତର୍ଜାତୀୟ ଶ୍ରମ ଦିବସ ଅବସରରେ ସମସ୍ତ ଶ୍ରମିକଙ୍କ ସମ୍ମାନ ଓ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ସହଯୋଗ କରିବା, ଯାହାଦ୍ୱାରା ଏକ ଉନ୍ନତ ଓ ବିକଶିତ ଭାରତ ଗଠନ ହୋଇପାରିବ। ଶ୍ରମ ଦିବସରେ ସମସ୍ତ ଶ୍ରମିକ, ସାଧକମାନଙ୍କୁ ଶୁଭେଚ୍ଛା।

**–ଲକ୍ଷ୍ମଣ ଦାସ, ସଙ୍ଗଠନ ସମ୍ପାଦକ, ଭାରତୀୟ ମଜଦୁର ସଂଘ**

### ୧୫୦ ବର୍ଷର ଶ୍ରମ ଆଇନ ପରିବର୍ତ୍ତନ କରାଯାଇଛି



“ମେ' ଦିବସ ଶ୍ରମିକ ଶ୍ରେଣୀ ପାଇଁ ଏକ ଘଡ଼ିସନ୍ଧି ମୁହୂର୍ତ୍ତ। କେନ୍ଦ୍ର ସରକାର ୪୪ଟି ଶ୍ରମକୋର୍ଡ ବାତିଲକରି ୪ଟି ଶ୍ରମକୋଡ୍ ନାମରେ କର୍ପୋରେଟ୍ ସ୍ୱାର୍ଥରେ ୧୫୦ ବର୍ଷର ଶ୍ରମ ଆଇନକୁ ପରିବର୍ତ୍ତନକରି ମଧ୍ୟ ଯୁଗୀୟ ଦାସଯୁଗ ଆଡ଼କୁ ନେଇଯାଉଛନ୍ତି। ଏହା ବିରୋଧରେ ଐକ୍ୟବଦ୍ଧ ଶ୍ରମିକ ଆନ୍ଦୋଳନ ହେଉଛି ଆଜିର ଅହ୍ୱାନ ।

**–ବିଜୟ ଜେନା, ସାଧାରଣ ସମ୍ପାଦକ, ଏଆଇଟିୟୁସି**

### ଅଣସଙ୍ଗଠିତ କୃଷି ଶ୍ରମିକଙ୍କ ପ୍ରତି ସରକାର ସମ୍ବେଦନଶୀଳ ହୁଅନ୍ତୁ



“ଆଜି ଶ୍ରମିକ ଦିବସ। ଶିଳ୍ପ କ୍ଷେତ୍ରରେ କାମ କରୁଥିବା ସଙ୍ଗଠିତ ଶ୍ରମିକଙ୍କ ତୁଳନାରେ କୃଷି କ୍ଷେତ୍ରରେ କାମ କରୁଥିବା ଅଣସଙ୍ଗଠିତ କୃଷି ଶ୍ରମିକଙ୍କ ଅବସ୍ଥା ବହୁତ ଭୟଙ୍କର। ନବନିର୍ମାଣ କୃଷକ ସଙ୍ଗଠନ ଏହି ଅଣସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା କୃଷି ଶ୍ରମିକଙ୍କର ନ୍ୟାଯ୍ୟ ଅଧିକାର ପାଇଁ ସରକାରଙ୍କ ପାଖରେ ଦାବି ଉପସ୍ଥାପିତ କରିଆସିଛି। ଆଜି ଶ୍ରମିକ ଦିବସରେ ସରକାର ସମ୍ବେଦନଶୀଳ ହେବାସହ ସେମାନଙ୍କର ନ୍ୟାଯ୍ୟ ଦାବିପ୍ରତି ସ୍ୱୀକୃତି ଦେଇ ସେମାନଙ୍କ ଅବସ୍ଥାର ସୁଧାର ଆଣିପାରିଲେ ଅଣସଙ୍ଗଠିତ ଶ୍ରମିକମାନେ ଉପକୃତ ହୋଇପାରିବେ।

**–ଅକ୍ଷୟ କୁମାର,ରାଷ୍ଟ୍ରୀୟ ସଂଯୋଜକ, ନବନିର୍ମାଣ କୃଷକ ସଙ୍ଗଠନ**

ରିପୋର୍ଟ: ସୌମ୍ୟରଞ୍ଜନ ରାଉତ, ଭୁବନେଶ୍ୱର

## ଅନ୍ୟାନ୍ୟ ଖବର

# ଗଛପଡ଼ି ଯାତାୟାତ ୪ ଘଣ୍ଟା ଠପ୍



ଗଛ ଉପୁଡ଼ି ରାସ୍ତା ଉପରେ ପଡ଼ିଛି।

**ବନ୍ତଳା,୩୦।୪(ସୁଶିତ ସାହୁ)** ଅନୁଗୋଳ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ତେଲଭୂଇଁ ବାଟ ନିକଟରେ ଟିକରପଡ଼ା ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାରେ ବୁଧବାର ଅପରାହ୍ନ ୩ଟାରେ ଏକ ବଡ଼ ଗଛ ଉପୁଡ଼ି ପଡିବାରୁ ପ୍ରାୟ ୪ ଘଣ୍ଟାଧରି ଯାତାୟାତ ଠପ୍ ହୋଇଯାଇଥିଲା। ସୂଚନା ଅନୁଯାୟୀ, ମଙ୍ଗଳବାର କାଳବୈଶାଖୀ ଯୋଗୁ ଉକ୍ତ ଗଛ ନଇଁପଡିଥିବା ବେଳେ ଅପରାହ୍ନରେ ତାହା ହଠାତ୍ ଉପୁଡ଼ି ରାସ୍ତା ଉପରେ ପଡ଼ିଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଗଛକାଟି ରାସ୍ତା ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ଧାନ ଆଣିବାକୁ ଗଲା ବେଳେ ଓଲଟିଲା ଟ୍ରାକ୍ଟର: ୨ ମୃତ

**ବାହାନଗା, ୩୦।୪ (ଅରୂପ୍ କୁମାର ଦାସ)** ବାଲେଶ୍ୱର ଜିଲା ବାହାନଗା ବ୍ଲକ ତାଳକୁରୁଣିଆଁ ଗ୍ରାମରେ ବୁଧବାର ପୂର୍ବାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ବିଲକୁ ଧାନ ଆଣିବାକୁ ଯାଉଥିବା ବେଳେ ଟ୍ରାକ୍ଟର ଓଲଟି ପଡିବାରୁ ୨ ଜଣ ନାବାଳକଙ୍କ ମୃତ୍ୟୁ ଘଟିଛି। ତାଳକୁରୁଣିଆଁ ପଞ୍ଚାୟତ ମାଗୁରା ରାସ୍ତା ଦେଇ ନୀଳକଣ୍ଠପୁରସ୍ଥିତ ବିଲକୁ ଧାନ ଆଣିବା ପାଇଁ ଟ୍ରାକ୍ଟର ଚଳାଇ ୨ ନାବାଳକ ବିଲକୁ ଯାଉଥିଲେ। ମାଗୁରା ୟୁପି ବିଦ୍ୟାଳୟ ଛକଠାରେ ରାସ୍ତାକଡକୁ ଟ୍ରାକ୍ଟର ଓଲଟି ପଡିବାରୁ ଇଞ୍ଜିନରେ ୨ଜଣ ଚାପି ହୋଇଯାଇଥିଲେ। ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ମେଶିନ ସାହାଯ୍ୟରେ ଟ୍ରାକ୍ଟରକୁ ଉଠାଇବା ସହିତ ଟ୍ରାକ୍ଟର ଭିତରୁ ଚାପିହୋଇଥିବା ୨ଜଣଙ୍କୁ ଉଦ୍ଧାର କରି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଆସିଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# କେନାଲରେ ବୁଡ଼ି ବୃଦ୍ଧ ମୃତ

**ସନ୍ନିଛକ, ୩୦।୪ (ସନ୍ତୋଷ ପରିଡ଼ା)** ଅନୁଗୋଳ ଜିଲା ବଁଅରପାଳ ଥାନା ଅଞ୍ଚଳର ଜଣେ ବୃଦ୍ଧ କମ୍ପୁ ଭୋଳଙ୍କ ବୁଧବାର ସନ୍ଧ୍ୟାରେ ରେଙ୍ଗାଳି କେନାଲରେ ବୁଡ଼ି ମୃତ୍ୟୁ ହୋଇଛି। କମ୍ପୁ ଗାଧୋଇବା ପାଇଁ କେନାଲକୁ ଯାଇଥିବା ବେଳେ ବୁଡ଼ି ଯାଇଥିଲେ। ବଁଅରପାଳ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।


**OFFICE OF THE NOTIFIED AREA COUNCIL, KHARIAR ROAD**

Mail: nackhrd@rediffmail.com, Phone No.06678-221239

**INVITATION FOR BIDS**

Bid Reference No.

**Tender Call Notice No.807/22.04.2025**

**No.C-193:**Bid documents consisting of specification the schedule of quantities and the set of terms and condition of contract and other necessary document can be seen in the Govt. website i.e.www.tendersodisha.gov.in.

| | | | |
|---|---|---|---|
| 1 | Nature of Work | : | Civil works as mentioned in website |
| 2 | Estimated Cost | : | Rs.99.58 Lakhs |
| 3 | Period of Completion | : | As per DTCN |
| 4 | Date and Time of availability of the documents in the portal | : | 10.00 AM 25.04.2025 to 5.00 PM 08.05.2025 |
| 5 | Last date/time for receipt of Bids in the portal | : | 08.03.2025 by 5.30 PM |
| 6 | Offline Submission of Bid | : | 10.00 AM of 09.05.2025 to 5.30 PM of 09.05.2025 |
| 7 | Name and address of the Officer Inviting Bid | : | Executive Officer, Khariar Road NAC, Dist- Nuapada |

Further the details can be seen from the “procurement Portal - www. tendersorissa.gov.in.”

OIPR-13136/11/0034/2526

**Sd./- Executive Officer, NAC, Khariar Road**

ସମଗ୍ର ଶିକ୍ଷା समग्र शिक्षा Samagra Shiksha

**OFFICE OF THE DISTRICT PROJECT COORDINATOR, SAMAGRA SHIKSHA, KALAHANDI**

NEAR JAIL CHOWK, BHAWANIPATNA,
Email:- dpckalassa.opepa@nic.in

No. 1144/2025 Dated: 24.04.2025

**NOTICE INVITING TENDER (NIT)**

No. n-18:- Sealed tenders are invited from the reputed & credible supplier for Teaching Learning Materials ( TLM) like **Slate, Pencil Box, Chalk, Pencil, Eraser, Sharpener & Crayon for Sishuvatika and Pencil box, Ruler, Pencil, Eraser, Sharpener & Crayon for Grade-I-III** of Kalahandi District in two bid systems (Technical & Financial Bid).

The detailed Bid document is available in the website of Kalahandi i.e. www.kalahandi.odisha.gov.in and www.osepa.odisha.gov.in. Interest and eligible agency/firm may download Bid document from the above website and apply accordingly.

**By order of Collector-cum-Chairman, Sd./- DEO-cum-DPC, Samagra Shiksha, Kalahandi**

OIPR-27180/11/0002/2526

Annexure-1

**DISTRICT MINERAL FOUNDATION, JAJPUR**

**Request for Proposal (RFP)**

**No.CAD-247:**District Mineral Foundation (DMF), Jajpur invites Request for Proposal (RFP) in prescribed format from reputed organisations for “Selection of Bidder for providing Career Counselling and Life Skills Training to College students in mining affected areas of Jajpur District, Odisha” under District Mineral Foundation, Jajpur”.

The detail of the RFP is available in the district web portal i.e. **www.jajpur.odisha.gov.in**

**Sd./- Collector & Managing Trustee, DMF, Jajpur**

OIPR-30025/11/0008/2526

**TENDER CALL NOTICE**

**OFFICE OF THE PRINCIPAL, PRANANATH COLLEGE (AUTONOMOUS) KHORDHA**

**No.19152904/2025-26/001** **Date:28.04.2025**

No.CAD-256:Sealed tenders are invited from registered firms/ agencies/ suppliers with uptodate VAT/GST clearance certificates to supply and installation of “Desktop Computer, UPS, LED TV, MICE Camera & MFP Printer”. The detail terms and conditions, guidelines, etc. are available and can be downloaded from the college website www. pnautonomouscollege.in. The sealed envelope containing the tenders in the prescribed format superscribed on the top of the envelope “Desktop Computer, UPS, LED TV, MICE Camera & MFM Printer” should reach the office of the undersigned on or before 12.05.2025 by 05.00 PM through registered/ Speed Post only.

The undersigned reserves the right to reject or cancel any or all tenders without assigning any reason thereof and the authority will not be held responsible for any postal delay.

OIPR-11127/11/0009/2526 **Sd./- Principal**

**OFFICE OF THE NOTIFIED AREA COUNCIL, TARBHA**

**“e” Procurement Notice**

Bid Identification No. TRV-NAC-01/2025-26
Tender ID : 2025_ORULB_112811
Tender Call Notice No.642/ Date 25.04.2025

No.C-186:Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract & other necessary documents can be seen in Govt. website i.e. www.tendersodisha.gov.in.

1. Name of the Work : As per DTCN
2. No. of Works : 1 No.
3. Amount put to Tender : As per DTCN
4. Period of Completion : As per DTCN
5. Starting Date & Time of Bidding : From Dt.28.04.2025 from 11.00 A.M.
6. Last Date & Time for Receipt of tenders through online : On or before Dt.09.05.2025 upto 05.00 P.M.
7. Bids received online shall be opened on : On Dt.13.05.2025 at 11.00 AM
8. Name and address of the Officer Inviting Bid : Executive Officer, Tarbha NAC

Further details can be seen from the procurement portal i.e. www. tendersodisha.gov.in

**Sd./- Executive Officer, Tarbha NAC**

OIPR-13199/11/0007/2526

**OFFICE OF THE NOTIFIED AREA COUNCIL, KHARIAR ROAD**

Mail: nackhrd@rediffmail.com, Phone No.06678-221239

**INVITATION FOR BIDS**

Bid Reference No.

**Tender Call Notice No.802/22.04.2025**

**No.C-194:**Bid documents consisting of specification the schedule of quantities and the set of terms and condition of contract and other necessary document can be seen in the Govt. website i.e.www.tendersodisha.gov.in.

| | | | |
|---|---|---|---|
| 1 | Nature of Work | : | Civil works as mentioned in website |
| 2 | Estimated Cost | : | Rs.231.26 Lakhs |
| 3 | Period of Completion | : | As per DTCN |
| 4 | Date and Time of availability of the documents in the portal | : | 10.00 AM 25.04.2025 to 5.00 PM 08.05.2025 |
| 5 | Last date/time for receipt of Bids in the portal | : | 08.03.2025 by 5.30 PM |
| 6 | Offline Submission of Bid | : | 10.00 AM of 09.05.2025 to 5.30 PM of 09.05.2025 |
| 7 | Name and address of the Officer Inviting Bid | : | Executive Officer, Khariar Road NAC, Dist- Nuapada |

Further the details can be seen from the “procurement Portal - www. tendersorissa.gov.in.

OIPR-13136/11/0033/2526

**Sd./- Executive Officer, NAC, Khariar Road**

**State Institute for Development of Arts & Crafts**

Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar-751030
Tel.No. +91 (0)674 2350138, E-mail: sidacorissa@gmail.com,
www.sidacodisha.org.in

SIDAC

No.PP:“Tender” in sealed cover is invited from reputed suppliers for **Supply of Musical Instruments to “Odisha Crafts Museum-Kalabhoomi”.**

For details of Tender & TOR etc. Please visit the websites www. sidacodisha.org.in or www.odishacraftsmuseum.odisha.gov.in. The last date for submission of Tender in the Office of SIDAC, Handicrafts Complex, Gandamunda, Khandagiri, Bhubaneswar Ph:0674-2350318 is upto 01.00 PM on 03.05.2025. The details of Tender will be available in the website w.e.f. 24.04.2025.

**OIPR-31036/11/0021/2526** **Sd./- CEO, OCM-KB**

No. A-75

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, MAIN DAM DIVISION, BURLA**
**AT/PO- BURLA, DIST-SAMBALPUR (ODISHA) 768017**

**Government of Orissa**
**"e" Procurement Notice NO. MDD-e-01/2025-26 (Online)**
**Email Id: semaindamdivn@gmail.com**

No. 4334 /Date: 24.04.2025

1. No. of work : 16 Nos.
2. Estimated Cost : Rs.7.46 to 28.02 lakhs
3. Period of completion : 2 (Two calendar) months
4. Date & Time of available of bid document in the Portal. : 01.05.2025 at 10.00 A.M.
5. Last date/time for receipt of bids in the portal : 12.05.2025 upto 05.00 P.M.
6. Date of opening of bid : 13.05.2025 at 11.00 A.M.
7. Name & Address of the Officer Inviting bid : Superintending Engineer, Main Dam Division, Burla At/PO- Burla, Dist.- Sambalpur, Odisha Email:- semaindamdivn@gmail.com

Further details, any corrigendum or addendum can be seen from the e-procurement portal http://tendersorissa.gov.in

**Sd./- Superintending Engineer, Main Dam Division, Burla**
**OIPR-32017/11/0011/2526**

**ପୌର ପରିଷଦ କାର୍ଯ୍ୟାଳୟ, ବ୍ରଜରାଜନଗର**
**OFFICE OF MUNICIPAL COUNCIL, BRAJRAJNAGAR**
At/Po - Lamtibahal Dist - Jharsuguda, Odisha
Phone No.- 8457812260, Mail- eobrjnmpl@gmail.com

Letter No. 1284/B.M. Dt. 24.04.2025

**Quotation Call Notice**

**No.C-175:-** Quotation in sealed covers are invited from intending Authorized Firms/Agencies having up to date GST Registration Copy/ PAN Card Copy/ Registration Copy & Experience Certificate of Same work for Installation of CCTV and annual maintenance contract at Brajrajnagar Municipality as per the specification mentioned in BOQ.

| Sl. No. | Title of Project | Security Deposit | Time for Completion of project | Paper cost |
|---|---|---|---|---|
| 1 | 2 | 3 | 4 | 5 |
| 1 | For Installation of CCTV and annual maintenance contract at Brajrajnagar Municipality | Rs.4,000/- | One Month | Rs.2000/- |

The Bid documents to be downloaded from the official Website of Jharsuguda District **www.jharsuguda.odisha.gov.in** from **dt. 25.04.2025 to 05.05.2025**. Last date of receipt of bid is **05.00 PM, 05.05.2025** through speed post/ registered post/ courier/ by hand only. Brajrajnagar Municipality will in no way be responsible for any delay in receipt of the Bid documents. Authority reserves all right to reject any or all quotations without assigning any reason thereof.

**Sd./- Executive Officer, Brajrajnagar Municipality**

OIPR-13099/11/0044/2526

# ଚାଷୀଙ୍କ ହକ୍ ପାଇଁ ଲଢ଼ିବ କଂଗ୍ରେସ: ଭକ୍ତ

ଭୁବନେଶ୍ୱର,୩୦।୪
(ରବିନାରାୟଣ ଜେନା)

ରାଜ୍ୟ ସରକାର ଚାଷୀଙ୍କ ପ୍ରତି ଅନ୍ୟାୟ କରିଚାଲିଛନ୍ତି, ଯେଉଁଥିପାଇଁ ଚାଷୀଙ୍କ ମେରୁଦଣ୍ଡ ଦିନକୁ ଦିନ ଦୋହଲିଯାଉଛି। ସର୍ବଭାରତୀୟସ୍ତରରେ ଚାଷୀଙ୍କ ମାସିକ ଆୟ ୧୧ ହଜାର ଟଙ୍କା ରହିଥିବାବେଳେ ଓଡ଼ିଶାରେ ଏହା ମାତ୍ର ୫୧୨୦ ଟଙ୍କା ଭିତରେ ରହିଛି। ପୂର୍ବର ବିଜେଡି ସରକାର ଏବଂ ବର୍ତ୍ତମାନର ଭାଜପା ସରକାର ଚାଷୀଙ୍କୁ ସେମାନଙ୍କ ଉଚିତ୍ ହକ୍ ଦେଉନାହାନ୍ତି। ଯେପର୍ଯ୍ୟନ୍ତ ଚାଷୀଙ୍କୁ ତାଙ୍କର ଉଚିତ୍ ପ୍ରାପ୍ୟ ମିଳିନାହିଁ ସେପର୍ଯ୍ୟନ୍ତ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ପବିତ୍ର ଅକ୍ଷୟତୃତୀୟା ଅବସରରେ ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଚିକରପଡ଼ା ଗ୍ରାମପଞ୍ଚାୟତର କଲ୍ୟାଣପୁରଠାରେ ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ସଭାପତି ବିଶ୍ୱଜିତ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ


ଭକ୍ତ ଚରଣ ଦାସ

ରାଜ୍ୟସ୍ତରୀୟ ଅଖିପୁଟି ଅନୁକୂଳ ଉତ୍ସବର ଶୁଭାରମ୍ଭ କରି ଭକ୍ତ ଚାଷୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ରାଜ୍ୟ ସରକାର ଚାଷୀଙ୍କୁ ନ୍ୟାୟ ଦେବା ଏବଂ ସେମାନଙ୍କର ହକ୍ ପୂରଣ କରିବା ଏକାନ୍ତ ଜରୁରୀ ବୋଲି ସେ କହିଥିଲେ।

ଭକ୍ତ କହିଥିଲେ, ସରକାର ଚାଷୀଙ୍କୁ ଆବଶ୍ୟକ ପରିମାଣର ଉନ୍ନତମାନର ବିହନ ଠିକ୍ ସମୟରେ ଯୋଗାଇଦେବା ଆବଶ୍ୟକ। କୃଷକ ହେଲେ ଅନ୍ନଦାତା। ରାଜ୍ୟ ଜନସଂଖ୍ୟାର ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ଏହି ବର୍ଗର ଲୋକଙ୍କର ସାମଗ୍ରିକ ବିକାଶ ନ ହେଲେ ରାଜ୍ୟର ପ୍ରଗତି ସମ୍ଭବ ନୁହେଁ। ନଚେତ୍ ନ୍ୟାୟପଥରେ ଚାଷୀଙ୍କ ହକ୍ ପାଇଁ ସଂକଳ୍ପ, ସଂଘର୍ଷ ଓ ସମର୍ପଣ ଦ୍ୱାରା କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ସେ କହିଥିଲେ।

ଉତ୍ସବରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ଅକ୍ଷୟତୃତୀୟାର ମହନୀୟତା ଓ କୃଷକ ସମାଜର ପ୍ରଗତି ପାଇଁ କଂଗ୍ରେସ ଅତୀତରେ ବହୁତ କିଛି ପଦକ୍ଷେପ ନେଇଛି। ସମ୍ପ୍ରତି ଚାଷୀମାନଙ୍କ ମୌଳିକ ସମସ୍ୟାକୁ ରାଜ୍ୟ ସରକାର ତୁରନ୍ତ ସମାଧାନ କରିବା ଦରକାର ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ତଥା ଓଡ଼ିଶା ସହପ୍ରଭାରୀ ଶାହାନୱାଜ ଚୌଧୁରୀ ପ୍ରମୁଖ ସାମିଲ ଥିଲେ।

## ଆତଙ୍କବାଦୀଙ୍କୁ ବଞ୍ଚାଇବା, ଦୋଷମୁକ୍ତ କରାଇବାକୁ ଚାହୁଁଛନ୍ତି ଭକ୍ତ:ଭାଜପା

ଭୁବନେଶ୍ୱର, ୩୦।୪ (ସୁନିତ୍ ମିଶ୍ର)

ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣକୁ ନେଇ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ବୟାନ ନିନ୍ଦନୀୟ। କେନ୍ଦ୍ର ସରକାର ନାଟକ କରୁଛନ୍ତି ଏବଂ ୨ଟି ରାଜ୍ୟରେ ଆଗାମୀ ଦିନରେ ନିର୍ବାଚନ ଥିବାରୁ ଆତଙ୍କବାଦୀ ଆକ୍ରମଣ କରାଗଲା ବୋଲି ଭକ୍ତ କହୁଛନ୍ତି। ଏଥିରୁ ସେ ଆତଙ୍କବାଦୀଙ୍କୁ ବଞ୍ଚାଇବା ଓ ସେମାନଙ୍କୁ ଦୋଷମୁକ୍ତ କରିବା ପାଇଁ ଚାହୁଁଥିବା ଜଣାପଡ଼ୁଛି ବୋଲି ଭାଜପା ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି।

ଗଣମାଧ୍ୟମକୁ ଅନିଲ କହିଛନ୍ତି, ବିଶ୍ୱ ଜାଣିଛି, ପାକିସ୍ତାନ ହେଉଛି ଆତଙ୍କବାଦର କେନ୍ଦ୍ର ଓ ପହଲଗାମ୍‌ରେ ଆତଙ୍କବାଦୀମାନେ ଧର୍ମ ପଚାରି ଓ କଲମା ପଢ଼ିବାକୁ କହି ନିରୀହ ଲୋକଙ୍କୁ ଗୁଳିମାରି ହତ୍ୟା କରିଛନ୍ତି। କେବଳ ଭକ୍ତ ଦାସ ଓ କଂଗ୍ରେସର କେତେଜଣ ନେତାଙ୍କୁ ଆତଙ୍କବାଦୀଙ୍କ ଉଦ୍ଦେଶ୍ୟ ଏବଂ ସେମାନଙ୍କର ବର୍ବରତା ଦେଖାଯାଉ ନାହିଁ। ଯେଉଁଭଳି ଭାବେ କହୁଛନ୍ତି, ନିର୍ବାଚନକୁ ଆଖି ଆଗରେ ରଖି ଆତଙ୍କବାଦୀ ଆକ୍ରମଣ କରାଗଲା, ସେମାନେ କେଉଁଠି ନା କେଉଁଠି ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ୨୮ ପରିବାରଙ୍କ କଟା ଘା'ରେ ଲୁଣ ଦେଉଛନ୍ତି।

## ବିଜେଡି ସବୁବେଳେ ଜାତିଭିତ୍ତିକ ଜନଗଣନା ଦାବି କରିଆସୁଥିଲା: ନବୀନ

ଭୁବନେଶ୍ୱର, ୩୦।୪ (ସୁନିତ୍ ମିଶ୍ର)

କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାତିଭିତ୍ତିକ ଜନଗଣନାକୁ କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିବା ପରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି, ତାଙ୍କ ଦଳ ସବୁବେଳେ ଦେଶବ୍ୟାପୀ ଜାତିଭିତ୍ତିକ ଜନଗଣନା କରିବାକୁ ଦାବି କରିଆସୁଥିଲା। ସେମାନଙ୍କ ଉନ୍ନତି ଏବଂ ବିକାଶ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ କରିବାକୁ ଦାବି କରିଆସୁଥିଲା। ଓଡ଼ିଶାରେ ୨୦୨୩ରୁ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛୁ, ଯାହାଦ୍ୱାରା ବିଭିନ୍ନ ବର୍ଗର ଲୋକଙ୍କ ସଂଖ୍ୟା ଜାଣିହେବ। ସେମାନଙ୍କ ସାମାଜିକ ଏବଂ ବିକାଶ ଲାଗି ଏହି ପଦକ୍ଷେପ ନିଆଯାଉଥିଲା। ସେହି ପଦ୍ଧତିକୁ ଏବେ କେନ୍ଦ୍ର ସରକାର ଗ୍ରହଣକରି ଜାତିଭିତ୍ତିକ ଜନଗଣନା କରିବାକୁ ଯୋଜନା କରିଛନ୍ତି। ବିଜେଡି ସବୁବେଳେ ସାମାଜିକ ନ୍ୟାୟ ସପକ୍ଷରେ ରହିଛୁ। ଏସ୍‌ସି, ଏସ୍‌ଟି ଏବଂ ଓବିସିଙ୍କ ସାମାଜିକ ନ୍ୟାୟ ସହ ଥିବା ନବୀନ କହିଛନ୍ତି।

ଅନ୍ୟପଟେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ପ୍ରଧାନମନ୍ତ୍ରୀ ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି।

### ଜାତି ଆଧାରରେ ଜନଗଣନା

**■ ୨୦୧୧ରେ କଂଗ୍ରେସ ବିରୋଧ କରୁଥିଲା, ଏବେ ସମର୍ଥନ କରୁଛି: ମନମୋହନ**

ଏ ବିଷୟ ସବୁବେଳେ ଚର୍ଚ୍ଚାରେ ରହିଥିଲା। ଏ ବାବଦରେ ବହୁ ଆଲୋଚନା ହେଉଥିଲା। ଭଲ ନିଷ୍ପତ୍ତି ଉପରେ କ୍ୟାବିନେଟ୍ ମୋହର ଲାଗିଛି। କୋଭିଡ୍ ସକାଶେ ଏହା କରିବାରେ ୫ ବର୍ଷ ବିଳମ୍ବ ହୋଇଗଲା। ୨୦୨୫ରେ ଆରମ୍ଭ ହୋଇ ୨୦୨୬ରେ ଏହା ଶେଷ ହେବ। କଂଗ୍ରେସ ୨୦୧୧ରେ ଏହି ପ୍ରସ୍ତାବକୁ ବିରୋଧ କରୁଥିଲା। ଏବେ କହୁଛି ଜାତିଭିତ୍ତିକ ଜନଗଣନା ହେବା ଦରକାର। କଂଗ୍ରେସ ଅଟଳ ବିହାରୀ ବାଜପେୟୀଙ୍କଠାରୁ ବହୁ କଥା ଶିଖିବାର ଥିଲା। ସବୁବେଳେ ଛୋଟ ଚିନ୍ତାଧାରାରେ କଂଗ୍ରେସ ନିଜର ବିଚାରଧାରା ରଖୁଥିବାରୁ ତାଙ୍କ ଦଳ ଲୋପ ପାଇଗଲାଣି ବୋଲି ମନମୋହନ କହିଛନ୍ତି।

---

### ଉପ-ଆରକ୍ଷୀ ଆୟୋଗୀ (ନିରାପତ୍ତା) କାର୍ଯ୍ୟାଳୟ
### ସ୍ୱତନ୍ତ୍ର ନିରାପତ୍ତା ବାହିନୀ
### ଆରକ୍ଷୀ ଆୟୁକ୍ତ, ଭୁବନେଶ୍ୱର

ପ୍ରାପ୍ତେଷୁ
ନାମ:-ଶ୍ରୀ ସରୋଜ ବେହେରା, ସିପାହୀ/୫୦୪
ପିତା:-ଶ୍ରୀ ରତ୍ନାକର ବେହେରା,
ଗ୍ରାମ:- ଗିରିଜଙ୍ଗ
ପୋଷ୍ଟ/ଥାନା:-ଆଳି,
ଜିଲ୍ଲା:-କେନ୍ଦ୍ରାପଡ଼ା, ପିନ-୭୫୪୨୧୯

No.D-35:ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆପଣଙ୍କର ବିଶୃଙ୍ଖଳିତ ଆଚରଣ, କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ ତଥା ଉପରିସ୍ଥ ଅଧିକାରୀଙ୍କ ଆଦେଶକୁ ଅବମାନନା କରିଥିବା ଅଭିଯୋଗରେ ଆପଣଙ୍କ ବିରୁଦ୍ଧରେ ଏକ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସଂଖ୍ୟା ୨/୨୦୨୫ ଚାଲୁ କରାଯାଇଅଛି। ଉକ୍ତ କାର୍ଯ୍ୟାନୁଷ୍ଠାନର ତଦନ୍ତ ସମୟରେ ଯୋଗଦାନ କରିବା ପାଇଁ ତଦନ୍ତକାରୀ ଅଧିକାରୀ ଆପଣଙ୍କୁ ବାରମ୍ବାର ସମନ ଜାରି କରିଥିବା ସତ୍ତ୍ୱେ ଆପଣ ତାହାକୁ ଅବହେଳା କରି ଆଜି ପର୍ଯ୍ୟନ୍ତ ତଦନ୍ତରେ ଯୋଗଦାନ କରିନାହାନ୍ତି। ସ୍ୱତନ୍ତ୍ର ଡାକଯୋଗେ ଦିଆଯାଇଥିବା ପତ୍ରକୁ ଆପଣ ପ୍ରାପ୍ତିସ୍ୱୀକାର କରିଥିବା ସତ୍ତ୍ୱେ ଆପଣ ତଦନ୍ତ ସମୟରେ ଉପସ୍ଥିତ ହେଲେ ନାହିଁ। ଯେଉଁଥିପାଇଁ ଏକତରଫା ଭାବେ ତଦନ୍ତ ସମାପ୍ତ କରିବା ପାଇଁ ସ୍ଥିରୀକୃତ ହୋଇଅଛି।

ଏଣୁ ଆପଣଙ୍କୁ ଏହି ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଛି କି ଆପଣ ତା୩୧.୦୫.୨୦୨୫ ରିଖ ଦିନ ଉପ-ଆରକ୍ଷୀ ଆୟୋଗୀ (ନିରାପତ୍ତା) ସ୍ୱତନ୍ତ୍ର ନିରାପତ୍ତା ବାହିନୀ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ଉକ୍ତ କାର୍ଯ୍ୟାନୁଷ୍ଠାନର ତଦନ୍ତରେ ସହଯୋଗ କରିବା ଦେବେ। ନଚେତ ଭବିଷ୍ୟତରେ କୌଣସି ସୁଯୋଗ ଦିଆଯିବା ନିୟମ ଅନୁଯାୟୀ ଏକତରଫା ଭାବେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./-ଉପ-ଆରକ୍ଷୀ ଆୟୋଗୀ (ନିରାପତ୍ତା)
ସ୍ୱତନ୍ତ୍ର ନିରାପତ୍ତା ବାହିନୀ
ଆରକ୍ଷୀ ଆୟୁକ୍ତ, ଭୁବନେଶ୍ୱର

OIPR-12034/11/0009/2526

---

### OFFICE OF THE REGULATED MARKET COMMITTEE, JUNAGARH

At-Junagarh, PO-Junagarh, Dist:Kalahandi(Odisha)
Tender Call Notice No.689/RMC,Dated 25.04.2025
Bid Identification No.01/RMC, Junagarh/2025-26
e-Procurement notice IFB (Invitation for bids)

No.H-04:

| Sr. No. | Item | Details |
|---|---|---|
| 1 | The Sub Collector, Dharmagarh-Cum-Chairman RMC Junagarh invites percentage rate bids in Double /Single Cover System in ONLINE MODE only for work as detailed below: | |
| 2 | Nature of the Work | Construction of infrastructure and developmental work at different Market Yard of Junagarh, Golamunda & Dharmagarh |
| 3 | No. of Work | 4 Nos. |
| 4 | Bid Cost | Rs.10000.00 online transfer |
| 5 | Value of Tender | Rs.58.68 lakhs to Rs.618.54 lakhs |
| 6 | Class of Contractor | B, A & Special Class |
| 7 | Availability of BID Documents in the website | Dt.29.04.2025 to 14.05.2025 |
| 8 | Last date/time of Receipt of bids in the portal | Dt.15.05.2025 upto 5.00 P.M. |
| 9 | Date of Opening of Bid | Dt.16.05.2025 at 08.00 A.M. |
| 10 | The Bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/ Corrigendum/ Cancellation of the Tender etc can also be seen in the website: https://tendersorissa.gov.in | |

Sd./- Sub-Collector,
Dharmagarh-cum-Chairman,
RMC, Junagarh

OIPR-01538/11/0010/2526

---

### OFFICE OF THE ENGINEER-IN-CHIEF (CIVIL), ODISHA
### NIRMAN SOUDHA, UNIT-V, BHUBANESWAR

E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523

#### INVITATIONS FOR BIDS (IFB)

File No. B-IV-(F/D)-01/2016 Lr. No. 16185/Bhubaneswar Dt. 21st April, 2025

No. B-46 **INVITATION FOR BIDS**

**Bid Identification No. C.E. (B) - 04/2025-26**

| | | |
|---|---|---|
| 1. | The Chief Engineer (Buildings-II), Odisha on behalf of Governor of Odisha invites bids from reputed Indian Firms registered with the State Government and bidders of equivalent Grade Class registered with Central Government/MES/Railways for the infrastructure works detailed in the table below on turnkey basis (i.e. Architectural planning with detailed design, vetting & execution). | |
| 2. | Nature of Work | Construction of New Banjiyakar Bhawan at Chandrasekharpur, Bhubaneswar on Turnkey Basis in the State of Odisha |
| 3. | No. of Work | 01 No. |
| 4. | Bid Cost | Rs.10,000/- |
| 5. | Class of Contractor | Super Class |
| 6. | Availability of Bid Documents in the website | From Dt.08.05.2025 to 05.30 P.M. of Dt.29.05.2025 |
| 7. | Pre-bid meeting | Dt.19.05.2025 at 11.30 A.M. |
| 8. | Last date of online submission of bid | Dt.29.05.2025 upto 5.30 P.M. |
| 9. | Last Dt. of submission of hardcopy (Cover-III) | Dt.05.06.2025 upto 5.30 P.M. |
| 10. | Date of Opening of Bid | Dt.06.06.2025 at 11.30 A.M. |
| 11. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/cancellation of tender can also be seen in the said website only. | |

Sd./- Chief Engineer (Buildings-II),
Odisha, Bhubaneswar

OIPR-34117/11/0086/2526

---

### OFFICE OF THE SUPERINTENDING ENGINEER
### RWS&S DIVISION, BHUBANESWAR

E-MAIL: eebbsrrwss@gmail.com

#### QUOTATION CALL NOTICE NO.02 of 2025-26

No.O-99:Executive Engineer, RWS&S Division, Bhubaneswar on behalf of the Governor of Odisha invites quotations in sealed covers for the following work as stated below from authorised Dealer/ Distributor/ Supplier under following terms and conditions.

| | | |
|---|---|---|
| 1 | Nature of Work: | Supplying & Placing of different sizes & models of tables and Chairs to Ground Floor/ First Floor/ Third Floor in the Office of Engineer-in-Chief, RWS&S Jal 'O' Parimal Bhawan, Bhubaneswar |
| 2 | No. of Item: | 05 (Five) |
| 3 | Time for Completion | 15 (Fifteen) Days |
| 4 | Cost of Bidding document: | Rs.2000.00 |
| 5 | The quotation document will be available in O/o the Super-intending Engineer, RWS&S Division, Bhubaneswar | From Dt.28.04.2025 (10.00 AM) to 05.05.2025 (1.00 PM) |
| 6 | Last date and time for submission Quotation Papers in the quotation box kept in the O/o the Superintending Engineer, RWS&S Division, Bhubaneswar | Dt.05.05.2025 upto 4.00 P.M. |
| 7 | Date & Time of opening of Quotation | Dt.06.05.2025 at 11.00 A.M. in Office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall be appear in office notice board of the undersigned.

Sd./- Executive Engineer,
RWS&S Division, Bhubaneswar

OIPR-25011/11/0012/2526

---

### GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

No.2153/Date 28.04.2025

No.O-94 **"e" Procurement Notice for Road Work**

| | | |
|---|---|---|
| 1. | Name of the Work | Road Work under Deposit Scheme |
| 2. | Total No. of Works | 01 No. of Road Work for the year 2024-25 |
| 3. | Estimated Cost of the Work | Rs.143.00 Lakh |
| 4. | Class of Contractor | |
| | a) Estimated cost more than Rs.20.00 lakhs upto Rs.3.00 Crores | B Class (of Odisha PWD) or relevant class of other licensing authorities |
| | b) Estimated Cost more than Rs.1.00 Crore upto Rs.20.00 Crores | A Class (of Odisha PWD) or relevant class of other licensing authorities |
| 5. | Period of Completion | As mentioned in Column-7 of Annexure |
| 6. | Offered rates by bidder | The offered rate by the contractor shall be excluding GST. |
| 7. | Other details | |

| Procurement Officer | Bid Identification No. | Availability of Tender Online for bidding: From | To | Date & Time of opening of Tender: Technical Bid | Financial Bid |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Chief Engineer, Central Rural Works Circle, Bhubaneswar | Tender-Online- C.C. 10 of 2025 | 01.05.2025 at 11.00 A.M. | 08.05.2025 upto 5.00 P.M. | 09.05.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in.

Sd./- Chief Construction Engineer,
Central Rural Works Circle, Bhubaneswar

OIPR-25194/11/0038/2526

---

### ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍- (୦୬୭୪) ୨୩୯୩୭୫୨୪
ଇପିବିଏକ୍ସ:-(୦୬୭୪) ୨୩୯୦୧୫୪୨, ୨୩୯୦୧୫୫
ଫାକ୍ସ:(୦୬୭୪) ୨୩୯୩୧୬୩୨, ୱେବସାଇଟ୍ www.oshb.org

ପତ୍ରସଂଖ୍ୟା ୫୫ **ବିଜ୍ଞାପନ** ତା:୦୭.୦୪.୨୫

No.CAD-238:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଭୁବନେଶ୍ୱର କଲୋନୀ, ତୃତୀୟ ପର୍ଯ୍ୟାୟ, ଚାନ୍ଦ୍ରଶେଖରପୁର ସ୍ଥିତ ଗୃହ ନଂ- ଏଚ୍.ଆଇ.ଜି.-ବି-୨୩୪, (HIG-B-234)କୁ ଶ୍ରୀ ଆଶିଷ କୁମାର ଘୋଷ, ପି-ଶମ୍ଭୁନାଥ ଘୋଷ, ଗ୍ରା/ପୋ-ବୋଡ଼ମୁଣ୍ଡା, ଥା-ବୋଡ଼ମୁଣ୍ଡା, ଜି-ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀ ଆଶିଷ କୁମାର ଘୋଷ ଉକ୍ତ ଗୃହଟିରେ ତାଙ୍କର ସ୍ତ୍ରୀ ଶ୍ରୀମତୀ ଶର୍ମିଳା ଘୋଷ, ସ୍ୱା-ଶ୍ରୀ ଆଶିଷ କୁମାର ଘୋଷ, ଗ୍ରା/ପୋ-ବୋଡ଼ମୁଣ୍ଡା, ଥା-ବୋଡ଼ମୁଣ୍ଡା, ଜି-ସୁନ୍ଦରଗଡ଼ଙ୍କୁ ଯୁଗ୍ମ ଆବଣ୍ଟନ ଗ୍ରହୀତା ଭାବରେ ନାମ ଦରଜ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ଗୃହକୁ ଯୁଗ୍ମ ଆବଣ୍ଟନଗ୍ରହୀତା ଭାବରେ ନାମ ଦରଜ ସମ୍ବନ୍ଧରେ କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ଏତଦ୍‌ବ୍ୟତୀତ ଏ ସମ୍ବନ୍ଧରେ କୌଣସି ଆପତ୍ତି ଗ୍ରହଣୀୟ ହେବ ନାହିଁ ଏବଂ ଉକ୍ତ ଗୃହଟିରେ ମାଲିକାନା ଯୁଗ୍ମଆବଣ୍ଟନ ଭାବେ ନାମ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0582/2526

---

### obcc ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ

(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନରେ ଏକ ଉଦ୍ୟୋଗ)

No.CAD-245

### ODISHA BRIDGE & CONSTRUCTION CORPORATION LIMITED

(A Government of Odisha Undertaking under Works Department)

No. 4202
File: SMT-1738 (Vol-II)
Date:24.04.2025

#### NOTICE INVITING TENDER

| Sl. No. | Name of Work | Bid Identification No. | Date of availability of bid document in e-Procurement portal | Last date and time of receipt of online bid | Bid Processing Fee (Online Mode) | Period of Completion | Class of Contractor |
|---|---|---|---|---|---|---|---|
| 1 | "Additional works on Development/ Upgradation of Existing Fishing Harbour at Dhamara in Bhadrak District. | 08/Tender/ OBCC/ 2025-26 | From 25.04.2025 | On or before 5.00 PM of 09.05.2025 | Rs.22,000/- (including GST) | 12 (Twelve) Calendar Months | 'Special' Class or 'Super' Class |

5.Further details with any addendum, corrigendum, cancellation can be seen from the e-Procurement portal https://www.tendersodisha.gov.in. 6. OBCC has the right to accept or reject the Notice/ RFP without assigning any reasons thereof.

Sd./- EIC-cum-Managing Director

OIPR-34161/11/0020/2526

---

### OFFICE OF THE MUNICIPAL COUNCIL, DEOGARH

Email: deogarhmunicipality@gmail.com,
Website: deogarhmncp.gov.com
Office No. 06641-226231

No. C-183

Letter No. 1038/DM, Dated: 23.04.2025

#### QUOTATION CALL NOTICE

| | |
|---|---|
| Name of the Work:- | Hiring of 4 (Four) Nos. Hydraulic Tractor & Trolley for Transportation & Management of Waste in Deogarh Municipality |
| Tender/Quotation Paper Cost:- | Rs.6000.00 |
| EMD:- | Rs.6000.00 |
| Last date of sale of tender paper:- | Dt.03.05.2025 up to 12.00 PM |
| Last date of receipt of tender paper:- | Dt.03.05.2025 up to 1.00 PM |
| Date of opening of sealed tender:- | Dt.05.05.2025 1.00 PM |

Details can be seen / downloading from the officials website Deogarh Municipality webstie: eo-deogarhmncp.com from 12.00 P.M. on Dtd. 24.04.2025 to 03.05.2025 up to 12 P.M.

Sd./- Executive Officer
Deogarh Municipality

OIPR-13088/11/0023/2526

---

### DEPUTY DIRECTOR, NANDANKANAN ZOOLOGICAL PARK

P.O.- BARANG, DIST.- KHURDA, PIN-754005
PHONE- (M) 9437022023
Email: deputydirector.kanan@gmail.com

NANDANKANAN
Web: www.nandankanan.org

No.MM-16

#### e-PROCUREMENT NOTICE

Tender No. DD-NKN-_06_/PMU/NKZP-2025-26 Dt. 25.04.2025

| | | |
|---|---|---|
| 1 | Name of the work | Tender for supply and installation of MS Frame with chain link mesh and front glass for display area of Small Indian Civet enclosure inside Nandankanan Zoological Park for the year 2025-2026. |
| 2 | No. of works | 1 (one) no. |
| 3 | Date of availability of bid document in the portal | 26.04.2025 |
| 4 | Last date for receipt of bids in the portal | 06.05.2025 up to 5.00 P.M. |
| 5 | Date of pre-Bid meeting | 2.05.2025 at 11.00 A.M. |
| 6 | Date of opening of Technical Bid (Cover-I) | 07.05.2025 at 11.00 A.M. |
| 7 | Name & Address of Officer Inviting Tender (OIT) | Deputy Director, Nandankanan Zoological Park, P.O-Barang, Dist- Khorda, Pin-754005. |

Further details can be seen from the e-procurement portal https//tendersodisha.gov.in

Sd./- Deputy Director
Nandankanan Zoological Park

OIPR-08070/11/0074/2526

---

### ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋରୁକୋଣ୍ଡା
### ସାମାଜିକ ସମୀକ୍ଷା

ବିଜ୍ଞପ୍ତି ସଂଖ୍ୟା ୧୭୭୪ ତାରିଖ ୨୪.୦୪.୨୦୨୫

No.i: ଏତଦ୍ୱାରା କୋରୁକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ୧୨ ଗୋଟି ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ୨୦୨୫-୨୬ ଆର୍ଥିକ ବର୍ଷରେ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩) ର କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ସତ ପ୍ରତିଶତ ବ୍ୟବହୃତ ହୋଇଥିବା ମଷ୍ଟର ରୋଲ ଯାଞ୍ଚ ତଥା ସାମାଜିକ ସମୀକ୍ଷା କରିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମପଞ୍ଚାୟତଠାରେ ଗ୍ରାମସଭା ଅନୁଷ୍ଠିତ ହେବ। ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ/ସଦସ୍ୟା, ଗ୍ରାମପଞ୍ଚାୟତର ସମସ୍ତ ଜବ୍‌କାର୍ଡଧାରୀ ଶ୍ରମିକମାନେ ଏବଂ ସମସ୍ତ ଗ୍ରାମବାସୀମାନେ ନିଜ ନିଜର ଜବ୍‌କାର୍ଡ ଧରି ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ମଷ୍ଟର ରୋଲର ସଠିକତା ଯାଞ୍ଚ କରିବେ। ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, କନିଷ୍ଠଯନ୍ତ୍ରୀ, ଗ୍ରାମ ରୋଜଗାର ସେବକ, ADEO, ପିଇଓ, ଯୋଗାଣ ସହାୟକ ଏବଂ ଅଙ୍ଗନୱାଡ଼ି କର୍ମୀ, ଓଡ଼ିଶା ଜୀବିକା ମିଶନର ସମସ୍ତ SHG ମହିଳାମାନେ ଉପସ୍ଥିତ ରହିବେ। ସରପଞ୍ଚମାନେ ଗ୍ରାମସଭାର କାର୍ଯ୍ୟସୂଚୀ ସାଧାରଣ ନୋଟିସ, ଢେଙ୍କୁରା, ଡାକବାଜି ଯନ୍ତ୍ର ମାଧ୍ୟମରେ ଉପଯୁକ୍ତ ବିଷୟରେ ବହୁଳ ଭାବରେ ପ୍ରଚାର ନିମନ୍ତେ ଅନୁରୋଧ କରାଗଲା।

#### ସାମାଜିକ ସମୀକ୍ଷାର କାର୍ଯ୍ୟସୂଚୀ

| କ୍ର. ନଂ. | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ତାରିଖ | | ପଞ୍ଚାୟତସ୍ତରୀୟ ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି | ଉପସ୍ଥିତ ଅଧିକାରୀ |
|---|---|---|---|---|---|---|
| 1 | Kamweda | 01.05.2025 | 16.05.2025 | 16.05.2025 | 05.08.2025 | WEO |
| 2 | Old Chimtaplay | 01.05.2025 | 16.05.2025 | 16.05.2025 | | GPDO |
| 3 | Nilakameru | 01.05.2025 | 16.05.2025 | 16.05.2025 | | MI |
| 4 | Chitapari-3 | 17.05.2025 | 02.06.2025 | 02.06.2025 | | WEO |
| 5 | Korukonda | 17.05.2025 | 02.06.2025 | 02.06.2025 | | APOI/C |
| 6 | Tumsapali | 17.05.2025 | 02.06.2025 | 02.06.2025 | | GPDO |
| 7 | Dudameta | 03.06.2025 | 18.06.2025 | 18.06.2025 | | WEO |
| 8 | Somanathpur | 03.06.2025 | 18.06.2025 | 18.06.2025 | | GPDO |
| 9 | Potrel | 03.06.2025 | 18.06.2025 | 18.06.2025 | | MI |
| 10 | Tarlakota | 19.06.2025 | 04.07.2025 | 04.07.2025 | | APOI/C |
| 11 | Mariweda | 19.06.2025 | 04.07.2025 | 04.07.2025 | | WEO |
| 12 | Nakamamudi | 19.06.2025 | 04.07.2025 | 04.07.2025 | | GPDO |

ଯାଞ୍ଚ କରାଯିବ ଥିବା :
(୧) ବ୍ୟବହୃତ ମଷ୍ଟର ରୋଲର କ୍ରମିକ ସଂଖ୍ୟା ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ କ୍ରମିକ ସଂଖ୍ୟା ସମାନ କି ନାହିଁ ?
(୨) ମଷ୍ଟରରୋଲରେ ଶ୍ରମିକମାନଙ୍କ କାର୍ଯ୍ୟ ପତ୍ର ସଂଖ୍ୟା ଉଲ୍ଲେଖ ହୋଇଛି କି ନାହିଁ ?
(୩) ମଷ୍ଟର ରୋଲରେ ସମ୍ପାଦିତ କାର୍ଯ୍ୟର ପରିମାଣ ଓ ଦିଆଯାଇଥିବା ମଜୁରି ପରିମାଣ ସମାନ ହୋଇଛି କି ନାହିଁ ?
(୪) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ କାର୍ଯ୍ୟସ୍ଥଳୀ ପ୍ରଦତ୍ତ ବିବରଣୀ ସହ ସମାନ ଅଛି କି ନାହିଁ ?
(୫) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ ସହ ମାପ ବହିର ବର୍ଣ୍ଣିତ ମାପ ମେଳ ଖାଉଛି କି ନାହିଁ ?
(୬) ମଷ୍ଟର ରୋଲରେ ଉଲ୍ଲେଖିତ ଶ୍ରମିକ ଓ ସମ୍ପାଦିତ କାର୍ଯ୍ୟପରିମାଣ ଠିକ୍ ଅଛି କି ନାହିଁ ?

OIPR-19021/11/0006/2526 ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ

---

No. PP-02

### ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
### ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

୨୦୨୫-୨୬ ଆର୍ଥିକ ବର୍ଷରେ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ଉପଯୁକ୍ତ କାରିଗରମାନଙ୍କଠାରୁ ନିମ୍ନଲିଖିତ ଯୋଜନାରେ **ତା.୩୧.୦୫.୨୦୨୫ରିଖ** ସୁଦ୍ଧା ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| କ୍ର. ସଂ. | ଯୋଜନାର ନାମ | ଯୋଜନା ସମ୍ବନ୍ଧୀୟ ସଂକ୍ଷିପ୍ତ ସୂଚନା |
|---|---|---|
| ୧ | ସାମର୍ଥ୍ୟ ବୃଦ୍ଧି (Capacity Building) | |
| | (କ) ଗୁରୁଶିଷ୍ୟ ପରମ୍ପରା ତାଲିମ (GSP Training) | ଜାତୀୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ / ଜାତୀୟ ହସ୍ତଶିଳ୍ପ ମେରିଟ୍ ପୁରସ୍କାରପ୍ରାପ୍ତ / ରାଜ୍ୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ / ରାଜ୍ୟ ହସ୍ତଶିଳ୍ପ ମେରିଟ୍ ପୁରସ୍କାରପ୍ରାପ୍ତ ... [illegible] |
| | (ଖ) ନିପୁଣ ଶିଳ୍ପୀଙ୍କ ମାଧ୍ୟମରେ ତାଲିମ (MCP Training) | ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଅଧୀନରେ ତାଲିକାଭୁକ୍ତ ହୋଇଥିବା ନିପୁଣ ଶିଳ୍ପୀ (Empaneled MCP) ... [illegible] |
| | (ଗ) ଶିଳ୍ପଗ୍ରାମ ଯୋଜନା (CVP Training) | ହସ୍ତଶିଳ୍ପ ଗୁଚ୍ଛ ବିକାଶ ... [illegible] |
| ୨ | ହସ୍ତଶିଳ୍ପ କାରିଗରଙ୍କ କର୍ମଶାଳା ନିର୍ମାଣ ଯୋଜନା (Construction of Workshed for Handicraft Artisans) | ହସ୍ତଶିଳ୍ପ କାରିଗରଙ୍କୁ ୧୫୦ ବର୍ଗଫୁଟ କର୍ମଶାଳା ନିର୍ମାଣ ନିମନ୍ତେ ଟ.୧,୨୦,୦୦୦/- (IAP ଜିଲ୍ଲା ପାଇଁ ଟ.୧,୩୦,୦୦୦/-) ... [illegible] |
| ୩ | ଶିଳ୍ପୀ ଉନ୍ନତି ଯୋଜନା (Silpi Unnati Yojana) | ... [illegible] |

ବି.ଦ୍ର: ଗ୍ରୁପ୍ A ହସ୍ତଶିଳ୍ପ - ପଟ୍ଟଚିତ୍ର, ତାଳପତ୍ର ଖୋଦେଇ, କାଠ ଖୋଦେଇ, ପଥର ଖୋଦେଇ, ରୂପା ତାରକସି କାମ, କଂସା ଓ ପିତଳ କାମ ଏବଂ ଢୋକ୍ରା କାମ।
ଗ୍ରୁପ୍ B ହସ୍ତଶିଳ୍ପ - ଅନୁମୋଦିତ ଅବଶିଷ୍ଟ ୪୮ ଗୋଟି ହସ୍ତଶିଳ୍ପ।

ଉପରୋକ୍ତ ସମସ୍ତ ଯୋଜନାଗୁଡ଼ିକର ବିସ୍ତୃତ ବିବରଣୀ ସମ୍ପୃକ୍ତ ଜିଲ୍ଲା ଶିଳ୍ପ କେନ୍ଦ୍ରରେ ଉପଲବ୍ଧ। ଆଗ୍ରହୀ ହସ୍ତଶିଳ୍ପ କାରିଗରମାନଙ୍କୁ ଅନୁରୋଧ କରାଯାଉଛି ଯେ ଉପରୋକ୍ତ ଯୋଜନାଗୁଡ଼ିକରେ ସହାୟତା ପାଇଁ ଅନଲାଇନ ମାଧ୍ୟମରେ https://crafts.odisha.gov.in/ୱେବସାଇଟ୍ ଓପେନ୍ କରି Apply Online ଉପରେ Click କରି https://spdp.odisha.gov.in/ରେ ପ୍ରବେଶ କରିବା ପରେ Apply Now ଉପରେ Click କରି ଆବେଦନ କରିପାରିବେ। ଏହି ୱେବସାଇଟ୍ ତା.୦୮.୦୪.୨୦୨୫ରିଖରୁ ତା.୩୧.୦୫.୨୦୨୫ରିଖ ପର୍ଯ୍ୟନ୍ତ ଆବେଦନ ପାଇଁ ଖୋଲା ରହିବ। ... ସେବା- ୧୮୦୦ ୩୪୫ ୬୭୫୦ରେ ଯୋଗାଯୋଗ କରିବାକୁ ଅନୁରୋଧ।

OIPR-31042/11/0031/2526 ସ୍ୱା./- ନିର୍ଦ୍ଦେଶିକା, ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

# ସମୃଦ୍ଧ ଗ୍ରାମୀଣ ଜୀବନର ମୂଳ କୃଷକ ସଶକ୍ତୀକରଣ: ମନ୍ତ୍ରୀ

## ଗୁଣପୁରରେ ଜିଲାସ୍ତରୀୟ କୃଷକ ଦିବସ

- ଅଖିମୁଠି ଶୁଭାରମ୍ଭ କଲେ ମନ୍ତ୍ରୀ ଗଣ୍ଡ
- ଖରିଫ୍ ଋତୁ ପାଇଁ ସିଏମ୍-କିଷାନ ରାଶି ପ୍ରଦାନ


ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅଖିମୁଠି ଅନୁକୂଳ କରୁଛନ୍ତି।

ରାୟଗଡ଼ା/ଗୁଣପୁର,୩୦।୪ (ଆଶିଷ ରଞ୍ଜନ ପଣ୍ଡା/ପ୍ରଦୀପ ପାଢ଼ୀ)

ଅକ୍ଷୟତୃତୀୟା ଅବସରରେ ରାୟଗଡ଼ା ଜିଲାସ୍ତରୀୟ କୃଷକ ଦିବସ ପାଳନ ଉତ୍ସବ ବୁଧବାର ଗୁଣପୁରସ୍ଥିତ କୃଷି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସଂଖ୍ୟା ଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଖିମୁଠି ଅନୁକୂଳ କରିଥିଲେ । ଗୁଣପୁରଠାରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ମନ୍ତ୍ରୀ ଗଣ୍ଡ ଚାଷଜମିରେ ଅଖିମୁଠି ବୁଣିବା ସହ ପାରମ୍ପରିକ ନୀତି ଅନୁଯାୟୀ ଲଙ୍ଗଳରେ ହଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଜିଲାପାଳ ପାରୁଲ ପଟୱାରି, ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ, ଗୁଣପୁର ଉପଜିଲାପାଳ କିରଣଦୀପ କୌର ସାହୋଟା ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷର ସିଏମ୍ କିଷାନର ପ୍ରଥମ ପ୍ରୋତ୍ସାହନ ରାଶି ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି । ଏହି ଅବସରରେ ମନ୍ତ୍ରୀ ଗଣ୍ଡ ନିଜ ବକ୍ତବ୍ୟରେ କହିଛନ୍ତି, ସମୃଦ୍ଧ ଗ୍ରାମୀଣ ଜୀବନର ମୂଳ ଆଧାର ହେଉଛି କୃଷକଙ୍କ ସଶକ୍ତୀକରଣ । ଆଜି ସାରା ରାଜ୍ୟରେ କୃଷକ ଦିବସ ପାଳନ କରାଯାଉଛି । ଏହି ଦିବସ ଆମକୁ ଆମ ପରମ୍ପରା, ସଂସ୍କୃତି ସହ ଯୋଡ଼ି ରଖିବାରେ ସହାୟକ ହେବ। ସେହିପରି ଅନ୍ନଦାତାଙ୍କୁ ଅଧିକ ସଶକ୍ତ କରିବାକୁ ବଜେଟରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି । ଚଳିତ ବର୍ଷ କୃଷି ବଜେଟ ପୂର୍ବ ବର୍ଷ ତୁଳନାରେ ୧୨ ପ୍ରତିଶତ ଅଧିକ ରହିଛି ।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ସିଏମ୍ କିଷାନ ଯୋଜନାରେ ରାଜ୍ୟର ୫୦ ଲକ୍ଷରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷକ ପରିବାରଙ୍କୁ ୨୦୨୫ ଖରିଫ୍ ଋତୁ ପାଇଁ ୧୦୨୫ କୋଟି ଟଙ୍କାରୁ ଅଧିକ ସହାୟତା ରାଶି ଡିବିଟି ମାଧ୍ୟମରେ ହସ୍ତାନ୍ତର କରିଛନ୍ତି । ସିଏମ୍ କିଷାନ ଯୋଜନାରେ ଖରିଫ୍ ଋତୁ ପାଇଁ ରାୟଗଡ଼ା ଜିଲାର ୮୭,୨୨୩ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୩,୫୧୬ ଜଣ ଭୂମିହୀନ ଚାଷୀଙ୍କୁ ସହାୟତା ପ୍ରଦାନ କରାଯାଇଛି । ରାୟଗଡ଼ା ଜିଲାରେ ମୋଟ ୯୦,୭୩୯ ଜଣ ଚାଷୀ ଏଥିରେ ଲାଭବାନ ହୋଇଛନ୍ତି । ସିଏମ୍ କିଷାନ ଯୋଜନାରେ ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସମସ୍ତ ଯୋଗ୍ୟ ବିବେଚିତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ପ୍ରତ୍ୟେକ ଫସଲ ଋତୁ ଆରମ୍ଭରେ ୨୦୦୦ଟଙ୍କା ହିସାବରେ ବାର୍ଷିକ ୪୦୦୦ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଭୂମିହୀନ କୃଷକ ପରିବାରଙ୍କ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ଆନୁଷଙ୍ଗିକ କୃଷି କାର୍ଯ୍ୟକ୍ରମ ଯଥା ପଶୁପାଳନ, ମତ୍ସ୍ୟ ଚାଷ ଓ ଉଦ୍ୟାନକୃଷି ଭଳି ଯେକୌଣସି ବୃତ୍ତି ଆପଣେଇବା ପାଇଁ ୩ଟି କିସ୍ତିରେ ସମୁଦାୟ ୧୨,୫୦୦ ଟଙ୍କାର ସହାୟତା ପ୍ରଦାନ କରାଯାଉଛି। ଏହି କାର୍ଯ୍ୟକ୍ରମ ସମୟରେ ଭାଜପା ଜିଲ ସଭାପତି ଗୋପୀ ଆନନ୍ଦ, ବରିଷ୍ଠ ନେତା ଶିବ ଉଲାକା, ତ୍ରିନାଥ ଗମାଙ୍ଗ, ୱାଇ. ଗଣପତି, ବିଦ୍ୟାଧର ଶବର, ରାମନାଗୁଡ଼ା ବ୍ଲକ୍ ଅଧ୍ୟକ୍ଷ ରବି ଗମାଙ୍ଗଙ୍କ ସମେତ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ। ତ୍ରିପତି ମହାନ୍ତି ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ।

# ଦିନବେଳା ସହରରେ ଭାରିଯାନ ପ୍ରବେଶ ନିଷେଧ: ଜିଲାପାଳ

ରାୟଗଡ଼ା,୩୦।୪(ଆଶିଷ ରଞ୍ଜନ ପଣ୍ଡା)

ସହରରେ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସହର ମଧ୍ୟ ଦେଇ ଭାରିଯାନ ଚଳାଚଳ ଉପରେ ରୋକ୍ ଲଗାଇଛନ୍ତି ଜିଲାପାଳ ପାରୁଲ ପଟୱାରି। ଏ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଚିଠି ନମ୍ବର ୦୭୩୬ରେ ନିର୍ଦ୍ଦେଶନାମା ଜାରି କରିଛନ୍ତି ଜିଲାପାଳ ପାରୁଲ । ୧୬୨୦୦ କେଜି ଏବଂ ତା'ଠାରୁ ଅଧିକା ଓଜନ ବହନ କରୁଥିବା ସମସ୍ତ ଭାରିଯାନ ଅମଲାଭଟା, ପିତାମହଲ ଓ ସିରିଗୁଡ଼ା ଜଙ୍କସନଠାରୁ ସହର ବାହାର ଦେଇ ବାଇପାସ୍‌ରେ ଯାତାୟାତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସକାଳ ୭ରୁ ୧୨ଟା ଏବଂ ଅପରାହ୍ଣ ୩ରୁ ରାତି ୧୦ଟା ମଧ୍ୟରେ ସହର ଭିତରକୁ ଭାରିଯାନ ପ୍ରବେଶ ନିଷେଧ ନେଇ ଜିଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହି ନିର୍ଦ୍ଦେଶନାମାକୁ ବଳବତ୍ତର ରଖିବା ପାଇଁ ପରିବହନ ବିଭାଗ ଓ ପୋଲିସ ବିଭାଗକୁ ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି । ସହର ମଧ୍ୟରେ ଭିଡ଼ ରହୁଥିବା ଏବଂ ସ୍କୁଲ, କଲେଜ ଛାତ୍ରୀଛାତ୍ର ଯାତାୟାତ କରୁଥିବାରୁ ଦୁର୍ଘଟଣାର ଆଶଙ୍କା ଲାଗି ରହୁଛି । ତେଣୁ ଏଭଳି ନିର୍ଦ୍ଦେଶନାମା ଜାରି କରିଥିବା ଜିଲାପାଳ ପଟୱାରି କହିଛନ୍ତି ।

# ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ


ପୂଜାକାର୍ଯ୍ୟ ଚାଲିଛି।

ଗୁଣପୁର,୩୦।୪(ପ୍ରଦୀପ କୁମାର ପାଢ଼ୀ)


ରାୟଗଡ଼ା ଜିଲା ଗୁଣପୁର ଶ୍ରୀ ଗୁଣ୍ଡିଚା ମନ୍ଦିରର ପ୍ରତିଷ୍ଠା ଉତ୍ସବ ବୁଧବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଯଜ୍ଞଶାଳାରେ ଅଙ୍କୁରାରୋପଣ ପୂଜା ଆରମ୍ଭ ହୋଇଛି। ପଞ୍ଚଦିବସୀୟ ଏହି ପ୍ରତିଷ୍ଠା ଉତ୍ସବ ଆସନ୍ତା ୪ ତାରିଖ ଯାଏ ଚାଲିବ। ୧ରେ ବନଯାଗ ଓ ଗଙ୍ଗାପୂଜା କରି କଳସ ଯାତ୍ରା ଅନୁଷ୍ଠିତ ହେବ। ତୃତୀୟ ଦିନରେ ମଣ୍ଡଳ ପୂଜା ସହ ରତ୍ନମୁଦ ସ୍ଥାପନ, ଚତୁର୍ଥ ଦିନରେ ପାର୍ଶ୍ୱ ଦେବତା ପ୍ରତିଷ୍ଠା ସହ ପ୍ରାସାଦ ପ୍ରତିଷ୍ଠା ଓ ଶେଷ ଦିନରେ ଦେବତା ପ୍ରବେଶ, ନାମଯଜ୍ଞ ଓ ପୂର୍ଣ୍ଣାହୁତି ହେବ। ଏହି ଅବସରରେ ଦୈନନ୍ଦିନ ଅନ୍ନଯଜ୍ଞ କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଶେଷ ଦିନରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ପୂଜାରେ କର୍ତ୍ତା ଭାବେ ନିରଞ୍ଜନ ପାଢ଼ୀ ଓ କାବେରୀ ପାଢ଼ୀ ବସିଥିବା ବେଳେ ପୂଜା ଦାୟିତ୍ୱରେ ବ୍ରହ୍ମା ଗୁପ୍ତେଶ୍ୱର ରଥଶର୍ମାଙ୍କ ସମେତ ନବୀନ ରଥ, ପ୍ରକାଶ ରଥ, କାଶୀ ମିଶ୍ର, ଗଣେଶ ଷଡ଼ଙ୍ଗୀ, ଲୋକନାଥ ଷଡ଼ଙ୍ଗୀ, ପୂର୍ଣ୍ଣଚନ୍ଦ୍ର ଶେଖର ଶର୍ମା, ଇପିଲି କ୍ରିଷ୍ଣ ମୂର୍ତ୍ତି ଶର୍ମା, କୃଷ୍ଣ ମିଶ୍ର, ରଘୁନାଥ ମିଶ୍ର ପ୍ରମୁଖ ରହିଛନ୍ତି। ମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ଡ. ସତ୍ୟ ପ୍ରକାଶ ପଣ୍ଡା, ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ଡ. ସୂର୍ଯ୍ୟନାରାୟଣ ପଣ୍ଡା, ତ୍ରିପତି ମହାନ୍ତି, ସନ୍ତୋଷ ପଣ୍ଡା, ଫକିର ନାୟକ, ରବିନାରାୟଣ ପଣ୍ଡା, ଗଦା ପଣ୍ଡା, ସଞ୍ଜୀବ ପଣ୍ଡା, ସୋମନାଥ ମହାନ୍ତି, ରାମ ପଣ୍ଡା, ରଞ୍ଜିତ ପାଢ଼ୀ, ଶିବପ୍ରସାଦ ଦୋରା, ଉମା ଦାସଙ୍କ ସମେତ ଜଗନ୍ନାଥ ସେନାର ଶତାଧିକ କାର୍ଯ୍ୟକର୍ତ୍ତାଙ୍କ ସହଯୋଗ କ୍ରମେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

# ୧୦୮ ହନୁମାନ ଚାଳିଶା ପାଠ, ହୋମଯଜ୍ଞ

ରାୟଗଡ଼ା, ୩୦।୪ (ଆଶିଷ ରଞ୍ଜନ ପଣ୍ଡା)

ଅକ୍ଷୟତୃତୀୟା ଅବସରରେ ବୁଧବାର ରାୟଗଡା ସହରର ବାରିଖୋଲାସ୍ଥିତ ପଦ୍ମାବତୀ ହାରୁକୁପା ଗିରୀ ଶିଖରରେ ଥିବା ହନୁମାନ ମନ୍ଦିରରେ ୧୦୮ଥର ହନୁମାନ ଚାଳିଶା ପାଠ ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୋଗୀଶ୍ରୀ ଚୈତନ୍ୟ ମହାରାଜଙ୍କ ଉପସ୍ଥିତିରେ ସମସ୍ତ ପୂଜାବିଧି ସମ୍ପନ୍ନ ହୋଇଥିଲା। ରାୟଗଡା ସହର ତଥା ବାରିଖୋଲା ଗ୍ରାମବାସୀ ଏବଂ ଆଖପାଖ ଅଞ୍ଚଳର ଭକ୍ତଙ୍କ ଭିଡ଼ ଜମିଥିଲା।

ପ୍ରକାଶ ଥାଉକି, ଏହି ପାହାଡ ଶିଖରରେ ୮୫ଦିନ ମଧ୍ୟରେ ହନୁମାନ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା । ଭକ୍ତ ସନ୍ତୋଷ ପାଣିଗ୍ରାହୀଙ୍କ ବିଶେଷ ଇଚ୍ଛାଶକ୍ତି ଏବଂ ସ୍ଥାନୀୟ ହାଲୁଆ ସରପଞ୍ଚ ତାମାରାଓ ବିଡିକାଙ୍କ ପୂର୍ଣ୍ଣ ସହଯୋଗରେ ଏବଂ ବାରିଖୋଲା, ଆମ୍ବଗୁଡା ଓ ଶିରିଗୁଡା ବାସିନ୍ଦାଙ୍କ ଶ୍ରମଦାନ ଏବଂ ରାୟଗଡା ସହରର ବହୁ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଏହି ମନ୍ଦିର ନିର୍ମାଣ ହୋଇପାରିଛି । ତେବେ ମନ୍ଦିରକୁ ଯାତାୟାତ ପାଇଁ ପାହାଡ କାଟି ନିର୍ମାଣ ହୋଇଥିବା ରାସ୍ତାଟି ଖାଲଖମା ସହ ପଥୁରିଆ ହୋଇଥିବାରୁ ଏହି ବିପଦପୂର୍ଣ୍ଣ ରାସ୍ତା ଦେଇ ଗାଡି ଚଳାଚଳ କରିପାରୁନାହିଁ। ସେପଟେ ପାହାଚ ଦେଇ ପାହାଡ ଉପରକୁ ଯିବା ଅନେକ ଭକ୍ତଙ୍କ ପାଇଁ କଷ୍ଟଦାୟକ ହୋଇଛି । ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ମନ୍ଦିର ବିକାଶ ସହ ଏହାକୁ ଏକ ପର୍ଯ୍ୟଟନସ୍ଥଳୀରେ ପରିଣତ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବାରିଖୋଲା ଗ୍ରାମବାସୀ ଅନୁରୋଧ କରିଛନ୍ତି ।


ବାରିଖୋଲାସ୍ଥିତ ପଦ୍ମାବତୀ ହାରୁକୁପା ପହାଡ଼ ଶିଖରରେ ଥିବା ହନୁମାନ ମନ୍ଦିର।

# ଘଟପର୍ବ ପାଇଁ ଆସିଲା ଆଜ୍ଞାମାଳ


ତହସିଲଦାର ଏ. ସ୍ନେହଲତା ମା'ଙ୍କ ଆଜ୍ଞାମାଳ ମୁଣ୍ଡରେ ଧରିଛନ୍ତି।

ଗୁଡାରି, ୩୦।୪ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡ଼ାରିରେ ମା' ଠାକୁରାଣୀଙ୍କ ଘଟ ପର୍ବ ନିମନ୍ତେ ବୁଧବାର ପୂର୍ବାହ୍ଣ ୧୦ଟାରେ ମାଣିକେଶ୍ୱରୀଙ୍କ ଗଡ଼ରୁ ମା'ଙ୍କ ଆଜ୍ଞାମାଳ ଅଣାଗଲା। ଗଡ଼ରେ ପୂଜାର୍ଚ୍ଚନା ପରେ ଆଜ୍ଞାମାଳକୁ ତହସିଲଦାର ଏ. ସ୍ନେହଲତା ପ୍ରଥମେ ମୁଣ୍ଡରେ ଧରି ଆଣିଥିଲେ। ପରେ ଏକ ଶୋଭାଯାତ୍ରାରେ ଆଜ୍ଞାମାଳ ଅଣାଯାଇ ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ନିର୍ମିତ ଅସ୍ଥାୟୀ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଥାନା ଅଧିକାରୀ ସମର୍ପିତା ସ୍ୱାଇଁ, ସିଡିପିଓ ଅନୀତା ପାଣିଗ୍ରାହୀ, ରେଞ୍ଜର ଦିଲୀପ ପଟ୍ଟନାୟକ, ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଘଟପର୍ବ କମିଟି ସଭାପତି ବିଷ୍ଣୁପ୍ରସାଦ ଦେଓଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ କମିଟି ସଦସ୍ୟ ଓ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସନ୍ଧ୍ୟାରେ ମା' ଠାକୁରାଣୀଙ୍କ ମନ୍ଦିରରୁ ମା'ଙ୍କ ପାଦ ଅଣାଯାଇଛି। ଆସନ୍ତା ୧୧ ତାରିଖରେ ଘଟପର୍ବ ବିସର୍ଜନ ହେବ ବୋଲି ସୂଚନା ମିଳିଛି।

# ରଥ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ

ଗୁଡ଼ାରି, ୩୦।୪ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡ଼ାରି ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବୁଧବାରଠାରୁ ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ମନ୍ଦିର ପୂଜାରୀ ରବି ପଣ୍ଡା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ମହାରଣା ମାଝୀ ବାବୁ ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ମନ୍ଦିର କମିଟି ସଦସ୍ୟ ସୁଜି ପଟ୍ଟନାୟକ, ପାଣ୍ଡ ସାହୁ, କାଳିଆ ପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।


ଜଗନ୍ନାଥ ମନ୍ଦିର ପରିସରରେ ରଥ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ କରାଯାଉଛି।

# ଅଭିଯୁକ୍ତଙ୍କୁ ୭ ବର୍ଷ କାରାଦଣ୍ଡ

ଭଞ୍ଜନଗର,୩୦।୪(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ କନ୍ଧ ନୂଆପଲ୍ଲୀ ଗ୍ରାମରେ ପୂର୍ବ ଶତ୍ରୁତାରୁ ଘରପୋଡି ମାମଲାର ରାୟ ପ୍ରକାଶ ପାଇଛି। ଭଞ୍ଜନଗର ସହକାରୀ ଦୌରା ଜଜ୍ ଦେବାଶିଷ ବିଷୋୟୀ ବୁଧବାର ଅଭିଯୁକ୍ତ କାର୍ତ୍ତିକ ସାହୁଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଏଥିସହ ୩୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଭିଯୁକ୍ତ ଅଧିକ ୬ମାସ କାରାଦଣ୍ଡ ଭୋଗିବେ ବୋଲି ବିଚାରପତି ରାୟ ଦେଇଛନ୍ତି। ୨୦୨୩ରେ କାର୍ତ୍ତିକ ତାଙ୍କ ଗ୍ରାମର ଭଗବାନ ଗୌଡଙ୍କ ଘରେ ପୂର୍ବ ଶତ୍ରୁତାକୁ ନେଇ ନିଆଁ ଲଗାଇ ଦେଇଥିଲେ। ଫଳରେ ଭଗବାନଙ୍କ ଗୋଟିଏ ବଖରା ଜଳିଯିବା ସହ ଗୁହାଳରେ ଥିବା ୨ଟି ବଳଦ ପୋଡ଼ି ଯାଇଥିଲେ। ଭଗବାନଙ୍କ ଘରକୁ ଲାଗି ଥିବା ଆଉ୨ ଜଣଙ୍କ ୨ବଖରା ଘର ମଧ୍ୟ ପୋଡି ପାଉଁଶ ହୋଇଯାଇଥିଲା । ଏହାକୁ ନେଇ ଭଗବାନ ସେ ସମୟରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କାର୍ତ୍ତିକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାର ରାୟ ପ୍ରକାଶ ପାଇଛି।

# ମରିଚଗୁଡ଼ା ଶବରପଲ୍ଲୀ ରାସ୍ତା ଶୋଚନୀୟ

ପଦ୍ମପୁର,୩୦।୪ (ପ୍ରଶାନ୍ତ କୁମାର କର)

ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଶବରପଲ୍ଲୀରେ ଥିବା ଅକ୍ଷର ବ୍ରହ୍ମ ମନ୍ଦିର ସମଗ୍ର ଓଡ଼ିଶାର ଶବର ସମ୍ପ୍ରଦାୟର ଗର୍ବ ଓ ଗୌରବର ପ୍ରତୀକ ହୋଇଥିବାବେଳେ ଗ୍ରାମ ମଧ୍ୟ ଦେଇ ପୀଠକୁ ଲମ୍ବିଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ମାଟି ରାସ୍ତା ସାଙ୍ଗକୁ ଅବଡା ଖବଡା ରାସ୍ତାରେ ମଙ୍ଗଳବାର ନେତା, ମନ୍ତ୍ରୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଜିଲାର ପ୍ରମୁଖ ଅଧିକାରୀ ଏଭଳି ମାଟି ଖାଲ ରାସ୍ତାରେ ଗାଡ଼ି ନେଇଯାଇଥିଲେ। ଅନେକ ସମୟରେ ଏହି ପୀଠରେ ବହୁ ନେତା, ମନ୍ତ୍ରୀ, ଅଧିକାରୀ ଏବଂ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିଲେ ମଧ୍ୟ ରାସ୍ତା ପ୍ରତି କାହାର ଦୃଷ୍ଟି ପଡୁନାହିଁ। ଏହି ରାସ୍ତାକୁ ତୁରନ୍ତ ପକ୍କା କରିବାକୁ ସାଧାରଣରେ ଦାବି ହେଉଛି।


ଅକ୍ଷର ବ୍ରହ୍ମ ପୀଠକୁ ଲମ୍ବିଥିବା ମାଟି ରାସ୍ତା।

# ମାତରବନ୍ନମଙ୍କ ବିଜ୍ଞାନ ପ୍ରଚାର ସମିତି ଗୃହ ଉଦ୍‌ଘାଟିତ

## ଅକ୍ଷୟ ତୃତୀୟାରେ ଚଳଚଞ୍ଚଳ ଅକ୍ଷର ବ୍ରହ୍ମପୀଠ

ପଦ୍ମପୁର,୩୦।୪ (ପ୍ରଶାନ୍ତ କୁମାର କର)


ଧାର୍ମିକ ସଭାମଞ୍ଚରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏମ୍‌ପି ସପ୍ତଗିରି ଉଲ୍ଲାକା, ବିଧାୟକ ଏବଂ ଅନ୍ୟମାନେ।

ଅକ୍ଷୟ ତୃତୀୟା ଅବସରରେ ବୁଧବାର ପଦ୍ମପୁର ନିକଟସ୍ଥ ମରିଚଗୁଡ଼ାର ଶବର ସମ୍ପ୍ରଦାୟର ଆରାଧ୍ୟ ଦେବତା ଅକ୍ଷରବ୍ରହ୍ମ ଚଳଚଞ୍ଚଳ ହୋଇଉଠିଛି। ସରକାରଙ୍କ ଦ୍ୱାରା ୩ କୋଟି ୯୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମାତରବନ୍ନମଙ୍କ ବିଜ୍ଞାନ ପ୍ରଚାର ଆଶ୍ରମ ଓ ଆଦିବାସୀ ପଣ୍ଡିତ ସ୍ୱର୍ଗତ ମାଙ୍ଗୋଇ ଗମାଙ୍ଗଙ୍କ ପ୍ରତିମୂର୍ତ୍ତିକୁ ଗଣଶିକ୍ଷା ତଥା ଆଦିବାସୀ ହରିଜନ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉନ୍ମୋଚନ କରିଛନ୍ତି। ମନ୍ତ୍ରୀଙ୍କ ସହ ରାୟଗଡ଼ା ଜିଲା ଭାଜପା ସଭାପତି ଗୋପୀ ଆନନ୍ଦ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାମଚନ୍ଦ୍ର ବେହେରା, ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ ଉପସ୍ଥିତ ଥିଲେ। ସେହିପରି କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବିଷମକଟକ ବିଧାୟକ ନୀଳମାଧବ ହିକ୍‌କା, ରାୟଗଡ଼ା ଜିଲା କଂଗ୍ରେସ ସଭାପତି ଦୁର୍ଗା ପଣ୍ଡା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରମାକାନ୍ତ ମାଝୀ ଶତାଧିକ କର୍ମୀଙ୍କୁ ନେଇ ମୋଟରସାଇକେଲ ଶୋଭାଯାତ୍ରାରେ ମୁଚିକିପଦର ଛକଠାରୁ ପଦ୍ମପୁର ଦେଇ ମରିଚଗୁଡ଼ା ପୀଠରେ ପହଞ୍ଚିଥିଲେ। ପରେ ଏକ ଧାର୍ମିକ ସଭାମଞ୍ଚରେ ଦଳଗତ ନିର୍ବିଶେଷରେ ସମସ୍ତେ ଶବର ସମାଜର ଆହ୍ୱାନକ୍ରମେ ସଂଗଠିତ ହୋଇଥିଲେ। ଏହି ମଞ୍ଚରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗ, ଭାଜପାର ଶିବଶଙ୍କର ଉଲ୍ଲାକା, ବିଜେଡି ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ଶବର ସମାଜ ତଥା ଅକ୍ଷର ବ୍ରହ୍ମ ମନ୍ଦିର ଉପଦେଷ୍ଟା ଟିସିୟାଙ୍ଗପ୍ଲାଇ ଗମାଙ୍ଗ, ସଭାପତି ରାମପ୍ରସାଦ ଗମାଙ୍ଗ, ସମ୍ପାଦକ ଡିଗାସ୍ମୀ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଆରାଧ୍ୟ ଦେବତା ଅକ୍ଷର ବ୍ରହ୍ମଙ୍କ ଅବସ୍ଥାନ ସମଗ୍ର ଦେଶରେ ବିରଳ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

ଏହି ଉତ୍ସବରେ ଜିଲାର ବିଭିନ୍ନ ସ୍ଥାନରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ସମୟରେ ଆଦିବାସୀଙ୍କ ନୃତ୍ୟ, ପୂଜାପାଠ ମନ୍ତ୍ରରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଅନ୍ୟମାନଙ୍କ ମଧ୍ୟରେ ହରେକୃଷ୍ଣ ପାଢ଼ୀ, ବାପି ପଟ୍ଟନାୟକ, ବିଦ୍ୟାଧର ଶବର, ରବିଶଙ୍କର ଗମାଙ୍ଗ, କେତନ ଶବର, ଜୁଆଲ୍ଲିଆମ ଶବର, ସୁଦର୍ଶନ ଶବର, ହାରାତି ଗମାଙ୍ଗ, ସି. କାମେଶ୍ୱର ରାଓ, ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ, ଗୁଣପୁର ପ୍ରକଳ୍ପ ପ୍ରଶାସନ ଅଜୟ କୁମାର ପ୍ରଧାନ, ଜିଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ପଦ୍ମପୁର ବିଡିଓ ସ୍ୱସ୍ତିକ ଜମାଦାର, ବ୍ଲକ୍ ମଙ୍ଗଳ ଅଧିକାରୀ ଅର୍ଚ୍ଚନା ପଣ୍ଡା, ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବାବୁଲି ନାୟକ, ପଦ୍ମପୁର ଥାନା ଅଧିକାରୀ ଧରଣୀଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅକ୍ଷୟ ତୃତୀୟାରେ ଶ୍ରୀ ଜୀଉଙ୍କ ସ୍ୱତନ୍ତ୍ର ବେଶ



ଜୟପୁର, ୩୦।୪(ପବନ ପାଣିଗ୍ରାହୀ) ଅକ୍ଷୟ ତୃତୀୟା ଅବସରରେ ଜୟପୁର ଜଗନ୍ନାଥ ମନ୍ଦିରରେ ଶ୍ରୀ ଜିଉଙ୍କୁ ସ୍ୱତନ୍ତ୍ର ବେଶରେ ସଜ୍ଜିତ କରାଯାଇଛି। ଏହି ଦିନରେ ଶ୍ରୀଜିଉଙ୍କୁ ଦର୍ଶନ କଲେ ମହାପୁଣ୍ୟ ମିଳିଥିବା ବିଶ୍ୱାସ ରହିଛି। ତେଣୁ ମନ୍ଦିରରେ ଭକ୍ତଙ୍କ ଭିଡ଼ ରହିଥିଲା। ଏହାସହ ବଲ୍ଲଭ ନାରାୟଣଙ୍କୁ ମଧ୍ୟ ସ୍ୱତନ୍ତ୍ର ବେଶ କରାଯାଇଛି। କଣ୍ଡରାସାହି ସ୍ଥିତ ଲକ୍ଷ୍ମୀ ନୃସିଂହଙ୍କୁ ମଧ୍ୟ ସ୍ୱତନ୍ତ୍ର ବେଶ କରାଯାଇ ନୀତିକାନ୍ତି, ଆଳତି, ଭୋଗ ଲାଗି କରାଯାଇଛି।

### ସ୍ୱାମୀ ସହ ୭ ଜଣଙ୍କ ନାମରେ ମାମଲା

ଜୟପୁର ୩୦।୪(ପବନ ପାଣିଗ୍ରାହୀ)

ମହିଳାଙ୍କୁ ନିର୍ଯାତନା ନେଇ ଜୟପୁର ମହିଳା ଥାନାରେ ବୁଧବାର ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବୋରିଗୁମ୍ମା ଥାନା ଅନ୍ତର୍ଗତ ଚମ୍ପିଆ ଗ୍ରାମର ସେବତୀ ହରିଜନ ଗତ ୭ ବର୍ଷ ତଳେ ହେମଧର ହରିଜନଙ୍କୁ ବିବାହ କରିଥିଲେ । ବିବାହ ପରେ ସ୍ୱାମୀ ହେମଧର ଦ୍ୱିତୀୟ ବିବାହ କରିଥିଲେ। ପରେ ସ୍ୱାମୀ, ଦ୍ୱିତୀୟ ସ୍ତ୍ରୀ, ଶାଶୁ, ଶ୍ୱଶୁର, ନଣନ୍ଦ, ନଣନ୍ଦେଇ ଓ ଜେଜେମା ମିଶି ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିବା ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ୭ ଜଣଙ୍କ ନାମରେ ନଂ.୫୯/୨୫ ମାମଲା ରୁଜୁକରି ତଦନ୍ତ କରିଥିବା ଜୟପୁର ମହିଳା ପୋଲିସ ତରଫରୁ ସୂଚନା ଦିଆଯାଇଛି ।

### ଜୟପୁରରେ ରଥ କାମ ଶୁଭାରମ୍ଭ

ଜୟପୁର, ୩୦।୪(ପବନ ପାଣିଗ୍ରାହୀ)

ଜୟପୁର ରଥଯାତ୍ରା ପାଇଁ ରଥ ନିର୍ମାଣ କାଯ୍ୟ ବୁଧବାର ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଛି। ଜୟପୁର ରଘୁନାଥ ମନ୍ଦିର ନିକଟରେ ରଥ କାଠ ପୂଜା ସହ କରାଯାଇ ଅନୁକୁଳ କରାଯାଇଛି। ଜୟପୁର ଦେବୋତ୍ତର ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ , ଦେବୋତ୍ତର ବିଭାଗର କୃଷ୍ଣଚନ୍ଦ୍ର ଦାସ, ଜଗନ୍ନାଥଙ୍କ ମୁଖ୍ୟ ପୁରୋହିତ ଡମ୍ବୁରୁ ଧର ପଣ୍ଡା, ଜଗନ୍ନାଥ ତ୍ରିପାଠୀ ସମସ୍ତ ନୀତିକାନ୍ତି ତୁଲାଇଥିଲେ।

### ଶର୍ଟସର୍କିଟରେ ଜଳିଗଲା ଷ୍ଟେଟ ବ୍ୟାଙ୍କ ନଥିପତ୍ର

ଦଶମନ୍ତପୁର, ୩୦।୪ ( ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ମହକୁମାସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କରେ ବୁଧବାର ଭୋରରୁ ସେଟ୍‌ସର୍କିଟ ଯୋଗୁ କମ୍ପୁଟର ଏବଂ କିଛି ନଥିପତ୍ର ପୋଡି ଯାଇଛି। ଗ୍ରାହକ ଏବଂ କାର୍ଯ୍ୟାଳୟର କେତେକ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଜଳି ପାଉଁଶ ହୋଇ ଥିବା ଶାଖା ପରିଚାଳକ ରାକେଶ କୁମାର ପଣ୍ଡା କହିଛନ୍ତି। କାର୍ଯ୍ୟାଳୟରେ ପାଣି ଭର୍ତ୍ତି କରିବା ପାଇଁ ଚତୁର୍ଥ କର୍ମଚାରୀ ଲୁକୁନାଥ ନାୟକ ବ୍ୟାଙ୍କ ତାଲା ଖୋଲିଥିଲେ। ବ୍ୟାଙ୍କ୍ ଭିତରେ ଧୂଆଁ ବାହାରୁ ଥିବା ଦେଖି ସଙ୍ଗେ ସଙ୍ଗେ ଶାଖା ପରିଚାଳକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ଜଗବନ୍ଧୁ ସାହୁ, ଭକ୍ତଚରଣ ମାଝି, ହାବିଲଦାର ଅଜିତ ବାରହା, ସଞ୍ଜୀବ କୁମାର ପ୍ରଧାନ ନିଆଁକୁ ଆୟତ୍ତ କରିଥିଲେ।

# ଆଜ୍ଞାମାଳ ଆସିବା ପରେ ରଥକାଠ ଅନୁକୂଳ

■ ଶାବର ଶ୍ରୀକ୍ଷେତ୍ରରେ ଅକ୍ଷୟ ତୃତୀୟା ନୀତି ସମ୍ପନ୍ନ
■ ୨୧ ଦିନ ଧରି ଚାଲିବ ଚନ୍ଦନ ଯାତ୍ରା

କୋରାପୁଟ,୩୦।୪(ଅମିତାଭ ବେହେରା)



ଶାବର ଶୀକ୍ଷେତ୍ରରେ ରଥ ଅନୁକୂଳ।

ଅକ୍ଷୟ ତୃତୀୟା ଉପଲକ୍ଷେ ବୁଧବାର କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ରଥ ତିଆରି ଆରମ୍ଭ ହୋଇଛି। କାଠ ଅନୁକୁଳ ହେବା ସହ ଶ୍ରୀ ଜିଉଙ୍କ ପାରମ୍ପରିକ ଚନ୍ଦନଯାତ୍ରାର ଶୁଭାରମ୍ଭ ହୋଇଛି। ବୁଧବାର ସକାଳୁ ମହାପ୍ରଭୁ ଜଗନ୍ନାଥଙ୍କଠାରେ ଯଥାରିତୀରେ ପୂଜା କରାଯାଇ ସେଠାରୁ ଆଜ୍ଞାମାଳ ଆସିବା ପରେ ସ୍ଥାନୀୟ ନୃସିଂହ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ପରେ ବନଜାଗ ଶୁଭାରମ୍ଭ କରାଯାଇଥିଲା। ପରେ ମନ୍ଦିର ପରିସରରେ ଥିବା ମା ଗାୟତ୍ରୀ ମନ୍ଦିରରେ ନୂତନ କାଠକୁ ମନ୍ଦିରର ମୁଖ୍ୟ ପୁଜକ ରଘୁନାଥ ଶତପଥୀଙ୍କ ଦ୍ୱାରା ଯଥାରିତୀରେ ପୂଜା ସହ ହୋମଯଜ୍ଞ କରାଯାଇଥିଲା। ପରେ ବିଶ୍ୱକର୍ମା ବିଶ୍ୱନାଥ ମହାରଣାଙ୍କ ଦ୍ୱାରା ୩ ଟି କାଠ ଅଷ୍ଟଦଳପଦ୍ମ ଖୋଦନ କରାଯାଇ ରଥକାଠ କାର୍ଯ୍ୟର ଅନୁକୁଳ କରାଯାଇଥିଲା। ଏହା ସହ ନୃସିଂହଙ୍କ ଚନ୍ଦନଯାତ୍ରା ଆରମ୍ଭ ହୋଇଥିଲା। ଏହା ୨୧ ଦିନ ଧରି ଚାଲିବ। ଶାବର ଶ୍ରୀକ୍ଷେତ୍ର ପରିସରରେ ଶ୍ରୀ ଜିଉଙ୍କର ଚନ୍ଦନ ଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଯାଇଥିବା ମନ୍ଦିର ପରିଚାଳନା କମିଟି ସୂଚନା ଦେଇଛନ୍ତି। ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟିର ଭାରପ୍ରାପ୍ତ ସମ୍ପାଦକ ଭବାନୀ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପୂର୍ବତନ ସମ୍ପାଦକ ଜଗବନ୍ଧୁ ସମାଲ, କମିଟିର ସୁଧାକର ପଟ୍ଟନାୟକ, ପ୍ରକାଶ କର, ଜେ ରାମଚନ୍ଦ୍ର ରାଓଙ୍କ ସମେତ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ମଦନମୋହନଙ୍କ ଚାପଖେଳ

ଦାମନଯୋଡ଼ି,୩୦।୪ (ମାନସ ରଞ୍ଜନ କର)

ଅକ୍ଷୟ ତୃତୀୟା ଅବସରରେ ବୁଧବାର ସକାଳେ ନାଲ୍‌କୋ ଟାଉନସିପ୍‌ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ପୂଜା ଓ ଚନ୍ଦନଲାଗି ହୋଇଥିଲା। ପୂଜକ ଅଜୟ କୁମାର ପଣ୍ଡା ଓ ସନ୍ତୋଷ କୁମାର ପଣ୍ଡା ପୂଜାନୀତି କରିଥିଲେ। ଏହାସହିତ ମନ୍ଦିର ରଥଖଳା ଭଣ୍ଡାରଘର ଆଗରେ ରଥକାଠ ଅନୁକୂଳ ନୀତି କରାଯାଇଥିଲା। ମହାପ୍ରଭୂଙ୍କ ଆଜ୍ଞାମାଳକୁ ଆଲଟ, ଚାମର, ଘଣ୍ଟଘଣ୍ଟା, ସଙ୍କୀର୍ତ୍ତନ, ହରିବୋଲ ଓ ହୁଳହୁଳି ମଧ୍ୟରେ ଅଣାଯିବା ପରେ ସ୍ୱତନ୍ତ୍ର ପୂଜା ଓ ହୋମ ସହିତ ରଥକାଠ ଅନୁକୂଳ କରାଯାଇଥିଲା। ଅପରାହ୍ନରେ ମନ୍ଦିର ପରିସରରେ ଥିବା ନରେନ୍ଦ୍ର ପୁଷ୍କରିଣୀରେ ଶ୍ରୀଜୀଉଙ୍କ ଚାପଖେଳ ହୋଇଛି। ଏକ ସୁସଜ୍ଜିତ ଡଙ୍ଗାରେ ଶ୍ରୀଜୀଉଙ୍କୁ ପୁଷ୍କରିଣୀ



ଠାକୁର ଚାପରେ ବୁଲୁଛନ୍ତି।

ପରିକ୍ରମା କରାଯାଇଥିଲା। ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ସାମଲ ଉଭୟ କାର୍ଯ୍ୟକ୍ରମରେ ମୁଖ୍ୟ ପୁରୋଧାଭାବେ ଯୋଗ ଦେଇଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ସମିତି ସଭାପତି ତଥା ନାଲ୍‌କୋ ସମୂହ ମହାପ୍ରବନ୍ଧକ ସଞ୍ଜୟ ପଟ୍ଟନାୟକ ରଥକାଠ ପୂଜାରେ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ରଥ ନିର୍ମାଣ ମୁଖ୍ୟ ବିଶ୍ୱକର୍ମା ବବଲୁ ମହାରଣା ଉପସ୍ଥିତ ଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ସମିତି ସମ୍ପାଦକ କୈଳାସ ସେନାପତି, ଯୁଗ୍ମ ସମ୍ପାଦକ ତ୍ରିଲୋଚନ ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ ଗୌଡ଼ଗୁଡ଼ାରୁ ସଦନ ଗୌଡ଼ଙ୍କ ନେତୃତ୍ୱରେ ଆସିଥିବା ଗୋପାଳ ଭାଇ ଭଉଣୀ ସଙ୍କୀର୍ତ୍ତନ କରିଥିଲେ।

## ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନନ୍ଦପୁର, ୩୦।୪ (ତୁଷାରକାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ପାଣିଗ୍ରାହୀ ଓ ଶିକ୍ଷକ କିଶୋର ଚନ୍ଦ୍ର ରାଉତ ବୁଧବାର ଚାକିରିରୁ ଅବସର ନେଇଛନ୍ତି। ଶିକ୍ଷୟିତ୍ରୀ ପାଣିଗ୍ରାହୀ ବ୍ଲକ ସଦର ମହକୁମାସ୍ଥିତ କୁମ୍ଭାର ସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଓ ଶିକ୍ଷକ କିଶୋର ଚନ୍ଦ୍ର ରାଉତ ଭେଜା ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ଚାକିରି ଜୀବନର ଶେଷ ଦିନରେ ବ୍ଲକ ଶିକ୍ଷକ ଶିକ୍ଷୟିତ୍ରୀ ସଂଘ, ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଦୁଇ ବିଦ୍ୟାଳୟର ପରିଚାଳନା କମିଟି, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ତରଫରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ପୂର୍ବତନ ଜିଲା ବୋର୍ଡ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ପାଣିଗ୍ରାହୀ, ଏବିଇଓ ମମତାଜ ଗମାଙ୍ଗ, ଶିକ୍ଷକ ସଂଘ ସଭାପତି ସନିଆ ମୁଦୁଲି, ପ୍ରଧାନଶିକ୍ଷକ ଜୟରାମ ଖିଲବୁଡ଼ି, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସେଠୀ, ସିଆରସିସି, ନନ୍ଦପୁର କ୍ଲଷ୍ଟରର ସମସ୍ତ ଶିକ୍ଷକଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରାଯାଇ ଥିଲା। ବିଇଓ ଭବାନୀ ନନ୍ଦନ ପଟ୍ଟନାୟକ ଅବସର ଜୀବନ ସୁଖମୟ କାମନା କରିଛନ୍ତି।

# କାଳବୈଶାଖୀରେ ଭାଙ୍ଗିଲା ୫ ଘର

ଦାମନଯୋଡି,୩୦।୪ (ମାନସ ରଞ୍ଜନ କର)

ଦାମନଯୋଡ଼ି ଅଞ୍ଚଳରେ ମଙ୍ଗଳବାର ରାତିରେ କାଳବୈଶାଖୀ ପ୍ରଭାବରେ ବହୁ ଜୋରରେ ପବନ ବହିବା ସାଙ୍ଗକୁ ଘଡ଼ଘଡ଼ି ଓ ବର୍ଷା ହୋଇଥିଲା। ସ୍ଥାନୀୟ ଲିଟିଗୁଡା ପଞ୍ଚାୟତ ଅଧୀନ ଆମ୍ବଗାଁର ଯଦୁ ଟାକ୍ରୀ, ଅନୀଲ ଖୋସ୍ଲା, ଜୟଦାନ ଖୋସ୍ଲା, କିଶୋର ଖୋସ୍ଲା ଓ ଲକ୍ଷ୍ମଣ ଡଙ୍ଗରୀ ପ୍ରମୁଖଙ୍କ ଘର ଭାଙ୍ଗି ଯାଇଛି। ମଙ୍ଗଳବାର ରାତିରେ ସମସ୍ତେ ନିଜ ନିଜ ଘରେ ଶୋଇଥିଲେ। ହଠାତ ଘଡ଼ଘଡ଼ି ସାଙ୍ଗକୁ ଜୋରରେ ବର୍ଷା ପବନ ହୋଇଥିଲା। ସବୁ ଘରର ଟିଣ ଛପର ଉଡ଼ିଯାଇଥିଲା। ଛପର ପଡ଼ିଯିବାରୁ ଘରର ଆସବାବପତ୍ର ବର୍ଷାରେ ନଷ୍ଟ ହେବା ସହ ସାରା ରାତି ପରିବାର ଲୋକେ ଭିଜିଥିଲେ। କୁଲି ବୃତ୍ତି କରି ମୁଣ୍ଡ ଗୁଞ୍ଜିବା ପାଇଁ କରିଥିବା ଘର ଭାଙ୍ଗିଯିବା ପରେ ଅସହାୟ ହୋଇ ପଡିଛନ୍ତି। ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି।

## ଜିଲାସ୍ତରୀୟ ଅକ୍ଷୟ ତୃତୀୟା ପାଳିତ



କୋରାପୁଟ ବିଧାୟକ ଓ ଅନ୍ୟ ଅତିଥିମାନେ।

କୋରାପୁଟ,୩୦।୪(ଅମିତାଭ ବେହେରା)

କୋରାପୁଟ ଜିଲା ପ୍ରଶାସନ ଆନୁକୂଲ୍ୟରେ ବୁଧବାର ଜିଲା କୃଷି ବିଭାଗ ପକ୍ଷରୁ ଜିଲାସ୍ତରୀୟ ଅକ୍ଷୟ ତୃତୀୟା ପାଳିତ ହୋଇଛି। କୋରାପୁଟ ବ୍ଲକ ଦେବୀଘାଟ ପଞ୍ଚାୟତର ବଗେଇପଦର ଗ୍ରାମରେ ଆୟୋଜିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଖିମୁଠି ଅନୁକୂଳ, ଭୂମିପୂଜା ହଳ ଲଙ୍ଗଳ ଧରି ପ୍ରଥମ ଖରିଫ ଚାଷ ପାଇଁ ଶୁଭ ଦେଇଥିଲେ। ସିଏମ୍ କିଷାନ ଯୋଜନାରେ ଚାଷୀଙ୍କୁ ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୨ ହଜାର ଟଙ୍କା ଲେଖାଏ ୧୪ ବ୍ଲକର ୧, ୩୨୦୯୨ଜଣଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ଦେବୀପ୍ରସାଦ ମହାନ୍ତି, ଜିଲା ମୁଖ୍ୟ କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନ, କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ ଏମ୍ପିଙ୍କ ପ୍ରତିନିଧି ବାବୁଲା ବେନିଆ, ଦେବୀଘାଟି ପଞ୍ଚାୟତ ସମିତି ସଭ୍ୟା ମଞ୍ଜୁଳା ବାଘ, କୃଷି ବିଭାଗ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ମିଶ୍ର, କେସିସି ବ୍ୟାଙ୍କ ସେକ୍ରେଟେରୀ ଅତୁଲ୍ୟ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

## ଏମ୍‌ଭି-୧୦୮ ଗ୍ରାମ ଅନ୍ଧାରରେ

### କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଲେ ଗ୍ରାମବାସୀ

କୋରୁକୋଣ୍ଡା,୩୦।୪(ଶିବଦତ୍ତ ସାହୁ)

ମାଲକାନଗିରି ଜିଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ତାପମାତ୍ରା ପାଖାପାଖି ୪୦ ଡିଗ୍ରୀ ଛୁଇଁଲାଣି। ଗତ କିଛି ଦିନଧରି କାଳବୈଶାଖୀ ଯୋଗୁ ପବନ ହେଉଛି। ପବନ କମିବା ପରେ ବିଭାଗ ପକ୍ଷରୁ କଟାଯାଇଥିବା କରେଣ୍ଟକୁ ଚାର୍ଜ କରିବା ପରେ ଅଧିକାଂଶ ଗ୍ରାମକୁ ବିଦ୍ୟୁତ୍ ଆସୁଥିବା ବେଳେ ଆଉ କିଛି ଗ୍ରାମକୁ ଆସୁନାହିଁ। ଏଭଳି ଦେଖିବାକୁ ମିଳିଛି କୋରୁକୋଣ୍ଡା ବ୍ଲକ ଚିତାପାରି-୩ ପଞ୍ଚାୟତ ଏମ୍‌ଭି -୧୦୮ ଗ୍ରାମରେ। ଏହି ଗାଁରେ ଗତ ସୋମବାର ରାତିରେ ପବନ ହେବାରୁ ବିଦ୍ୟୁତ୍ କଟିଯାଇଥିଲା। ପୁନର୍ବାର ମଙ୍ଗଳବାରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୨ ଦିନ ହେଲା କରେଣ୍ଟ ନ ଥିବାରୁ ଗ୍ରାମର ୭୫ ରୁ ଉର୍ଦ୍ଧ୍ୱ ପରିବାର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପିଲାମାନେ ପାଠ ପଢି ପାରୁନାହାନ୍ତି, କିମ୍ବା ରାତିରେ କେହି ଶୋଇ ପାରୁନାହାନ୍ତି। ଏ ନେଇ ଦୁଇଦିନ ଧରି ବିଭାଗୀୟ କର୍ତ୍ତୃପକ୍ଷ ଏବଂ କର୍ମଚାରୀଙ୍କ ନିକଟରେ ବହୁବାର ଅଭିଯୋଗ କଲେ ବି କେହି ଶୁଣୁ ନ ଥିବାରୁ ଗ୍ରାମବାସୀ ବୁଧବାର ବାଲିମେଳାରେ ଥିବା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଧାରଣାରେ ଏମ୍‌ଭି -୧୦୮ଗ୍ରାମର ସଞ୍ଜିତ ସାନା, କବିତା ମିସ୍ତ୍ରି, ଶାନ୍ତି ମଣ୍ଡଳ, ସାବୀ ମଣ୍ଡଳ, ପୂର୍ଣ୍ଣିମା ବାରୋଇ, ସୁନିତା ମଣ୍ଡଳ,ବୈଶାଖ ସର୍ଦ୍ଦାର, ଉର୍ମିଳା ମଣ୍ଡଳ, ରଶ୍ମି ମିସ୍ତ୍ରୀ, ପ୍ରଶାନ୍ତ ମଣ୍ଡଳ, ପୁଷ୍ପା ମଣ୍ଡଳ, ନିତନ୍ ସର୍ଦ୍ଦାର, ଶ୍ୟାମଳ ସର୍ଦ୍ଦାର ଓ ସୁଶାନ୍ତ ବିଶ୍ୱାସଙ୍କ ସମେତ ଗ୍ରାମବାସୀ ବସିଛନ୍ତି। କରେଣ୍ଟ ନ ଦେବା ପର୍ଯ୍ୟନ୍ତ ଅଫିସ ସମ୍ମୁଖରେ ଧାରଣାରେ ବସି ରହିବୁ ବୋଲି ଅଡ଼ି ବସିଥିଲେ ଗ୍ରାମବାସୀ । ବରିଷ୍ଠ କର୍ମଚାରୀ ମଳୟ ପଟ୍ଟନାୟକ ସେମାନଙ୍କୁ ବୁଝାଶୁଝା କରିବା ସହ ଉକ୍ତ ଗ୍ରାମରେ ତୁରନ୍ତ ଲୋକ ପଠାଇ କରେଣ୍ଟ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଉଠିଥିଲେ। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଦେବେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରୁ ବିଦ୍ୟୁତ୍ ସଂଯୋଗ ହୋଇଥିବା କେବୁଲରେ କେଉଁଠି ତ୍ରୁଟି ରହିଛି। ତୁରନ୍ତ ମରାମତି କରି ଲାଇନ ଦିଆଯିବ ବୋଲି ସେ କହିଛନ୍ତି।

# ଛାତ୍ରୀଛାତ୍ରଙ୍କ ଅନୁପାତରେ ନାହାନ୍ତି ଶିକ୍ଷକ

## କୁନ୍ଦୁରା ବ୍ଲକ୍‌ରେ ଶିକ୍ଷା ବିଭାଗର ବିକଳ ଚିତ୍ର

କୁନ୍ଦୁରା,୩୦।୪(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ଜଣାଶୁଣା। ଜିଲା ଶିକ୍ଷା ବିଭାଗର ଅବହେଳା ଯୋଗୁ ବାଟବଣା ହେଉଛି ଶିକ୍ଷା ବ୍ୟବସ୍ଥା। ବ୍ଲକ୍ ଅଧୀନରେ ଥିବା ଗୋଷ୍ଠୀ ଶିକ୍ଷା ବିଭାଗରେ ୩ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରହିବା ନିୟମ ଥିବା ବେଳେ ଦୀର୍ଘ ବର୍ଷ ହେବ ଜଣେ ମାତ୍ର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦ୍ୱାରା କାମ ଚଳାଉ ରହିଛି ଶିକ୍ଷା ବିଭାଗ। ଗତ ୧୨ ବର୍ଷ ଧରି ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦ୍ୱାରା କୁନ୍ଦୁରା ବ୍ଲକ୍‌ରେ ଶିକ୍ଷା ବ୍ୟବସ୍ଥା ସଜଡା ଚାଲିଥିବା ବେଳେ ବର୍ତ୍ତମାନ ବହୁ କଷ୍ଟରେ କୋଟପାଡ଼ ବିଧାୟକଙ୍କ ହସ୍ତକ୍ଷେପ ଯୋଗୁ ସ୍ଥାୟୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିଯୁକ୍ତ ହୋଇଛନ୍ତି। ବ୍ଲକ୍ ଅଧୀନରେ ଥିବା ପ୍ରାୟ ୧୩୨ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ପାଖାପାଖି ୧୦ ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷକରେ ଚାଲିଛି ଶିକ୍ଷାଦାନ। ସେହିଭଳି ଉଚ୍ଚ ବିଦ୍ୟାଳୟଗୁଡିକରେ ମଧ୍ୟ ସମାନ ବ୍ୟବସ୍ଥା ଥିବା ବେଳେ ଅନ୍ଧାର ଭିତରକୁ ଠେଲି ହେଉଛି ପିଲାଙ୍କ ଭବିଷ୍ୟତ। ବ୍ଲକ୍ ଅଧୀନରେ ଥିବା ୧୪ ଏବଂ ଗୋଟିଏ ଆଦର୍ଶ ବିଦ୍ୟାଳୟମଧ୍ୟରୁ ଅନେକ ଉଚ୍ଚ ବିଦ୍ୟାଳୟଗୁଡିକରେ ଶିକ୍ଷକ ପଦବୀ ଖାଲି ରହିଛି। ସେହିଭଳି ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ପଣସ ଗାଁ, ପଖନାଗୁଡ଼ା, କଟନୀକୁଣ୍ଡ, ଚିଲିଗୁଡା,ମାଝୀଗୁଡା ଏବଂ ଘସରଡ଼ା ଆଦି ବିଦ୍ୟାଳୟ ଜଣେ ଲେଖାଏ ଶିକ୍ଷକରେ ଚାଲିଛି ପାଠପଢା। ଦୀର୍ଘ ଦିନଧରି ଶିକ୍ଷା ବିଭାଗ ଅଧୀନରେ ଏଭଳି ଚିତ୍ର ଦିଶୁଥିଲେ ମଧ୍ୟ ଜିଲା ଏବଂ ବ୍ଲକ ଶିକ୍ଷା ଅଧିକାରୀମାନେ ଜାଣିଶୁଣି ଚୁପ ରହୁଥିବା ଅଭିଯୋଗ ହେଉଛି।

ବାଲ୍ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଖାପାଖି ୧୨୫୩୫ ଏବଂ ନବମ, ଦଶମ ଶ୍ରେଣୀରେ ପ୍ରାୟ ୨୭୩୪ ଛାତ୍ରୀଛାତ୍ର ପଢୁଥିବା ବେଳେ ସେହି ଅନୁପାତରେ ଶିକ୍ଷକ ନାହାନ୍ତି। ୨୦୨୫ ସୁଦ୍ଧା କୁନ୍ଦୁରା ବ୍ଲକ ଅଧୀନରେ ୧୨୭ ଶିକ୍ଷୟିତ୍ରୀ ଏବଂ ୨୭୭ ଶିକ୍ଷକ ନିଯୁକ୍ତ ଅଛନ୍ତି। ଛାତ୍ରୀଛାତ୍ରଙ୍କ ଅନୁପାତରେ ଦେଖିବାକୁ ଗଲେ ସମୁଦାୟ ୧୫୨୬୯ ଅନୁପାତରେ ୫୦୦ରୁ ଉର୍ଦ୍ଧ୍ୱ ଶିକ୍ଷାଦାତା ଆବଶ୍ୟକ ରହୁଥିବା ସରକାରୀ ଭାବେ ଦର୍ଶାଯାଉଛି। ବିଦ୍ୟାଳୟ ହିସାବରେ ଦେଖିବାକୁ ଗଲେ ୧୩୨ ବିଦ୍ୟାଳୟ ମଧ୍ୟରୁ ପ୍ରାୟ ୧୦ ବିଦ୍ୟାଳୟକୁ ଜିଲା ପ୍ରଶାସନ ଏବଂ ଶିକ୍ଷା ବିଭାଗ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି।

ବ୍ଲକ୍ଅଧୀନରେ ଥିବା ୧୪ ଉଚ୍ଚ ବିଦ୍ୟାଳୟରୁ ଅନେକରେ ଡିଗ୍ରୀଧାରୀ ଶିକ୍ଷକଙ୍କ ଅଭାବ ରହିଛି। ଗତ ମାଟ୍ରିକ ପରୀକ୍ଷା ପୂର୍ବରୁ କିଛି ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଜରୁରୀ ଥିବା ନେଇ ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କୁ ଅଭିଯୋଗ ପରେ ଅନନ୍ତ ବିଦ୍ୟାପୀଠ ଉଚ୍ଚ ବିଦ୍ୟାଳୟକୁ ୨ ଏବଂ ଲାଛନାଗୁଡ଼ା ଉଚ୍ଚ ବିଦ୍ୟାଳୟକୁ ୨ ଜଣ ଲେଖାଏ ଶିକ୍ଷକ ନିଯୁକ୍ତ କରାଯାଇଛି। କିନ୍ତୁ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ସମସ୍ତ ବିଦ୍ୟାଳୟର ସମସ୍ୟା ବିଷୟରେ ଖବର ଥିବା ସତ୍ତ୍ୱେ ମଧ୍ୟ ଜାଣିଶୁଣି ଏଥିପ୍ରତି ଅବହେଳା କରୁଥିବା ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ କହିଛନ୍ତି।

ସେହିପରି କୁନ୍ଦୁରା ବ୍ଲକ୍ ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ବାରମ୍ବାର ଗୋଷ୍ଠୀ ଶିକ୍ଷା ଅଧିକାରୀ ବଦଳି ଏବଂ ଅବସର ହେଉଥିବା ବେଳେ ଜିଲା ଶିକ୍ଷା ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ କୁନ୍ଦୁରା ବ୍ଲକ୍ ଶିକ୍ଷା ବିଭାଗରେ ଥିବା ସମସ୍ୟା ସମାଧାନ କରିବା ନେଇ ପଦକ୍ଷେପ ନେବା କଥା। କିନ୍ତୁ ଜିଲା ଶିକ୍ଷା ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁ କୁନ୍ଦୁରା ବ୍ଲକ୍‌ରେ ଥିବା ଶିକ୍ଷକ ସମସ୍ୟା ଦୂରକରିବା ସମ୍ଭବ ହୋଇପାରୁନାହିଁ।

ଏନେଇ ଜିଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ପଚାରିବାରୁ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ କହିବା ପ୍ରକାରେ ଯେଉଁସବୁ ବିଦ୍ୟାଳୟରେ ଅଧିକ ଶିକ୍ଷକ ଅଛନ୍ତି, ସେମାନଙ୍କୁ ଅନ୍ୟ ସ୍କୁଲକୁ ବଦଳି କରାଯିବ। ଏହାସହ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଅତିଥି ଶିକ୍ଷକଙ୍କୁ ଆବଶ୍ୟକ ଅନୁଯାୟୀ ବିଭିନ୍ନ ବିଦ୍ୟାଳୟରେ ପଦବୀ ପୂରଣ କରାଯିବ ବୋଲି ସେ କହିଛନ୍ତି ।

## ‘ପାରମ୍ପରିକ ଜ୍ଞାନକୌଶଳରେ ଚାଷ କର’




କାର୍ଯ୍ୟକ୍ରମରେ ଅତିଥି ଓ ମହିଳାମାନେ।

ଦଶମନ୍ତପୁର, ୩୦।୪ ( ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଚଣାବାଡ଼ ପଞ୍ଚାୟତର ଏସ୍.ଦଣ୍ଡାବାଡ଼ ଗ୍ରାମରେ ବୁଧବାର ଅକ୍ଷୟ ତୃତୀୟା ପାଳନ କରାଯାଇଛି। ଆଗ୍ରଗାମୀ ଅନୁଷ୍ଠାନ ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପୋଖାରଓ୍ୱାର୍ଡ ସଭ୍ୟା ପାଲାଇ ମିନିଆକା ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ରମେଶ ସାଉନ୍ତା, କୃଷକ ସାଥୀଙ୍କ ସମେତ ଚଣାବାଡ଼ ପଞ୍ଚାୟତର ମୋଟ ୭ ଗ୍ରାମର ୫୦ ଜଣ ମହିଳା ଏବଂ ପୁରୁଷ ଉପସ୍ଥିତ ଥିଲେ। ଏଠାରେ ଚାଷ ବିକାଶ ଉପରେ ଆଲୋଚନା କରାଯାଇଥିଲା। ଜୈବିକ ପଦ୍ଧତିରେ ଚାଷ କରି ନିଜ ଶରୀର ଓ ପରିବେଶକୁ ସନ୍ତୁଳିତ ରଖିବା, ଅନ୍ୟମାନଙ୍କୁ ବିଷ ମୁକ୍ତ ଖାଦ୍ୟ ଖୁଆଇବା ଏବଂ ତାପମାତ୍ରକୁ ନିୟନ୍ତ୍ରଣ ନେଇ ଚରୋପଣ କରିବାକୁ ଆଗ୍ରଗାମୀ ପ୍ରକଳ୍ପ ନିର୍ଦ୍ଦେଶକ ବୁଝାଇଥିଲେ। ଦେଶୀ ବିହନ, ଦେଶୀ ଖତ ଏବଂ ପାରମ୍ପରିକ ଜ୍ଞାନ କୌଶଳ ବ୍ୟବହାର କରି ଚାଷ କରିବାକୁ ନିବେଦନ କରାଯାଇଛି।

# ଦଳପତିଗୁଡ଼ା ମାଝୀ ପରିବାର ଆଦିବାସୀ ହୋଇ ନ ଥିବା ଅଭିଯୋଗ

ମାଥିଲି,୩୦।୪(ସୁବାଷ ଚନ୍ଦ୍ର ଖୁଲୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ଦଳପତିଗୁଡା ପଞ୍ଚାୟତ ଡାଇଗୁଡା ଗ୍ରାମର ମାଝୀ ପରିବାର ଆଦିବାସୀ ନୁହନ୍ତି ବୋଲି କେତେଜଣ ଲୋକ ଆଦିବାସୀ ନେତା ହଳଧର ପୂଜାରୀଙ୍କ ନିକଟରେ ୨୮ ତାରିଖରେ ଅଭିଯୋଗ କରିଛନ୍ତି। ସେଠାରେ ଲୋକଙ୍କ ସହ ପୂଜାରୀ ଆଲୋଚନା କରିଥିଲେ।



ଡାଇଗୁଡା ଗ୍ରାମବାସୀଙ୍କ ସହ ଆଦିବାସୀ ନେତା ହଳଧର ପୂଜାରୀ ଆଲୋଚନା କରୁଛନ୍ତି।

ଏହାକୁ ନେଇ ମାଝୀ ପରିବାରରେ ଅସନ୍ତୋଷ ସହ ସାମାଜିକ ବାସନ୍ଦ ନେଇ ଚିନ୍ତାରେ ପଡିଛନ୍ତି। ଅନ୍ୟପଟେ ପାଙ୍ଗାମ ମେଡିକାଲରେ ଜଳନ୍ଧର ମାଝି କାମ କରୁଥିବାରୁ ଭୟଭୀତ ଅବସ୍ଥାରେ ଅଛନ୍ତି। କାଳେ ଏମାନେ ତାଙ୍କ ପରିବାର ଲୋକଙ୍କ ପାଇଁ କ୍ଷତି ପହଞ୍ଚାଇବେ ଆଦିବାସୀ ସଂଘ ସଭାପତି ହଳଧର ପୂଜାରୀ କହିଛନ୍ତି। ପୂଜାରୀ ମାଥିଲି ଅଞ୍ଚଳର ଆଦିବାସୀ ସମାଜର ମୁଖ୍ୟ ହୋଇଥିବା ବେଳେ ଆଦିବାସୀ କିଏ ଓ ଅଣ ଆଦିବାସୀ କିଏ ସେ ଭଲ ଭାବରେ ଜାଣିଛନ୍ତି ଏବଂ ମାଝୀ ପରିବାର ଆଦିବାସୀ ବୋଲି ସେ କହିଛନ୍ତି।

ପୂର୍ବକାଳରୁ ମାଝୀ ପରିବାର ଡାଇଗୁଡା ଗ୍ରାମରେ ବାସକରି ଆସୁଛନ୍ତି। ପୂର୍ବ ପୁରୁଷରୁ ସେମାନେ ଆଦିବାସୀ ପରମ୍ପରା ସହ ରହୁଥିବା ବେଳେ କେତେଜଣ ଖଳ ପ୍ରକୃତିର ଲୋକ ସେମାନଙ୍କ ନାମରେ ବଦନାମ କରୁଛନ୍ତି ବୋଲି ଡାଇଗୁଡା ଗ୍ରାମବାସୀ ଓ ଆଦିବାସୀ ନେତା ପୂଜାରୀ କହିଛନ୍ତି। ଯଦି ଚର୍ଚ୍ଚା ବନ୍ଦ ନ ହୁଏ ତେବେ ଆଦିବାସୀ ପରିବାର ଆଇନର ଆଶ୍ରୟ ନେବେ ବୋଲି ଜଳନ୍ଧର ମାଝି କହିଛନ୍ତି।

# ସଂଘର୍ଷ, ସମର୍ପଣରେ ଚାଷୀଙ୍କ ବିକାଶ କରିବାକୁ ଆହ୍ୱାନ

## ଜିଲା କଂଗ୍ରେସ ପକ୍ଷରୁ କୃଷକ ସମାବେଶ, ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ

ଜୟପୁର, ୩୦।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା କଂଗ୍ରେସ ପକ୍ଷରୁ ବୁଧବାର ଅଖିମୁଠି ଶୁଭାରମ୍ଭ, କୃଷକ ସମାବେଶ କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜୟପୁର ବ୍ଲକ ଟାଙ୍କୁଆ ପଞ୍ଚାୟତର ପଣସପୁଟ ଗ୍ରାମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗ ଦେଇ ହଳ ଚଲାଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ରାଜ୍ୟ ମହିଳା ସଭାନେତ୍ରୀ ମିନାକ୍ଷୀ ବାହିନିପତି, କୋରାପୁଟ ଜିଲା କଂଗ୍ରେସ ସଭାପତି ଶଶିଭୂଷଣ ପାତ୍ର, ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି , କିଶାନ ସେଲ୍ ଅଧ୍ୟକ୍ଷ ଭବାନି ରଥ, ବ୍ଲକ ସଭାପତି ବସନ୍ତ ନାୟକ, ନିହାର ବିଷୋୟୀ, ଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଅଖିମୁଠି ଅନୁକୂଳ କରୁଛନ୍ତି।

କୃଷି ହେଉଛି ମୁଖ୍ୟ ଜୀବିକା। କୃଷି କାଯ୍ୟ ଓ କୃଷକ ସମାଜ ପ୍ରତି ସର୍ବଦା ସମ୍ମାନ ପ୍ରଦର୍ଶନ କରିବା ସମସ୍ତଙ୍କ କର୍ତ୍ତବ୍ୟ। କୃଷି କାଯ୍ୟ ଆରମ୍ଭ କରିବା ପୂର୍ବରୁ ଚାଷି ମାଟି ମାଆକୁ ପୂଜା କରିଥାଏ। ତେଣୁ ଅକ୍ଷୟ ତୃତିୟା କୃଷି କାଯ୍ୟର ଆଦ୍ୟ ପର୍ବ । ୧୯୯୭ରେ ତତ୍କାଳୀନ କଂଗ୍ରେସ ସରକାରଙ୍କ ସମୟରେ ପବିତ୍ର ଅକ୍ଷୟ ତୃତିୟା ଦିବସକୁ ସରକାରୀ ସ୍ତରରେ ପାଳନ କରାଯିବା ସହ ପ୍ରଥମ କରି ନୂତନ କୃଷି ନୀତି ପ୍ରଣୟନ କରାଯାଇଥିଲା। କିନ୍ତୁ ଶାସନ ବଦଳିବା ପରେ କୃଷି ଭିତ୍ତିଭୂମି ବିପର୍ଯ୍ୟୟ ଆଡ଼କୁ ଗତି କରୁଛି। ଆବଶ୍ୟକ ବିହନଠାରୁ ଆରମ୍ଭ କରି ଧାନ ବ୍ୟତିତ ଅଣଧାନ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରି ନାହିଁ। ନ୍ୟାୟପଥରେ ଯାଇ ସଂକଳ୍ପ, ସଂଘର୍ଷ ଓ ସମର୍ପଣ ଦ୍ୱାରା ଚାଷୀ ସମାଜର ବିକାଶ କରିବା କ୍ଷେତ୍ରରେ ସମସ୍ତେ ଅଙ୍ଗିକାର ବଦ୍ଧ ହେବା ଉଚିତ ବୋଲି ଦଳୀୟ ନେତା ଓ କର୍ମୀମାନେ କହିଥିଲେ। ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ଜିଲା କଂଗ୍ରେସ କମିଟି ଓ ଜିଲା କିଷାନ କଂଗ୍ରେସ ପକ୍ଷରୁ କୋରାପୁଟ ଜିଲା ଜୟପୁରରେ ଅଖି ମୁଠି ଅନୁକୁଳ ସହ କୃଷକ ସମାବେଶ କରାଯାଇଛି।

# ମଦ୍ରାସା ଶିକ୍ଷକଙ୍କୁ ମାଡ଼, ଏସ୍‌ପିଙ୍କୁ ଫେରାଦ

**ସମ୍ବଲପୁର,୩୦।୪(ପ୍ରମୋଦ ବହିଦାର)**

ସମ୍ବଲପୁର ଲକ୍ଷ୍ମୀଟକିଜ ଛକରେ ଜଣେ ମଦ୍ରାସା ଶିକ୍ଷକ(ଇମାମ୍)ଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ଇମାମ୍ ମହମ୍ମଦ ରିୟାଜ୍(୨୨) ଏ ନେଇ ସମ୍ବଲପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ଏତଲାରେ ଦର୍ଶାଇଛନ୍ତି ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ରାଉରକେଲାରୁ ଆସି ସମ୍ବଲପୁର ଲକ୍ଷ୍ମୀ ଟକିଜ ଛକରେ ବସ୍‌ରୁ ଓହ୍ଲାଇଥିଲେ। ସେଠାରୁ ଏକ ଅଟୋରେ ସେ ରହୁଥିବା ମୋତିଝରଣସ୍ଥିତ ମସ୍ତାନୀ ମସ୍‌ଜିଦ୍‌କୁ ଯିବା ସମୟରେ କେତେକ ଯୁବକ ତାଙ୍କୁ ଘେରି ଯାଇଥିଲେ। ଠିକଣା ପଚାରିବା ସହ ତାଙ୍କ ବ୍ୟାଗ ଯାଞ୍ଚ କରିଥିଲେ। ଏହାବାଦ ସେମାନେ ତାଙ୍କୁ ଓଡ଼ିଆରେ କଥାବାର୍ତ୍ତା କରିବାକୁ କହିଥିଲେ। ମାତ୍ର ସେ ଠିକ୍ ଭାବ ଓଡ଼ିଆ କହି ନ ପାରିବାରୁ ସେମାନେ ତାଙ୍କୁ ମାଡ଼ ମାରିଥିଲେ। ତେବେ ଖବର ପାଇ ତାଙ୍କ ସମ୍ପର୍କୀୟମାନେ ସେଠାରେ ପହଞ୍ଚି ତାଙ୍କୁ ଉକ୍ତ ଯୁବକମାନଙ୍କ କବଳରୁ ଉଦ୍ଧାର କରିଥିଲେ ବୋଲି ଅଭିଯୋଗ କରିଛନ୍ତି। ଅପରପକ୍ଷରେ ବୁଧବାର ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର କେତେକ ଲୋକ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଆସି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏସ୍‌ପି ମୁକେଶ କୁମାର ଭାମୁଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ମିଶ୍ର ଦାବିପତ୍ର ଗ୍ରହଣ କରିଥିଲେ। ଇମାମଙ୍କ ଏତଲାକ୍ରମେ ବୁଧବାର ଟାଉନ ଥାନାରେ ଭାରତୀୟ ନ୍ୟାୟ ସଂହିତା ଦଫା ୧୨୬(୨), ୧୧୫(୨), ୨୯୬, ୩୫୧(୩), ୧୦୯(୧), ୧୯୬(୧)(ବି) ଓ ୩(୫)ରେ ଏକ ମାମଲା(ନଂ. ୧୩୯/୨୫)ରୁଜୁ କରି ପୋଲିସ ରିଙ୍କୁ ପୂଜାରୀ(୩୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଏ ସମ୍ପର୍କରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିଶ୍ର କହିଛନ୍ତି, ଆକ୍ରମଣର ଶିକାର ଇମାମଙ୍କୁ ଚିକିତ୍ସା ପାଇଁ ପଠାଯାଇଛି। ତେବେ ତାଙ୍କୁ କେଉଁ କାରଣରୁ ଅଭିଯୁକ୍ତମାନେ ମାଡ଼ ମାରିଲେ ସେ ନେଇ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।


ମଦ୍ରାସା ଶିକ୍ଷକଙ୍କୁ ମାଡ଼ର ପ୍ରତିବାଦ କରି ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସୁଥିବା ଲୋକେ।

# ଚିକିତ୍ସାଧୀନ ଅବସ୍ଥାରେ ପୁତୁରାଙ୍କ ଜୀବନ ଗଲା

**ସାଇନ୍ସପାର୍କ ବସ୍ତିରେ ଗଣ୍ଡଗୋଳ ଘଟଣା**

**ପୂର୍ବରୁ ଗିରଫ ହୋଇଥିଲେ ଦାଦା, ଭାଇ ଚନ୍ଦନ ଫେରାର**

**ଭୁବନେଶ୍ୱର,୩୦।୪(ସତ୍ୟଜିତ୍ ରାଉତ)**

ଶହୀଦନଗର ଥାନା ଅନ୍ତର୍ଗତ ସାଇନ୍ସ ପାର୍କ ବସ୍ତିରେ ପାରିବାରିକ ଗଣ୍ଡଗୋଳ ବେଳେ ଦାଦାଙ୍କ ଆକ୍ରମଣରେ ଗୁରୁତର ହୋଇଥିବା ଜନ୍ମେଜୟ ନାୟକଙ୍କ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ହୋଇଛି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ଜନ୍ମେଜୟଙ୍କ ମୃତଦେହକୁ ବୁଧବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୁତୁରାଙ୍କୁ ହତ୍ୟା ଉଦ୍ୟମ ମାମଲାରେ ରବିବାର ଦାଦା ଶାନ୍ତିଭୂଷଣ ନାୟକ (୫୭)ଙ୍କୁ ପୋଲିସ ଗିରଫ କରିଥିବା ବେଳେ ସେ ଏବେ ଜେଲରେ ଅଛନ୍ତି। ଜନ୍ମେଜୟଙ୍କ ମୃତ୍ୟୁ ପରେ ପୋଲିସ ଏହି ମାମଲାରେ ଲାଗିଥିବା ହତ୍ୟା ଉଦ୍ୟମ ଦଫାରୁ ହତ୍ୟା ଦଫାକୁ ବଦଳାଇ ତଦନ୍ତ କରୁଛି। ତେବେ ଏହି ଘଟଣାରେ ଶାନ୍ତିଭୂଷଣଙ୍କ ପୁଅ ନାଗଭୂଷଣ ଓରଫ ଚନ୍ଦନ ଫେରାର ହୋଇଯାଇଛନ୍ତି। ତାଙ୍କୁ ଧରିବାକୁ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଛି ବୋଲି ଜୋନ୍-୫ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି।

ସୂଚନାଯୋଗ୍ୟ, ଜନ୍ମେଜୟ ଓ ଶାନ୍ତିଭୂଷଣ ସମ୍ପର୍କରେ ଦାଦାପୁତୁରା ହୋଇଥିବାବେଳେ ସାଇନ୍ସପାର୍କ ବସ୍ତିରେ ପଡ଼ୋଶୀ ଭାବେ ରହୁଛନ୍ତି। ଜନ୍ମେଜୟଙ୍କ ମାନସିକ ରୋଗ ଥିଲା। ଶନିବାର ଅପରାହ୍ନ ପ୍ରାୟ ୪ଟା ୩୦ରେ ଶାନ୍ତିଭୂଷଣଙ୍କ ପୁଅ ଚନ୍ଦନ ଜନ୍ମେଜୟଙ୍କ ଘରକୁ ଯାଇ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲ ଯିବାକୁ ଡାକିଥିଲେ। ଜନ୍ମେଜୟ ଯିବାକୁ ମନା କରିବାରୁ ଉଭୟଙ୍କ ମଧ୍ୟରେ ଝଗଡା ଓ ହାତାହାତି ହୋଇଥିଲା। ଏହି ସମୟରେ ଚନ୍ଦନ ତଳେ ପଡ଼ିଯିବାରୁ ଶାନ୍ତିଭୂଷଣ ଓ ମା’ ନିରୁପମା ଘଟଣାସ୍ଥଳକୁ ଧାଇଁ ଯାଇଥିଲେ। ସେପଟେ ଜନ୍ମେଜୟ ଏକ ଛୁରି ଆଣି ଶାନ୍ତିଭୂଷଣ ଓ ନିରୁପମାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଶାନ୍ତିଭୂଷଣ, ପୁଅ ଚନ୍ଦନ ଓ ସହଯୋଗୀ ଟିକୁ ମିଳିତ ଭାବେ ଜନ୍ମେଜୟଙ୍କୁ ବାଉଁଶ ବାଡ଼ିରେ ନିସ୍ତୁକ ପିଟିଥିଲେ। ଫଳରେ ଜନ୍ମେଜୟ ଗୁରୁତର ହୋଇଥିଲେ। ପୋଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା। ତେବେ ଟିକୁଙ୍କ ସମ୍ପୃକ୍ତି ନେଇ ଖୋଳତାଡ଼ ଜାରି ରହିଥିବା ପୋଲିସ କହିଛି।

# କ୍ରିପ୍ଟୋ ନିବେଶରେ ଠକେଇ, ମୁଖ୍ୟ ଅଭିଯୁକ୍ତଙ୍କୁ ୭ବର୍ଷ ଜେଲ

**କଟକ,୩୦।୪(କାର୍ତ୍ତିକ ସାହୁ)**

କ୍ରିପ୍ଟୋ ନିବେଶ ନାମରେ ବହୁ ସଂଖ୍ୟକ ଜମାକାରୀଙ୍କ ନିକଟରୁ ୧.୧୩ କୋଟି ଟଙ୍କା ଠକେଇ କରିବା ଅଭିଯୋଗରେ ବାଲେଶ୍ୱର ଓପିଆଇଡି ଅଦାଲତ ମୁଖ୍ୟ ଅଭିଯୁକ୍ତ ନୀଲେଶ କରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୭ ବର୍ଷ କାରାଦଣ୍ଡ ସହ ୨.୩୫ ଲକ୍ଷ ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ରାଶି ପୈଠ ନ କଲେ ଅଭିଯୁକ୍ତଙ୍କୁ ଅଧିକ ୨ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ଏପ୍ରିଲ ୫ରେ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ବାସିନ୍ଦା ମହାମାନ୍ୟ ଜେନା କ୍ରିପ୍ଟୋ ନିବେଶ ନାମରେ ଠକାମିର ଶିକାର ହୋଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ନିଲେଶ କର ତାଙ୍କୁ କ୍ଲାଉଡ୍-ଫୁଟ୍ ନାମକ ଏକ ଆପ୍/ୱେବ୍‌ସାଇଟରେ ଟଙ୍କା ନିବେଶ କରି ଅଧିକ ଟଙ୍କା ରୋଜଗାର କରିବାକୁ ପ୍ରୋତ୍ସାହିତ କରିଥିଲେ। ତାଙ୍କ କଥାରେ ବିଶ୍ୱାସ କରି ମହାମାନ୍ୟ ୨୦୨୩ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ଟଙ୍କା ଜମା କରି ମୋଟ ୨,୧୩,୦୩୮ ବିନିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ୫୦,୫୭,୧୧୭ ଟଙ୍କା ମିଳିବ ବୋଲି କ୍ଲାଉଡ୍-ଫୁଟ୍ ପକ୍ଷରୁ ସୂଚନା ଦିଆଯାଇଥିଲା। ଏଭଳି ସୂଚନା ମିଳିବା ପରେ ହଠାତ୍ ଉକ୍ତ ୱେବସାଇଟ୍ ବନ୍ଦ ହୋଇଯାଇଥିଲା। ଫଳରେ ମହାମାନ୍ୟ ଟଙ୍କା ଉଠାଇ ପାରି ନ ଥିଲେ। ପରବର୍ତ୍ତୀ ସମୟରେ ସେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନାରେ ମାମଲା ରୁଜୁ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ନିଲେଶ ବାଲେଶ୍ୱର ଜିଲା ପାଇଁ ନକଲି ୱେବ୍‌ସାଇଟର ମୁଖ୍ୟ ଭାବେ ନିଯୁକ୍ତ ହୋଇଥିଲେ। ଜମାକାରୀଙ୍କ ମନରେ ବିଶ୍ୱାସ ସୃଷ୍ଟି କରିବା ପାଇଁ ନୀଲେଶ ଆର୍‌ବିଆଇର ନକଲି ଅନୁମୋଦନ ପତ୍ର ଏବଂ କ୍ଲାଉଡ୍-ଫୁଟ୍‌ର ନିଯୁକ୍ତି ପତ୍ର ମଧ୍ୟ ଦେଖାଇଥିଲେ। ଫଳରେ ରାଜ୍ୟର ଜମାକାରୀମାନେ ବହୁ କୋଟି ଟଙ୍କା ପୁଞ୍ଜି ନିବେଶ କରିଥିଲେ। ସାରା ରାଜ୍ୟରେ ୪୦୦ରୁ ଅଧିକ ଲୋକଙ୍କୁ ଏହି ୱେବସାଇଟର ସଦସ୍ୟ ହେବାକୁ ନିଲେଶ ପ୍ରୋତ୍ସାହିତ କରିଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ସେହିପରି ସାରା ଦେଶରେ ନକଲି ୱେବସାଇଟ୍ କ୍ଲାଉଡ୍-ଫୁଟ୍‌କୁ କ୍ରିପ୍ଟୋ ନିବେଶ ନାମରେ ଦେଶବ୍ୟାପୀ ନିବେଶକମାନଙ୍କୁ ଠକିବା ପାଇଁ ବ୍ୟବହାର କରାଯାଉଥିଲା ବୋଲି ମଧ୍ୟ ଜଣାଯାଇଥିଲା। ଇନ୍ସପେକ୍ଟର ତାପସ ରଞ୍ଜନ ସାହୁ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଭାବେ ଦାୟିତ୍ୱ ନେଇଥିଲେ।

# ଜିଲା ଅବକାରୀ ଅଧୀକ୍ଷକ ଗିରଫ

**ଢେଙ୍କାନାଳ,୩୦।୪ (ରତନ ନାୟାର)**

ଢେଙ୍କାନାଳ ଜିଲା ଅବକାରୀ ଅଧୀକ୍ଷକ କ୍ରିଷ୍ଣା ନାୟକ ମଙ୍ଗଳବାର ନିଜ ଗାଡ଼ିରେ ଫାଇଲ ମଧ୍ୟରେ ନଗଦ ୩ ଲକ୍ଷ ଟଙ୍କା ୬ଟି ଖାମରେ ଭର୍ତ୍ତି କରି ନେଉଥିବା ବେଳେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ନିକଟରେ ଭିଜିଲାନ୍ସ ବିଭାଗ ଅଧିକାରୀଙ୍କ ହାତରେ ଧରାପଡ଼ିଥିଲେ। ଏହାପରେ ଢେଙ୍କାନାଳ ସମେତ ପ୍ରାୟ ୭ଟି ଜାଗାରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ବୁଧବାର ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଘଟଣାର ୨୪ ଘଣ୍ଟା ପରେ ମଧ୍ୟ ଅବକାରୀ ଅଧୀକ୍ଷକ ଫାଇଲରେ ନଗଦ ୩ ଲକ୍ଷ ଟଙ୍କା କାହାକୁ ଦେବା ପାଇଁ ନେଉଥିଲେ ତାହାର ରହସ୍ୟ ଖୋଲିପାରିନାହିଁ। ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କର କଟକ ଜଗତପୁରଠାରୁ ୪୬୫୫ ବର୍ଗଫୁଟର ଏକ ୩ମହଲା ଘର, ପୁରୀ କୁମ୍ଭାରପଡା ଅଞ୍ଚଳରୁ ୧୪୦୦ ବର୍ଗଫୁଟର ଏକ ଦୁଇମହଲା ଘର, ଜଗତସିଂହପୁରରୁ ୨ଟି ପ୍ଲଟ, ପୁରୀରୁ ୨ଟି ଓ କଟକରୁ ୪ଟି ବହୁମୂଲ୍ୟ ଟଙ୍କାର ଜମି, ଦୁଇଟି ବେନାମୀ ୪ ଚକିଆ ଗାଡ଼ି ଜବତ କରାଯାଇ ଅଧିକ ଯାଞ୍ଚ ଜାରିରହିଛି। ସେହିପରି ୨୦ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ୍ ମଧ୍ୟ ଠାବ କରାଯାଇଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ଏହାକୁ ନେଇ ଅଧିକ ତଦନ୍ତ ଜାରି ରହିଥିବା ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ପ୍ରେସ୍ ବିଜ୍ଞପ୍ତିରୁ ସୂଚନା ଦିଆଯାଇଛି। ଏ ସଂକ୍ରାନ୍ତରେ ଭିଜିଲାନ୍ସ ସେଲ ଥାନା କେସ୍ ନଂ-୪/୩୦.୦୪.୨୦୨୫, ଦଫା-୧୩(୨),୧୩(୧ ଓ ବି) ପ୍ରିଭେଣ୍ଟେଶନ ଅଫ୍ କରପ୍ସନ ଆମେଣ୍ଡମେଣ୍ଟ ଆକ୍ଟ-୨୦୧୮ରେ ଏକ ମାମଲା ରୁଜୁ କରାଯାଇଛି।



ଅବକାରୀ ଅଧୀକ୍ଷକ କ୍ରିଷ୍ଣା ନାୟକ ଏବଂ ଫାଇଲ ଭିତରେ ପ୍ୟାକେଟରେ ଥିବା ୩ଲକ୍ଷ ଟଙ୍କା।

# ନକଲି ସେନା କର୍ମଚାରୀ ଗିରଫ

**ବ୍ରହ୍ମପୁର,୩୦।୪(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ଗାନ୍ଧୀନଗର ଅଞ୍ଚଳରେ ଭାରତୀୟ ସେନା ପୋଷାକ ପିନ୍ଧି ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଜଣେ ବ୍ୟକ୍ତିଙ୍କୁ ପୋଲିସ ବୁଧବାର ଗିରଫ କରିଛି। ତାଙ୍କ ନିକଟରୁ ଭାରତୀୟ ଆର୍ମି ଲୋଗୋ ଥିବା ପୋଷାକ, ଗୁଜରାଟ ପୋଲିସ ଲୋଗୋ ଥିବା ପରିଚୟପତ୍ର ଜବତ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ.ସୂଚନା ଦେଇଛନ୍ତି। ଅଭିଯୁକ୍ତ ଜଣକ ନିଜ ନାମ ରାଜୁ ସନ୍ତ୍ରା ବୋଲି କହିଛନ୍ତି। ସେ ପଞ୍ଜାବ ଅମୃତସର ଜିଲା ୱାଘା ବର୍ଡରରେ କାମ କରୁଥିବା ବେଳେ କିଛିଦିନ ହେଲା ଗୋପାଳପୁର ଆର୍ମି ଏଡି କଲେଜକୁ ଡ୍ୟୁଟିରେ ଆସିଥିବା ଜେରା ବେଳେ କହିଥିଲେ। ସ୍ଥାନୀୟ ପୋଲିସ ସେଠାକାର ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ଏଭଳି କେହି ଆର୍ମି ବିଭାଗରେ କାମ କରୁ ନ ଥିବା ଜଣାପଡ଼ିଥିଲା। ତାଙ୍କର ପ୍ରକୃତ ପରିଚୟ ଜାଣିବା ପାଇଁ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବ୍ୟକ୍ତି ଜଣକ ସେନା ପୋଷାକ ପିନ୍ଧି ନିଜକୁ ଆର୍ମି କର୍ମଚାରୀ କହି ସାଧାରଣ ଲୋକଙ୍କୁ ଠକିବା ସହ ଟ୍ରେନ, ବସରେ ବିନା ଟିକେଟରେ ଯାତ୍ରା କରୁଥିଲେ। ଗତ ୨୮ ତାରିଖରେ ବ୍ରହ୍ମପୁର ଠାକୁରାଣୀ ଯାତ୍ରା ଚାଲିଥିବା ବେଳେ ତାଙ୍କ ଚାଲିଚଳନ ଓ ବ୍ୟବହାର ଦେଖି କେତେଜଣ ଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ ତାଙ୍କୁ ଧରି ଟାଉନ ଥାନା ପୋଲିସ ଜିମା ଦେଇଥିଲେ। ପୋଲିସ ବିଭିନ୍ନ ଦିଗରୁ ଯାଞ୍ଚ କରିବା ପରେ ସେ ଜଣେ ନକଲି ସେନା କର୍ମଚାରୀ ବୋଲି ଜଣାପଡିଥିଲା। ଟାଉନ ଥାନା ମାମଲା ନଂ.୧୫୩/୨୫ରେ ଅଭିଯୁକ୍ତଙ୍କୁ ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

**ଅନୁଗୋଳ,୩୦।୪ (ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ଅତିରିକ୍ତ ଜିଲା ଓ ସେସନ ଜଜ୍ ତଥା ସ୍ୱତନ୍ତ୍ର ଜଜ୍ ପୋକ୍ସୋ ସୌମ୍ୟା ଶୁଭଦର୍ଶିନୀ ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ବୁଧବାର ଅଭିଯୁକ୍ତ ଖମାର ଥାନା ଅଞ୍ଚଳର ଜଣ୍ଡକା ଓରଫ ରାମ ପୁର୍ତ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ମାମଲାରୁ ପ୍ରକାଶ, ୨୦୨୩ ଜୁନ ୨୯ରେ ଖମାର ଥାନା ଅଞ୍ଚଳର ଜଣେ ନାବାଳିକା ନିଖୋଜ ହୋଇଯାଇଥିଲେ। ପରଦିନ ଖୋଜାଖୋଜି ବେଳେ ଏକ ପୋଲ ନିକଟରେ ନାବାଳିକାଙ୍କ ପାଟି ଶୁଣି ପରିବାର ଲୋକେ ସେଠାରେ ପହଞ୍ଚି ବଳାତ୍କାର କରୁଥିବା ଅଭିଯୁକ୍ତଙ୍କ କବଳରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଘଟଣାସ୍ଥଳରୁ ଅଭିଯୁକ୍ତ ଫେରାର ହୋଇଯାଇଥିଲା ବେଳେ ନାବାଳିକାଙ୍କ ପରିବାର ପକ୍ଷରୁ ଏ ନେଇ ଖମାର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ନଂ. ୧୨୩/୨୦୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାର ବିଚାର କରି ଅତିରିକ୍ତ ଜିଲା ଓ ସେସନ ଜଜ୍ ତଥା ସ୍ୱତନ୍ତ୍ର ଜଜ୍ ପୋକ୍ସୋ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ପ୍ରଦାନ କରିଥିଲେ। ଏଥିସହିତ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ଅର୍ଥ ରାଶି ପ୍ରଦାନ କରିବାକୁ ଜିଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି. ସରୋଜ କୁମାର ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# ନାବାଳିକା ଛାତ୍ରୀଙ୍କୁ ବଳାତ୍କାର, ଜେଜେବିରେ ନାବାଳକ

**ଜୟପୁର,୩୦।୪(ପବନ ପାଣିଗ୍ରାହୀ)**

ଜଣେ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ହୋଇଥିବା ନେଇ ଜୟପୁର ମହିଳା ଥାନାରେ ବୁଧବାର ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନାବାଳକଙ୍କୁ ଜେଜେବିରେ ହାଜର କରିଛି। ପୋଲିସ ସୂଚନା ଅନୁଯାୟୀ, କୋଟପାଡ ଅଞ୍ଚଳ ନାବାଳିକା ଛାତ୍ରୀଙ୍କୁ ପ୍ରୋଲୋଭନ ଦେଖାଇ ନାବାଳକ ଜଣକ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଜୟପୁର ମହିଳା ଥାନା ପୋଲିସ ନଂ.୫୮/୨୫ ମାମଲା ରୁଜୁକରି ତଦନ୍ତ କରୁଛି। ପୋଲିସ ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ ବୋର୍ଡ(ଜେଜେବି)ରେ ହାଜର କରିଥିବା ଜୟପୁର ମହିଳା ପୋଲିସ ତରଫରୁ ସୂଚନା ଦିଆଯାଇଛି।

**ରାଜ୍ୟ ଖବର**

# ନାବାର୍ଡ ଦେଖାଇଲା ସମବାୟ ବ୍ୟାଙ୍କର ବିକଳଚିତ୍ର

**■ ବଢ଼ିଚାଲିଛି ଇମ୍‌ବାଲାନ୍ସ, ଋଣବୋଝ**

**■ ୨୦୨୭-୨୮ ସୁଦ୍ଧା ଟପିବ ୩୩ ହଜାର କୋଟି**

**ଭୁବନେଶ୍ୱର,୩୦।୪ (ରବିନାରାୟଣ ଜେନା)**

ଓଡ଼ିଶାରେ ଗ୍ରାମ୍ୟ ଅର୍ଥନୀତି ମଜଭୁତ କରିବାରେ ସମବାୟ ସମିତିଗୁଡ଼ିକ ହେଲା ମୂଳଦୁଆ। ହେଲେ ଯେଉଁ ଆଭିମୁଖ୍ୟ ନେଇ ରାଜ୍ୟରେ ସମବାୟ ସମିତି ଓ ସମବାୟ ବ୍ୟାଙ୍କ ଗଢ଼ିଉଠିଛି, ତାହା ସାଧିତ ହେଉନାହିଁ। ଚାଷୀଙ୍କ ହିତ ଲାଗି ଶସ୍ୟଋଣ ବାବଦକୁ ରାଜ୍ୟ ସରକାର ପ୍ରତିବର୍ଷ ଶତାଧିକ କୋଟି ଟଙ୍କା ରାଜ୍ୟ ସମବାୟ ବ୍ୟାଙ୍କ ଓ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଜରିଆରେ ସମବାୟ ସମିତିକୁ ଯୋଗାଇ ଦେଉଛନ୍ତି। ଏହାଦ୍ୱାରା ଚାଷୀଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ ହେବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ହେଲେ ଉକ୍ତ ଟଙ୍କା ନିର୍ଦ୍ଦିଷ୍ଟ ପଦ୍ଧତି ଦେଇ ଚାଷୀଙ୍କ ପାଖରେ ପହଞ୍ଚିପାରୁନାହିଁ। କେତେବେଳେ ଋଣ ଅର୍ଥକୁ ସୁଧ ବାବଦରେ ଖର୍ଚ୍ଚ କରାଯାଉଛି ତ ଆଉ କେତେବେଳେ ବ୍ୟାଙ୍କ ଓ ସମବାୟ ସମିତି କର୍ତ୍ତୃପକ୍ଷ ନୂତନ ଗାଡ଼ି ଓ ଅନ୍ୟାନ୍ୟ ଭିତ୍ତିଭୂମି ବାବଦରେ ଖର୍ଚ୍ଚ କରିଦେଉଛନ୍ତି। ଫଳରେ ଚାଷୀ ବିଶେଷ ଉପକୃତ ହୋଇପାରୁନାହାନ୍ତି। ସମବାୟ ସମିତି ଓ ବ୍ୟାଙ୍କଗୁଡ଼ିକ ଉପରେ ଦିନକୁ ଦିନ ସ୍ୱଳ୍ପମିଆଦୀ ଋଣ ବୋଝ ବଢ଼ିଚାଲିଥିବାବେଳେ ‘ଇମ୍‌ବାଲାନ୍ସ’ (ଅସନ୍ତୁଳିତ) ସ୍ଥିତି ଅସମ୍ଭାଳ ହୋଇଛି। ସମବାୟ ବ୍ୟାଙ୍କ ଓ ସମିତି ଏକପ୍ରକାର ଖୋଳ ସଦୃଶ ହୋଇଚାଲିଛି ବୋଲି ‘ନାବାର୍ଡ’ ପକ୍ଷରୁ କରାଯାଇଥିବା ଏନ୍‌ଏବିସିଓଏନ୍‌ଏସ୍ ସର୍ଭେରୁ ଜଣାପଡ଼ିଛି।

ସର୍ଭେ ଅନୁଯାୟୀ, ରାଜ୍ୟରେ ସମବାୟ ବ୍ୟାଙ୍କଗୁଡ଼ିକ ଜରିଆରେ ଇମ୍‌ବାଲାନ୍ସ ଓ ସ୍ୱଳ୍ପମିଆଦୀ ଋଣ ପରିମାଣରେ ଐତିହାସିକ ତଥ୍ୟ ଦେଖିବାକୁ ମିଳିଛି। ୨୦୧୭-୧୮ରେ ୧ ହଜାର କୋଟି ଟଙ୍କାର ଇମ୍‌ବାଲାନ୍ସ ରହିଥିବାବେଳେ ୨୦୨୨-୨୩ ସୁଦ୍ଧା ଏହି ପରିମାଣ ପ୍ରାୟ ୩ ହଜାର ୨୨ କୋଟି ଟଙ୍କାକୁ ଛୁଇଁଛି। ସେହିପରି ସ୍ୱଳ୍ପମିଆଦୀ ଋଣ କ୍ଷେତ୍ରରେ ୨୦୧୭-୧୮ରେ ଏହା ୧୧ ହଜାର ୫ କୋଟି ରହିଥିବାବେଳେ ୨୦୨୨-୨୩ ବେଳକୁ ଏହା ୧୬ ହଜାର ୬୮୩ କୋଟି ଟଙ୍କାରେ ପହଞ୍ଚିଛି। ଯଦି ଏହି ଟ୍ରେଣ୍ଡ୍ ବଳବତ୍ତର ରୁହେ ତେବେ ଇମ୍‌ବାଲାନ୍ସ ପରିମାଣ ୨୦୨୩-୨୪ରୁ ୨୦୨୭-୨୮ ମଧ୍ୟରେ ୬ ହଜାର ୧୬୧ କୋଟି ଟଙ୍କା ଛୁଇଁବ ବୋଲି ସର୍ଭେରେ କୁହାଯାଇଛି। ସେହିପରି ସ୍ୱଳ୍ପମିଆଦୀ ଋଣ ପରିମାଣ ଏହି ଅବଧି ମଧ୍ୟରେ ୨୭ ହଜାର ୬୭୪ କୋଟିରେ ପହଞ୍ଚିବ। ଯଦି ଏହି ପ୍ରକାରେ ଗତିକରେ ତେବେ ଆସନ୍ତା ୫ ବର୍ଷ ମଧ୍ୟରେ ଏହା ଦ୍ୱିଗୁଣକୁ ବୃଦ୍ଧି ହୋଇପାରେ ବୋଲି ସର୍ଭେ ଆକଳନ କରିଛି।

ସର୍ଭେ ଅନୁଯାୟୀ, ସମବାୟ ବ୍ୟାଙ୍କ ଓ ସମିତିର ପରିଚାଳନାଗତ ତ୍ରୁଟି ଓ ସମବାୟ ବିଭାଗର ସମୟୋଚିତ ପଦକ୍ଷେପ ନେବାରେ ବିଫଳତା ଯୋଗୁ ୨୦୧୭-୧୮ ଇମ୍‌ବାଲାନ୍ସ ୧୦୦ କୋଟି ରହିଥିବାବେଳେ ଏହା ୨୦୨୧-୨୨ରେ ୨୨୮୭ କୋଟିରେ ପହଞ୍ଚିଥିଲା। ସେହିପରି ସ୍ୱଳ୍ପମିଆଦୀ ଋଣ ୨୦୧୭-୧୮ରେ ୧୧ ହଜାର ୫ କୋଟି ରହିଥିବାବେଳେ ୨୦୨୫-୨୬ରେ ଏହା ଦ୍ୱିଗୁଣ ଅର୍ଥାତ୍ ୨୨ ହଜାର ୫୫୮ କୋଟିକୁ ଛୁଇଁବ ବୋଲି ଏନ୍‌ଏବିସିଓଏନ୍‌ଏସ୍ ସର୍ଭେରୁ ଜଣାଯାଇଛି।




# ମେ ୧୪ରେ ହେବ ଆନ୍ଥ୍ରୋପୋଲୋଜି ପରୀକ୍ଷା

**ବାତିଲହେଲା ୨୭ ତାରିଖ ପରୀକ୍ଷା**

**କଟକ,୩୦।୪(କାର୍ତ୍ତିକ ସାହୁ)**

ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସେସ୍ ମେନ୍(ଲିଖିତ) ପରୀକ୍ଷାର ଆନ୍ଥ୍ରୋପୋଲୋଜି ବିଷୟରେ ସାନି ପରୀକ୍ଷା କରିବାକୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିସହ ଗତ ୨୭ ତାରିଖରେ ହୋଇଥିବା ଆନ୍ଥ୍ରୋପୋଲୋଜି ପରୀକ୍ଷାକୁ ବାତିଲ କରାଯାଇଛି। ସେହିଦିନର ଉତ୍ତର ଫର୍ଦ୍ଦଗୁଡ଼ିକର ମୂଲ୍ୟାୟନ ହେବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ବିଜ୍ଞପ୍ତି ଅନୁଯାୟୀ ମେ ୧୪ ତାରିଖ (ବୁଧବାର) ଉକ୍ତ ପରୀକ୍ଷା ଅନୁଷ୍ଠିତ ହେବ। ଉକ୍ତଦିନ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପେପର-୧ ଓ ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ପେପର-୨ ପରୀକ୍ଷା ହେବ। ପରୀକ୍ଷାର୍ଥୀମାନେ ଏ ସଂକ୍ରାନ୍ତୀୟ ଆଡ୍‌ମିଶନ ସାର୍ଟିଫିକେଟ ଓ ନିର୍ଦ୍ଦେଶାବଳୀ ଓପିଏସ୍‌ସି ୱେବ୍‌ସାଇଟ୍‌ରୁ ମେ ୮ରୁ ଡାଉନଲୋଡ୍ କରିପାରିବେ। ଗତ ୨୭ ତାରିଖରେ ଅନୁଷ୍ଠିତ ଆନ୍ଥ୍ରୋପୋଲୋଜି ପେପର-୧ ଓ ପେପର-୨ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ହୋଇଥିବା ପରୀକ୍ଷାର୍ଥୀମାନେ ଅଭିଯୋଗ କରିଥିଲେ। ପରୀକ୍ଷାର୍ଥୀମାନଙ୍କୁ ଅଭିଯୋଗଗୁଡ଼ିକୁ ବିବେଚନା କରି ଓପିଏସ୍‌ସି ପକ୍ଷରୁ ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି।

# ବଜ୍ରପାତ ନେଲା ଖୁଡ଼ୀ, ପୁତୁରାଙ୍କ ଜୀବନ

**ପଦ୍ମପୁର,୩୦।୪(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ଅନ୍ତର୍ଗତ ଲଖମରା ଗ୍ରାମରେ ବୁଧବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ବିଲରେ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଆଶିଷ ମେହେର (୧୪) ଓ ମମତା ମେହେର(୪୦)। ମୃତକମାନେ ସମ୍ପର୍କରେ ଖୁଡ଼ୀ ଓ ପୁତୁରା। ଉଭୟେ ବିଲକୁ କାମ କରିବାକୁ ଯାଇଥିଲେ। ସେଠାରେ କାମ କରୁଥିବା ସମୟରେ ହଠାତ୍ ଝଡ଼ବର୍ଷା ହୋଇଥିଲା। ଫଳରେ ଖୁଡୀ, ପୁତୁରା ବିଲ ନିକଟ ଅସ୍ଥାୟୀ କୁଡ଼ିଆରେ ଆଶ୍ରୟ ନେଇଥିଲେ। ସେହି ସମୟରେ ବଜ୍ରପାତ ହେବାରୁ ଦୁହେଁ ଗୁରୁତର ହୋଇ ପଡ଼ିଥିଲେ। ଖବର ପାଇ ପରିବାରବର୍ଗ ସେମାନଙ୍କୁ ଉଦ୍ଧାରକରି ପଦ୍ମପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଜଗଦଲପୁର ପୋଲିସ ୨ଟି ଅପମୃତ୍ୟୁ ମାମଲା (ନଂ-୧, ୨/୨୫) ରୁଜୁ କରି ପଦ୍ମପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇଛି। ଏହି ଘଟଣାକୁ ନେଇ ଲଖମରା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଆଇସିଏସ୍‌ଇ ଦଶମରେ ୱେଷ୍ଟର୍ନ ରିଜିଅନ୍ ପାସ୍ ହାର ସର୍ବାଧିକ, ଆଇଏସ୍‌ସି ଦ୍ୱାଦଶରେ ଫରେନ୍ ରିଜିଅନ୍ ୧୦୦%

**ଭୁବନେଶ୍ୱର,୩୦।୪(ସୁଚିସ୍ମିତା ସାହୁ)**

ସିଆଇଏସ୍‌ସିଇ ଦ୍ୱାରା ପରିଚାଳିତ ଆଇସିଏସ୍‌ଇ-ଦଶମ ଏବଂ ଆଇଏସ୍‌ସି-ଦ୍ୱାଦଶ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ୬ ରିଜିଅନ୍ ମଧ୍ୟରୁ ଆଇସିଏସ୍‌ଇ ଦଶମରେ ୱେଷ୍ଟର୍ନ ରିଜିଅନ୍‌ରେ ପାସ୍ ହାର ସର୍ବାଧିକ ୯୯.୮୩ ପ୍ରତିଶତ ରହିଛି। ଏହା ତଳକୁ ସାଉଥ୍ ରିଜିଅନ୍‌ରେ ୯୯.୭୩ ପ୍ରତିଶତ, ନର୍ଥ ରିଜିଅନରେ ୯୮.୭୮ ପ୍ରତିଶତ, ଇଷ୍ଟ ରିଜିଅନର ୯୮.୭୦ ପ୍ରତିଶତ, ଫରେନ ରିଜିଅନ୍‌ରେ ୯୩.୩୯ ପ୍ରତିଶତ ଏବଂ ନର୍ଥ ଇଷ୍ଟରେ ୯୮.୬୭% ପାସ୍ ହାର ରହିଛି। ତେବେ ସାଉଥ୍ ରିଜିଅନରେ ସର୍ବାଧିକ ୪୯.୫୮ପ୍ରତିଶତ ଝିଅ ପରୀକ୍ଷା ଦେଇଥିବା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିଭଳି ଆଇଏସ୍‌ସି ଦ୍ୱାଦଶରେ ଫରେନ ରିଜିଅନରେ ପାସ୍ ହାର ଶତ(୧୦୦%)ପ୍ରତିଶତ ରହିଛି। ଏହାପଛକୁ ସାଉଥ୍ ରିଜିଅନ୍‌ରେ ପାସ୍ ହାର ୯୯.୭୬ ପ୍ରତିଶତ ରହିଥିବା ବେଳେ ୱେଷ୍ଟ ରିଜିଅନର ୯୯.୭୨%, ନର୍ଥ ରିଜିଅନରେ ୯୮.୯୭%, ଇଷ୍ଟ ରିଜିଅନ୍‌ରେ୯୮.୭୬ପ୍ରତିଶତ ଏବଂ ନର୍ଥ ଇଷ୍ଟ ରିଜିଅନରେ ୯୭.୯୬ ପ୍ରତିଶତ ରହିଛି। ତେବେ ଦ୍ୱାଦଶରେ ସାଉଥ୍ ରିଜିଅନରେ ସର୍ବାଧିକ ୫୦.୧୧ପ୍ରତିଶତ ଝିଅ ପରୀକ୍ଷା ଦେଇଥିଲେ।

ଅନ୍ୟପକ୍ଷରେ ଏହି ଦୁଇ ପରୀକ୍ଷାରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀଛାତ୍ର ମଧ୍ୟ ଭଲ ପ୍ରଦର୍ଶନ କରିଛନ୍ତି। ଚଳିତ ବର୍ଷ ଆଇସିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଅନୁସୂଚିତ ଜାତିର ୯୮.୭୧% ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଅନୁସୂଚିତ ଜନଜାତିରେ ୯୭.୨୮ପ୍ରତିଶତ ଏବଂ ଓବିସିରେ ୯୯.୧୩ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେହିପରି ଦ୍ୱାଦଶରେ ଅନୁସୂଚିତ ଜାତିର ପାସ୍ ହାର ୯୮.୫୭ ପ୍ରତିଶତ ରହିଥିବା ବେଳେ ଅନୁସୂଚିତ ଜନଜାତିର ୯୮.୭୬ ପ୍ରତିଶତ ଏବଂ ଓବିସିର ୯୯.୦୬ ପ୍ରତିଶତ ରହିଛି।

# ହାତୀ ଆକ୍ରମଣରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ବନାଞ୍ଚଳ କାର୍ଯ୍ୟାଳୟ ଘେରିଲେ ଉତ୍ତ୍ୟକ୍ତ ଲୋକେ**

**କେନ୍ଦୁଝର,୩୦।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜ ଦୁବୁଲାପାଲ ବିଟ୍ ଅନ୍ତର୍ଗତ ବାଦିରିଝରା ଗ୍ରାମରେ ବୁଧବାର ସକାଳ ୬ଟାରେ ହାତୀ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ତେଲକୋଇ ଥାନା ଅନ୍ତର୍ଗତ ଉଦୟଗିରି ଗ୍ରାମର ଲାବଣ୍ୟ ପଲେଇ(୪୫)। ଗୁରୁତର ଜଣଙ୍କ ହେଲେ ତାଙ୍କ ସ୍ୱାମୀ ଯଦୁ ପଲେଇ(୫୦)। ଘଟଣା ପରେ ଉକ୍ତ ଅଞ୍ଚଳରେ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ବନ କର୍ମଚାରୀଙ୍କ ଦାୟିତ୍ୱହୀନତା ପାଇଁ ନିରୀହ ଲୋକଙ୍କ ଜୀବନଗଲା ବୋଲି ଅଭିଯୋଗକରି ଗ୍ରାମବାସୀ ତେଲକୋଇ ବନାଞ୍ଚଳ କାର୍ଯ୍ୟାଳୟ ଘେରାଉକରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅକ୍ଷୟ ତୃତୀୟା କାରବାର ଆଶାଜନକ


ଅକ୍ଷୟ ତୃତୀୟା ଉପଲକ୍ଷେ ଭୁବନେଶ୍ୱରର ଖିମ୍‌ଜୀ ଜୁଏଲର୍ସ ପରିସରରେ ଗ୍ରାହକଙ୍କ ଭିଡ଼।

## ଓଡ଼ିଶା ବଜାରରେ ୨୦୦ କୋଟି

**ଭୁବନେଶ୍ୱର,୩୦।୪: (ଅଭୟ ଦାଶ)**

ପ୍ରତି ବର୍ଷ ଭଳି ଚଳିତ ବର୍ଷର ଅକ୍ଷୟ ତୃତୀୟା କାରବାର ଘରୋଇ ବଜାରରେ ଆଶାଜନକ ରହିଥିଲାବେଳେ ପରମ୍ପରା ଅନୁଯାୟୀ ସବୁ ବର୍ଗର ଗ୍ରାହକ ଅଳ୍ପ ବହୁତେ ସୁନା କ୍ରୟ କରିଛନ୍ତି। ଏପରିକି ଓଡ଼ିଶା ବଜାରରେ ୨୦୦ କୋଟି ଟଙ୍କାର ଅକ୍ଷୟ ତୃତୀୟା କାରବାର ହୋଇଥିବା ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ଆକଳନ କରାଯାଇଛି। ସେହିଭଳି ଅକ୍ଷୟ ତୃତୀୟା ପାଇଁ ଅଳଙ୍କାର ପ୍ରତିଷ୍ଠାନଗୁଡିକ ଆକର୍ଷଣୀୟ ଅଫର ଓ ରିହାତି ସାଙ୍ଗକୁ ଉପହାର ଓ ଅନ୍ୟାନ୍ୟ ବ୍ୟବସ୍ଥା ଗ୍ରାହକଙ୍କ ପାଇଁ କରିଥିଲାବେଳେ ଦରବୃଦ୍ଧି କାରବାରରେ ବାଧକ ସାଜିଥିଲା ବୋଲି ବ୍ୟବସାୟୀମାନେ ମତପ୍ରକାଶ କରିଛନ୍ତି। ସେହିପରି ବର୍ତ୍ତମାନ ସମୟରେ ବିବାହ ଋତୁ ଓ ଶୁଭ କାର୍ଯ୍ୟ ସାଙ୍ଗକୁ ଅକ୍ଷୟ ତୃତୀୟା ପାଇଁ ଗ୍ରାହକ ଆଶାଠାରୁ କମ୍ ପରିମାଣରେ ସୁନା କ୍ରୟ କରୁଥିବାବେଳେ ସୁନା ଦର ଓ ଅନ୍ୟାନ୍ୟ ଦରର ଅହେତୁକ ବୃଦ୍ଧି ପାଇଁ ଗ୍ରାହକ କାମ ଚଳିବା ଭଳି କାରବାର (କ୍ରୟ) କରୁଥିବା କହିଛନ୍ତି। ଅପରପକ୍ଷରେ ଓଡ଼ିଶାର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସ, ତନିସ୍କ, ରିଲାଏନ୍ସ, ମାଲାବାର, କଲ୍ୟାଣ, ଜୟଆଲୁକ୍କାସ, ଅରୁନ୍ଧତୀ, ପି ସି ଚନ୍ଦ୍ରା, ରାଧା ଗୋବିନ୍ଦ ରୟ ଗ୍ରାଣ୍ଡସନ (ଆର୍‌ଜିଜି) ଜୁଏଲର୍ସ, ନାରାୟଣୀ ଜୁଏଲର୍ସ, ଧରିତ୍ରୀ ଜୁଏଲର୍ସ,ବିଶ୍ୱମ ଜୁଏଲର୍ସ, ସ୍ମାଇଲଗୋଲ୍ଡ, ଜାଭେରୀ, ଲୋକନାଥ ଏବଂ ସେନ୍‌କୋ ପକ୍ଷରୁ ଆକର୍ଷଣୀୟ ଅଫର ଓ ସାଜସଜ୍ଜା ଗ୍ରାହକଙ୍କୁ କିଛି ପରିମାଣରେ ଆକୃଷ୍ଟ କରିବା ସହ ଆଶାଜନକ କାରବାର ହୋଇଥିବା ଉଭୟ ଘରୋଇ ଓ ଜାତୀୟ ବ୍ରାଣ୍ଡର ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଅକ୍ଷୟ ତୃତୀୟା ପାଇଁ ଉପରୋକ୍ତ ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ସକାଳ ୮ ଘଟିକାରୁ ଗ୍ରାହକଙ୍କ ପାଇଁ ଶୋ'ରୁମ୍ (ଷ୍ଟୋର) ଖୋଲିଥିଲାବେଳେ ବୁଧବାର ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୯୭,୮୭୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୮୯,୮୦୦ ଟଙ୍କା ଏବଂ ୧୮ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୩,୪୭୦ ଟଙ୍କାରେ କାରବାର ହେଉଥିଲା। ଅପରପକ୍ଷରେ ରୁପା କିଲୋଗ୍ରାମ ପିଛା ୧,୧୧,୦୦୦ ଟଙ୍କା ଥିଲାବେଳେ ମୂଲ୍ୟବାନ୍ ଧାତୁ ଓ ଅଳଙ୍କାରର ଦର ପ୍ରାୟ ୩୫,୦୦୦ରୁ ୫୫,୦୦୦ ଟଙ୍କାରେ କାରବାର ହେଉଥିଲା। ସକାଳ ୧୦ ଘଟିକାରୁ ଗ୍ରାହକଙ୍କ ଆଗମନ ସହ କାରବାର ଆରମ୍ଭ ହୋଇଥିଲାବେଳେ ଭୁବନେଶ୍ୱର ସମେତ କଟକ, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କେନ୍ଦୁଝର, ଝାରସୁଗୁଡ଼ା, ରାଉରକେଲା, ଅନୁଗୋଳ, ଢେଙ୍କାନାଳ, ନୟାଗଡ଼, କୋରାପୁଟ, ବଲାଙ୍ଗୀର, ପୁରୀ ଏବଂ ମାଲକାନଗିରି ଭଳି ପ୍ରମୁଖ ବଜାରରେ କାରବାର ଆଶାଜନକ ଥିଲା ବୋଲି ଉପରୋକ୍ତ ଅଳଙ୍କାର ଓ ଜିଲାର ପ୍ରମୁଖ ଗହଣା ଦୋକାନଗୁଡିକ ପକ୍ଷରୁ କୁହାଯାଇଛି।



ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସରେ ଗ୍ରାହକ ଅକ୍ଷୟ ତୃତୀୟା କାରବାର କରୁଛନ୍ତି।

# ରିଅଲ ଇଷ୍ଟେଟ୍ କ୍ଷେତ୍ରରେ ନୂଆ ସମ୍ଭାବନା

**ଭୁବନେଶ୍ୱର,୩୦।୪**

କ୍ରେଡାଇ ଓଡ଼ିଶା ହୋମ୍ ଆଣ୍ଡ ଡେକୋର ଏକ୍ସପୋ-୨୦୨୫ ସଫଳତାର ସହ ଶେଷ ହୋଇଛି। ୨୦୨୫ ଏପ୍ରିଲ ୨୦ ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱରର ଜନତା ମଇଦାନଠାରେ ଆୟୋଜିତ ଏହି ୧୦ ଦିନିଆ ଏକ୍ସପୋରେ ଲକ୍ଷାଧିକ ଦର୍ଶକଙ୍କ ସମାଗମ ହୋଇଥିଲା। ଯେଉଁଥିରେ ଗୃହକ୍ରେତା, ରିଅଲ ଇଷ୍ଟେଟ୍ ନିବେଶକ, ଆର୍କିଟେକ୍ଟ ଏବଂ ଡିଜାଇନପ୍ରେମୀ ସାମିଲ ଥିଲେ। ଏହି ପ୍ରଦର୍ଶନୀ ଆଗାମୀ ଆବାସିକ ପ୍ରକଳ୍ପ ଏବଂ ବିଭିନ୍ନ ଘର ଏବଂ ସଜ୍ଜା ସମାଧାନ ପ୍ରତି ଗୁରୁତ୍ୱପୂର୍ଣ୍ଣ ଆଗ୍ରହ ସୃଷ୍ଟି କରିଥିଲାବେଳେ ହୋମ୍ ଆଣ୍ଡ ଡେକୋର ଏକ୍ସପୋ-୨୦୨୫ ରିଅଲ ଇଷ୍ଟେଟ୍ କ୍ଷେତ୍ରରେ ଏକ ନୂଆ ସମ୍ଭାବନା ପ୍ରଦାନ କରିଛି। ଏପରିକି ଏହାର ଅଭିନବତା, ସହଯୋଗ ଏବଂ ସମାବେଶୀ ଅଭିବୃଦ୍ଧି ଦିଗରେ ଓଡ଼ିଶାର ପ୍ରତିବଦ୍ଧତାର ଏକ ଜ୍ୱଳନ୍ତ ଉଦାହରଣ ଭାବେ ଉଭାହୋଇଛି। ଗୃହ ନିର୍ମାଣ ଓ ଆଭ୍ୟନ୍ତରୀଣ ଡିଜାଇନ କ୍ଷେତ୍ରରେ ଉଦ୍ଭାବନ ଓ ଉତ୍କର୍ଷର ଏହି ମେଗା ଇଭେଣ୍ଟରେ ରେକର୍ଡ ସଂଖ୍ୟକ ଦର୍ଶକଙ୍କ ଆଗମନ ହୋଇଥିଲାବେଳେ କ୍ରେଡାଇ ଓଡ଼ିଶାର ଫ୍ଲାଗ୍‌ଶିପ୍ କାର୍ଯ୍ୟକ୍ରମ ହୋମ୍ ଆଣ୍ଡ ଡେକୋର ଏକ୍ସପୋ-୨୦୨୫ ଆଜି ଏକ ଭବ୍ୟ ସମାପନୀ ସମାରୋହରେ ଶେଷ ହୋଇଛି।




ସେହିଭଳି ଏହି ପ୍ରଦର୍ଶନୀ ବିଲ୍‌ଡର, ବ୍ୟାଙ୍କ, ବିଲ୍ଡିଂ ମ୍ୟାଟେରିଆଲ ଯୋଗାଣକାରୀ, ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଇଣ୍ଟେରିୟର ଡିଜାଇନର ଏବଂ ଟାଇଲ ନିର୍ମାତାମାନଙ୍କୁ ଏକାଠିକରି ଏହି ଏକ୍ସପୋ ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ସ୍ଥାୟୀ ବିଲ୍ଡିଂ ସମାଧାନ ପ୍ରଦର୍ଶନ କରିବା ପାଇଁ ଏକ ଗତିଶୀଳ ପ୍ଲାଟ୍‌ଫର୍ମ ଭାବେ କାର୍ଯ୍ୟ କରିଥିଲା। ଇଣ୍ଟରଆକ୍ଟିଭ୍ ଅଧିବେଶନ, ବିଶେଷଜ୍ଞ ପ୍ୟାନେଲ ଏବଂ ଟ୍ରେଣ୍ଡ ଆଲୋଚନା ଅଂଶଗ୍ରହଣକାରୀଙ୍କ ପାଇଁ ଅଭିଜ୍ଞତାକୁ ଆହୁରି ସମୃଦ୍ଧ କରିଥିଲା।

ସେହିପରି ସମାପନୀ ଅବସରରେ କ୍ରେଡାଇର ଅଧ୍ୟକ୍ଷ ଡି.ଏସ୍. ତ୍ରିପାଠୀ, ସଭାପତି ସ୍ୱଦେଶ କୁମାର ରାଉତରାୟ, ଉପସଭାପତି ଉମେଶ ଖଣ୍ଡେଲୱାଲ, ସମ୍ପାଦକ ଅନିଲ କୁମାର ଅଗ୍ରୱାଲ, କାର୍ଯ୍ୟନିର୍ବାହୀ ସଦସ୍ୟ କଳିଙ୍ଗ କେଶରୀ ରଥ, କ୍ରେଡାଇ ବାଲେଶ୍ୱର ସଭାପତି ବିଭୁଚନ୍ଦନ ଜେନା, କ୍ରେଡାଇ ଓଡ଼ିଶାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମନୋଜ କୁମାର ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ସଫଳତାରେ ସହଯୋଗ କରିଥିଲେ।

# ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ,୩୦।୪**

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୬ (୪୬.୧୪) ପଏଣ୍ଟ ହ୍ରାସ ଘଟି ୮୦,୨୪୨ (୮୦,୨୪୨.୨୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୨(୧.୭୫) ପଏଣ୍ଟ କମି ୨୪,୩୩୪ (୨୪,୩୩୪.୨୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଆଜିଠାରୁ ଗ୍ରେଟ୍ ସମର ସେଲ୍

**ଭୁବନେଶ୍ୱର,୩୦।୪**

ଆମାଜନ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ ଅଫର 'ଗ୍ରେଟ୍ ସମର ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଅଫର ୨୦୨୫ ମେ ୧ରୁ ଆରମ୍ଭ ହେଉଛି। ସେହିଭଳି ସାମ୍‌ସଙ୍ଗ୍ ଏଆଇ ଦ୍ୱାରା ପରିଚାଳିତ ଏହି ସେଲ୍‌ରେ ଗ୍ରାହକଙ୍କୁ ଅଗ୍ରଣୀ ବ୍ରାଣ୍ଡଗୁଡ଼ିକରେ ଆକର୍ଷଣୀୟ ରିହାତି ଯୋଗାଇ ଦିଆଯାଉଛି। ଏପରିକି ଗ୍ରାହକମାନେ ସାମ୍‌ସଙ୍ଗ୍ ଏଆଇ ଏବଂ ଇଣ୍ଟେଲର ପ୍ରିମିୟମ ଟେକ୍ନୋଲୋଜି, ସାମ୍‌ସଙ୍ଗ୍ ଆପ୍ଲାଏନ୍ସ ଏବଂ ଟିଭି, ଟିସିଏଲ୍ ଏବଂ ହିସେନ୍ସର ଅତ୍ୟାଧୁନିକ ଘରୋଇ ମନୋରଞ୍ଜନ ସମାଧାନ ଏବଂ ଟାଟା ଉତ୍ପାଦ, ମସଲ୍ ବ୍ଲେଜ୍, ଭୋଲିନି, ଏଚ୍‌ୟୁଏଲ୍, କେଲୋଗ୍ସ ଏବଂ ବୋଟର ବିଶ୍ୱସ୍ତ ଉପଭୋକ୍ତା ପସନ୍ଦ ଉପରେ ଉଲ୍ଲେଖନୀୟ ଅଫର ପାଇପାରିବେ। ସେହିପରି ଶପିଂ, ଟିକେଟ ବୁକିଂ କିମ୍ବା ବିଲ୍ ପୈଠ ସମୟରେ ଗ୍ରାହକ ୫୦୦୦ ଟଙ୍କା ମୂଲ୍ୟର ବମ୍ପର ପୁରସ୍କାର, ପ୍ରଥମ, ୫ମ ଏବଂ ୧୦ମ କାରବାର (ଟ୍ରାଞ୍ଜାକ୍ସନ) ଉପରେ ସ୍ୱତନ୍ତ୍ର ଅଫର ରହିଛି। ଆମାଜନ୍ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ବ୍ୟବହାର କରୁଥିବା ପ୍ରାଇମ ମେମ୍ବରମାନେ ଅସୀମିତ ୫% କ୍ୟାଶବ୍ୟାକ୍ ସହ ୨୫୦୦ ଟଙ୍କାର ସ୍ୱାଗତ ପୁରସ୍କାର ପାଇପାରିବେ।


# Classified Everyday

0674-2580101, 9692975378



REAL ESTATE

## SALE

ଭୁବନେଶ୍ୱର- ପିପିଲି Toll Gate Puri road ନିକଟରେ Gharabari Plot ଏବଂ ନଖରାରେ 3/4 BHK Duplex ବିକ୍ରିହେବ। 8327785834. D-76261

2BHK flat for sale at Naharakanta Chhaka, NH Facing. Contact- 7978209277, 7008789347. D-260

Bhubaneswar ତ୍ରିନାଥବଜାର, ଫୁଲନଖରା, ସମ୍ ହସ୍ପିଟାଲ-୨ ନିକଟରେ ଘରବାରୀ ପ୍ଲଟ୍ 1250/Sqft.ରେ ବିକୟ କରାଯାଉଛି। Whatsapp: 9437011506, 6371462496. D-356




For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## LOST

I lost my B-Tech Certificate along with some other xerox documents on 28.04.2025 between 4PM to 4:30PM while going from Jaydev Bihar to Patia in a Local Auto. If anyone received please contact ROSHNEE PADHI. Mob: 8007066335. D-348

## AFFIDAVIT

By virtue of an affidavit sworn before the Executive Magistrate, Dharmasala, dated 30.04.2025, I, Chhailabala Sethy, Address: At- Jamubania, P.O.- Jaraka, P.S.- Dharmasala, Dist.- Jajpur, Odisha- 755050 declare that I have changed my name from Chhalla Bala Sethi to Chhailabala Sethy. Henceforth, I shall be known as Chhailabala Sethy for all purposes. D-352

I Jemamani Behera, W/o- Late Jayananda Behera, At- Laxmi Bazar, P.S.- Town, P.O./Dist.- Dhenkanal, Odisha- 759001, have changed my name to Jema Behera on dtd. 24.04.2025 before Executive Magistrate, Dhenkanal for all official purposes. D-350

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Hitherto Known as Roshni Prasad Alias Jyoti Kumari Prasad, W/o- Trilok Kumar Agrawal residing At- Nagaon, Balangir, Odisha 767022, Have Changed my name and shall hereafter be known as Roshni Agrawal for all future purposes. D-353

By virtue of an affidavit sworn before H.N. Das (O.R.S.) (Executive Magistrate, Balasore) on dated 25.04.2025, I Sunil Kumar Mallick, S/o- Bhaku Charan Mallick, At- Biswanathpur, P.O.- Langaleswar, P.S.- Singla, Dist.- Balasore, declare that I have changed my son's name from Subhranshu Sekhar Malick to Subhranshu Sekhar Mallick. Henceforth, he shall be known as Subhranshu Sekhar Mallick for all purposes.
Subhranshu Sekhar Mallick
(New name) D- 354

I Gajendra Kumar Andaja, R/o. At./ P.O.- Sakhipada, P.S.- Dhanupali, Dist.- Sambalpur declare by this affidavit No.- 6725 dated 5.3.25 that my daughter's surname is mentioned as Andaya instead of Andaja in her school record and register. That both the names Sneha Priyadarsini Andaja and Sneha Priyadarsini Andaya belongs to one and same person. D-355

## LEGAL NOTICE

IN THE COURT OF THE CIVIL JUDGE (SR.D.) DHENKANAL.

Intestate Case No. 3/2024
Ganguli Samal .... Petitioner
Versus
Sankarsan Nath & others .... Opp. Parties.

Whereas the Prtitioner Ganguli Samal, aged about 60 years, S/o- Late Nabin Samal, Village- Kurunti, P.O.-Kusupanga, P.S.- Motanga, Dist.- Dhenkanal has filed the above case for grant of succession Certificate in his favour along with the Proforma O.Ps. in respect of the properties measuring A.1.040 dec. under Hal Khata No.- 865 of Mouza- Kharagprasad as successor of Late Rajib Samal the recored owner, who died on 4.12.1971.

As such it is hereby noticed that if any body else having any interest or objection for grant of such Certificate, he/she/they may contest the case in support of his/her/their claim and to appear before the Court in person or through his/ her/their Pleader on this the 17th day of May 2025 at about 7.30 A.M.failing which the case will be heard and determined in his/her/their absence.

Given under my hand and seal of his Court, this 15th day of April 2025.
Sd./- Civil Judge(Sr.D.), Dhenkanal.
D-349

# ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସୌଦାମିନୀ ବେହେରା**
ଭବାନିନଗର, କୋରାପୁଟ
ଆବିର୍ଭାବ: ୧୦।୧୦।୧୯୪୫
ତିରୋଧାନ: ୨୦।୦୪।୨୦୨୫
ମାଆ, ଚାହୁଁ ଚାହୁଁ ୧୨ ଦିନ ବିତିଗଲା, ତୁ ଯେଉଁଠି ଥା, ଭଲରେ ଥା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରର୍ଥନା।
ପୁତ୍ର, ପୁତ୍ରବଧୂ, କନ୍ୟା- ଜ୍ୱାଇଁ, ନାତି ନାତୁଣୀ ଓ ସମ୍ପର୍କୀୟ ।

### ଓଳାଭର ରତ୍ନ



ଯୋଗଜନ୍ମା, ଓଳାଭର ଜନମାନସର ଜନନେତା ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଏକାଦଶାହ କ୍ରିୟା ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ।
ସୌଜନ୍ୟ.. ଗୋବିନ୍ଦ ଦାସ ସ୍ମୃତି କମିଟି ଓ ଜନସାଧାରଣ ବୃନ୍ଦ, ଓଳାଭର, କେନ୍ଦ୍ରାପଡ଼ା
ଧ-୩୫୧

### ଦଶାହ ଉପଲକ୍ଷେ



**୰ଶରତ ଚନ୍ଦ୍ର ରାଉତ**
ଅନନ୍ତ ନଗର, ମହତାବ୍ ରୋଡ୍, ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ୦୩।୦୧।୧୯୫୩
ତିରୋଧାନ: ୨୨।୦୪।୨୦୨୫
ବାପା, ତୁମର ଅନୁପସ୍ଥିତି ଆମେ ସବୁବେଳେ ଅନୁଭବ କରୁଛୁ। ତୁମର "ଭାକ୍ ଆଉ ହାକ୍" ଗାଳିକୁ ଆମେ ସବୁବେଳେ ମନେ ପକାଉଛୁ। ତୁମେ ଯେଉଁଠି ଥାଅ, ଭଲରେ ଥାଅ ଆଉ ଆମ ଉପରେ ଆଶିଷ ଢାଳୁଥାଅ । ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ଏତିକି ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁଅ: (ବୁବୁ, ଦେବୁ), ବୋହୂ: (ଗୁଡ଼ି), ନାତି: (କୁନୁ) ଓ ପରିବାରବର୍ଗ ।
ଧ-୭୬୦୫୫

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।



ପରିଣୀତି

## ରହସ୍ୟ ଖୋଲିଲେ ପରିଣୀତି

ବେଳେବେଳେ ଭଲ ସୁଯୋଗ ହାତ ପାଆନ୍ତାରୁ ଖସି ଯାଏ। ଯେତେବେଳେ ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀ ଭାଙ୍ଗା 'ଆନିମଲ' ଫିଲ୍ମର କାହାଣୀ ଅନୁସାରେ ନାୟିକା ଖୋଜିଲେ ସେତେବେଳେ ତାଙ୍କର ଫାଷ୍ଟ ଚଏସ୍ ଥିଲେ ପରିଣୀତି ଚୋପ୍ରା। ତାଙ୍କ ସହ ମଧ୍ୟ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଏହି ଅଫରଟିକୁ ହାତଛଡ଼ା କରିବାକୁ ବାଧ୍ୟ ହୋଇଥିଲେ। ଶେଷରେ ଏହି ରୋଲ୍ ପାଇଁ ରଶ୍ମିକା ମନ୍ଦାନାଙ୍କୁ ସାଇନ୍ କରାଯାଇଥିଲା। କେବଳ ସେତିକି ନୁହେଁ, ରଣବୀର କପୁର, ରଶ୍ମିକା, ବବି ଦେଓଲ, ଅନିଲ କପୁର, ତ୍ରିପ୍ତି ଡିମ୍‌ରିଙ୍କ ଅଭିନୀତ ତଥା ୧୦୦କୋଟି ବଜେଟରେ ନିର୍ମିତ ଏହି ସିନେମା ବକ୍ସ ଅଫିସରେ ପ୍ରାୟ ୯୧୫ କୋଟିର ବିଜ୍‌ନେସ୍ କରିଥିଲା। ଏ ବିଷୟରେ ପରିଣୀତି କହନ୍ତି, ''ଏହି ଅଫର ପୂର୍ବରୁ ମୁଁ ଇମ୍‌ତିୟାଜ୍ ଅଲ୍ଲୀଙ୍କ 'ଚମକିଲା' ପାଇଁ ଡେଟ୍ ଦେଇସାରିଥିଲି। ତେଣୁ ବାଧ୍ୟହୋଇ ଏହି ଅଫରଟିକୁ ହାତଛଡ଼ା କରିଥିଲି।'' ଯଦି ପରିଣିତି 'ଆନିମଲ୍'ରେ ଅଭିନୟ କରିଥାଆନ୍ତେ, ତେବେ ସେ ପ୍ରଥମ ଥର ପାଇଁ ରଣବୀର କପୁରଙ୍କ ସହ ବଡ଼ ପରଦାରେ ଦେଖିବାକୁ ମିଳିଥାଆନ୍ତା।

## କେବଳ ଗୀତ ପାଇଁ..

କିଆରା ଆଡଭାନୀଙ୍କୁ ନେଇ ଏବେ ଚର୍ଚ୍ଚା। ୟା'ପଛରେ ସେମିତି କାରଣ ମଧ୍ୟ ରହିଛି। କଥା କ'ଣ କି ସେ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ଶୁଣିବା ପରେ ସେଗୁଡ଼ିକରେ କିପରି ଠିକ୍ ଭାବରେ ଡ୍ୟାନ୍ସ କରିପାରିବେ ସେଥିପାଇଁ ପ୍ରାକ୍ଟିସ ଆରମ୍ଭ କରିଦେଇଛନ୍ତି। ପୁଣି ଏଥିପାଇଁ ସେ ନିଜକୁ ଏମିତି ନିୟୋଜିତ କରିଛନ୍ତି ଯେ ନିଜର କେତେକ ଗୁରୁତ୍ୱପୂର୍ଣ୍ଣ କାମକୁ କ୍ୟାନ୍‌ସେଲ କରିବାକୁ ବାଧ୍ୟ ହୋଇଛନ୍ତି। ଏ ସମ୍ପର୍କରେ କିଆରା କହନ୍ତି, ''ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଗୀତଗୁଡ଼ିକ ମୋ ମନକୁ ଛୁଇଁପାରିଛି। ତେଣୁ ସେଗୁଡିକୁ କିପରି ଶତ ପ୍ରତିଶତ ଜଷ୍ଟିସ୍ ଦେବି ସେ ନେଇ ପ୍ରାକ୍ଟିସ୍ ଆରମ୍ଭ କରିଦେଇଛି। ଏହି ଅନ୍‌ଟାଇଟଲ୍ଡ ଫିଲ୍ମରେ ଦର୍ଶକ ମୋତେ ଏକ ରୋମାଣ୍ଟିକ ଭୂମିକାରେ ଦେଖିବାକୁ ପାଇବେ।'' ତେବେ ଏଥିରେ କିଆରାଙ୍କ ଡ୍ୟାନ୍ସ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଜାଣିବା ପାଇଁ କେବଳ ଫିଲ୍ମଟି ରିଲିଜ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ।



କିଆରା

## ଯାହା ଆକଳନ କରିଥିଲେ ମନୋଜ



ଓଡ଼ିଆ ଫିଲ୍ମ '୧୯୯୯'ର ପୋଷ୍ଟରରେ ମନୋଜ

ଆମ ରାଜ୍ୟ ୧୯୯୯ରେ ସାମ୍ନା କରିଥିଲା ଏକ କରାଳ ମହାବାତ୍ୟାକୁ। ଏହି ପ୍ରାକୃତିକ ବିଭୀଷିକାର ଦୃଶ୍ୟ ଏବେ ମଧ୍ୟ ଅନେକଙ୍କ ମନରେ ସତେଜ ହୋଇ ରହିଛି। ତେବେ ଏହାକୁ ଏବେ ଏକ ଓଡ଼ିଆ ଚଳଚ୍ଚିତ୍ରର ରୂପ ଦିଆଯାଇଛି। ଏହାର ଟାଇଟଲ ରହିଛି '୧୯୯୯ : ଏକ ସଂଗୁପ୍ତ କାହାଣୀ'। କେବଳ ସେତିକି ନୁହେଁ, ଫିଲ୍ମଟି ପରଦା ଉପରକୁ ଆସିବା ପରେ ଦର୍ଶକାଦୃତ ହୋଇଛି ବୋଲି କହନ୍ତି ଉକ୍ତ ଚିତ୍ରଟିର ପ୍ରଯୋଜକ ତଥା ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ମନୋଜ କୁମାର ମିଶ୍ର। କେବଳ ସେତିକି ନୁହେଁ, ଏହାର କାହାଣୀ, ଚିତ୍ରନାଟ୍ୟ, ସଂଳାପ, ଗୀତ ରଚନା ମଧ୍ୟ କରିଛନ୍ତି। ନିର୍ଦ୍ଦେଶନା ଦେଇଛନ୍ତି ଅମିର ପତି। ''ମୋ ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ବଡ଼ କଥା। ଏଭଳି ଏକ ନିଚ୍ଛକ ଓଡ଼ିଆ କାହାଣୀକୁ ଚୂଡ଼ାନ୍ତ ରୂପରେଖ ଦେବାକୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା। ଏହି ଫିଲ୍ମଟିରୁ ସବୁ ବର୍ଗର ଦର୍ଶକ ଭରପୂର ମନୋରଞ୍ଜନ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ ଥିଲା। କାହାଣୀ ଅନୁସାରେ ସଂଳାପ ଏବଂ ଗୀତ ମଧ୍ୟ ରଚନା କରାଯାଇଛି। ଏହି ଫିଲ୍ମଟିର ସଫଳତା ପଛରେ କଳାକାର, ନିର୍ଦ୍ଦେଶକ, ସଙ୍ଗୀତ ନିର୍ଦ୍ଦେଶକ ଏବଂ ଏଥିସହ ଜଡ଼ିତ ସମସ୍ତ ବ୍ୟକ୍ତିଙ୍କର ଅବଦାନ ରହିଛି'' ବୋଲି କହନ୍ତି ମନୋଜ। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବରିଷ୍ଠ ସ୍ୱରକାର ପ୍ରଶାନ୍ତ ପାଢ଼ୀ। ଏହାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଡା. ମନୋଜ ମିଶ୍ର, ମନୋରାମା ମିଶ୍ର, ଅପୂର୍ବ, ଦେବୁ ବ୍ରହ୍ମା, କାଳୀ ଚରଣ ଆଚାର୍ଯ୍ୟ, ନରେନ୍ଦ୍ର ସେନାପତି ପ୍ରମୁଖ କଳାକାର।

# କାନ୍ଦି ପକାଇଲେ କଙ୍ଗନା

କଙ୍ଗନା ରାଣାଓ୍ୱତ୍ ଥରେ ଏମିତି ଭାବପ୍ରବଣ ହୋଇପଡ଼ିଲେ ଯେ ତାଙ୍କ ଆଖିରୁ ଦୁଇଟୋପା ଲୁହ ଗଡ଼ିପଡ଼ିଲା। କଥା କ'ଣ କି ସେ ଦେଶାତ୍ମବୋଧକ ଫିଲ୍ମ 'ତେଜାସ୍'ର ନାୟିକା ଭୂମିକାରେ ଅଭିନୟ କରିଥିଲେ। ଏଥିରେ ତାଙ୍କୁ ଜଣେ ଏୟାରଫୋର୍ସ ଅଫିସର ଭୂମିକାରେ ଦେଖିବାକୁ ମିଳିଥିଲା। ଏକଦା ଏହାର ଶୁଟିଂ ପୂର୍ବରୁ ଗେଟଅପ୍ ନେବା ସମୟରେ ତାଙ୍କ ଆଖିରେ ଲୁହ ଆସିଯାଇଥିଲା। ଏ ନେଇ କଙ୍ଗନା କହନ୍ତି, ''ଏହି ଫିଲ୍ମର ଶୁଟିଂ ପାଇଁ ମେକ୍‌ଅପ୍ ନେବା ପରେ ଯେତେବେଳେ ମୁଁ ନିଜକୁ ଆଇନା ସମ୍ମୁଖରେ ଦେଖିଲି ମୁଁ ଇମୋଶନାଲ ହୋଇପଡ଼ିଥିଲି। ଏୟାରଫୋର୍ସ ଡ୍ରେସ୍ ପିନ୍ଧିବା ଛୋଟିଆ କଥା ନୁହେଁ। ଅଭିନୟ ପାଇଁ ହେଉ ସେଥିରେ କିଛି ନାହିଁ, ଏହି ଗେଟ୍‌ଅପ୍‌ରେ ମୋ ମନରେ ଦେଶଭକ୍ତି ଭାବନା ଆହୁରି ଜାଗ୍ରତ ହୋଇଉଠିଥିଲା। ଏପରି କି କିଛି ସମୟ ପାଇଁ ମୁଁ ସ୍ଥିରହୋଇ ଠିଆହୋଇଯାଇଥିଲି। ମୋ ଆଖିରୁ ଦୁଇଟୋପା ଲୁହ ଗଡ଼ି ପଡ଼ିଥିଲା। ହେଲେ ସେହି ଲୁହ ଦୁଃଖର ନ ଥିଲା। ମିଲିଟାରି ଗେଟ୍‌ଅପ୍ ନେବା ପରେ ମୁଁ ଏତେ ଖୁସି ହୋଇଯାଇଥିଲି ଯେ ସେହି ଖୁସିରେ କାନ୍ଦି ପକାଇଥିଲି।'' କଙ୍ଗନାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଆଇ ଲଭ୍ ୟୁ ବସ୍' (୨୦୦୪)। ସେହି ବର୍ଷ ରିଲିଜ ହୋଇଥିଲା ମହେଶ ଭଟ୍ଟଙ୍କ 'ଗ୍ୟାଙ୍ଗ୍‌ଷ୍ଟର : ଏ ଲଭ୍ ଷ୍ଟୋରି'। ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ପୁରସ୍କାର ମିଳିଥିଲା।



କଙ୍ଗନା

## ପ୍ରମୋଦଙ୍କ ଆଶା



(ବାମରୁ) ଦୀପକ-ରିୟା-ପ୍ରମୋଦ ସ୍ୱାଇଁ

ଓଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ପ୍ରଯୋଜକ ପ୍ରମୋଦ ସ୍ୱାଇଁ ନିକଟରେ ପୁଣି ଥରେ ପ୍ରଯୋଜନା ମଇଦାନକୁ ଓହ୍ଲାଇଛନ୍ତି। ତାଙ୍କ ପ୍ରଯୋଜିତ ନୂଆ ସିନେମାର ଟାଇଟଲ ରହିଛି 'ଆଶିକ ଦିୱାନା'। ଏଭଳି ଶୀର୍ଷକରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି, ଏହାର କାହାଣୀ ମୁଖ୍ୟତଃ ପ୍ରେମ ଉପରେ ଆଧାରିତ। କେବଳ ସେତିକି ନୁହେଁ, ଏଥିରେ ଫ୍ୟାମିଲି ଡ୍ରାମା, କମେଡି ଏବଂ ଆକ୍ସନ ମଧ୍ୟ ରହିଛି। ଏକ ଭିନ୍ନ ଧରଣର କାହାଣୀକୁ ଆଧାରକରି ସଂଳାପ ରଚନା କରିଛନ୍ତି ଆଗଧାଡ଼ିର ସଂଳାପକାର ଡ. ରଜନୀ ରଞ୍ଜନ। ଏ ସମ୍ପର୍କରେ ପ୍ରମୋଦ କହନ୍ତି, ''ଏହି ଫିଲ୍ମର କାହାଣୀକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ସେହି ଅନୁସାରେ ସଂଳାପ, ଗୀତ ରଚନା କରାଯାଇଛି। କାହାଣୀଟି ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ମୁଁ ଯେତେବେଳେ ସିନେମାଟିଏ ନିର୍ମାଣ କରେ ସେତେବେଳେ ଏହାର କାହାଣୀ, ସଂଳାପ, ସଙ୍ଗୀତ, କଳାକାର ଚୟନ ଏବଂ ଶୁଟିଂ ସମୟରେ ସମସ୍ତ ଦିଗକୁ ଦୃଷ୍ଟି ଦେଇଥାଏ।'' ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଆଗଧାଡ଼ିର ନିର୍ଦ୍ଦେଶକ ଏସ୍.ଦିଲୀପ ପଣ୍ଡା। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଏନ୍. ପଦ୍ମା। ଉକ୍ତ ଫିଲ୍ମର ନାୟକ ସାଜିଛନ୍ତି ଦୀପକ। ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ରିୟା।




ସାନ୍ୟା

## ଅଭିନେତ୍ରୀ ହୋଇ ନ ଥିଲେ...

ସାନ୍ୟା ମାଲହୋତ୍ରାଙ୍କ ପ୍ରଥମ ସିନେମା ହିଁ ତାଙ୍କୁ ବେଶ୍ ମାଇଲେଜ୍ ଦେଇଥିଲା। ଏହାର ଟାଇଟଲ ବିଷୟରେ ସୂଚନା ଦେବା କେବଳ ଔପଚାରିକତା ହେବ। ହଁ, ଏହି ଫିଲ୍ମର ଶୀର୍ଷକ ଥିଲା 'ଦଙ୍ଗଲ'। ଆମୀର ଖାଁଙ୍କ ପରି ଲୋକପ୍ରିୟ ଅଭିନେତା ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଅନ୍ୟପକ୍ଷରେ ଏଥିରେ ସାନ୍ୟାଙ୍କର ଭୂମିକାଟି ଥିଲା ବବିତା ପୋଘଟ। କିନ୍ତୁ ଯଦି ସେ ଅଭିନେତ୍ରୀ ହୋଇ ନ ଥାନ୍ତେ ତେବେ କ'ଣ କରିଥାଆନ୍ତେ ? ପାଠ ପଢ଼ିବା ସମୟରେ ସେ ନିଜ ଭବିଷ୍ୟତକୁ ନେଇ କ'ଣ ସ୍ୱପ୍ନ ଦେଖିଥିଲେ ? ଏ ନେଇ ସାନ୍ୟା କହନ୍ତି, ''ପାଠ ପଢ଼ିବା ସମୟରେ ମୁଁ ଚାହିଁଥିଲି ଭବିଷ୍ୟତରେ ଜଣେ ଡାକ୍ତର ହେବି। ଲୋକମାନଙ୍କର ସେବା କରିବି। କିନ୍ତୁ ତାହା ସମ୍ଭବ ହୋଇ ନ ଥିଲା। ସତେଯେମିତି ଆକ୍ଟିଂ ଲାଇନରେ ପାଦଦେବାକୁ ମୋ ପାଇଁ ସୁଯୋଗ ଅପେକ୍ଷାକରି ରହିଥିଲା। ଏ ନେଇ ଆମୀର ସାର୍‌ଙ୍କୁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ।''

## ଧୈର୍ଯ୍ୟବାନ୍ ଶାହୀଦ

ଶାହୀଦ କପୁରଙ୍କ ପ୍ରଥମ ସିନେମା ଥିଲା 'ଇସ୍କ ଭିସ୍କ'। ଏହା ପୂର୍ବରୁ ଶାହୀଦଙ୍କୁ ପାଖାପାଖି ୧୦୦ଟି ଅଫର ମିଳିଥିଲା, କିନ୍ତୁ ସେଗୁଡ଼ିକ ମଧ୍ୟରୁ ଗୋଟିଏ ସିନେମାରେ ତାଙ୍କୁ ଅଭିନୟ କରିବାର ସୁଯୋଗ ମିଳି ନ ଥିଲା। ହେଲେ ଏଭଳି ଘଡିସନ୍ଧି ସମୟରେ ସେ ଭାଙ୍ଗି ପଡି ନ ଥିଲେ। ବରଂ ଧୈର୍ଯ୍ୟର ସହ ଅପେକ୍ଷା କରିଥିଲେ। ଶେଷରେ ତାଙ୍କର ଏହି ଅପେକ୍ଷାର ମିଠା ଫଳ ମିଳିଥିଲା। ହିନ୍ଦୀ ସିନେମାରେ ନାୟକ ସାଜିବା ପୂର୍ବରୁ ଶାହୀଦ ସୁବାସ ଘାଇଙ୍କ 'ତାଲ୍' ଏବଂ ୟଶ ଚୋପ୍ରାଙ୍କ 'ଦିଲ୍ ତୋ ପାଗଲ୍ ହେ'ରେ ବ୍ୟାକ୍‌ଗ୍ରାଉଣ୍ଡ ଡ୍ୟାନ୍ସର ଭାବରେ ନାଚିଥିଲେ। ନାୟକ ଭାବରେ ଶାହୀଦଙ୍କର ଅଭିନୀତ ପ୍ରଥମ ସିନେମା ଥିଲା 'ଇସ୍କ ଭିସ୍କ'। ଡେବ୍ୟୁ ଫିଲ୍ମ ହିଁ ତାଙ୍କ ପାଇଁ ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା। ଏହି ଚିତ୍ରଟି କେବଳ ସୁପରହିଟ୍ ହୋଇ ନ ଥିଲା, ଏହାପରେ ତାଙ୍କ ପଛରେ ପ୍ରଯୋଜମାନେ ଲମ୍ବା ଲାଇନ୍ ଲଗାଇ ଦେଇଥିଲେ। କେନ୍ ଘୋଷଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଇସ୍କ ଭିସ୍କ'ର ବଜେଟ୍ ଥିଲା ମାତ୍ର ୫୦ କୋଟି। ହେଲେ ବକ୍ସ ଅଫିସରେ ଫିଲ୍ମଟି ୧୧୨ କୋଟି ଆୟ କରିବାରେ ସକ୍ଷମ ହୋଇଥିଲା। ''ମୁଁ କେବେ ବିଫଳତାକୁ ନେଇ ବିବ୍ରତ ହୋଇ ନ ଥାଏ। କାରଣ ଧୈର୍ଯ୍ୟର ସହ ଅପେକ୍ଷା କଲେ ଦିନେ ନା ଦିନେ ସଫଳତା ଆସିବ। ତେଣୁ ମୁଁ ସେହି ଦିନକୁ ଅପେକ୍ଷା କରିଥିଲି ବୋଲି କହନ୍ତି ଶାହୀଦ।''



ଶାହୀଦ

# ଗୋଆ-ଜାମସେଦପୁର ଫାଇନାଲ

**ଭୁବନେଶ୍ୱର, ୩୦।୪ (ତପନ ସ୍ୱାଇଁ)**

**କଳିଙ୍ଗ ସୁପର କପ୍ ଫୁଟବଲ**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲଏଫ୍‌ସି ଗୋଆ ଓ ଜାମସେଦପୁର ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହେବ। ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଗୋଆ ୩-୧ ଗୋଲରେ ମୋହନ ବାଗାନ ସୁପର ଜାଏଣ୍ଟକୁ ପରାସ୍ତ କରିଛି। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଜାମସେଦପୁର ଏଫ୍‌ସି ୧-୦ ଗୋଲରେ ମୁମ୍ବାଇ ସିଟି ଏଫ୍‌ସିକୁ ହରାଇ ଦେଇଛି। ଗୋଆ ଓ ଜାମସେଦପୁର ମଧ୍ୟରେ ଫାଇନାଲ ଶନିବାର ଅନୁଷ୍ଠିତ ହେବ। ଦ୍ୱିତୀୟ ସେମିଫାଇନାଲ ଆରମ୍ଭରେ ବିଧାୟିକା ଉପାସନା ମହାପାତ୍ର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ପ୍ରଥମ ସେମିରେ ମ୍ୟାଚ ଆରମ୍ଭରୁ ଗୋଆ ଆକ୍ରମଣାତ୍ମକ ଆଭିମୁଖ୍ୟ ରଖି ସଫଳ ହୋଇଥିଲା। ୨୦ ମିନିଟରେ ବୋରିସନ ଡେଭବେନ ଫର୍ନାଣ୍ଡିଜ ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ମାତ୍ର ଏହାର ୩ ମିନିଟ ପରେ ମୋହନ ବାଗାନର ସୋହେଲ ଅହମଦ ଭଟ ଗୋଲଟି



କଳିଙ୍ଗ ଷ୍ଟାଡିୟମ୍‌ରେ ବୁଧବାର ମୋହନ ବାଗାନ ସୁପର୍ ଜାଏଣ୍ଟ ଓ ଏଫ୍‌ସି ଗୋଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍। (ଫଟୋ: ବିକାଶ ନାୟକ)

ପରିଶୋଧ କରିବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଆଉ ଗୋଲ ହୋଇ ନ ଥିଲା। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଆକ୍ରମଣକୁ ଜୋରଦାର କରିଥିଲେ ହେଁ ଭଲ ଫିନିଶିଂ କରିଥିଲା ଏଫ୍‌ସି ଗୋଆ। ୫୧ତମ ମିନିଟରେ ଇକର ଗୌରେକ୍ସନା ଭାଲେଜୋଙ୍କ ଗୋଲ ବଳରେ ଗୋଆ ପୁଣି ଅଗ୍ରଣୀ ହାସଲ କରିଥିଲା। ୫୮ତମ ମିନିଟରେ ବୋର୍ଜା ହେରେରା ଗୋଞ୍ଜାଲେଜ ଆଉ ଏକ ଗୋଲ ଦେଇ ଗୋଆର ସ୍ଥିତିକୁ ଦୃଢ଼ କରିଥିଲେ। ଏହାପରେ ଶତଚେଷ୍ଟା ସତ୍ତ୍ୱେ ମୋହନ ବାଗାନ ସୁପର ଜାଏଣ୍ଟ ଗୋଲ ପରିଶୋଧ କରିପାରି ନ ଥିଲା। ଚମତ୍କାର ପ୍ରଦର୍ଶନ ସହ ଗୋଲ ସ୍କୋର କରିଥିବାରୁ ବୋର୍ଜା ହେରେରା ଗୋଞ୍ଜାଲେଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ ଆରମ୍ଭରେ କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।

# ଓଡ଼ିଶା ମିକ୍ସଡ ଦଳକୁ ରୌପ୍ୟ ପଦକ

**ଭୁବନେଶ୍ୱର, ୩୦।୪ (ତପନ ସ୍ୱାଇଁ)**

**ଇଣ୍ଡିଆନ ଓପନ ରିଲେ**

ଚଣ୍ଡିଗଡ଼ରେ ବୁଧବାର ୨ୟ ଇଣ୍ଡିଆନ ଓପନ ରିଲେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାର ୪x୧୦୦ ମିଟର ମିକ୍ସଡ ରିଲେ ରେସ୍‌ରେ ଓଡ଼ିଶା ରୌପ୍ୟ ପଦକ ହାସଲ କରିଛି। ଓଡ଼ିଶା ଦଳରେ ବୋନିତା ଲାକ୍ରା, ମନିଶା ମେରେଲ, ଅବିନାସ ସାହୁ ଓ ଡି.ଏମ. ଜୟରାମ ସାମିଲ ଥିଲେ। ଓଡ଼ିଶା ଦଳ ୪୩.୬୧ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ତାମିଲନାଡୁ ଦଳ ୪୩.୪୪ ଓ ପଞ୍ଜାବ ଦଳ ୪୪.୩୬ ସେକେଣ୍ଡ ସମୟ ନେଇ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ରିଲାଏନ୍ସ ଫାଉଣ୍ଡେଶନ ଆଥଲେଟିକ୍ସ ଏଚ୍‌ପିସି ଦଳ ୪x୧୦୦ ମିଟର



ମିକ୍ସଡ ରିଲେରେ ରୌପ୍ୟ ପଦକ ବିଜୟୀ ଓଡ଼ିଶା ଦଳ।

ପୁରୁଷ ରିଲେରେ ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛି। ବିଭିନ୍ନ ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ଆସୁଥିବା ଅନିମେଶ କୁଜୁର ଏହି ଦଳର ସଦସ୍ୟଭାବେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

## ମ୍ୟାକ୍ସୱେଲ ଆଇପିଏଲ୍‌ରୁ ବାଦ୍

**ଚେନ୍ନାଇ,୩୦।୪:** ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ଅଲରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ ଇଞ୍ଜୁରୀ କାରଣରୁ ଚଳିତ ଆଇପିଏଲ୍‌ର ଅବଶିଷ୍ଟ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ଆଙ୍ଗୁଠି ଫ୍ରାକଚର ହୋଇଯାଇଥିବା ଦଳର ଅଧିନାୟକ ଶ୍ରେୟସ ଆୟର ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷ ମ୍ୟାଚ୍ ପୂର୍ବରୁ ଟସ୍ ବେଳେ ସ୍ପଷ୍ଟ କରିଛନ୍ତି। ତେବେ ତାଙ୍କ ବଦଳରେ କେଉଁ ଖେଳାଳିଙ୍କୁ ଦଳରେ ସାମିଲ କରାଯିବ, ତାହା ଏପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇ ନାହିଁ। ୪.୨ କୋଟି ଟଙ୍କାରେ ପିବିକେଏସ୍‌ରେ ସାମିଲ ହୋଇଥିବା ମ୍ୟାକ୍ସୱେଲଙ୍କ ଲାଗି ଚଳିତ ସିଜନ ଅତ୍ୟନ୍ତ ନୈରାଶ୍ୟଜନକ ରହିଥିଲା।

# ଭାରତୀୟ ଦଳକୁ ଦ୍ୱିତୀୟ ସ୍ଥାନ



ଭାରତୀୟ ଦଳରେ ସାମିଲ କିସ୍‌ର ଦୁଇ ଖେଳାଳି ଦୀପା ମାଝି ଓ ଧରିତ୍ରୀ ସିଂ।

**ଭୁବନେଶ୍ୱର, ୩୦।୪ (ତପନ ସ୍ୱାଇଁ)**

**ମହିଳା ବେସ୍‌ବଲ୍ ଏସିଆ କପ୍ କ୍ୱାଲିଫାୟର**

ବ୍ୟାଙ୍କକରେ ଅନୁଷ୍ଠିତ ମହିଳା ବେସ୍‌ବଲ୍ ଏସିଆ କପ୍ କ୍ୱାଲିଫାୟରରେ ଭାରତୀୟ ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଫଳରେ ଭାରତ ୨୦୨୫ ମହିଳା ବେସ୍‌ବଲ ଏସିଆକ କପ୍‌ପାଇଁ କ୍ୱାଲିଫାଇ କରିଛି। କ୍ୱାଲିଫାୟରରେ ଭାରତ, କମ୍ବୋଡିଆ, ଇଣ୍ଡୋନେସିଆ, ଶ୍ରୀଲଙ୍କା, ପାକିସ୍ତାନ, ମାଲେସିଆ, ଥାଇଲାଣ୍ଡ ଓ ଇରାନ ଆଦି ୮ଟି ଦେଶ ଅଂଶଗ୍ରହଣ କରିଥିଲେ। ଭାରତୀୟ ଦଳ ପ୍ରଭାବୀ ପ୍ରଦର୍ଶନ କରି ଗ୍ରୁପ୍ ପର୍ଯ୍ୟାୟରେ ଅପରାଜେୟ ରହିଥିଲା। ପାକିସ୍ତାନକୁ ୨-୧, ଶ୍ରୀଲଙ୍କାକୁ ୧୫-୪ ଇ ଓରାନକୁ ୧୩-୪ରେ ହରାଇ ଗ୍ରୁପ୍ ପର୍ଯ୍ୟାୟ ଶେଷ କରିଥିଲା ଭାରତ। ସେମିଫାଇନାଲରେ ଆୟୋଜକ ଥାଇଲାଣ୍ଡକୁ ରୋମାଞ୍ଚକଭାବେ ୬-୫ ପଏଣ୍ଟରେ ପରାସ୍ତ କରିଥିଲା। ଫାଇନାଲରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଭାରତ ଅଳ୍ପକେ ୪-୫ ପଏଣ୍ଟରେ ଇଣ୍ଡୋନେସିଆଠାରୁ ହାରି ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲା। ଭାରତର ଏହି ଐତିହାସିକ ସଫଳତାରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ର ୨ ଖେଳାଳି ଦୀପା ମାଝି ଓ ଧରିତ୍ରୀ ସିଂ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓଡ଼ିଶା ବେସବଲ ଆସୋସିଏଶନ ସମ୍ପାଦକ ଶିବାନନ୍ଦ ପ୍ରଧାନ, ପୂର୍ବତନ ସଭାପତି ପଙ୍କଜ ଲୋଚନ ମହାନ୍ତି ପ୍ରମୁଖ ଭାରତୀୟ ଦଳ ଏବଂ ଦୀପା ଓ ଧରିତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# କେଟି ଗ୍ଲୋବାଲ ଚେସ୍ ଉଦ୍‌ଯାପିତ



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୩୦।୪ (ତପନ ସ୍ୱାଇଁ)**

ଖୋର୍ଦ୍ଧା ବରୁଣେଇସ୍ଥିତ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ୨୦ଶ କେଟି ଗ୍ଲୋବାଲ ସ୍କୁଲ ଅନ୍ତର୍ଜାତୀୟ ଫିଡେ ରେଟେଡ ଓପନ ଚେସ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ପଶ୍ଚିମବଙ୍ଗର ରନିତ ମାଇତି ଚାମ୍ପିୟନ ଓ ଓଡ଼ିଶାର ସ୍ଥିତପ୍ରଜ୍ଞ ସାହୁ ରନରଅପ୍ ହୋଇଛନ୍ତି। ତାମିଲନାଡୁର ଗୁରୁବରନ ରଘୁରମନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ୩ ଖେଳାଳିଙ୍କୁ ଟ୍ରଫି ସହ ଯଥାକ୍ରମେ ୨୫ ହଜାର, ୨୦ ହଜାର ଓ ୧୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ବିଧାୟକ ପ୍ରଶାନ୍ତ ଜଗଦେବ ମୁଖ୍ୟ ଅତିଥି ଏଂ କେଟି ଗ୍ଲୋବାଲ ସ୍କୁଲ ପ୍ରିନ୍ସିପାଲ ରିଙ୍କୁ ଷଡ଼ଙ୍ଗୀ, ସିଏଫ୍‌ଓ ପ୍ରଦୀପ କୁମାର ସାହୁ, ପ୍ରଶାସନିକ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପୁହାଣ, ଉପସଭାପତି (ଏଚଆର) ବିମଳ କୁମାର ରାଉତ ଓ ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନର ପୂର୍ବତନ ସଭାପତି ଜି.ସି. ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

# ୨୦୨୬ ଏସିଆନ ଗେମ୍ସରେ କ୍ରିକେଟ

**ନୂଆଦିଲ୍ଲୀ,୩୦।୪(ପି.ଟି.)**

ଆସନ୍ତା ବର୍ଷ ଜାପାନର ଆଇଚି-ନାଗୋୟା ସହରରେ ହେବାକୁଥିବା ଏସିଆନ ଗେମ୍ସରେ କ୍ରିକେଟକୁ ସାମିଲ କରାଯାଇଛି। ଏ ନେଇ ଅଲିମ୍ପିକ୍ କାଉନ୍ସିଲ ଅଫ୍ ଏସିଆ(ଓସିଏ) ବୁଧବାର ସ୍ପଷ୍ଟ କରିଛି। ଏହି ବହୁ କ୍ରୀଡ଼ାଭିତ୍ତିକ ଇଭେଣ୍ଟ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓସିଏ ଏବଂ ଆୟୋଜକ କମିଟି (ଏଆଇଏନ୍‌ଏଜିଓସି) ମଧ୍ୟରେ ଚଳିତ ସପ୍ତାହରେ ବସିଥିବା ବୈଠକରେ ଏସିଆନ ଗେମ୍ସରେ କ୍ରିକେଟକୁ ବଜାୟ ରଖିବାକୁ ନିଷ୍ପତ୍ତି ନିଆଯାଇଛି।

ନାଗୋୟା ସିଟି ହଲ୍‌ଠାରେ ବସିଥିବା ଏଆଇଏନ୍‌ଏଜିଓସିର ବୋର୍ଡ ଅଫ୍ ଡାଇରେକ୍ଟର୍ସ ବୈଠକରେ କ୍ରିକେଟ ଓ ମିକ୍ସଡ ମାର୍ଶଲ ଆର୍ଟ୍ସକୁ ସ୍ପୋର୍ଟ୍ସ ପ୍ରୋଗ୍ରାମରେ ସାମିଲ କରିବାକୁ ମଞ୍ଜୁରୀ ମିଳିଥିବା ଓସିଏ ପକ୍ଷରୁ କୁହାଯାଇଛି।

କ୍ରିକେଟ ମ୍ୟାଚ୍ ଟି୨୦ ଫର୍ମାଟରେ ଆଇଚି ପ୍ରିଫେକ୍ଟରରେ ଖେଳାଯିବ। କିନ୍ତୁ ନିର୍ଦ୍ଦିଷ୍ଟ ଭାବେ କେଉଁ ଭେନ୍ୟୁରେ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ, ତାହା ସ୍ପଷ୍ଟ ହୋଇନାହିଁ। ଚତୁର୍ଥ ଥର ପାଇଁ କ୍ରିକେଟ ଏସିଆନ ଗେମ୍ସରେ ସ୍ଥାନ ପାଇବାକୁ ଯାଉଛି। ଏଥିପୂର୍ବରୁ ଗୁଆଙ୍ଗ୍‌ଝୌ (୨୦୧୦), ଇଞ୍ଚନ (୨୦୧୪) ଓ ହାଙ୍ଗ୍‌ଝୌ(୨୦୨୩)ରେ କ୍ରିକେଟ ସ୍ଥାନ ପାଇଥିଲା। ଗତ ସଂସ୍କରଣରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ଚାମ୍ପିୟନ ହୋଇଥିଲେ। ଓସିଏ ପକ୍ଷରୁ କୁହାଯାଇଛି, ଏକ ଭାସମାନ ଆଥ୍‌ଲେଟ୍ସ ଭିଲେଜ୍ ବ୍ୟବସ୍ଥା କରାଯିବା ଲାଗି ନାଗୋୟା ବନ୍ଦରରେ ଏକ କ୍ରୁଜ ଜାହାଜ ଡକ୍ କରାଯାଇଛି। ଏଥିରେ ୪,୬୦୦ ଆଥ୍‌ଲେଟ୍ସ ଓ ଅଧିକାରୀଙ୍କ ଲାଗି ବ୍ୟବସ୍ଥା କରାଯିବ। ଏହି ଭିଲେଜରେ ଆର୍ଚେରୀ, ବାସ୍କେଟ୍‌ବଲ ୩X୩, କାୟାକ(ସ୍ପ୍ରିଣ୍ଟ), ସାଇକ୍ଲିଂ, ମାଉଣ୍ଟେନ ବାଇକ୍, ସାଇକ୍ଲିଂ ବିଏମ୍‌ଏକ୍ସ ରେସିଂ, ଫୁଟ୍‌ବଲ(ପୁରୁଷ), ଜିମ୍ନାଷ୍ଟିକ୍ସ, ହ୍ୟାଣ୍ଡବଲ, ଜୁଡୋ, କବାଡ଼ି, ମିକ୍ସଡ ମାର୍ଶଲ ଆର୍ଟ୍ସ, ରୋଇଂ, ରଗ୍‌ବୀ ଆଦି ଇଭେଣ୍ଟର ଆଥଲେଟ୍ ରହିବେ।

## ଥାଇଲାଣ୍ଡ ସହ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ ଭାରତ

**ନୂଆଦିଲ୍ଲୀ,୩୦।୪(ପି.ଟି.):** ଭାରତୀୟ ପୁରୁଷ ଫୁଟ୍‌ବଲ ଦଳ ଆସନ୍ତା ଜୁନ୍ ୪ରେ ଉଚ୍ଚ ର୍‍ୟାଙ୍କ୍‌ପ୍ରାପ୍ତ ଥାଇଲାଣ୍ଡ ସହ ଏକ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଏ ନେଇ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ବୁଧବାର ଘୋଷଣା କରାଯାଇଛି। ଭାରତୀୟ ଦଳ ଏବେ ଏଏଫ୍‌ସି ଏସିଆନ କପ୍-୨୦୨୭ କ୍ୱାଲିଫାୟର୍ସ ଫାଇନାଲ ରାଉଣ୍ଡରେ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ପ୍ରସ୍ତୁତ ହେଉଛି।

## ଛାଡ଼ପତ୍ର ଘୋଷଣା କଲେ ମେରୀକମ୍

**ନୂଆଦିଲ୍ଲୀ,୩୦।୪:** ଅଲିମ୍ପିକ ମେଡାଲ ବିଜେତା ବକ୍ସର ଏମ୍‌ସି ମେରୀକମ୍ ତାଙ୍କ ସ୍ୱାମୀ କରୁଙ୍ଗ ଅନଖୋଲରଙ୍କଠାରୁ ଛାଡ଼ପତ୍ର ନେଇଛନ୍ତି। ଏ ନେଇ ମେରୀକମ୍ ନିଜେ ବୁଧବାର ଆନୁଷ୍ଠାନିକ ଭାବେ ସ୍ପଷ୍ଟ କରିଛନ୍ତି। କେଓଏମ୍ ପାରମ୍ପରିକ ଆଇନ ଅନୁଯାୟୀ, ୨୦୨୩ ଡିସେମ୍ବର ୨୦ରେ ଉଭୟ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଆପୋସ ବୁଝାମଣା ମାଧ୍ୟମରେ ବିବାହ ବିଚ୍ଛେଦ ହୋଇଥିଲା। ବିଭିନ୍ନ ଗଣମାଧ୍ୟମ ରିପୋର୍ଟରେ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ମିଥ୍ୟା ଗୁଜବ ପ୍ରକାଶ ପାଇବା ପରେ ବକ୍ସିଂ କିମ୍ବଦନ୍ତୀ ବାଧ୍ୟହୋଇ ମୁହଁ ଖୋଲିଛନ୍ତି।

ସୋସିଆଲ ମିଡିଆ ଏକ୍ସ' ଜରିଆରେ ମେରୀକମ୍ ଏକ ଆଇନଗତ ନୋଟିସ ଜାରି କରିଛନ୍ତି। ଏହି ନୋଟିସରେ ସେ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କ ଛାଡ଼ପତ୍ର ଆପୋସ ବୁଝାମଣା ମାଧ୍ୟମରେ ବହୁ ମାସ ପୂର୍ବେ ହୋଇଥିଲା। ସେ ଆଗକୁ ବଢ଼ିସାରିଛନ୍ତି ଏବଂ ତାଙ୍କ ଅତୀତର ବିବାହ ସମ୍ପର୍କରେ ସେ ମତାମତ ଦେବାକୁ ଇଚ୍ଛୁକ ନୁହନ୍ତି।

# କୁରାନଙ୍କ ଦୃଢ଼ ବ୍ୟାଟିଂ, ଚହଲଙ୍କ ହ୍ୟାଟ୍ରିକ

**ଚେନ୍ନାଇ,୩୦।୪**

ଚଳିତ ଆଇପିଏଲ୍‌ରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଓ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ପରସ୍ପରକୁ ଭେଟିଥିଲେ। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ସାମ କରାନଙ୍କ ଅର୍ଦ୍ଧଶତକ ବଳରେ ପ୍ରତିପକ୍ଷ ପଞ୍ଜାବ ଆଗରେ ୧୯୧ ରନର ଟାର୍ଗେଟ ଧାର୍ଯ୍ୟ କରିଛି। ଏହି ମ୍ୟାଚ୍‌ରେ ପଞ୍ଜାବ ପକ୍ଷରୁ ୟୁଜବେନ୍ଦ୍ର ଚହଲ ହ୍ୟାଟ୍ରିକ ନେବା ସହ ୪ ଉଇକେଟ ନେଇଥିଲେ।

ଟସ୍ ଜିତି ପଞ୍ଜାବ ଅଧିନାୟକ ଶ୍ରେୟସ ଆୟର ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ସିଏସ୍‌କେ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ପାୱରପ୍ଲେ ମଧ୍ୟରେ ମାତ୍ର ୪୮ ରନରେ ପ୍ରମୁଖ ୩ ଉଇକେଟ ହରାଇଥିଲା। ଶେକ ରଶିଦ (୧୧), ଆୟୁଷ ମହାତ୍ରେ (୭) ଓ ରବୀନ୍ଦ୍ର ଜାଡେଜା (୧୭) ଆଉଟ୍ ହୋଇଥିଲେ। ଏଭଳି ପରିସ୍ଥିତିରେ କରାନ ଓ ଡେୱାଲ୍ଡ ବ୍ରେଭିସ ଚତୁର୍ଥ ଉଇକେଟରେ ୫୦ ବଲରେ ୭୮ ରନ ଯୋଡ଼ିଥିଲେ। ବ୍ରେଭିସ ୨୬ ବଲରେ ୨ ଚୌକା ଓ ୧ ଛକା ସହିତ ୩୨ ରନ କରି ଆଉଟ୍ ହୋଇଥିଲେ। କରାନ ୪୬ ବଲରେ ୯ ଚୌକା ଓ ୪ ଛକା ସହିତ ୮୮ ରନ କରିଥିଲେ। ଏହା ତାଙ୍କ ଆଇପିଏଲ୍ କ୍ୟାରିୟରର ସର୍ବାଧିକ ସ୍କୋର ଥିଲା। ଶେଷ ଆଡ଼କୁ ଲଗାତର ଉଇକେଟ ପଡ଼ିବାରୁ ଚେନ୍ନାଇ ୧୯.୨ ଓଭରରେ ୧୯୦ ରନ କରି ଅଲଆଉଟ୍ ହୋଇଯାଇଥିଲା। ପଞ୍ଜାବ ପକ୍ଷରୁ ୟୁଜବେନ୍ଦ୍ର ଚହଲ ହ୍ୟାଟ୍ରିକ ସହ ୪ ଉଇକେଟ ନେଇଥିବା ବେଳେ ମାର୍କୋ ଜାନସେନ ଓ ଅର୍ଶଦୀପ ସିଂ ଦୁଇଟି ଲେଖାଏ ଉଇକେଟ ହାତେଇଥିଲେ।



ହ୍ୟାଟ୍ରିକ୍ ନେବା ପରେ ୟୁଜବେନ୍ଦ୍ର ଚହଲଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ: ୧୯.୨ ଓଭରରେ ୧୯୦/ଅଲଆଉଟ୍ (ସାମ କରାନ-୮୮, ଡେୱାଲ୍ଡ ବ୍ରେଭିସ-୩୨, ମାର୍କୋ ଜାନସେନ-୨/୩୦, ୟୁଜବେନ୍ଦ୍ର ଚହଲ-୪/୩୨, ଅର୍ଶଦୀପ ସିଂ-୨/୨୫)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ରାଜସ୍ଥାନ ବନାମ ମୁମ୍ବାଇ

ସ୍ଥାନ: ଜୟପୁର

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୦ | ୭ | ୩ | ୦ | ୧୪ | +୦.୫୨୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୬ | ୪ | ୦ | ୧୨ | +୦.୮୮୯ |
| ଗୁଜରାଟ ଟାଇଟନ୍ସ | ୯ | ୬ | ୩ | ୦ | ୧୨ | +୦.୭୪୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୬ | ୪ | ୦ | ୧୨ | +୦.୩୬୨ |
| ପଞ୍ଜାବ କିଙ୍ଗ୍ସ | ୯ | ୫ | ୩ | ୧ | ୧୧ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୫ | ୦ | ୧୦ | -୦.୩୨୫ |
| କୋଲକାତା ନାଇଟ ରାଇଡର୍ସ | ୧୦ | ୪ | ୫ | ୧ | ୯ | +୦.୦୮୦ |
| ରାଜସ୍ଥାନ ରୟାଲ୍ସ | ୧୦ | ୩ | ୭ | ୦ | ୬ | -୦.୩୪୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୩ | ୬ | ୦ | ୬ | -୧.୧୦୩ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୨ | ୭ | ୦ | ୪ | -୧.୩୦୨ |




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ